# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମେ ୩୧/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 31/2025 Page 14 ₹ 7.00

୫୧ଶ ଭାଗ ୧୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 185 ମୂଲ୍ୟ₹୭/-




## ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟରଙ୍କ ସହାୟତା ନେଲେ ଯଶ୍

କନ୍ନଡ ଅଭିନେତା ଯଶ୍ 'ରାମାୟଣ' ଚଳଚ୍ଚିତ୍ରରେ ନିଜ ଅଭିନୟକୁ ନିଖୁଣ କରିବା ପାଇଁ ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟର ଗେ' ନୋରିସ୍‌ଙ୍କ ସହାୟତା ନେଇଛନ୍ତି।

୦୪

୧୪

## ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ

ବେଲାରୁଷର ଆରିନା ସାବାଲେଙ୍କା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ଖାଦ୍ୟ ପ୍ୟାକେଟରେ '୧୦୦%' ଲେବଲ ମନା

**ଦେଶରେ ଖାଦ୍ୟ ଅପମିଶ୍ରଣ ବଢ଼ିବାରେ ଲାଗିଥିବାବେଳେ କମ୍ପାନୀଗୁଡ଼ିକ ନିଜ ଉତ୍ପାଦର ପ୍ରଚାରପ୍ରସାର ସକାଶେ ସେଥିରେ '୧୦୦% ବିଶୁଦ୍ଧ' ଲେବଲ ଲଗାଉଛନ୍ତି। ବିଜ୍ଞାପନ ପାଇଁ ଏଭଳି ପ୍ରମୋଶନାଲ କଣ୍ଟେଣ୍ଟ ଉପଭୋକ୍ତାଙ୍କୁ ବିଭ୍ରାନ୍ତ କରୁଥିବା ଦର୍ଶାଇ କେନ୍ଦ୍ର ସରକାର ଏହା ଉପରେ ଅଙ୍କୁଶ ଲଗାଇଛନ୍ତି। ଏଣିକି କୌଣସି କମ୍ପାନୀ ନିଜ ଉତ୍ପାଦର ପ୍ୟାକିଂ ଉପରେ ୧୦୦% ଶୁଦ୍ଧ ବୋଲି ଉଲ୍ଲେଖ କରିପାରିବେ ନାହିଁ। ଏପରିକି ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଫୁଡ୍ ପ୍ରଡକ୍ଟ ସମ୍ପର୍କରେ ସମ୍ପୂର୍ଣ୍ଣ ନିର୍ଭୁଲ ସୂଚନା ଦେବାକୁ ବାଧ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।**

## ଏଫ୍‌ଏସ୍‌ଏସ୍‌ଏଆଇ କଟକଣା




**ନୂଆଦିଲ୍ଲୀ,୩୦।୫**

ଭାରତର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଫୁଡ୍ ବିଜ୍‌ନେସ୍ ହାଉସ୍‌ଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଦେଖାଇଛନ୍ତି। କମ୍ପାନୀଗୁଡ଼ିକ କୌଣସି ଖାଦ୍ୟ ପ୍ୟାକେଟ, ଲେବଲ୍ ଓ ବିଜ୍ଞାପନରେ '୧୦୦% ବିଶୁଦ୍ଧ' ଦାବି କରିପାରିବେ ନାହିଁ ବୋଲି ଫୁଡ୍ ସିକ୍ୟୁରିଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଗୁରୁବାର ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, '୧୦୦%' ବୋଲି ଉଲ୍ଲେଖ କରାଯିବା ଦ୍ୱାରା ବଜାରରେ ସବୁ ଖାଦ୍ୟର ବିକ୍ରି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ତେବେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ (ଏଫ୍‌ଏସ୍‌ଏସ୍) ଆଇନ ଓ ଏହାର କୌଣସି ନିୟମରେ ଏପରି ଅଭିବ୍ୟକ୍ତି ସମ୍ପର୍କରେ ଉଲ୍ଲେଖ ନାହିଁ। ଖାଦ୍ୟ ପ୍ୟାକେଟରେ ଏପରି ଲେବଲ ଲଗାଇ ବଜାରକୁ ଛଡ଼ାଯିବା ଦ୍ୱାରା ଉପଭୋକ୍ତା ତାକୁ ସତକୁ ସତ ୧୦୦ ପ୍ରତିଶତ ବିଶୁଦ୍ଧ ମନେକରି କିଣିନେଉଛନ୍ତି। ଯେଉଁ ପ୍ୟାକେଟରେ ଏପରି ଉଲ୍ଲେଖ କରାଯାଉ ନାହିଁ, ତାକୁ ଲୋକେ ୧୦୦% ଶୁଦ୍ଧ ଲେଖାଥିବା ଖାଦ୍ୟ ତୁଳନାରେ ନ୍ୟୂନ ମନେକରୁଛନ୍ତି। ଏପରି ଭାଷା ଏଫ୍‌ଏସ୍‌ଏସ୍‌ଏଆଇ ନିୟାମକର କୌଣସି ବୈଧାନିକ ଆବଶ୍ୟକତାକୁ ପୂରଣ କରୁ ନ ଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ପଡ଼ିବ ବୋଲି ଆଡ୍‌ଭାଇଜରିରେ କୁହାଯାଇଛି। '୧୦୦%' ଲେବଲକୁ ପ୍ରଚଳିତ ଆଇନ ଅନୁସାରେ ବିଧିବଦ୍ଧ ଭାବେ ପରିଭାଷିତ ଓ ନିର୍ଦ୍ଧାରିତ ନ କରି ବ୍ୟବହାର କରିବା ମିଥ୍ୟା ବିଜ୍ଞାପନ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ ଚେତାଇଦେଇଛନ୍ତି।

କେବଳ ଏତିକି ନୁହେଁ, ଦେଶର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଏଫ୍‌ଏସ୍‌ଏସ୍(ଆଡଭର୍ଟାଇଜିଂ ଆଣ୍ଡ କ୍ଲେମ୍ସ) ରେଗୁଲେଶନ୍ସ, ୨୦୧୮: ସବ୍-ରେଗୁଲେଶନ୍ ୪(୧) ଏବଂ ୧୦(୭)ର ଅବତାରଣା କରି କମ୍ପାନୀଗୁଡ଼ିକୁ ସତର୍କ କରାଇଛନ୍ତି। ସବ୍-ରେଗୁଲେଶନ୍ ୪(୧) ଅନୁସାରେ ଖାଦ୍ୟ ଲେବଲ ବା ବିଜ୍ଞାପନର ଦାବିରେ ସମ୍ପୂର୍ଣ୍ଣ ସତ୍ୟତା ଓ ସ୍ୱଚ୍ଛତା ରହିବା ଉଚିତ। ଉପଭୋକ୍ତାମାନେ ବଜାରରେ ଉପଲବ୍ଧ କେଉଁ ଖାଦ୍ୟ କିଣିବେ ତାକୁ ନେଇ ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିମୁକ୍ତ ହୋଇପାରିବେ। ସେହିପରି ସବ୍-ରେଗୁଲେଶନ୍ ୧୦(୭) ଅନୁସାରେ ଅନ୍ୟ ଉତ୍ପାଦକୁ ନ୍ୟୂନ କରୁଥିବା କୌଣସି ଦାବି କିମ୍ବା ବିଜ୍ଞାପନ ପ୍ରସାର କରାଯାଇପାରିବ ନାହିଁ। ବିସ୍ତୃତ ଭାବେ ବିବରଣୀ ପ୍ରଦାନ ନ କରି କେବଳ ସଂଖ୍ୟାରେ ଉଲ୍ଲେଖ କରିବା ପ୍ରଚଳିତ ଆଇନର ଉଲ୍ଲଂଘନ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ ଉକ୍ତ ନିର୍ଦ୍ଦେଶନାମାରେ କହିଛନ୍ତି।

ପ୍ରକାଶ ଯେ, ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଫ୍ରୁଟ୍ ଜୁସ୍ ପ୍ୟାକେଟରେ '୧୦୦% ଫ୍ରୁଟ୍ ଜୁସ୍' ଉଲ୍ଲେଖକୁ ବାରଣ କରିଥିଲେ। ଏହା ଆଇନତଃ ଅନୁମତିଯୋଗ୍ୟ ନୁହେଁ ଏବଂ ମାର୍କେଟିଂ ପାଇଁ ବିଭ୍ରାନ୍ତିକର ବୋଲି ଉଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ୨୦୨୪ ଜୁନ୍‌ରେ ଡାବର ପକ୍ଷରୁ ଦାଖଲ ଏକ ପିଟିଶନର ଜବାବରେ ଏଫ୍‌ଏସ୍‌ଏସ୍‌ଏଆଇ ୧୦୦% ଦାବିକୁ ଖାରଜ କରିବା ସହ ବର୍ତ୍ତମାନ ପ୍ରଚଳିତ କୌଣସି ଆଇନରେ ଏପରି ବ୍ୟବସ୍ଥା ନ ଥିବା ଉଲ୍ଲେଖ କରିଥିଲେ।

# ତିସ୍ତା ନଦୀକୁ ଖସିଲା ଗାଡ଼ି


ଇତିଶ୍ରୀ ଜେନା


ସାହିଲ ଜେନା


ଅଜିତ ନାୟକ


ସୁନିତା ନାୟକ

## ଭାଜପା ନେତ୍ରୀ ଇତିଶ୍ରୀଙ୍କ ସମେତ ୪ ନିଖୋଜ

**ଯାଜପୁର,୩୦।୫ (ହର୍ଷବର୍ଦ୍ଧନ ବେହେରା)**

ଉତ୍ତର ସିକ୍କିମର ତିସ୍ତା ନଦୀକୁ ଏକ କାର ଖସିପଡିବାରୁ ଯାଜପୁର ରୋଡ୍‌ର ଭାଜପା ନେତ୍ରୀ ତଥା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ଜଣ ନିଖୋଜ ହୋଇଯାଇଛନ୍ତି । ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ନିଖୋଜମାନେ ହେଲେ ଇତିଶ୍ରୀ ଜେନା ଓ ତାଙ୍କ ବଡ଼ ପୁଅ ସାହିଲ ଜେନା, ଭାଇ ଅଜିତ ନାୟକ ଓ ଭାଉଜ ସୁନିତା ନାୟକ। ସଙ୍କଟାପନ୍ନ ଅବସ୍ଥାରେ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଓ ଭାଇଙ୍କ ପୁଅ ଅଂଶୁମାନ ନାୟକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ଚିକିତ୍ସା ଏବଂ ଫେରିବା ବ୍ୟବସ୍ଥା କରିବାକୁ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ତେବେ ଶୁକ୍ରବାର ସେଠାରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ନଦୀର ଆରପଟରେ ଏକ ମୃତଦେହ ପଡିଥିବା ସୂଚନା ମିଳିଛି। ହେଲେ ସେହି ମୃତଦେହ କାହାର ତାହା ସ୍ପଷ୍ଟ ହୋଇନାହିଁ ବୋଲି ସ୍ଥାନୀୟ ପୋଲିସ କହିଛି।

ସୂଚନା ଅନୁଯାୟୀ, ଇତିଶ୍ରୀ ଜେନା ତାଙ୍କ ୧୧ ଜଣ ପରିବାର ସଦସ୍ୟଙ୍କ ସହ ଯାଜପୁରରୁ ରବିବାର ରାତି ୧୨ଟାରେ ଟ୍ରେନ ଯୋଗେ ସିକ୍କିମ ଯାତ୍ରା କରିଥିଲେ। ସିଲିଗୁଡି ଷ୍ଟେଶନରୁ ଓହ୍ଲାଇ ସେମାନେ ଆଖପାଖ ଅଞ୍ଚଳ ବୁଲାବୁଲି କରି ଗ୍ୟାଙ୍ଗଟକ୍ ଯାଇଥିଲେ। ସେଠାରୁ ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡ଼ିରେ ବୁଲିବାକୁ ଯାଇ ଫେରୁଥିବା ସମୟରେ ଇତିଶ୍ରୀ ବସିଥିବା କାର ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୦୦୦ ଫୁଟ ତଳେ ଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସ୍ୱର ବଦଳୁଛି**


DSPL-87

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆମ ସଂକଳ୍ପ
ନିଶା ନୁହେଁ, ଜୀବନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ

ସଦୟ ଉପସ୍ଥିତି

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ

୩୧ ମଇ - ୨୬ ଜୁନ୍ ୨୦୨୫

୩୧ ମଇ ୨୦୨୫ । ଲୋକସେବା ଭବନ, ଭୁବନେଶ୍ୱର

ଆଜି ହିଁ ସଂକଳ୍ପ ନେବା ନିଶା ନୁହେଁ, ଜୀବନକୁ ବାଛିବା

ଅବକାରୀ ବିଭାଗ, ଓଡ଼ିଶା ସରକାର

OIPR-36001/13/0004/2526

## ସଂକ୍ଷେପରେ

### ପାକିସ୍ତାନୀ ଗୁପ୍ତଚର ଗିରଫ

ନୂଆଦିଲ୍ଲୀ,୩୦।୫

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ଜଣେ ୩୪ ବର୍ଷୀୟ ଯୁବକ କାସିମ୍‌ଙ୍କୁ ଗିରଫ କରିଛି। ସେ ୨ ଥର ପାକିସ୍ତାନ ଯାଇ ଆଇଏସ୍ଆଇର ଅଧିକାରୀମାନଙ୍କୁ ଭେଟିଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ଥର ପାକିସ୍ତାନ ଯାଇଥିବାବେଳେ କାସିମ୍ ସେଠାରେ ମାସେ ତାଲିମ ନେଇଥିଲେ। ଗୁପ୍ତଚରଗିରି ପାଇଁ ପାକିସ୍ତାନୀ ଗୋଇନ୍ଦା ସଂଚାଳକମାନେ ଭାରତୀୟ ମୋବାଇଲ ନମ୍ବର ବ୍ୟବହାର କରୁଥିବା ଗତ ସେପ୍ଟେମ୍ବରରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍‌କୁ ସୂଚନା ମିଳିଥିଲା। ଭାରତୀୟଙ୍କ ଜରିଆରେ ଏହି ସିମ୍‌କାର୍ଡଗୁଡ଼ିକ ପାକିସ୍ତାନ ପଠାଯାଉଥିବା ଜଣାପଡ଼ିବା ପରେ କାସିମ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ସେ ୨୦୨୪ରେ ଥରେ ଏବଂ ୨୦୨୫ ମାର୍ଚ୍ଚରେ ଦ୍ୱିତୀୟ ଥର ପାକିସ୍ତାନ ଯାଇଥିଲେ। ସେ ସେଠାରେ ୯୦ ଦିନ ରହିବା ସହ ଆଇଏସ୍ଆଇ ଅଫିସରମାନଙ୍କୁ ଭେଟିଥିବା ତଦନ୍ତକାରୀ ଜାଣିବାକୁ ପାଇଛନ୍ତି। ଭାରତୀୟମାନଙ୍କ ସହ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ ପାଇଁ ପାକିସ୍ତାନୀ ଗୋଇନ୍ଦା ଅଧିକାରୀମାନେ ଉକ୍ତ ସିମ୍ କାର୍ଡ ବ୍ୟବହାର କରୁଥିଲେ ଏବଂ ସାମରିକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକର ସମ୍ବେଦନଶୀଳ ତଥ୍ୟ ପାଉଥିଲେ ବୋଲି ପୋଲିସ କହିଛି।

### ସୁପ୍ରିମକୋର୍ଟର ୩ ବିଚାରପତି ଶପଥ ନେଲେ

ନୂଆଦିଲ୍ଲୀ,୩୦।୫(ପି.ଟି.)

ଭାରତର ପ୍ରଧାନ ବିଚାରପତି ବି.ଆର୍. ଗବଇ ଶୁକ୍ରବାର ସୁପ୍ରିମକୋର୍ଟର ୩ ନବନିଯୁକ୍ତ ବିଚାରପତି ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆ, ବିଜୟ ବିଷ୍ଣୋଇ ଏବଂ ଏ.ଏସ୍. ଚନ୍ଦୁରକଙ୍କୁ ଶପଥ ପାଠ କରାଇଛନ୍ତି। ସେମାନଙ୍କ ଶପଥ ଗ୍ରହଣ ସହିତ ସର୍ବୋଚ୍ଚ ଅଦାଲତର ୩୪ ବିଚାରପତିଙ୍କୁ ନେଇ ଏହାର ପୂର୍ଣ୍ଣ କାର୍ଯ୍ୟ ସାମର୍ଥ୍ୟ ହାସଲ କରିଛି। କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଅଞ୍ଜାରିଆ, ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଚନ୍ଦୁରକରଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ଗତ ସୋମବାର କଲେଜିୟମ୍ ସୁପାରିସ୍ କରିଥିବାବେଳେ ଗୁରୁବାର ରାଷ୍ଟ୍ରପତି ସେମାନଙ୍କୁ ନିଯୁକ୍ତି ଦେଇଥିବା ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସ'ରେ ଘୋଷଣା କରିଥିଲେ।

## ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ୩ ଜଣଙ୍କୁ ଆଜୀବନ ଜେଲ

ଡେରାଡୁନ୍,୩୦।୫

୨୦୨୨ରେ ଉତ୍ତରାଖଣ୍ଡକୁ ସ୍ତବ୍ଧ କରିଦେଇଥିବା ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏକ ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିବା ୧୯ ବର୍ଷୀୟା ଅଙ୍କିତା ଜଣେ ଭିଆଇପି ଗେଷ୍ଟଙ୍କୁ 'ସ୍ପେଶିଆଲ ସର୍ଭିସ୍' ଦେବାକୁ ମନା କରିବାରୁ ନିଯୁକ୍ତିଦାତା ପୁଲକିତ ଆର୍ଯ୍ୟ ଓ ୨ ସହଯୋଗୀ ତାଙ୍କୁ ହତ୍ୟା କରିଥିଲେ। ଏହି ବହୁଚର୍ଚ୍ଚିତ ମାମଲାରେ କୋଟଦ୍ୱାରସ୍ଥିତ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ଜଜ୍ ରୀନା ନେଗି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ତେବେ ଅଙ୍କିତାଙ୍କ ମା' ଉକ୍ତ ରାୟରେ ଅସନ୍ତୋଷ ପ୍ରକାଶ କରି ଦୋଷୀମାନଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି।

ଉତ୍ତରାଖଣ୍ଡର ପୌରି ନିବାସୀ ଅଙ୍କିତା ଜଣେ ଗରିବ ଝିଅ ଥିଲେ। ସେ ପାଠ ପଢ଼ିବା ପାଇଁ ଋଷିକେଶକୁ ଯାଇଥିଲେ। ବାପା ବୀରେନ୍ଦ୍ର ଭଣ୍ଡାରୀ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଅଙ୍କିତା ଏକ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ନାମ ଲେଖାଇଥିଲେ। କିନ୍ତୁ କୋଭିଡ୍ ମହାମାରୀ ବେଳେ ଆର୍ଥିକ ଦୁରାବସ୍ଥା ଯୋଗୁ ଆଗକୁ ପାଠ ପଢ଼ିପାରି ନ ଥିଲେ। ତାଙ୍କ ଜଣେ ସାଙ୍ଗ ପୁଷ୍ପ ଋଷିକେଶସ୍ଥିତ ବନନ୍ତରା ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଙ୍କିତା ସେଠାରେ ଯୋଗଦେଇ ରିସେପ୍ସନିଷ୍ଟ କାର୍ଯ୍ୟ କଲେ। ୨୦୨୨ ସେପ୍ଟେମ୍ବର ୧୮ ରାତିରେ ରିସର୍ଟକୁ ଆସିଥିବା ଜଣେ ଭିଆଇପି ଗେଷ୍ଟଙ୍କୁ ସ୍ୱତନ୍ତ୍ର ସେବା ଦେବା ପାଇଁ ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ତଥା ନିଯୁକ୍ତିଦାତା ପୁଲକିତ ଆର୍ଯ୍ୟ ଅଙ୍କିତାଙ୍କୁ କହିଥିଲେ। ଏହି ସ୍ୱତନ୍ତ୍ର ସେବା ବଦଳରେ ତାଙ୍କୁ ୧୦,୦୦୦ ଟଙ୍କା ଦିଆଯିବ ବୋଲି ଅଫର୍ ଦେଇଥିଲେ। ଅଙ୍କିତା ଏଥିରେ ରାଜି ନ ହେବାରୁ ରିସର୍ଟ ମାଲିକ ପୁଲକିତ ତାଙ୍କ ସହଯୋଗୀ ସୌରଭ ଭାସ୍କର ଓ ଅଙ୍କିତ ଗୁପ୍ତାଙ୍କ ସହ ମିଶି ଅଙ୍କିତାଙ୍କୁ ହତ୍ୟା କରିଥିଲେ। ଅଙ୍କିତାଙ୍କ ମୃତଦେହ ଏହାର ୬ ଦିନ ପରେ ଅର୍ଥାତ୍ ୨୪ ତାରିଖରେ ଚିଲ୍ଲା କେନାଲରୁ ଠାବ ହୋଇଥିଲା। ଧରାପଡ଼ିବା ପରେ ୩ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ୨୦୨୩ ଜାନୁଆରୀ ୩୦ରେ ଏହି ମାମଲାର ଶୁଣାଣି ଏଡିଜେ କୋର୍ଟରେ ଆରମ୍ଭ ହୋଇଥିଲା। ଏସ୍ଆଇଟି ତଦନ୍ତ ପରେ ପୋଲିସ ୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ୨ ବର୍ଷ ୮ ମାସ ଧରି ଶୁଣାଣି ଚାଲିଥିଲା। ୪୭ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି। କୋର୍ଟ ପୁଲକିତଙ୍କୁ ଆଇପିସି ଦଫା ୩୦୨ (ହତ୍ୟା), ୨୦୧(ପ୍ରମାଣ ଲୁଚାଇବା), ୩୫୪ଏ(ଅସଦାଚରଣ ଓ ମହିଳାଙ୍କ ମର୍ଯ୍ୟାଦାହାନୀ) ଏବଂ ବେଆଇନ ଚାଲାଣ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟ ୨ ଅଭିଯୁକ୍ତ ସୌରଭ ଓ ଅଙ୍କିତଙ୍କୁ ହତ୍ୟା, ପ୍ରମାଣ ଲୁଚାଇବା ଓ ବେଆଇନ ଚାଲାଣ ଆଇନର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୁଲକିତଙ୍କ ବାପା ବିନୋଦ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ନେତୃତ୍ୱାଧୀନ ଭାଜପା ସରକାରରେ ମନ୍ତ୍ରୀ ଥିଲେ। ପୁଲକିତ ଏହି ମାମଲାରେ ଗିରଫ ହେବା ପରେ ଦଳ ବିନୋଦଙ୍କୁ ବହିଷ୍କାର କରିଥିଲା।

### ଦୋଷୀଙ୍କ ମଧ୍ୟରେ ପୂର୍ବ ଭାଜପା ନେତାଙ୍କ ପୁଅ


ଅଙ୍କିତା ଭଣ୍ଡାରୀ


ପୁଲକିତ ଆର୍ଯ୍ୟ

## ଜିଡିପି ଅଭିବୃଦ୍ଧି ୬.୫%କୁ ହ୍ରାସ




ନୂଆଦିଲ୍ଲୀ,୩୦।୫(ପି.ଟି.)

ଭାରତର ଆର୍ଥିକ ଅଭିବୃଦ୍ଧି ଗତ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୭.୪ ପ୍ରତିଶତକୁ ହ୍ରାସ ପାଇବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୬.୫ ପ୍ରତିଶତକୁ ଖସିଥିବା ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ୪ ବର୍ଷ ମଧ୍ୟରେ ଏହା ସବୁଠୁ କମ୍ ଅଭିବୃଦ୍ଧି ହାର। ମୁଖ୍ୟତଃ ଉତ୍ପାଦନ ସେକ୍ଟରର ଖରାପ ପ୍ରଦର୍ଶନ ଯୋଗୁ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ହ୍ରାସ ପାଇଥିବା କୁହାଯାଉଛି।

ଭାରତର ଅର୍ଥନୀତି ୩୩୦.୬୮ ଲକ୍ଷ କୋଟି ଟଙ୍କା ବା ୩.୯ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଥିବାବେଳେ ଆଗାମୀ କିଛି ବର୍ଷରେ ଏହା ୫ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିବାକୁ ଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍ଥିକ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରକାଶିତ ଆର୍ଥିକ ଆକଳନ ଅନୁଯାୟୀ, ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ (୨୦୨୫ ଜାନୁଆରୀରୁ ମାର୍ଚ୍ଚ)ରେ ଅଭିବୃଦ୍ଧି ହାର ୭.୪% ଥିବାବେଳେ ୨୦୨୪ ଅକ୍ଟୋବର-ଡିସେମ୍ବରରେ ୬.୪%, ଜୁଲାଇ-ସେପ୍ଟେମ୍ବରରେ ୫.୬% ଏବଂ ଏପ୍ରିଲ-ଜୁନ୍‌ରେ ୬.୫% ରହିଥିଲା। ଗତ ଫେବୃଆରୀରେ ଏନ୍ଏସ୍ଓ ପ୍ରକାଶ କରିଥିବା ଦ୍ୱିତୀୟ ଅଗ୍ରିମ ଆକଳନ ଅନୁଯାୟୀ ୨୦୨୪-୨୫ ବର୍ଷରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି କୁହାଯାଇଥିଲା।



## ନାଇଜେରିଆରେ ବନ୍ୟା: ୧୧୧ ମୃତ

### ମୋକୱା ସହର ଜଳାର୍ଣ୍ଣବ

ଅବୁଜା,୩୦।୫

କେନ୍ଦ୍ରୀୟ ନାଇଜେରିଆର ନାଇଜର ରାଜ୍ୟରେ ପ୍ରବଳ ବନ୍ୟା ଆସିବାରୁ ଅନ୍ୟୂନ ୧୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୋକୱା ସହର ବନ୍ୟାପାଣିରେ ବୁଡ଼ିଯାଇଛି। ଅନେକ ଲୋକ ପାଣିଘେରରେ ଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ଲଗାଣ ବର୍ଷା ଦୀର୍ଘ ସମୟ ଲାଗିରହିବାରୁ ବନ୍ୟା ଆସିଥିବାବେଳେ ସହର ନିକଟବର୍ତ୍ତୀ ଏକ ନଦୀବନ୍ଧ ଭୁଶୁଡ଼ିବାରୁ ସ୍ଥିତି ଗମ୍ଭୀର ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ବନ୍ୟା ଯୋଗୁ ଅନେକ ଲୋକ ବିସ୍ଥାପିତ ହୋଇଛନ୍ତି। ଶୁକ୍ରବାର ପ୍ରଥମେ ୮୮ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିବାବେଳେ ପରେ ଆଉ ୨୩ଟି ମୃତଦେହ ମିଳିଥିବା ନାଇଜର ରାଜ୍ୟ ଜରୁରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନାଇଜେରିଆରେ ଅନେକ ସମୟରେ ବନ୍ୟା ଆସୁଥିବାରୁ ନାଇଜର ଏବଂ ବେନୁଇ ନଦୀକୂଳିଆ ଲୋକମାନେ ବିଶେଷ ପ୍ରଭାବିତ ହୋଇଥାନ୍ତି।

## ଦୁର୍ନୀତି ଖବର ଛାପିବାରୁ ନିର୍ଯାତନା: କ୍ୟାମେରା ଆଗରେ ବିଷ ପିଇଲେ ଖବରଦାତା ଓ ସ୍ତ୍ରୀ

ପିଲିଭିଟ୍,୩୦।୫

ଉତ୍ତରପ୍ରଦେଶର ବିସାଲପୁର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍), ବାରଖେଡ଼ା ନଗର ପଞ୍ଚାୟତ ଅଧ୍ୟକ୍ଷ ଏବଂ ଜଣେ ଠିକାଦାରଙ୍କ ଉତ୍ପୀଡ଼ନରେ ଅତିଷ୍ଠ ହୋଇ ଜଣେ ସ୍ଥାନୀୟ ଖବରଦାତା ଓ ତାଙ୍କ ସ୍ତ୍ରୀ କ୍ୟାମେରା ସମ୍ମୁଖରେ ବିଷ ପିଇଛନ୍ତି। ସୋସିଆଲ ମିଡିଆରେ ଉକ୍ତ ଭିଡିଓ ପୋଷ୍ଟ କରି ଖବରଦାତା ଇସ୍ରାର ଅଭିଯୋଗ କରିଛନ୍ତି, ଏସ୍‌ଡିଏମ୍ ନାଗେନ୍ଦ୍ର ପାଣ୍ଡେ, ନଗର ପଞ୍ଚାୟତ ଅଧ୍ୟକ୍ଷ ଶ୍ୟାମବିହାରୀ ଭୋଜଓ୍ୱାଲ ଏବଂ ଠିକାଦାର ମୋଇନ ହୁସେନ୍ ହଇରାଣ କରୁଥିବାରୁ ସେମାନେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲେ। ସେମାନଙ୍କୁ ତୁରନ୍ତ ଜିଲା ହସ୍ପିଟାଲକୁ ନିଆଯାଇଥିଲା। ଇସ୍ରାର ବିପଦମୁକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଗୁରୁତର ରହିଥିବା ଜଣେ ଅଧିକାରୀ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବରଖେଡ଼ା ନଗର ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ଇସ୍ରାର ଖବର ପ୍ରକାଶ କରିବାରୁ ତାହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୃଷ୍ଟିକୁ ଆସିଥିଲା। ଏହା ପରେ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା ବୋଲି ଇସ୍ରାର କହିଛନ୍ତି। ହୁସେନ୍ ଭୋଜୱାଲ ଓ ପାଣ୍ଡେ କ୍ରମାଗତ ଭାବେ ତାଙ୍କ ପରିବାରକୁ ଧମକଦେବା ସହ ମିଛ ମାମଲା ଲଗାଇଥିଲେ। ବିଷ ପିଇ ଆମେ ଜୀବନ ଦେବାକୁ ଯାଉଛୁ, ଯୋଗୀଜୀ ଆମକୁ ନ୍ୟାୟ ଦରକାର ବୋଲି ଇସ୍ରାର ଭିଡିଓରେ କହିଥିଲେ।

## କମଲ ହାସନଙ୍କ 'ଥୁଗ୍ ଲାଇଫ୍' କର୍ଣ୍ଣାଟକରେ ବ୍ୟାନ୍

### କନ୍ନଡ-ତାମିଲ ବିବାଦୀୟ ମନ୍ତବ୍ୟ

ବେଙ୍ଗାଲୁରୁ,୩୦।୫

ଅଭିନେତା କମଲ ହାସନ୍ ଗତ ସପ୍ତାହରେ ଚେନ୍ନାଇରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ତାମିଲରୁ କନ୍ନଡ ଭାଷାର ଜନ୍ମ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ।



ଏଥିପାଇଁ କ୍ଷମା ମାଗିବାକୁ ସେ ମନା କରିଦେବା ପରେ କର୍ଣ୍ଣାଟକରେ ଅଭିନେତାଙ୍କ ଚଳଚ୍ଚିତ୍ର 'ଥୁଗ୍ ଲାଇଫ୍' ବିରୋଧର ସମ୍ମୁଖୀନ ହୋଇଛି। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ଉକ୍ତ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ରୋକ୍ ଲଗାଇଛି। ଚଳଚ୍ଚିତ୍ରକୁ ବ୍ୟାନ୍ କରିବା ପାଇଁ କର୍ଣ୍ଣାଟକ ରକ୍ଷଣ ବେଦିକେ ଏବଂ ଅନ୍ୟ କନ୍ନଡ ସଂଗଠନଗୁଡ଼ିକ ଦାବି କରିଥିଲେ। କମଲ ହାସନ ସର୍ବସାଧାରଣରେ କ୍ଷମା ନ ମାଗିବା ପର୍ଯ୍ୟନ୍ତ ଉକ୍ତ ଫିଲ୍ମକୁ ମୁକ୍ତିଲାଭ କରିବାକୁ ଦିଆଯିବ ନାହିଁ ବୋଲି କେଏଫ୍‌ସିସି ପକ୍ଷରୁ କୁହାଯାଇଛି। ତେବେ ସେ ଭୁଲ୍ ପ୍ରମାଣିତ ହୁଅନ୍ତି, ତେବେ କ୍ଷମା ମାଗିବେ ବୋଲି କମଲ ହାସନ କହିଛନ୍ତି।

## ଶତାବ୍ଦୀ ଶେଷ ସୁଦ୍ଧା ୭୫% ବରଫ ହରାଇପାରେ ହିନ୍ଦୁକୁଶ



ନୂଆଦିଲ୍ଲୀ,୩୦।୫(ପି.ଟି.)

ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପମାତ୍ରା ଯଦି ୨ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଏହାର ୭୫ ପ୍ରତିଶତ ବରଫ ହରାଇବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଞ୍ଚଳର ଗ୍ଲେସିୟର ହିମାଳୟରୁ ବାହାରିଥିବା ନଦୀଗୁଡ଼ିକୁ ପାଣି ଯୋଗାଇଥାଏ। ଗ୍ଲେସିୟର ତରଳିଗଲେ ଉକ୍ତ ନଦୀଗୁଡ଼ିକ ଉପରେ ନିର୍ଭର କରୁଥିବା ୨୦୦ କୋଟି ଲୋକ ପ୍ରଭାବିତ ହେବେ।

ସାଇନ୍ସ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପ ବୃଦ୍ଧି ସ୍ତରକୁ ଯଦି ପ୍ରାକ୍ ଶିଳ୍ପାୟନ ସ୍ତରରୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ମଧ୍ୟରେ ସୀମିତ ରଖାଯାଇପାରିବ, ତେବେ ହିମାଳୟ ଏବଂ କୌକାସସ୍ ପର୍ବତମାଳାର ୪୦ରୁ ୪୫ ପ୍ରତିଶତ ଗ୍ଲେସିୟର ବରଫ ସଂରକ୍ଷିତ ରହିବ। ତେବେ ବର୍ତ୍ତମାନର ଜଳବାୟୁ ନୀତି ଯଦି ଜାରି ରହେ ଏବଂ ଶତାବ୍ଦୀ ଶେଷ ବେଳକୁ ବିଶ୍ୱ ତାପମାତ୍ରା ୨.୭ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଯାଏ, ତେବେ ସାରା ବିଶ୍ୱରେ ମାତ୍ର ୨୫ ପ୍ରତିଶତ ଗ୍ଲେସିୟର ବରଫ ତିଷ୍ଠି ରହିବ। ମାନବ ଜାତି ପାଇଁ ଗ୍ଲେସିୟର ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ତରଳିଲେ ୟୁରୋପୀୟ ଆଲ୍‌ପସ୍ ଏବଂ ପଶ୍ଚିମ ଆମେରିକା, କାନାଡ଼ା ଓ ଆଇସ୍‌ଲାଣ୍ଡର ରକି ପର୍ବତମାଳା ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି। ୨ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ବଢ଼ିଲେ, ଉକ୍ତ ପର୍ବତମାଳାରେ ଥିବା ପ୍ରାୟ ସବୁ ବରଫ ହରାଇବ। ୨୦୨୦ରେ ସେଠାରେ ଯେତିକି ବରଫ ଥିଲା ସେଥିରୁ ମାତ୍ର ୧୦ରୁ ୧୫ ପ୍ରତିଶତ ତିଷ୍ଠି ରହିପାରେ ବୋଲି କୁହାଯାଇଛି। ସ୍କାଣ୍ଡିନେଭିଆରେ ଆଦୌ ବରଫ ଗ୍ଲେସିୟର ରହିବ ନାହିଁ ବୋଲି ଆକଳନ କରାଯାଇଛି। ତେବେ ୨୦୧୫ର ପ୍ୟାରିସ୍ ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ତାପମାତ୍ରାକୁ ଯଦି ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖାଯାଇପାରେ, ତେବେ ସବୁ ଅଞ୍ଚଳରେ କିଛି ପରିମାଣରେ ଗ୍ଲେସିୟର ବରଫ ସଂରକ୍ଷିତ ରହିପାରିବ ବୋଲି କୁହାଯାଇଛି।

DSPL-86

ଓଡ଼ିଶା ସରକାର

# ବିଶ୍ୱ ତମାଖୁ ବର୍ଜନ ଦିବସ

୩୧ ମଇ ୨୦୨୫

ତମାଖୁ ବ୍ୟବହାର ଦ୍ୱାରା ଜନସମାଜ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ଅନେକ ମାତ୍ରାରେ ପ୍ରଭାବିତ ହେଉଅଛି । ଏଣୁ ତମାଖୁ ସେବନରୁ ନିବୃତ୍ତ ରହିବାପାଇଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ଅଟେ ।

## ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ :

- ପାଟି, ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସ୍‌ଫୁସ୍, ମୁତ୍ରାଶୟ ଇତ୍ୟାଦିରେ କର୍କଟ ରୋଗ ହୋଇଥାଏ ।
- ହୃଦ୍‌ଘାତ, ଯକ୍ଷ୍ମା ଓ ଫୁସ୍‌ଫୁସ୍ ରୋଗର କାରଣ ହୋଇଥାଏ ।
- ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ ।
- ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନିଏ ଓ କମ୍ ଓଜନର ହୋଇଥାଏ ।
- ଧୂମପାନ କରୁଥିବା ବ୍ୟକ୍ତି ପାଖରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଯେଉଁମାନେ କି ଧୂମପାନ କରନ୍ତି ନାହିଁ, ସେମାନଙ୍କର ମଧ୍ୟ ପରୋକ୍ଷ ଧୂମପାନ ଦ୍ୱାରା ହୃଦ୍‌ଘାତ ଓ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।
- ପରୋକ୍ଷ ଧୂମପାନ ଯୋଗୁଁ ପିଲାମାନଙ୍କର ଆଜ୍‌ମା, ଶ୍ୱାସନଳୀଜନିତ ତୀବ୍ର ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ ।

ତମାଖୁ
ଆମ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ



OIPR-10003/13/0193/2526


ତମାଖୁ ଓ ତମାଖୁ ଉତ୍ପାଦ ବିକ୍ରିବୃଦ୍ଧି ଅପକୌଶଳର ପର୍ଦାଫାଶ କରିବା, ଜନ ଆବେଦନର ଶୁଣାଣି କରିବା

ଆସନ୍ତୁ, ଏକ ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ।

ତମାଖୁ ବର୍ଜନ, ସୁସ୍ଥ ଜୀବନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/




# ଆଜି ହାଲୁକା ବର୍ଷା, ୭ ଯାଏ ଶୁଖିଲା ପାଗ

ଭୁବନେଶ୍ୱର,୩୦।୫
(ଅନୁରାଧା ମହାରଣା)




ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ କ୍ରମେ ଦୁର୍ବଳ ହୋଇ ଶୁକ୍ରବାର ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତରପୂର୍ବ ରାଜ୍ୟଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ତେବେ ଓଡ଼ିଶାର କିଛି ଜିଲାରେ ବର୍ଷା ହୋଇଥିଲେ ମଧ ଅଧିକାଂଶ ଜିଲାରେ ପାଗ ଶୁଖିଲା ରହିବା ସହ ଗୁଳୁଗୁଳି ଅନୁଭୂତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶନିବାର ରାଜ୍ୟର ବିଭିନ୍ନ ଜିଲାର କିଛି କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ବଜ୍ରପାତ ସମ୍ଭାବନା ରହିଛି। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଜୁନ୍ ୨ରୁ ୭ ପର୍ଯ୍ୟନ୍ତ ରାଜ୍ୟରେ ଭାରି ବର୍ଷାର ସମ୍ଭାବନା ନାହିଁ। ରାଜ୍ୟର ଗୋଟିଏ ଦୁଇଟି ଜିଲାକୁ ବାଦ୍‌ଦେଲେ ବାକି ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।




# ଝରକା ବାଟେ ଫିଙ୍ଗିଦେଲେ କୋଟିଏ

## ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ୧୫ କୋଟିର ସମ୍ପତ୍ତି ଠାବ



ବୈକୁଣ୍ଠନାଥ ଷଡ଼ଙ୍ଗୀ





ଝରକାରୁ (ବୃତ୍ତ ଚିହ୍ନିତ) ତଳେ ଥିବା ଆଜବେଷ୍ଟସ୍ ଉପରକୁ ଟଙ୍କା ବିଡ଼ା ଫିଙ୍ଗାଯାଇଛି।

ଭୁବନେଶ୍ୱର/ଅନୁଗୋଳ, ୩୦।୫
(ସତ୍ୟଜିତ ରାଉତ/ମାନସ ବିଶ୍ୱାଳ)

ଭିଜିଲାନ୍ସ ସ୍କାନରରେ ଦୁର୍ନୀତିଗ୍ରସ୍ତ ବାବୁ। ଏବେ ଫସିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍‌ସ) ବୈକୁଣ୍ଠନାଥ ଷଡ଼ଙ୍ଗୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ବୈକୁଣ୍ଠନାଥଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଏସବୁ ସ୍ଥାନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଓ ଅନୁଗୋଳ ଜିଲା ଲୋକେଇପଶି ଗ୍ରାମସ୍ଥିତ ପୈତୃକଘର, ଶିକ୍ଷକପଡାସ୍ଥିତ ସମ୍ପର୍କୀୟଙ୍କ ଘର ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ହୋଇଥିବା ଯାଞ୍ଚରୁ ବୈକୁଣ୍ଠ ୧୫ କୋଟିରୁ ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠୁଳ କରିଥିବା ସୂଚନା ମିଳିଛି। ତେବେ ଭିଜିଲାନ୍ସ ଟିମ୍‌କୁ ଦେଖି ବୈକୁଣ୍ଠ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଫ୍ଲାଟ୍‌ର ଝରକା ବାଟେ ବିଡ଼ା ବିଡ଼ା ୫୦୦ ଟଙ୍କିଆ ନୋଟ୍ (କୋଟିଏରୁ ଊର୍ଦ୍ଧ୍ୱ) ଫିଙ୍ଗିଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିସହ ଯନ୍ତ୍ରୀ ଦାମୀ ହାତଘଡି ସଉକ ରଖିଥିଲେ ବୋଲି ଜଣାପଡିଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ବୈକୁଣ୍ଠଙ୍କର ଅନୁଗୋଳ କରଡ଼ାଗଡ଼ିଆରେ ୩୨୦୦ ବର୍ଗଫୁଟରେ ଦୁଇ ମହଲା କୋଠା, ମାଟିଆ ସାହିରେ ୧୦୦୦ ବର୍ଗଫୁଟର ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଥିବା ଏକ ଆପାର୍ଟମେଣ୍ଟରେ

### ■ ଘରୁ ମିଳିଲା କେଜିଏ ସୁନା, ନଗଦ ୨.୫୬ କୋଟି ଟଙ୍କା
### ■ ୭ ଫ୍ଲଟ୍, ୨ କୋଠା, ୨ ଫ୍ଲାଟ୍ ଠାବ

ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ରହିଛି। ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ଉଚ୍ଚମୂଲ୍ୟ ପ୍ଲଟ୍ ଠାବ ହୋଇଛି। ପ୍ଲଟ ଓ ଫ୍ଲାଟଗୁଡିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ହିସାବ କରୁଛି। ଏଥିସହ ଘରୁ ମୋଟ ନଗଦ ୨ କୋଟି ୫୬ ଲକ୍ଷ ୨୯ ହଜାର ୨୯୯ ଟଙ୍କା ମିଳିଛି। ଏଥିରୁ କରଡ଼ାଗଡ଼ିଆ ବାସଭବନରେ ଏକ ଛୋଟ କାର୍ଟୁନରେ ଥିବା ୩୦ଲକ୍ଷ ଟଙ୍କା ସମେତ ୧ କୋଟି ୩୪ ଲକ୍ଷ ୩୪ ହଜାର ୨୯୯ ଟଙ୍କା ଏବଂ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଫ୍ଲାଟ୍‌ରୁ ୧ କୋଟି ୨୧ ଲକ୍ଷ ୯୫ ହଜାର ରହିଛି। ସେହିପରି ୧୧୪୧.୫ ଗ୍ରାମର ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଛି। ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୧.୫ କୋଟି ରହିଥିବାବେଳେ ୧୫.୪୪ ଲକ୍ଷ ଟଙ୍କାର ଗୋଟିଏ କାର (ମାରୁତି ସ୍ୱିଫ୍ଟ), ଗୋଟିଏ ଦୁଇଚକିଆ ଯାନ ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ଭିଜିଲାନ୍ସର ୮ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୬ ଏଏସ୍‌ଆଇ ଏବଂ ଅନ୍ୟ ସହକର୍ମଚାରୀ ସାମିଲ ଅଛନ୍ତି। ବୈକୁଣ୍ଠଙ୍କୁ ସମ୍ପତ୍ତି ନେଇ ଅଧିକ ପଚରାଉଚରା କରାଯିବା ସହ ଯାଞ୍ଚ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ଆହୁରି ବଢ଼ିବ ବୋଲି ଭିଜିଲାନ୍ସ ଆଶା ରଖିଛି।

### ଆଜି ନେଇଥାନ୍ତେ ଅବସର

ବୈକୁଣ୍ଠ ୧୯୯୧ ସେପ୍ଟେମ୍ବର ୩୦ରେ ପଞ୍ଚାୟତିରାଜ ବିଭାଗରେ ଷ୍ଟାଇପେଣ୍ଡାରି ଇଞ୍ଜିନିୟର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ମାସିକ ଦରମା ଥିଲା ୨ହଜାର ଟଙ୍କା। ପରେ ସେ ବିଭିନ୍ନ ପଦବୀକୁ ପଦୋନ୍ନତି ପାଇଥିଲେ। ୨୦୨୩ ଜାନୁଆରୀରେ ବୈକୁଣ୍ଠ ଅତିରିକ୍ତ ମୁଖ୍ୟଯନ୍ତ୍ରୀକୁ ପଦୋନ୍ନତି ପାଇଥିବା ବେଳେ ୨୦୨୫ ଜାନୁଆରୀରୁ ସେ ମୁଖ୍ୟଯନ୍ତ୍ରୀ ଭାବେ କାମ କରୁଥିଲେ। ମେ ୩୧ ଶନିବାର ସେ ଅବସର ଗ୍ରହଣ କରିଥାନ୍ତେ। ହେଲେ ଏହା ପୂର୍ବରୁ ବୈକୁଣ୍ଠ ଭିଜିଲାନ୍ସ ଜାଲରେ ଫସିଗଲେ।

# ଜେଲ ଗଲେ ଇଡି ଡେପୁଟି ଡାଇରେକ୍ଟର ରଘୁବଂଶୀ

## ୨୦ ଲକ୍ଷ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି

ଭୁବନେଶ୍ୱର,୩୦।୫(ସତ୍ୟଜିତ ରାଉତ)

୨୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଶୁକ୍ରବାର ଗିରଫ କରିଛି। ଗିରଫ ପରେ ରଘୁବଂଶୀଙ୍କୁ ସିବିଆଇର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପଥର ଖଣି ତଥା କ୍ରଶର ବ୍ୟବସାୟୀଙ୍କ ବିରୋଧରେ ହୋଇଥିବା ଖଣି ମାମଲାର ରଫାଦଫା ପାଇଁ ପ୍ରଥମ ଦଫାରେ ୫୦ଲକ୍ଷ ଟଙ୍କା ଦେବାକୁ ଡିଲ୍ ହୋଇଥିଲା। ସେଥିରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରେ ସିବିଆଇର ଏକ ଟିମ୍ ରଘୁବଂଶୀଙ୍କୁ କାବୁ କରିଥିଲା। ତାଙ୍କୁ ସିବିଆଇ କାର୍ଯ୍ୟାଳୟରେ ପଚରାଉଚରା କରିବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗିରଫ କରାଯାଇଥିଲା। ଏଥିସହ ଅଭିଯୋଗକାରୀଙ୍କଠାରୁ ଟଙ୍କା ଆଣିବାକୁ ଚାପ ପକାଇଥିବା ମଧ୍ୟସ୍ଥ ଭଗ୍‌ତି ନାମକ ଜଣେ ଦଲାଲ୍‌ଙ୍କୁ ମଧ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ନନ୍ଦନକାନନ ରୋଡ୍‌ସ୍ଥିତ ମଣି ତ୍ରିଭୁବନ ଆପାର୍ଟମେଣ୍ଟରେ ରହୁଥିବା ରତିକାନ୍ତ ରାଉତ ସିବିଆଇ ନିକଟରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଇଡିରେ ହୋଇଥିବା ମାମଲା ନଂ. ଇସିଆଇଆର୍/ବିବିଜେଡ୍‌ଓ/୨୦/୨୦୨୦କୁ ଦଫାଦଫା କରିବା ପାଇଁ ଡେପୁଟି ଡାଇରେକ୍ଟର ରଘୁବଂଶୀ ରୋହିତଙ୍କୁ ପ୍ରଥମେ



ଚିନ୍ତନ ରଘୁବଂଶୀ

୫କୋଟି ଟଙ୍କା ଦାବି କରିଥିଲେ। ପରେ ତାହା ୨କୋଟିରେ ଛିଣ୍ଡିଥିଲା। ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ମଧ୍ୟସ୍ଥ ଭଗ୍‌ତିଙ୍କ ମାଧ୍ୟମରେ ଟଙ୍କା କାରବାର ହେବାର ଥିଲା। ଏନେଇ ରୋହିତ ଗତ ୨୮ ତାରିଖରେ ସିବିଆଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଏହାର ସତ୍ୟତା ଯାଞ୍ଚ କରିବା ପାଇଁ ସିବିଆଇ ସବ୍-ଇନ୍ସପେକ୍ଟର ଆୟନ୍ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଯାଞ୍ଚ ପରେ ମଧ୍ୟସ୍ଥ ଭଗ୍‌ତି ଅଭିଯୋଗକାରୀଙ୍କୁ ୨କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ୨୯।୫।୨୦୨୫ ପୂର୍ବାହ୍ନ ୧୧ଟାରେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ସେହି ଅନୁସାରେ ପୂର୍ବ ଯୋଜନା ଅନୁସାରେ ୨୦ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ରଘୁବଂଶୀ ଏବଂ ମଧ୍ୟସ୍ଥ ଭଗ୍‌ତିଙ୍କୁ ସିବିଆଇ ଟିମ୍ କାବୁ କରିଥିଲା। ଜଣେ ଡେପୁଟି ଡାଇରେକ୍ଟର ପାହ୍ୟାର ଇଡି ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ ଯିବା ଘଟଣା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

# ଫଲକ୍‌ନାମା ଏକ୍ସପ୍ରେସ୍‌ରେ ନିଆଁ



ବାହାନଗା,୩୦।୫(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଷ୍ଟେଶନରେ ସିକନ୍ଦରାବାଦ-ହାୱଡା ଯାଉଥିବା ଫଲକ୍‌ନାମା ଏକ୍ସପ୍ରେସ୍‌ରେ ଶୁକ୍ରବାର ଅପରାହ୍ନ ୨ଟାରେ ନିଆଁ ଲାଗିଯାଇଥିଲା। ଟ୍ରେନ ପଣପଣା ପାସେଞ୍ଜର ହଲ୍ଟ ଷ୍ଟେଶନ ଅତିକ୍ରମ କରୁଥିବା ବେଳେ ଷ୍ଟେଶନ କର୍ମଚାରୀମାନେ ଟ୍ରେନ ଚକରେ ଧୂଆଁ ବାହାରୁଥିବା ଦେଖିଥିଲେ। ଏ ସମ୍ପର୍କରେ ଷ୍ଟେଶନମାଷ୍ଟର ତୁରନ୍ତ ଖନ୍ତାପଡା ଷ୍ଟେଶନକୁ ଫୋନ କରି ଜଣାଇଥିଲେ। ଟ୍ରେନକୁ ଖନ୍ତାପଡା ଷ୍ଟେଶନରେ ଅଟକାଯାଇଥିଲା। ପରେ ଟ୍ରେନ ଚକ ପାଖରେ ଥିବା ବ୍ରେକ ରବରଟି ଗରମ ହୋଇ ଧୂଆଁ ବାହାରୁଥିବା ଜଣାପଡିଥିଲା। ଟ୍ରେନ ଚକକୁ ପାଣି ସ୍ପ୍ରେ କରି ଲିଭାଇବା ପରେ କିଛି ସମୟ ରହି ଟ୍ରେନ ହାୱଡା ଅଭିମୁଖେ ଯାଇଥିଲା।

# ନିଜ ଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

## ବଲାଙ୍ଗୀରରେ ଖବରଦାତାଙ୍କୁ ମାଡ଼ ଘଟଣା

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ବଲାଙ୍ଗୀର ଜିଲାର କୁଲାଥିପାଲି ଗାଁରେ ଏକ ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଅଭିଯୋଗର ରିପୋର୍ଟ ସଂଗ୍ରହ କରୁଥିବାବେଳେ ଗତ ୨୫ ତାରିଖରେ ଜଣେ ଟିଭି ଖବରଦାତାଙ୍କୁ ହାତଗୋଡ଼ ବାନ୍ଧି ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ୨ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କମିଶନ ଉଲ୍ଲେଖ କରିଛନ୍ତି ଯେ, ମେ' ୨୬ରେ ପ୍ରସାରିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କର୍ତ୍ତବ୍ୟରତ ଟିଭି ଖବରଦାତାଙ୍କୁ ହଠାତ୍ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କ ହାତଗୋଡ ବାନ୍ଧି ନିର୍ଯାତନା ଦେଇଥିଲେ। ଗାଁ ବୁଲାଇବା ପରେ ଏକ ଖୁଣ୍ଟରେ ବାନ୍ଧି ନିର୍ମମ ଭାବେ ମାଡ଼ ମାରିଥିଲେ। ଅପରାଧୀମାନେ ପୀଡିତଙ୍କ ମୋବାଇଲ ଫୋନ୍ ଏବଂ ଭିଡିଓ କ୍ୟାମେରା ମଧ ଭାଙ୍ଗି ଦେଇଥିଲେ। ତାଙ୍କୁ ଘଟଣା କିମ୍ବା ଚାଲିଥିବା ନିର୍ମାଣ କାର୍ଯ୍ୟ ବିଷୟରେ କାହାକୁ କିଛି ନ ଜଣାଇବାକୁ ଧମକ ଦେଇଥିଲେ।

# ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସରେ ଚେୟାର କାର୍ କୋଚ୍ ବୃଦ୍ଧି

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ୍‌ରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର କାର୍ କୋଚ୍ ଅସ୍ଥାୟୀ ଭାବରେ ବୃଦ୍ଧି କରାଯାଇଛି। ପୂର୍ବରୁ ୧୪ କୋଚ୍ ସହିତ ଚଳାଚଳ କରୁଥିବା ଏହି କୋଚ୍ ଜୁନ ୧ରୁ ୩୦ ପର୍ଯ୍ୟନ୍ତ ୧୫ କୋଚ ସହିତ ପୁରୀରୁ ଚଳାଚଳ କରିବ। ଫେରିବା ମାର୍ଗରେ ଅତିରିକ୍ତ କୋଚ୍ ୨ ଜୁନ୍‌ରେ ବାଙ୍ଗିରିପୋଷିରୁ ସଂଲଗ୍ନ ହେବ। ଯୋଡା ଯାଇଥିବା ଚେୟାର କାର୍‌କୋଚ୍ ଦୈନିକ ଯାତ୍ରୀ, ପର୍ଯ୍ୟଟକ ଏବଂ ଦୂର-ଦୂରାନ୍ତର ଯାତ୍ରୀଙ୍କ ପାଇଁ ଅଧିକ ଆସନ କ୍ଷମତା ତଥା ଉନ୍ନତ ସୁବିଧା ପ୍ରଦାନ କରିବ।

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

କାମାକ୍ଷାନଗର,୩୦।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପାର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ ଶୁକ୍ରବାର ପରଲୋକ ଗମନ କରିଛନ୍ତି। ଦୀର୍ଘଦିନ ହେବ ଅସୁସ୍ଥ କାରଣରୁ ସେ ଚିକିତ୍ସିତ ହେଉଥିଲେ। ଗୁରୁବାର ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସକାଳେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଗଁଦିଆ ବ୍ଲକ ମାଧପୁରରେ ଜନ୍ମିତ ପ୍ରସନ୍ନ କୁମାର ପଟ୍ଟନାୟକ ତିନି ଥର କାମାକ୍ଷାନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପ୍ରଥମ ବିଧାୟକ ଭାବେ ଭାରତୀୟ ଜନତା



ପ୍ରସନ୍ନ କୁମାର ପଟ୍ଟନାୟକ

ପାର୍ଟିରୁ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିଲେ। ୧୯୭୭ରୁ ୧୯୮୦ ଜନତା ପାର୍ଟି, ୧୯୮୫ରୁ ୧୯୯୦ ଭାଜପା ଓ ୧୯୯୦ରୁ ୧୯୯୫ ଜନତା ଦଳରୁ ବିଧାୟକ ହୋଇଥିଲେ। କାମାକ୍ଷାନଗର ମହିଳା ମହାବିଦ୍ୟାଳୟ, ବିରାଶାଳ ଆଞ୍ଚଳିକ ମହାବିଦ୍ୟାଳୟ, ଭୁବନ ମହିଳା ମହାବିଦ୍ୟାଳୟ ଆଦି ୧୫ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ତାଙ୍କ ଚେଷ୍ଟାରେ ହୋଇଥିଲା। ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

# କଟକରୁ ୨ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

କଟକ,୩୦।୫(ଶିଲ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ପୁଣି କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର ପରେ ଏବେ କଟକରୁ ୨ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ସହରରୁ ଗୁରୁବାର ଝୋଲାସାହି ଅଞ୍ଚଳର ୪୪ ବର୍ଷୀୟ ପୁରୁଷ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ନୂଆରାଉସାପାଟଣା ଅଞ୍ଚଳରୁ ଆଉ ଜଣେ ୭୧ବର୍ଷୀୟ ବୃଦ୍ଧା ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ଜଣାପଡ଼ିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଆକ୍ରାନ୍ତଙ୍କ ତଥ୍ୟ ହାସଲକରି ଯାଞ୍ଚ କରୁଥିବା ସୂଚନା ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, କଟକରେ କୋଭିଡ୍‌କୁ ଦୃଷ୍ଟିରେ ରଖି ସମସ୍ତ ସଚେତନତା ଅବଲମ୍ବନ କରିବାକୁ କୁହାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପୁଣ୍ୟଶ୍ଳୋକ ଲୋକମାତା ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ ପକ୍ଷରୁ ୨୨ତମ ସ୍ମୃତିଛାୟା କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୧୫।
- ଇଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ବିପରୀତ ନୀଳଶୈଳ ଭିଲ୍ଲା, (ରାଧିକା ଟାୱାର ନିକଟ), ଟଙ୍କପାଣି ରୋଡ, ସମୟ: ସନ୍ଧ୍ୟା ୬ଟା।
- 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ପୁସ୍ତକ ଉନ୍ମୋଚନ ଏବଂ ଉଦ୍ୟାନବିତ୍ ଡ. ଗୋପୀନାଥ ପରିଡ଼ାଙ୍କ ୯୫ତମ ଜନ୍ମଦିନ ଉପଲକ୍ଷେ ସମ୍ବର୍ଦ୍ଧନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ 'ପ୍ରଜ୍ଞା ପ୍ରତିଭା ପୁରସ୍କାର-୨୦୨୫', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ପ୍ରଭୁ ରାମେଶ୍ୱର ମହାଦେବଙ୍କ ବିବାହ ନିମନ୍ତେ ନଗର ପରିକ୍ରମା, ସ୍ଥାନ: ନୂଆପାଟଣା, ତିଗିରିଆ, ସମୟ : ଅପରାହ୍ନ ୨ଟା।
- ଶ୍ରୀଧର ସ୍ୱାମୀଙ୍କ ଅମୃତ ମହୋତ୍ସବ, ସ୍ଥାନ: ଭଜଗୋବିନ୍ଦ ପୀଠ, ବେଣ୍ଟକାର, ସମୟ: ଅପରାହ୍ନ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ବିକାଶ ବର୍ଗ-୧ ଓ ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଗତିରାଉତପାଟଣା, କେଶବଧାମ, ସମୟ: ଅପରାହ୍ନ ୫ଟା ୩୦।
- ବାବୁଲାଲ ଦୋଶୀଙ୍କ ୧୦୭ତମ ଜୟନ୍ତୀ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳକଣ୍ଠ ନାଥ ଦେବଙ୍କ ମନ୍ଦିରରେ ଶିବ ବିବାହ, ସ୍ଥାନ: ୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ବିବାହ ଉତ୍ସବ, ସ୍ଥାନ: ସାଆନ୍ତା ସାହି, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ବାବା ସୁବୁଦ୍ଧେଶ୍ୱର ମହାଦେବଙ୍କ ନୀତିକାନ୍ତି ପୂଜା, କାମିନା ବିବାହ, ମହାନୀଳ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଲୁସିଆ, ଭୋଗରାଇ, ସମୟ: ସକାଳ ୬ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।
- ସୂଚନା ଅଧିକାର ସଂଘ, ବାଲିଆପାଳ ଶାଖା ପକ୍ଷରୁ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭ ଉଦ୍‌ଘାଟନୀ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ସିଭିଲ ସୋସାଇଟିର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ କାର୍ଯ୍ୟାଳୟ, ପଟୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗିଆ ପ୍ରାଥମିକ ବିଦ୍ୟାଳୟ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- କୃତୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱାଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ଡ. ବ୍ରଜନାଥ ରଥଙ୍କ ଏକାଦଶ ପୁଣ୍ୟତିଥି, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବାବା ଅମରେଶ୍ୱର ମନ୍ଦିରରେ ଶିବ ବିବାହ, ସ୍ଥାନ:ଅନନ୍ତପୁର, ଧାମନଗର, ସମୟ: ସକାଳ ୮ ଟା।
- ଭଦ୍ରକ ବୁଦ୍ଧିଜୀବି ପରିଷଦ ଉଦଘାଟନ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ସିଟିବଜାର ମେଟ୍ରୋ ଶୁଭ ଉଦଘାଟନ, ସ୍ଥାନ: କଚେରୀ ବଜାର, ଧାମନଗର, ସମୟ: ପୂର୍ବାହ୍ନ ୧୦ ଟା।
- ବାବା ଜଗତେଶ୍ୱରଙ୍କ ବିବାହ ଉତ୍ସବ, ସ୍ଥାନ : ବାଲିପାଟଣା, ଆନନ୍ଦପୁର, ସମୟ : ରାତି ୯ ଟା।
- ଶିବ ବିବାହ , ସ୍ଥାନ:ବାବା ଆଖଣ୍ଡଳମଣିଙ୍କ ପୀଠ, ଆରଡ଼ି,ସମୟ: ରାତି ୧୨ଟା।

## କେନ୍ଦୁଝର

- ପାଟଣା ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ ସ୍ଥାନ: ପାଟଣା ବ୍ଲକସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର,ସ୍ଥାନ:ଷ୍ଟାଡିୟମ ପଡିଆ ବାରିପଦା,ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନୋ ବିଶ୍ୱ ଟୋବାକୋ ଦିବସରେ ରାଲି,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା,ସମୟ ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶିବ ବିବାହ ଉତ୍ସବ, ସ୍ଥାନ:ପୋଲିସ ଲାଇନ ମନ୍ଦିର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବିଶ୍ୱ ତମାଖୁ ବର୍ଜନ ସଚେତନତା ରାଲି,ସ୍ଥାନ: ଏମ୍‌କେସିଜି ଖେଳପଡିଆରୁ ଆରମ୍ଭ, ସମୟ: ସକାଳ ୭ଟା।
- କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ,ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟ,ସମୟ: ସକାଳ ୮ଟା।
- ହରପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: କମାପଲ୍ଲୀ ବୈଦ୍ୟନାଥେଶ୍ୱର ମନ୍ଦିର,ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ, ସ୍ଥାନ:ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ, ସମୟ: ସକାଳ ୭ଟା।
- ତ୍ରିବିକ୍ରମେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଆସିକା ବଜାର ସାହି, ସମୟ: ସନ୍ଧ୍ୟା ୭ଟା।
- ବାଲୁଙ୍କେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଆସିକା ତାଲୁକା ଛକ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ରତ୍ନମୁଦ ଉତ୍ସବ, ସ୍ଥାନ: କ. ନୂଆଗାଁ ବ୍ଲକ କୁଡୁତୁଲୀ ମା ପାଙ୍ଖଣ୍ଡା ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: କ. ନୂଆଗାଁ ମାନସ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶୀତଳଷଷ୍ଠୀ ଉତ୍ସବ, ସ୍ଥାନ: ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠ, ନାରଦିଆ ପଞ୍ଚାୟତ, ଏରସମା ବ୍ଲକ, ସମୟ: ଅପରାହ୍ନ ୫ଟା।
- ଦେବ ଦମ୍ପତି ଶିବ ପାର୍ବତୀଙ୍କ ବିବାହ ଓ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ଭେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ହର ପାର୍ବତୀଙ୍କ ଦ୍ୱିତୀୟ ବାର୍ଷିକ ପୂଜା ଉତ୍ସବ, ସ୍ଥାନ : ଯାଜପୁର ରୋଡ଼ ଚୋରଦା ମହାଦେବ ସାହି, ସମୟ : ସକାଳ ୬ଟା।
- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ତୃତୀୟ ଦିବସ, ସ୍ଥାନ : ରଗଡି ଉପକାରାଗାର ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶୀତଳଷଷ୍ଠୀ ଯାତ୍ରା ରେ ଶିବ ବିବାହ ଓ ମୋ ଗାଁ ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ:ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସକାଳ ୬ଟା।
- ଜଗନ୍ନାଥଙ୍କ ଦାରୁସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ପଞ୍ଚାୟତ ବଳରାମପ୍ରସାଦ, ସମୟ:ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:କଣ୍ଟିଲୋ ପାଟଣା ଦୁର୍ଗା ମଣ୍ଡପ, ସମୟ:ମଧ୍ୟାହ୍ନ ୧ଟା।
- ଶୀତଳଷଷ୍ଠୀ ଯାତ୍ରାରେ ୪ ଶମ୍ଭୁ ମିଳନ, ସ୍ଥାନ:ଖଣ୍ଡପଡ଼ା, ସମୟ:ସନ୍ଧ୍ୟା ୭ଟା।
- ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ଖଣ୍ଡପଡ଼ାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ରାତି ୮ଟା ।
- ଲଡୁବାବାଙ୍କ ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ରାତି ୧୧ଟା।
- ରାମେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହର ରାମେଶ୍ୱର ମନ୍ଦିର, ସମୟ: ରାତି ୧୦ଟା।
- ବିଶ୍ୱନାଥଙ୍କ ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହରର ବିଶ୍ୱନାଥ ମନ୍ଦିର, ସମୟ: ରାତି ୧୦ଟା।

## ରାୟଗଡ଼ା

- ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଗୁଡାରି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ଉମା ରାମଲିଙ୍ଗେଶ୍ୱର ମନ୍ଦିର, ଗୁଣପୁର, ସମୟ: ସନ୍ଧ୍ୟା ୭ଟା।
- ଶିବ ପାର୍ବତୀ ବିବାହ ଉତ୍ସବ, ସ୍ଥାନ: ମୀନାଝୋଲା, ଚନ୍ଦ୍ରପୁର, ସମୟ: ରାତି ୮ଟା।

## ନବରଙ୍ଗପୁର

- ଶିବ ପାର୍ବତୀ ବିବାହ, ସ୍ଥାନ: ଉମରକୋଟ ଗୁଲିପାଟଣା ଶିବ ମନ୍ଦିର, ସମୟ: ରାତି ୯ଟା ୩୦।

## କୋରାପୁଟ

- ଗ୍ରୀନ ଷ୍ଟମ୍ପ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲ, ସ୍ଥାନ: ମାନବାର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦର ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ:ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶିବ ବିବାହ, ସ୍ଥାନ: ପଞ୍ଚାନନ ମନ୍ଦିର, ଜୟପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ବିନାଝିଣ୍ଟି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ଅବସରରେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଗଣ୍ଠାଳ ଫିଟା ନିତି, ସ୍ଥାନ: ଚାରଭାଟି, ସମୟ: ସକାଳ ୮ଟା।
- କନ୍ୟାମାତା ପିତାଙ୍କ ଆୟୋଜନରେ ପାର୍ବତୀଙ୍କ ମାତୃଗୃହ ପ୍ରବେଶ ଶୋଭାଯାତ୍ରା, ସ୍ଥାନ: ଠାକୁରପଡା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଲୋକନାଥ ବାବାଙ୍କ ଗଣସନ ନିତି, ଝାଡୁଆପଡା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜାଗେଶ୍ୱର ବାବାଙ୍କ ହଳଦୀ କାର୍ଯ୍ୟକ୍ରମ, ସ୍ଥାନ: ମୁଦିପଡା ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।
- ସୋମନାଥ ବାବାଙ୍କ ବରାତି, ସ୍ଥାନ: ବାଲିବନ୍ଧା ମନ୍ଦିର, ବୁଢ଼ାରଜା ମହାଦେବଙ୍କ ବରାତି, ସ୍ଥାନ: ବୁଢ଼ାରଜା ପାହାଡ ସ୍ଥିତ ମନ୍ଦିର, ସମୟ: ରାତି ୧୦ଟା।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ସ୍ଥାନ: ନନ୍ଦପଡା ମନ୍ଦିର,ଲୋକନାଥ ବାବାଙ୍କ ବରାତି, ସ୍ଥାନ: ଝାଡୁଆପଡା ମନ୍ଦିର, ଜାଗେଶ୍ୱର ବାବାଙ୍କ ବରାତି, ସ୍ଥାନ: ମୁଦିପଡା ମନ୍ଦିର, ଶୀତଳେଶ୍ୱର ବାବାଙ୍କ ବରାତି, ସ୍ଥାନ: ରିଂରୋଡ ସ୍ଥିତ ମନ୍ଦିର ସମ୍ମୁଖ, ଗୁପ୍ତେଶ୍ୱର ବାବାଙ୍କ ବରାତି, ସ୍ଥାନ: ଠାକୁରପଡା, ବୁଢ଼ାରଜା ମହାଦେବଙ୍କ ବରାତି, ସ୍ଥାନ: ବୁଢ଼ାରଜା, ସମୟ: ରାତି ୧୧ଟା ୩୦।

## ବଲାଙ୍ଗୀର

- ବଲାଙ୍ଗୀର ତେଲେନପାଲିରେ ବିକଶିତ କୃଷି ଅଭିଯାନ ଚାଷୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତେଲେନପାଲି, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୯ଟା।
- ବିକଶିତ କୃଷି ଅଭିଯାନ ଚାଷୀ ସଚେତନତା, ସ୍ଥାନ: ସରାଇବାହାଲ, ଖପ୍ରାଖୋଲ, ସମୟ:ଅପରାହ୍ନ ୩ଟା।
- ହରିଶଙ୍କରଠାରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ହରିଶଙ୍କର, ଖପ୍ରାଖୋଲ ବ୍ଲକ, ସମୟ: ରାତି ୯ଟା।

## ରାଉରକେଲା

- ୧୧୩ତମ ମାଗଣା ହାଟ, ସ୍ଥାନ: ସେକ୍ଟର-୭ ମୁଣ୍ଡାରୀ ବସ୍ତି, ସମୟ: ଅପରାହ୍ନ ୩ଟା ୩୦।
- ମାସିକ ସାହିତ୍ୟ ଆଲୋଚନା ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ଅନ୍ୱେଷାର ୧୧୩ ତମ ସାମୂହିକ ଜନ୍ମ ଦିବସ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଶିବ, ପାର୍ବତୀଙ୍କ ବିବାହ ପାଇଁ ମାଙ୍ଗଳିକ ଶ୍ରାଦ୍ଧ,ସ୍ଥାନ:ସଂକ୍ରିପାଣି, ଗାଇସିଲେଟ,ସମୟ: ସନ୍ଧ୍ୟା ୫ଟା।
- ଶୀତଳଷଷ୍ଠୀରେ ବିବାହ ବୈଠକୀ ଯାତ୍ରା, ସ୍ଥାନ:ବରପାଲି,ସମୟ:ସନ୍ଧ୍ୟା ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭଉଣୀ ଘରେ ଭାଇ,**
**ଶ୍ୱଶୁର ଘରେ ଜୋଇଁ,**
**ପର ଅଇଁଠା ଖାଇ ।**

ବିବାହିତା ଭଉଣୀ ଘରେ ଭାଇ ଓ ଶ୍ୱଶୁର ଘରେ ରହୁଥିବା ଜୋଇଁଙ୍କୁ କେବେ ଉପଯୁକ୍ତ ସମ୍ମାନ ମିଳି ନ ଥାଏ। ଆମ ସମାଜରେ ଏପରି ବ୍ୟକ୍ତିଙ୍କୁ ଅନ୍ୟମାନେ ଅତ୍ୟନ୍ତ ନ୍ୟୂନ ଦୃଷ୍ଟିରେ ଦେଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାତ ହାଣ୍ଡିରୁ ଗୋଟାଏ ଚିପିଲେ ସହି।**

ସାଧାରଣତଃ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲେ ହାଣ୍ଡିକ ଭାତ ହୋଇଛି କି ନାହିଁ ତାହା ଜଣାପଡ଼ିଯାଇଥାଏ। ଏଥିପାଇଁ ସବୁ ଭାତକୁ ଚିପି ଦେଖିବାର କୌଣସି ଆବଶ୍ୟକତା ନ ଥାଏ। ଅଂଶବିଶେଷରେ ପରୀକ୍ଷା ଦ୍ୱାରା ସମୁଦାୟ ସତ୍ୟାସତ୍ୟ ନିରୂପଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହଲିଉଡର ଷ୍ଟଣ୍ଟ ଡାଇରେକ୍ଟରଙ୍କ ସହାୟତା ନେଲେ ୟଶ



**ମୁମ୍ବାଇ:** ଅନ୍ୟତମ ଲୋକପ୍ରିୟ କନ୍ନଡ ଅଭିନେତା ୟଶ ଏବେ ବିଗ୍ ବଜେଟ ପୌରାଣିକ ଫିଲ୍ମ 'ରାମାୟଣ'ରେ ଅଭିନୟ କରୁଛନ୍ତି। ଏଥିରେ ଦର୍ଶକ ତାଙ୍କୁ ରାବଣ ଚରିତ୍ରରେ ଦେଖିବାକୁ ପାଇବେ। ଆଉ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଶତ ପ୍ରତିଶତ ନ୍ୟାୟ ଦେବାକୁ ସେ ଦିନରାତି ଏକାଠି କରିଦେଇଛନ୍ତି। ରାମାୟଣର ଶୁଟିଂ ଚାଲୁ ରହିଥିବାବେଳେ ନିଜ ଅଭିନୟକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ୟଶ ହଲିଉଡର ଷ୍ଟଣ୍ଟ ଡାଇରେକ୍ଟର ଗେ' ନୋରିସଙ୍କ ସହାୟତା ନେଉଛନ୍ତି। ବର୍ତ୍ତମାନ ନୋରିସ୍ କେବଳ ୟଶଙ୍କୁ ସହାୟତା କରିବା ପାଇଁ ଭାରତ ଆସିଛନ୍ତି। ଏ ବିଷୟରେ ୟଶ କହନ୍ତି, 'ମୋ ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇପାରିବି ସେ ନେଇ ନିଜକୁ ପ୍ରସ୍ତୁତ କରୁଛି। ଷ୍ଟଣ୍ଟ ଶଟ୍ ପାଇଁ ମୁଁ ନୋରିସଙ୍କ ସହ କଥା ହୋଇଥିଲି। ସେ ମୋ କଥା ରକ୍ଷା କରି ଆସିଛନ୍ତି। ଏବେ ରାମାୟଣ ଆକ୍ସନ ଦୃଶ୍ୟର ଶୁଟିଂ ୬୦-୭୦ଦିନ ପର୍ଯ୍ୟନ୍ତ ଚାଲିବ। 'ରାମାୟଣ' ଫିଲ୍ମର ପ୍ରଯୋଜନା ନମିତ ମାଲହୋତ୍ରା କରୁଥିବାବେଳେ ନିର୍ଦ୍ଦେଶନା ଦେଉଛନ୍ତି ନିତେଶ ତିୱାରୀ। ଫିଲ୍ମରେ ରାମ ଭୂମିକାରେ ରଣବୀର କପୁର ଅଭିନୟ କରୁଥିବାବେଳେ ସୀତା ଚରିତ୍ରରେ ସାଇ ପଲ୍ଲବୀଙ୍କୁ ଦେଖିବାକୁ ମିଳିବ।

# ଏନ୍‌ଇଇଟି-ପିଜି ଗୋଟିଏ ଶିଫ୍ଟରେ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୫(ପି.ଟି.)**

ଜୁନ୍ ୧୫ରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ପୋଷ୍ଟ ଗ୍ରାଜୁଏଟ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ପିଜି) ଗୋଟିଏ ଶିଫ୍ଟରେ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨ଟି ଶିଫ୍ଟରେ ପରୀକ୍ଷା ସ୍ୱେଚ୍ଛାଚାରିତା ସୃଷ୍ଟି କରୁଥିବା ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏନ୍‌ଇଇଟି-ପିଜି ୨୦୨୫ ଗୋଟିଏ ଶିଫ୍ଟରେ କରିବା ନିମନ୍ତେ ବ୍ୟବସ୍ଥା କରାଇବାକୁ ଖଣ୍ଡପୀଠ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ସହ ସୁରକ୍ଷିତ ସେଣ୍ଟର ସୁନିଶ୍ଚିତ କରିବାକୁ କହିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ୨ଟି ପ୍ରଶ୍ନପତ୍ର ମଧ୍ୟରେ ଅସୁବିଧା କିମ୍ବା ସହଜର ସମାନ ସ୍ତର କଦାପି ରହିପାରିବ ନାହିଁ। ଚଳିତ ବର୍ଷର ଏନ୍‌ଇଇଟି-ପିଜି ପରୀକ୍ଷା ଦୁଇଟି ଶିଫ୍ଟରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀ ସୁକ୍ରିତି ଭଟ୍ଟନାଗର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସାରା ଦେଶରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ୨,୪୨,୬୭୮ ଜଣ ଆବେଦନ କରିଛନ୍ତି। ଗୋଟିଏ ଶିଫ୍ଟରେ ପରୀକ୍ଷା କରାଇବା ପାଇଁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ସାରା ଦେଶରୁ ଯଥେଷ୍ଟ ସେଣ୍ଟର ପାଉ ନାହାନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ପରୀକ୍ଷା ଜୁନ୍ ୧୫ରେ ହେବାକୁ ଥିବାରୁ ଗୋଟିଏ ଶିଫ୍ଟରେ କରାଇବା ପାଇଁ ଅଧିକ ପରୀକ୍ଷା କେନ୍ଦ୍ର ଚିହ୍ନଟ କରିବାକୁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ପାଖରେ ଏବେ ବି ୨ ସପ୍ତାହ ସମୟ ରହିଥିବା ଖଣ୍ଡପୀଠ କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ତିସ୍ତା ନଦୀକୁ ...

ତିସ୍ତା ନଦୀକୁ ଖସି ପଡିଥିଲା। ଇତିଶ୍ରୀଙ୍କ ସହିତ ତାଙ୍କ ବଡପୁଅ ସାହିଲ, ସାନପୁଅ ସାଇରାଜ, ସାନ ଭାଇ ଅଜିତ ଓ ଭାଉଜ ସୁନିତା, ଭାଇ ଅଜିତଙ୍କ ପୁଅ ଅଂଶୁମାନ ଥିଲେ। ତାଙ୍କ ଆଗ ଗାଡ଼ିରେ ବଡଭାଇ ଶିଶିର ନାୟକ, ତାଙ୍କ ଝିଅ ଜାନି ଓ ଚୁନିଙ୍କ ସମେତ ବଡ ଭଉଣୀ ମଞ୍ଜୁଲତା ଦେଓ ଓ ସାନ ଭଉଣୀ ଝରଣା ମହାପାତ୍ର ଯାଉଥିଲେ। କିଛି ବାଟ ଯିବା ପରେ ଆଗ ଗାଡ଼ିରେ ଥିବା ପରିବାର ଲୋକେ ପଛ ଗାଡିକୁ ଆଉ ଦେଖିବାକୁ ପାଇ ନ ଥିଲେ। ଏହାପରେ ସେମାନେ ଗାଡ଼ି ଅଟକାଇ ପଛକୁ ଫେରିଥିଲେ। ହେଲେ ଇତିଶ୍ରୀ ଓ ଅନ୍ୟମାନେ ଥିବା ଗାଡ଼ିକୁ ସେମାନେ ଆଉ ପାଇ ନ ଥିଲେ । ସେଠାରେ ସେମାନେ ବହୁତ ଖୋଜାଖୋଜି କରିବା ପରେ ଉଦ୍ଧାରକାରୀ ଆର୍ମି କ୍ୟାମ୍ପକୁ ଯାଇଥିଲେ। ତୁରନ୍ତ ଆର୍ମି ଟିମ୍, ଅଗ୍ନିଶମ କର୍ମଚାରୀ, ସ୍ଥାନୀୟ ପୋଲିସ ଓ ଅଞ୍ଚଳବାସୀ ଖୋଜାଖୋଜି କରିବା ପରେ ସାଇରାଜ ଓ ଅଂଶୁମାନଙ୍କୁ ତିସ୍ତାନଦୀ ପାର୍ଶ୍ୱରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ।

ଶୁକ୍ରବାର ବାଦଲଫଟା ବର୍ଷା ସେଠାରେ ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଶନିବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସିକ୍କିମ ଭାଜପା ପ୍ରଭାରୀ ସମ୍ବିତ୍ ପାତ୍ର ସେଠାକାର ସରକାରଙ୍କ ସହ ଯୋଗାଯୋଗ କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

### ସିକ୍କିମ ଦୁର୍ଘଟଣା ବିଷୟରେ ତମାଙ୍ଗଙ୍କଠାରୁ ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର): ସିକ୍କିମଠାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସିକ୍କିମ ତିସ୍ତା ନଦୀରେ ଏକ ଟୁରିଷ୍ଟ ଗାଡ଼ି ଖସିପଡ଼ିବା ଯୋଗୁ କେତେଜଣଙ୍କ ମୃତ୍ୟୁହେବା ସହ ଆହୁରି ଅନେକେ ଏବେ ନିଖୋଜ ଅଛନ୍ତି। ସେହିପରି ଆଉ କେତେଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଏହାସହ ଏହି ଦୁର୍ଘଟଣାରେ କେତେଜଣ ଓଡ଼ିଆ ଯାତ୍ରୀ ଥିବା ଖବର ସାମ୍ନାକୁ ଆସିଛି। ସେଥିରେ ଓଡ଼ିଶାର ଭାଜପା ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଥିବା ଜାଣିବାକୁ ମିଳିଛି। ତେବେ ଇତିଶ୍ରୀ ଓ ତାଙ୍କ ପରିବାରର ୧୧ ଜଣ ବୁଲିବାକୁ ଯାଇଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କ ସହ କଥା ହୋଇଛନ୍ତି। ତମାଙ୍ଗଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିକ୍କିମଠାରେ ଘଟିଥିବା ଦୁର୍ଘଟଣାର ବର୍ତ୍ତମାନ ସ୍ଥିତି କିପରି ରହିଛି। ଏଥିରେ ଓଡ଼ିଶାର କେତେଜଣ ଯାତ୍ରୀ ରହିଥିବା ଖବର ମିଳିଛି। ସେମାନଙ୍କ ସୁରକ୍ଷା ଏବଂ ସେମାନେ କିପରି ସୁରକ୍ଷିତ ଭାବେ ଫେରିବେ ତା'ର ବ୍ୟବସ୍ଥା କରିବା ନେଇ ତମାଙ୍ଗଙ୍କୁ କହିଛନ୍ତି। ଏହାସହ ଓଡ଼ିଆ ଲୋକଙ୍କ ସ୍ଥିତି କିପରି ଅଛି ଜାଣିବା ଲାଗି ପରିବହନ ବିଭାଗର ଅତିରିକ୍ତ କମିଶନର ଦୀପ୍ତିରଞ୍ଜନ ପାତ୍ର ଏବଂ ଭୁବନେଶ୍ୱର ଆରଟିଓ ୧ର ଆଞ୍ଚଳିକ ଅଧିକାରୀ ବିକାଶ ଚୌଧୁରୀ ସିକ୍କିମ ଗସ୍ତ କରିଛନ୍ତି। ଏଥିସହ ଗାଙ୍ଗଟକ୍‌ରେ ଚିକିତ୍ସାଧୀନ ୨ ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯେତେ ସୁବିଧା ଥିଲେ ମଧ୍ୟ କାମ ହାସଲରେ ବାଧା କାରଣରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। ବହୁତ ଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ। ପଡ଼ୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। ବିବାଦୀୟ ବିଷୟକୁ ନେଇ ପଡ଼ୋଶୀ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** ସ୍ୱାସ୍ଥ୍ୟସମସ୍ୟା କ୍ରମଶଃ ସୁଧୁରିଯିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ଅନ୍ୟମାନଙ୍କ ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**କର୍କଟ** ଶତ୍ରୁତା କାରଣରୁ ଆଦୌ ପଚୁନଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତା କରିପାରନ୍ତି। ପରିସ୍ଥିତି ବଶତଃ ଇଚ୍ଛା ନ ଥାଇ ମଧ୍ୟ ବହୁତ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା** ଆଜି ଯାହା ଆଶା କରିବେ ତାହା ନିଷ୍ଫଳ ହେବନାହିଁ। ପାଖରେ ଥିବା ଲୋକଟି ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ କିନ୍ତୁ ଆଶାନୁରୂପ ହୋଇ ନ ପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ।

**ତୁଳା** ବନ୍ଧୁଙ୍କ ସହ ଯାତ୍ରା କାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସି ହେବେ। ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା, ପ୍ରଶାସନିକ ସ୍ତରରେ ଆଲୋଚନା ଫଳପ୍ରଦ ହେବ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବାରୁ ଖୁସି ଅନୁଭବ କରିବେ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ବନ୍ଧୁ ସହଯୋଗର ହାତ ବଢ଼ାଇବେ। ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ପାରିବାରିକ ମତାନ୍ତରରୁ କଳହ ଲାଗି ରହିବ।

**ଧନୁ** ଆକସ୍ମିକ ଭାବରେ କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ଅବଶ୍ୟ ହେବ।

**ମକର** ଆଜି କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେମିତି କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ । କାହାପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପୁରାତନ ରୋଗ, ଦୀର୍ଘକାଳୀନ ଋଣ ଓ ପରୋକ୍ଷ ଶତ୍ରୁତାହେତୁକ ଚିନ୍ତାରେ ସମୟ କାଟିପାରନ୍ତି।

**କୁମ୍ଭ** ସତର୍କତା ଅଭାବରୁ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବ୍ୟବସାୟ ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ମୀନ** କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଦିଗରୁ ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯାଇପାରନ୍ତି। ବିଭିନ୍ନ ଦିଗରୁ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ମେ ୩୧ ତାରିଖ, ବିଶ୍ୱ ତମାଖୁ ନିରୋଧୀ ଦିବସ, ଅଦ୍ୟ ଶିବ ବିବାହ ଉତ୍ସବ, ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ, ଶନିବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୦ ମଧ୍ୟେ, ଘ. ୦୩।୦୧ ଗତେ ଘ.୦୩।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ସକାଳ ଘ.୦୮।୨୭ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

# ରାଣୀ ଅହଲ୍ୟାବାଈ ହୋଲ୍‌କର: ମହିଳା ସଶକ୍ତୀକରଣ ଓ ଦୃଢ଼ ନେତୃତ୍ୱର ଏକ ପ୍ରତୀକ



ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୁରୁଷପ୍ରାଧାନ୍ୟ ସମାଜରେ ଯେଉଁ କେତେଜଣ ବୀରାଙ୍ଗନା ସାମାଜିକ ଶୃଙ୍ଖଳକୁ ଛିନ୍ନ କରି ନିଜର ଧୀଶକ୍ତି ଓ ସାମର୍ଥ୍ୟ ବଳରେ ଭାରତର ରାଜନୈତିକ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କ ମଧ୍ୟରୁ ଅହଲ୍ୟାବାଈ ହୋଲ୍‌କର ଅନ୍ୟତମ। ଘଟଣାବହୁଳ ଅଷ୍ଟାଦଶ ଶତାବ୍ଦୀରେ ଇନ୍ଦୋରର ହୋଲ୍‌କର ରାଜବଂଶର ରାଣୀ ଭାବେ ତାଙ୍କର ଶକ୍ତିଶାଳୀ ନେତୃତ୍ୱ ସମାଜରେ ମହିଳାଙ୍କର ସାମର୍ଥ୍ୟ ଓ ପରାକାଷ୍ଠାକୁ ପ୍ରମାଣିତ କରିବା ସହ ତାଙ୍କୁ ନାରୀ ଜାତିର ଆଦର୍ଶ ରୂପେ ପ୍ରମାଣିତ କରିପାରିଛି। ଏହି ମହୀୟସୀ ମହିଳା ପିତା ମାଣକୋଜି ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ତୃତୀୟ ସନ୍ତାନ ଭାବେ ୧୭୨୫ ମେ ୩୧ରେ ଅହମ୍ମଦନଗର ଚାଣ୍ଡୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ।

ପିଲାଟି ଦିନରୁ ଅହଲ୍ୟାବାଈ ଶିବ ଭକ୍ତ ଥିଲେ। ତାଙ୍କର ଶିବ ଭକ୍ତି ଓ ବିନମ୍ରତାକୁ ଦେଖି ମାଲୱାର ସୁବେଦାର ମହ୍ଲାର ରାଓ ତାଙ୍କୁ ମାତ୍ର ୧୨ ବର୍ଷ ବୟସରେ ସୁବେଦାର ରାଜବଂଶର ବୋହୂ ଭାବେ ସ୍ୱୀକାର କରିଥିଲେ। ପତି ଖାଣ୍ଡେରାଓଙ୍କର ଅନୁମତି ନେଇ ଅହଲ୍ୟାବାଈ ରାଜ ପରିବାରର ସମସ୍ତ ପରମ୍ପରା ଓ ଯୁଦ୍ଧବିଦ୍ୟା ଗ୍ରହଣ ସହିତ ଶାସନ ଏବଂ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଥିଲେ।

୧୭୪୫ରେ ସେ ଏକ ପୁତ୍ର ସନ୍ତାନ(ମାଲେ ରାଓ) ଓ ୧୭୪୮ରେ ଏକ କନ୍ୟା ସନ୍ତାନ(ମୁକ୍ତା)ଙ୍କ ଜନନୀ ହୋଇଥିଲେ। ୧୭୫୪ରେ ସ୍ୱାମୀ ଖାଣ୍ଡେରାଓ ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ, ତାପରେ ଶ୍ୱଶୁର ମହ୍ଲାର ରାଓଙ୍କ ଦେହାନ୍ତ ଏବଂ ୨୨ ବର୍ଷୀୟ ପୁତ୍ର ମାଲେ ରାଓଙ୍କ ମୃତ୍ୟୁ ଅହଲ୍ୟାବାଈଙ୍କୁ ବ୍ୟତିବ୍ୟସ୍ତ କରି ଦେଇଥିଲା। ହେଲେ ଦୃଢ଼ମନା ମହାରାଣୀ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ। ଜଣେ ସାଧାରଣ ସନ୍ଥଙ୍କ ପରି ଜୀବନ ଯାପନ କରି ପ୍ରତ୍ୟେକ ଦିନ ଶିବ ଅର୍ଚ୍ଚନା ସହ ଗୋଶାଳା ଦର୍ଶନ ଓ ଜନ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ।

ସାମାଜିକ ଭିତ୍ତିଭୂମିର ଉନ୍ନୟନ ସୁପ୍ରଶାସନର ଏକ ବୈଶିଷ୍ଟ୍ୟ ତଥା ଅର୍ଥନୈତିକ ଅଗ୍ରସରର ସହାୟକ ବୋଲି ବିବେଚନା କରି ରାଣୀ ଅହଲ୍ୟାବାଈ ନିଜ ରାଜତ୍ୱ ସମୟରେ ଅନେକ ସଡ଼କ, ସାର୍ବଜନୀନ ସଦନ ଓ ଧର୍ମଶାଳା ନିର୍ମାଣ କରିଥିଲେ। ରାଜ୍ୟର ଅପହଞ୍ଚ ଇଲାକାଗୁଡ଼ିକୁ ସଡ଼କ ଜରିଆରେ ସଂଯୋଗ କରି ପ୍ରଜାଙ୍କର ଗମନାଗମନର ସୁବିଧା ସମେତ ଆନ୍ତଃରାଜ୍ୟ ବାଣିଜ୍ୟକୁ ସୁଦୃଢ଼ କରିବାରେ



ରାଣୀ ଅହଲ୍ୟାବାଈ ହୋଲ୍‌କର

ସେ ସକ୍ଷମ ହୋଇ ପାରିଥିଲେ।

ସମାଜର ଅବହେଳିତ ବର୍ଗର ବିକାଶ ଅହଲ୍ୟାବାଈଙ୍କ ପ୍ରଶାସନର ଅନ୍ୟ ଏକ ପ୍ରମୁଖ ଉପାଦାନ ଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ସେ ସେମାନଙ୍କୁ ଆର୍ଥିକ ସହାୟତା, ଆଶ୍ରୟ ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏ କ୍ଷେତ୍ରରେ ତାଙ୍କ ରାଜ୍ୟରେ ବାସକରୁଥିବା ଭିଲ୍ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ନେଇଥିବା ପଦକ୍ଷେପଗୁଡ଼ିକ ପରବର୍ତ୍ତୀ ସମୟରେ ପ୍ରଶାସନ ନିମନ୍ତେ ଉଦାହରଣ ପାଲଟି ଯାଇଥିଲା। ରାଜକୋଷରୁ ଶହୀଦ ପରିବାରକୁ ଋଣ, ଦରିଦ୍ରମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ ଓ ଦୈବୀ ଦୁର୍ବିପାକ ସମୟରେ କ୍ଷତିପୂରଣ ପ୍ରଦାନ କରି ସେ ଜଣେ ପ୍ରଜାବତ୍ସଳ ଶାସକ ହୋଇପାରିଥିଲେ। ପାରମ୍ପରିକ ହସ୍ତ ଶିଳ୍ପକୁ ପୁନରୁଦ୍ଧାର କରିବା ପାଇଁ ସେ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଥିଲେ।

ସାମାଜିକ ସଶକ୍ତୀକରଣରେ ଶିକ୍ଷାର ଭୂମିକା ଅନିବାର୍ଯ୍ୟ ଭାବି ସେ ନିଜ ରାଜ୍ୟର କୋଣ ଅନୁକୋଣରେ ଅନେକ ବିଦ୍ୟାଳୟ ଓ ଶିକ୍ଷାୟତନ ପ୍ରତିଷ୍ଠା କରିଥିଲେ। ଗୁରୁକୁଳ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ସମାଜର ବିକାଶରେ ନାରୀ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଏ କ୍ଷେତ୍ରରେ ପ୍ରଚଳିତ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସେ ସେମାନଙ୍କୁ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଥିଲେ। କୌଣସି ଝିଅର ଶିକ୍ଷା ତା'କୁ ଦାରିଦ୍ର୍ୟରୁ ମୁକ୍ତି କରାଇବାର ଟିକେଟ ପ୍ରଦାନ କରାଇଥାଏ ବୋଲି ତାଙ୍କ ଜେଜେ ମା'ଙ୍କର ଦୃଢ଼ୋକ୍ତି ତାଙ୍କୁ ବହୁଭାବେ ପ୍ରଭାବିତ କରିଥିଲା। ତାଙ୍କ ରାଜତ୍ୱକାଳରେ, ମହିଳାମାନେ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଅଧିକାର କରିବା ସଙ୍ଗେ ସଙ୍ଗେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରୁଥିଲେ। ନେତୃତ୍ୱ ନେବାରେ ମହିଳାମାନଙ୍କ ଶକ୍ତି ଓ ସାମର୍ଥ୍ୟରେ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ତାଙ୍କ ପ୍ରଶାସନ ଏକ ଆଶାର ପ୍ରତୀକ ହୋଇଥିଲା।

ରାଣୀ ଅହଲ୍ୟାବାଈଙ୍କ ନେତୃତ୍ୱର ଏକ ପ୍ରମୁଖ ଦିଗ ଥିଲା ସାମାଜିକ ନ୍ୟାୟ ଏବଂ ଧାର୍ମିକ ସଂସ୍କାର ପ୍ରତି ତାଙ୍କର ପ୍ରତିବଦ୍ଧତା। ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ସମସ୍ତ ପ୍ରଜା ରାଣୀଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ସାମାଜିକ ଭିତ୍ତିଭୂମିକୁ ଉପଯୋଗ କରିପାରୁଥିଲେ। ହିନ୍ଦୁ ଧର୍ମର ଐତିହ୍ୟ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ସେ ଶହେରୁ ଊର୍ଦ୍ଧ୍ୱ ମନ୍ଦିରକୁ ପୁନଃ ନିର୍ମାଣ କରିଥିଲେ। ପ୍ରସିଦ୍ଧ ସୋମନାଥ ମନ୍ଦିର ସହିତ ଅନେକ ଧାର୍ମିକସ୍ଥଳୀ ଯଥା କାଶୀ ବିଶ୍ୱନାଥ, ଅଯୋଧ୍ୟା, ବୃନ୍ଦାବନ ଆଦିର ପୁନରୁଦ୍ଧାର ପାଇଁ ସେ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପୁରୀଠାରେ ଗୋଟିଏ ମନ୍ଦିର, ଆଶ୍ରମ ଓ ଉଦ୍ୟାନ ନିର୍ମାଣ କରି ସେ ଓଡ଼ିଶା ସହ ତାଙ୍କର ସୁସମ୍ପର୍କକୁ ପ୍ରମାଣିତ କରିଥିଲେ। ତାଙ୍କ ସମୟରେ ପ୍ରଚଳିତ ମୁଦ୍ରାରେ ଶିବଲିଙ୍ଗ ଓ ବେଲପତ୍ର ଅଙ୍କିତ ହେବା ସହ ନନ୍ଦୀ ଚିତ୍ର ଶୋଭା ପାଉଥିଲା। ସମସ୍ତ ପତ୍ରାଳାପରେ ସେ ନିଜର ସ୍ୱାକ୍ଷର ନିମିତ୍ତ ଉଦ୍ଦିଷ୍ଟ ସ୍ଥାନରେ ଶ୍ରୀ ଶଙ୍କର ଲେଖୁଥିଲେ। ଏହା ତାଙ୍କ ଶିବ ଭକ୍ତି ଓ ଉପାସନାର ପରିଚୟ ପ୍ରଦାନ କରେ।

ରାଣୀ ଅହଲ୍ୟାବାଈ ହୋଲ୍‌କରଙ୍କ ନେତୃତ୍ୱଶୈଳୀ ଥିଲା ଜ୍ଞାନ, ସାହସ ଏବଂ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା। ସାମାଜିକ ସ୍ଥିତି କିମ୍ବା ଲିଙ୍ଗ ନିର୍ବିଶେଷରେ ନ୍ୟାୟପୂର୍ଣ୍ଣ ଶାସନ କରିବା, ନ୍ୟାୟକୁ ବଜାୟ ରଖିବା ଏବଂ ନାଗରିକଙ୍କର କଲ୍ୟାଣକୁ ପ୍ରାଥମିକତା ଦେବାରେ ତାଙ୍କର ଦକ୍ଷତା ତାଙ୍କୁ ମହିଳା ସଶକ୍ତୀକରଣର ପ୍ରକୃତ ପ୍ରତୀକ ଭାବେ ଅଭିହିତ କରେ। ସେ ତତ୍କାଳୀନ ସତୀଦାହ ପ୍ରଥାକୁ ନାପସନ୍ଦ କରିବା ସଙ୍ଗେ ସଙ୍ଗେ ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିଥିଲେ। ସମଗ୍ର ଦେଶରେ ଆନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବାମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ସେ ଦୃଢ଼ ପ୍ରୟାସୀ ଥିଲେ। ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତି ଉତ୍ତମ ଭାବେ ପରିପ୍ରକାଶ ଏବଂ ପ୍ରତିପାଦନ କରି ସେ ପ୍ରକୃତରେ ରାଷ୍ଟ୍ରମାତାର ପଦବୀ ଧାରଣ କରିଛନ୍ତି।

ଅଧୁନା ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ଏକ ନିରନ୍ତର ସଂଘର୍ଷ ହୋଇଥିବାରୁ ରାଣୀ ଅହଲ୍ୟାବାଈଙ୍କ କାହାଣୀ ଏକ ଉଜ୍ଜ୍ୱଳ ଉଦାହରଣ। ତାଙ୍କ କାହାଣୀ କେବଳ ଇତିହାସର ଏକ ଅଧ୍ୟାୟ ନୁହେଁ, ଏହା ଭବିଷ୍ୟତ ପ୍ରଶାସନ ପାଇଁ ଏକ ଆଲୋକବର୍ତ୍ତିକା।

# ବିସ୍ଫୋରକ ଲୁଟ: ଚାଲିଛି ତଦନ୍ତ





ବଣାଇଁ,୩୦।୫(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା– ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷ ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରିଥିଲେ। ଏହା ଜାଣିପାରି ଘଟଣା ସ୍ଥଳରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସେମାନେ ଲଗାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ କୋବ୍ରା ବାଟାଲିୟନର ଜଣେ ଯବାନ ସୁନୀଲ କୁମାର ଆହତ ହୋଇଛନ୍ତି। ବିସ୍ଫୋରକ ସାମଗ୍ରୀ ଉଦ୍ଧାର ନେଇ କୌଣସି ସୂଚନା ନ ଥିବା ଝାଡ଼ଖଣ୍ଡ ପୋଲିସର ପ୍ରେସ୍ ବିବୃତିରୁ ସ୍ପଷ୍ଟ ହୋଇଛି। ଏଥିସହ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ନେଇ ମଧ୍ୟ କୌଣସି ସୂଚନା ନାହିଁ। ମାଓବାଦୀ କ୍ୟାମ୍ପ ଉପରେ ଝାଡ଼ଖଣ୍ଡ ପୋଲିସ ଓ ଅର୍ଦ୍ଧ ସାମରିକ ବାହିନୀ ଚଢ଼ାଉ ବେଳେ କିଛି ବିସ୍ଫୋରକ, ମାଓବାଦୀ ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀ ଜବତ କରିଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି।

ଅପରପକ୍ଷରେ ଗତ ୨୭ତାରିଖରେ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିରୁ ମାଓବାଦୀମାନେ ୪ଟନ୍ ବିସ୍ଫୋରକ ଲୁଟି ନେବା ଘଟଣାର ଗୁରୁତ୍ୱ ଉପଲବ୍ଧି କରି ରାଉରକେଲାରେ ପୋଲିସ ଡିଜି ଉଚ୍ଚ ସ୍ତରୀୟ ବୈଠକରେ ଏସ୍ଆଇଟି ଟିମ୍ ଗଠନ କରି ତଦନ୍ତ ଦାୟିତ୍ୱ ଅର୍ପଣ କରିଛନ୍ତି। ଶୁକ୍ରବାର ରାଉରକେଲା ଅତିରିକ୍ତ ଏସପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ଟିମ୍ ମାଓବାଦୀଙ୍କ ବିସ୍ଫୋରକ ଲୁଟ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ତାଙ୍କ ସହିତ ପୋଲିସ, ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଯାଇ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା–ଝାଡ଼ଖଣ୍ଡ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦୁର୍ଦ୍ଦାନ୍ତ ମାଓବାଦୀନେତା ମିଶିର ବେଶରା, ଅନମୋଲ, ମୁଛୁ କୁମାର, ଅନଳ, ଅସିମ ମଣ୍ଡଳ, ଅଜୟ ମାହାତୋ, ସାଗନ ଅଙ୍ଗରିଆ, ଅଶିନି, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ଓରଫ ଅପଟନ, ଜୟକାନ୍ତ, ରାପା ମୁଣ୍ଡାଙ୍କ ନେତୃତ୍ୱରେ ଏକ କ୍ୟାମ୍ପ ସରଣ୍ଡା କୋଲ୍ହାନ କ୍ଷେତ୍ରରେ ରହିଥିଲା। ଏନେଇ ସୁରକ୍ଷା କର୍ମୀଙ୍କୁ ସୂଚନା ମିଳିଥିଲା। ମାର୍ଚ୍ଚ ମାସଠାରୁ କୋମ୍ବିଂ ଅପରେଶନ ଜାରି ରହିଛି। ଏହି ଚଢ଼ାଉରେ ଝାଡ଼ଖଣ୍ଡର ଚାଇଁବସା ପୋଲିସ, ଝାଡ଼ଖଣ୍ଡ ଜାଗୁଆର ଟିମ୍, କୋବ୍ରା ୨୦୩ ନମ୍ବର ବାଟାଲିୟନଙ୍କ ସମେତ ସିଆର୍‌ପିଏଫ – ୨୬, ୬୦,୧୩୪,୧୯୩,୧୯୭ ନମ୍ବର ବାଟାଲିୟନ ମିଳିତ ଚଢ଼ାଉ କରିଥିଲେ।

# ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ, କୋଣାର୍କରୁ ପୁରୀକୁ ଲାଗିବ କଟକଣା

କଟକ,୩୦।୫(କାର୍ତ୍ତିକ ସାହୁ)

**ରଥଯାତ୍ରା ସମନ୍ୱୟ ବୈଠକ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁଙ୍କ ସୁଗମ ପରିବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। କଟକ ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରାଯାଇଛି।

ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟରୁଟ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା। ବିଶେଷକରି, କଟକ–ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ନିର୍ଦ୍ଧାରିତ ବସ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଂଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ। ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ ଓ ଅଟୋରେ ଭଡ଼ା ସମ୍ପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି। ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ବସ୍ ରହଣି ସ୍ଥାନରେ ଅସ୍ଥାୟୀ ବିଶ୍ରାମାଗାର ସହ ପ୍ରଶାସନ ପକ୍ଷରୁ ମୌଳିକ ସୁବିଧା ଉପଲବ୍ଧ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ବସ୍ ଷ୍ଟପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଅସାମାଜିକମାନଙ୍କ ଉପରେ କଡ଼ା ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାରେ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ମନିଟର କରାଯିବ। ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ।



କଟକ ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ବସଗୁଡ଼ିକରେ ଫାଷ୍ଟଏଡ କିଟ ଓ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ମହଜୁଦ ରହିବ ଓ ତାହା ଏସ୍‌ଟିଏ ପକ୍ଷରୁ ଯୋଗାଇ ଦିଆଯିବ। ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆର୍‌ଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବ। ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ। ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ। ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନଗୁଡ଼ିକରେ ସତନ୍ତ୍ର ଟିମ ଦାୟିତ୍ୱରେ ରହିବେ। କୋଣାର୍କ–ପୁରୀ ରୁଟ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଲାଗୁହେବ। ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ। ତାଳବଣିଆରୁ ଜିଲା ହାଇସ୍କୁଲ ନିଃଶୁଳ୍କ ନେବା ଆଣିବା ପାଇଁ ପ୍ରଶାସନ ୧୦୦ ଅଟୋ ବ୍ୟବସ୍ଥା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୁରୀ ଏସ୍‌ପି, କଟକ ଡିସିପି, ଟ୍ରାଫିକ ଡିସିପି, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ବସ୍ ମାଲିକ ସଂଘ ପ୍ରତିନିଧି ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୁଲାଇ ୯ରେ ସାଧାରଣ ଧର୍ମଘଟ ପାଇଁ ସିଆଇଟିୟୁର ଆହ୍ୱାନ

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ସିଆଇଟିୟୁର ୫୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଖାରବେଳ ନଗରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି କମ୍ରେଡ ଜନାର୍ଦ୍ଦନ ପତି ସଂଗଠନର ଲାଲ ପତାକା ଉତ୍ତୋଳନ କରି ଶ୍ରମିକ ନେତାଙ୍କୁ ଦେଶରେ ଶ୍ରମିକ ଆନ୍ଦୋଳନର ମହତ୍ୱ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ବିଷ୍ଣୁ ମହାନ୍ତି ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ବାତିଲ ସହିତ ଦେଶବାସୀଙ୍କ ୧୭ ଦଫା ଦାବି ନେଇ ଜୁଲାଇ ୯ରେ ଦେଶରେ ସାଧାରଣ ଧର୍ମଘଟ ନେଇ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ନେତା ଉଲ୍ଲାସ ସ୍ୱାଇଁ, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଏବଂ ଏକାଦଶୀ ବେହେରା ପ୍ରମୁଖ ଯୋଗଦେଇଥଲେ। ସିଟୁର ରାଜ୍ୟ ସମ୍ପାଦକ ଏବଂ ଭୁବନେଶ୍ୱର ନେତା ପ୍ରଦୀପ୍ତ ନାୟକ ଉପସ୍ଥିତ ରାଜ୍ୟ ନେତୃତ୍ୱ ଏବଂ ବିଭିନ୍ନ ୟୁନିୟନର ନେତୃତ୍ୱଙ୍କୁ ଧନ୍ୟବାଦ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Honest, Responsible Sweeper for Guest House-cum-Office. Part time: 9 A.M. to 1 P.M. Salary as per experience. Must speak Hindi, Odia. Immediate joining in Bhubaneswar.
Send Bio-data to 9438128790

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

# ଶିକାରୀ ଗୁଳିରେ ସାଥୀ ଶିକାରୀ ମୃତ

ନୟାଗଡ଼/ଶରଣକୁଳ,୩୦।୫
(ଲୋକନାଥ ମିଶ୍ର/ଦୀପକ କର)

- ଗୋଛା ସଂରକ୍ଷିତ ଜଙ୍ଗଲରୁ ଅଧାପୋଡ଼ା ମୃତଦେହ ଜବତ
- ୨ ଶିକାରୀ ଫେରାର, ୧୦ ଅଟକ

ନୟାଗଡ଼ ଜିଲା ଶରଣକୁଳ ନିକଟ ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଏକ ଅଘଟଣ ଘଟିଛି। ଶିକାରୀ ଗୁଳିରେ ଅନ୍ୟ ଜଣେ ସାଥୀ ଶିକାରୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ। ଉକ୍ତ ଘଟଣାକୁ ଚାପିଦେବାକୁ ଗ୍ରାମବାସୀ ଉଦ୍ୟମ କରୁଥିଲେ। ଜଙ୍ଗଲରେ ମୃତଦେହକୁ ଦାହ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ପୋଲିସ ଅଧାପୋଡ଼ା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖିଛି। ମୃତକଙ୍କ ସ୍ତ୍ରୀ କବିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୩/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ୨ ଶିକାରୀ ଫେରାର ହେବା ପରେ ସୂର୍ଯ୍ୟମଣିଙ୍କ ମୃତ୍ୟୁର ସନ୍ଦେହ ବଢ଼ିଛି।



ଜଙ୍ଗଲରେ ଦାହ କରାଯାଉଥିବା ମୃତଦେହ ପାଖରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ କଜଳାଇପଲ୍ଲୀ ପଞ୍ଚାୟତ ବଧିସାହିର ସନ୍ତୋଷ କୁମାର ସାହୁ ଓ ମିଟୁ ପ୍ରଧାନ ଦୁହେଁ ମିଶି ଗୋଛା ଜଙ୍ଗଲକୁ ଶିକାର କରିବାକୁ ବାହାରିଥିଲେ। ସେମାନେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। ହେଲେ ସୂର୍ଯ୍ୟମଣି ପ୍ରଥମେ ମନା କରିଥିଲେ। ସନ୍ତୋଷ ଓ ମିଟୁ ତାଙ୍କୁ ବାଧ୍ୟ କରିବାରୁ ସୂର୍ଯ୍ୟମଣି ସେମାନଙ୍କ ସହ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ରାତିରେ ଏକ ବାରହା ଶିକାର କରି ସମସ୍ତେ ମିଶି ରୋଷେଇ କରି ଖାଇଥିଲେ। ଏହାପରେ ପୁଣି ଶିକାର କରିବାକୁ ସେମାନେ ଜଙ୍ଗଲ ଭିତରକୁ ପଶିଥିଲେ। ଗଛ ଉହାଡ଼ରେ କୌଣସି ପଶୁ ଛପିଥିବା ଭାବି ସନ୍ତୋଷ ଗୁଳି ଚଳାଇଥିଲେ। ହେଲେ ସେହି ଗୁଳିଟି ସୂର୍ଯ୍ୟମଣିଙ୍କ ଦେହରେ ବାଜିଥିଲା ଓ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳୁ ଖବର ଜଣାପଡ଼ିବା ପରେ ଶରଣକୁଳ ପୋଲିସ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଘଟଣାକୁ ଚାପି ଦେବାକୁ ମୃତକଙ୍କ ପରିବାର ଓ ଗୋଛା ଗ୍ରାମବାସୀ ଉଦ୍ୟମ କରିଥିଲେ। ପୋଲିସ ପଚରାଉଚରା କରୁଥିଲେ ମଧ୍ୟ କେହି ମୁହଁ ଖୋଲି ନ ଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଜଙ୍ଗଲରେ ଏକ ଗୁପ୍ତ ବୈଠକ ବସିଥିଲା। ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ୪ମାଣ ଜମି ଦେବାକୁ ସ୍ଥିର ହୋଇଥିଲା। ଏହାପରେ ଗ୍ରାମବାସୀ ମୃତଦେହକୁ ଜଙ୍ଗଲରେ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧାପୋଡ଼ା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଏନେଇ ଶରଣକୁଳ ଥାନା ଆଇଆଇସି ପରମାନନ୍ଦ ଦଳେଇ କୁହନ୍ତି, ସୂର୍ଯ୍ୟମଣିଙ୍କ ମୃତ୍ୟୁ କିପରି ହୋଇଛି ସେନେଇ କିଛି ଅଭିଯୋଗ ନାହିଁ। କେବଳ ବିଭିନ୍ନ ଲୋକଙ୍କ ଠାରୁ ନାନା କଥା ଶୁଣିବାକୁ ମିଳୁଛି। ଗୁଳି କରି ହତ୍ୟା କରାଯାଇଛି କି ହତ୍ୟାର କାରଣ ଭିନ୍ନ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

ଚିକିଟି,୩୦।୫(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ବାତରଡ଼ାପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚାନ୍ଦପୁର ପଞ୍ଚାୟତ ହରିପୁର ପଲ୍ଲୀ ଗ୍ରାମର ଶିବ ପାଇକ (୫୫)। ବାତରୋଡାପଲ୍ଲୀ ଗ୍ରାମର ଗଣପତି ନାଏକ, ବେଲପଞ୍ଚୀର ବିଜୟ ଗୌଡ଼ ଏବଂ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖଇରପଙ୍କ ଗ୍ରାମର ଦିଲ୍ଲୀ କନ୍ୟାରୀ (୪୭) ଗୁରୁତର ଆହତ ହୋଇଛନ୍ତି। ଏହି ୪ ଜଣ ଛେଳି ଜଗୁଆଳି ମିଶି ଖାଉଥିବା ବେଳେ ହଠାତ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଶିବଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଗୁରୁତର ଆହତ ହୋଇଥିଲେ। ଆଖପାଖ ଗ୍ରାମର ଲୋକ ପହଞ୍ଚି ସେମାନଙ୍କୁ ଗୋବର ଗଦାରେ ପୋତି ପାରମ୍ପରିକ ଚିକିତ୍ସା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ।
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

See Career Appointment on every Wednesday & Saturday

WANTED FOR A PHARMACEUTICAL UNIT OF ODISHA
- QUALITY CONTROL CHEMIST: The candidate must have minimum 3 years experience as QC Chemist. Should be able to handle HPLC Systems. Must have knowledge to prepare documents for Regulatory authorities.
- LABORATORY ASSISTANT: B.Sc./B.Pharma Graduates with devotion and determination to work honestly.
- PHARMACIST: D.Pharm Graduates with devotions and determination to work honestly.
- Please apply with confidence to email: odishacareerconsul@gmail.com within 15 days of intimating expected salary.

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on 29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

"ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶିବ ବିବାହ

# ସ୍ୱର ବଦଳୁଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପହଲଗାମ୍ ଆକ୍ରମଣକୁ ନେଇ ପାକିସ୍ତାନ ଉପରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଭାରତର ବୈଦେଶିକ ନୀତିର ବାର୍ତ୍ତା ସ୍ୱଷ୍ଟ ଓ ପ୍ରଭାବଶାଳୀ ହୋଇନାହିଁ। ବିଶେଷକରି ଭାରତ ବିରୋଧରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ସମ୍ପର୍କରେ ବିଶ୍ୱକୁ ଅବଗତ କରିବାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଦୃଢ଼ ସ୍ୱର ଅପ୍ରତ୍ୟାଶିତ ଭାବେ ନୀରବୀ ଯାଇଛି। ଏହା ଏକ ରଣନୀତିକ ସଂଯମତା ନା ନିଷ୍ପ୍ରଭ କୂଟନୈତିକ ସ୍ୱରର ଘଟଣା ତାହା ହିଁ ଆଲୋଚନାର ବିଷୟ ହୋଇଛି। ସରକାର ଏହି ସମୟରେ ଖବରର ଶୀର୍ଷକରୁ ବଞ୍ଚିତ ହେବାକୁ ଚାହିଁ ନାହାନ୍ତି । ଫଳରେ ସରକାର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଖବର ସୃଷ୍ଟି କରିବାରେ ପୂରା ବଳ ଲଗାଇ ଦେଇଛନ୍ତି । ସାଂସଦ ଓ ଅବସରପ୍ରାପ୍ତ ଅଧିକାରୀଙ୍କୁ ନେଇ ୭ଟି ଟିମ୍ ଗଠନ କରାଯାଇଛି। ସରକାରଙ୍କ ପଦକ୍ଷେପ ସପକ୍ଷରେ ବୁଝାଇବା ପାଇଁ ଟିମ୍‌ଗୁଡ଼ିକୁ ବାହାର ଦେଶଗୁଡ଼ିକର ରାଜଧାନୀକୁ ପଠାଯାଇଛି। ଗୋଟିଏ ଟିମ୍‌ରେ ଅଛନ୍ତି, ରାଜ୍ୟ ସଭା ସଦସ୍ୟ ଭୁବନେଶ୍ୱର କଳିତ ଏବଂ ମିଲିନ୍ଦ ଦେଓରାଙ୍କ ସହିତ ଲୋକ ସଭା ସଦସ୍ୟ ଶଶାଙ୍କ ମଣି ତ୍ରିପାଠୀ ଏବଂ ଗନ୍ତି ହରିଶ ମାଧୁର । ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି ବୈଦେଶିକ ନୀତି ବିଶେଷଜ୍ଞ ଶଶି ଥରୁର । ଏସ୍ ଜୟଶଙ୍କରଙ୍କ ନୀରବତାକୁ ଅନୁଧ୍ୟାନ କରି ଥରୁର ସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ଭାରତ ବୁଝାମଣାରୁ ପଛକୁ ହଟିନାହିଁ ବରଂ ତାହାର ସ୍ୱରକୁ ପରିବର୍ତ୍ତନ କରିଛି ବୋଲି ବାର୍ତ୍ତା ଦେଉଛନ୍ତି। ଏ କଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ, ଆମେରିକାର ଗମ୍ଭୀର ରାଜନୈତିକ କ୍ଷମତା ପରିସରରେ କାମ କରିବାର ଅଭିଜ୍ଞତା ଥିବା ପୂର୍ବତନ ରାଷ୍ଟ୍ରଦୂତ ତରଣଜିତ ସିଂ ସାନ୍ଧୁ ମଧ୍ୟ ଟିମ୍‌ରେ ଅଛନ୍ତି। ଗୋଟିଏ କଥା ସ୍ୱଷ୍ଟ ଯେ, ସରକାର ଘଟଣାକୁ ନିୟନ୍ତ୍ରଣ କରିବାରେ ଗମ୍ଭୀର ଅଛନ୍ତି, ଏପରି କି ଥରୁରଙ୍କ ଭଳି କଂଗ୍ରେସ ସାଂସଦଙ୍କୁ ପଠାଇ ଭଲଭାବେ ପ୍ରଦର୍ଶନ କରିବାକୁ ଚାହୁଁଛି।

### ପ୍ୟାଟେଣ୍ଟ କାର୍ଯ୍ୟାଳୟରେ ଅସନ୍ତୋଷ

ନିକଟରେ ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ଏବେ ପ୍ୟାଟେଣ୍ଟ କାର୍ଯ୍ୟାଳୟର କେତେ ଜଣ ଅଧିକାରୀଙ୍କ ଅଦଳବଦଳ ପାଇଁ ନେଇଥିବା ପଦକ୍ଷେପକୁ କେନ୍ଦ୍ର କରି ଅସନ୍ତୋଷର ସ୍ୱର ଉଠିଛି। କିନ୍ତୁ ଏହା ବଡ଼ ସଙ୍କଟ ନୁହେଁ, ବରଂ ତାଙ୍କ କାର୍ଯ୍ୟାଳୟର ମାମୁଲି ଝଗଡ଼ା। ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ,ଏହା କୌଣସି ନାଟକୀୟ ବଦଳିର କାହାଣୀ ନୁହେଁ, ଏହା ସମ୍ଭବତଃ ଏକ ପ୍ରଶାସନିକ ବଦଳି। ଯେତେବେଳେ ସଂସାଧନ ଓ ଉତ୍ତରଦାୟିତ୍ୱକୁ ସନ୍ତୁଳିତ କରିବାକୁ ଚେଷ୍ଟା କରାଯାଏ ସେତେବେଳେ ଏଭଳି ବଦଳି କରାଯାଇଥାଏ। ଏହା ନିଶ୍ଚିତ ଯେ, ପରିବର୍ତ୍ତନକୁ ନେଇ ଉଠୁଥିବା କଥା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହାକୁ ବଢ଼େଇ ଚଢ଼େଇ କୁହାଯାଉଛି, ଯାହା ଅନାବଶ୍ୟକ। ଏହା ବଦଳି ନୁହେଁ, ବରଂ ଏକ ଯୋଜନାବଦ୍ଧ ଆବଣ୍ଟନ। ଏହି ଅଧ୍ୟାୟ ହେଉଛି ନିୟମିତ ଅମଲାତନ୍ତ୍ରିକ ମନ୍ଥନରେ ଏକ ଛୋଟ ଝଗଡ଼ା, ଯୁଦ୍ଧ ଭୂମିର ଲଢ଼େଇ ନୁହେଁ। ଏହିସବୁ କ୍ଷୁଦ୍ର ପ୍ରଶାସନିକ ପଦକ୍ଷେପ ସରକାରଙ୍କ କାର୍ଯ୍ୟର ମାନବୀୟ ପ୍ରବୃତ୍ତି ତଥା ବ୍ୟକ୍ତିଗତ ପସନ୍ଦ ଏବଂ ସଂସ୍ଥାଗତ ଆବଶ୍ୟକତା ମଧ୍ୟରେ ରହିଥିବା ନିରାଶା ଓ ବାକ୍‌ଯୁଦ୍ଧକୁ କିଭଳି ପ୍ରକାଶ କରିପାରେ ତାହା ହିଁ କୌତୂହଳର ବିଷୟ। ପ୍ୟାଣ୍ଟେଟ କାର୍ଯ୍ୟାଳୟ ତା' କାର୍ଯ୍ୟ ଜାରି ରଖିଛି ଓ ନୂତନତ୍ୱ ଉପରେ ଜୋର ଦେଇଆସୁଛି। ପ୍ୟାଟେଣ୍ଟ ଆଇନ ପୁନର୍ଗଠନ କିମ୍ବା ଅନୁମୋଦନ ଶୀଘ୍ର କରିବାରେ ପ୍ରକୃତ ଯୁଦ୍ଧ ହେବା କଥା । କିନ୍ତୁ ସେଥିରେ ବଡ଼ ସମସ୍ୟା ରହିଛି। ଏଣୁ ଏବକାର ଅଦଳବଦଳକୁ ଏକ ଗମ୍ଭୀର ସମସ୍ୟା ବୋଲି କହିବା ଦରକାର ନାହିଁ। ଏହା ହେଉଛି କାର୍ଯ୍ୟାଳୟର ଏକ ନିୟମିତ ଧାରା।

### ପୋଲିସରେ ଝଗଡ଼ା

ହିମାଚଳ ପ୍ରଦେଶର ଶୀର୍ଷ ପୋଲିସ ଅଧିକାରୀଙ୍କ ସ୍ତରରେ ଯାହା ଘଟୁଛି ସେଥିରେ ଆଇନ ପ୍ରବର୍ତ୍ତନ କମ୍ ଓ ରାଜନୈତିକ ନାଟକବାଜି ଅଧିକ ଥିବା ଭଳି ମନେହେଉଛି। ରାଜ୍ୟ ପୋଲିସ ଏକ ସାର୍ବଜନୀନ ବିବାଦରେ ଫସିଯାଇଛି ଏବଂ ଏସବୁ ଏକ ସନ୍ଦେହଜନକ ମୃତ୍ୟୁରୁ ଆରମ୍ଭ ହୋଇଛି। ମାର୍ଚ୍ଚରେ ଏଚ୍‌ପିପିସିଏଲ୍‌ର ବରିଷ୍ଠ ଅଧିକାରୀ ବିମଳ ନେଗୀଙ୍କ ମୃତଦେହ ଗୋବିନ୍ଦ ସାଗର ହ୍ରଦରୁ ମିଳିଥିଲା। ଏହି ଘଟଣା ଉପରେ ଶିମଲା ଏସ୍‌ପି ସଞ୍ଜୀବ ଗାନ୍ଧୀ ତଦନ୍ତ କରୁଥିଲେ ଏବଂ ଏଥିରେ କୌଣସି ପ୍ରଗତି ନ ହେବାରୁ ହିମାଚଳ ଉଚ୍ଚ ନ୍ୟାୟାଳୟ ସମାଲୋଚନା କରିବା ସହ ସିବିଆଇକୁ ହସ୍ତାନ୍ତର କରିବାର ସଙ୍କେତ ଦେଇଥିଲେ। କିନ୍ତୁ ଏସ୍‌ପି ଗାନ୍ଧୀ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅତୁଲ ବର୍ମା ତଦନ୍ତରେ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ଆଣି କୋର୍ଟକୁ କୌଣସି ସ୍ୱଷ୍ଟ ଉତ୍ତର ଦେଇ ନ ଥିଲେ। ଡିଜିପି ତତ୍‌କ୍ଷଣାତ୍ ଗାନ୍ଧୀଙ୍କୁ ନିଲମ୍ବନ ପାଇଁ ସୁପାରିସ କରିଥିଲେ। ଗଣମାଧ୍ୟମରେ ଗାନ୍ଧୀଙ୍କ ଭିଡିଓ ପ୍ରମାଣ ଶୀର୍ଷ ବାବୁମାନଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା। ତେବେ ରାଜ୍ୟ ପୋଲିସର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏହା କେବଳ ଏକ ଝଗଡ଼ା ନୁହେଁ, ବରଂ ସଂସ୍ଥାଗତ ବିଶ୍ୱାସର ଅଧୋଗତି। ବରିଷ୍ଠ ଅଧିକାରୀମାନଙ୍କ ଅଭିଯୋଗ ଓ ପ୍ରତି ଅଭିଯୋଗ ଆସୁଥିବାବେଳେ ବ୍ୟବସ୍ଥାର ତ୍ରୁଟି ତଥା ନିଷ୍କ୍ରିୟତା ବାହାରକୁ ଆସୁଛି। ଏକ ସମ୍ବେଦନଶୀଳ ମୃତ୍ୟୁ ସହ ଜଡ଼ିତ ଏଭଳି ନିଷ୍କ୍ରିୟତା ନ୍ୟାୟ ଉପରେ ଲୋକଙ୍କ ବିଶ୍ୱାସ ହ୍ରାସ କରୁଛି। ମୁଖ୍ୟମନ୍ତ୍ରୀ ସୁଖୁ ସିବିଆଇ ତଦନ୍ତକୁ ସ୍ୱାଗତ କରି ଚତୁରତାର ସହ ରାଜନୀତିକୁ ଦୂରେଇ ରଖିଛନ୍ତି। କିନ୍ତୁ କ୍ଷତି ହୋଇଛି। ଏହି ମାମଲାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଠାରୁ ଅଧିକ କିଛି ଦରକାର।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 5 | 3 |
| | | | 7 | | | | | |
| | | | | 3 | 2 | 8 | | 4 |
| | 7 | | | | 9 | | 8 | 2 |
| 3 | | | | 7 | | | 1 | |
| | | 6 | | | 4 | 7 | 9 | |
| 8 | | | | | | | | |
| | 3 | | | 4 | | | | |
| | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 2 | 1 | 6 | 8 | 7 | 3 |
| 6 | 3 | 2 | 8 | 4 | 7 | 9 | 5 | 1 |
| 8 | 7 | 1 | 5 | 3 | 9 | 6 | 2 | 4 |
| 3 | 9 | 5 | 4 | 8 | 1 | 7 | 6 | 2 |
| 1 | 8 | 6 | 7 | 2 | 3 | 5 | 4 | 9 |
| 7 | 2 | 4 | 6 | 9 | 5 | 1 | 3 | 8 |
| 5 | 4 | 3 | 9 | 7 | 8 | 2 | 1 | 6 |
| 2 | 6 | 8 | 1 | 5 | 4 | 3 | 9 | 7 |
| 9 | 1 | 7 | 3 | 6 | 2 | 4 | 8 | 5 |

ଗତକାଲିର ଉତ୍ତର

# ମୁଁ ଜଣେ ଫେମିନିଷ୍ଟ



ସୁସ୍ମିତା ବେହେରା

ଜଣେ ମଣିଷ ଓ ନାରୀ ଭାବେ ନିଜକୁ ଫେମିନିଷ୍ଟ ଏଇଥିପାଇଁ କହିବି ଯେ, ମୋତେ ମିଶେଇ ଅନ୍ୟ ଯେ କୌଣସି ନାରୀ, ସାଧାରଣ ଓ ଖୁସିର ଜୀବନଟିଏ ବଞ୍ଚିବାକୁ ହେଲେ ପୁରୁଷ ପରି ସମାନ ଅଧିକାର ଆବଶ୍ୟକ କରନ୍ତି। ପରିବାର ଓ ସମାଜଠାରୁ ସମାନ ସୁବିଧା ସୁଯୋଗର ଅପେକ୍ଷା ବି ରଖନ୍ତି। ପ୍ରଥମେ ଆମେ ଉଭୟ ପୁରୁଷ ଓ ମହିଳାଙ୍କୁ ମଣିଷ ଭାବରେ ସମାନ ଦୃଷ୍ଟିରେ ଦେଖିବା ଜରୁରୀ। ଆମର ଦେଖିବାର ଦୃଷ୍ଟିଭଙ୍ଗୀ ବଦଳି ଗଲେ ଆମ ସମସ୍ତଙ୍କର ଆଚାର, ବିଚାର, ବ୍ୟବହାର ଓ କାର୍ଯ୍ୟକଳାପ ଆପେ ଆପେ ବଦଳି ଯାଆନ୍ତା। ଫେମିନିଷ୍ଟ କେହି ବି ହୋଇପାରିବେ । ଜଣେ ସମ୍ବେଦନଶୀଳ ପୁରୁଷ ବି, ଯିଏ ନାରୀମାନଙ୍କ ସାମାଜିକ, ଅର୍ଥନୈତିକ, ଆଇନଗତ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ଚାହିଁବେ।

ଆଜିକୁ ତିନି ଦଶନ୍ଧି ଆଗରୁ ନାରୀ ଶିକ୍ଷା ଆହୁରି ପଛରେ ଥିଲା। ମୋ ବାପା ଜଣେ ଆଦର୍ଶ ଶିକ୍ଷକ। ପୁଅ ନ ହେବାର ଦୁଃଖକୁ ନିଜ ଛାତିରେ ଲୁଚାଇ ଛଅ ଝିଅଙ୍କୁ ଯଥା ସାଧ୍ୟ ଉଚ୍ଚଶିକ୍ଷା ପ୍ରଦାନ କରିଛନ୍ତି। ସେ ସମୟରେ ଆମ ପରିବାରର ଶୁଭେଚ୍ଛୁ ବୋଲି ଘୋଷଣା କରୁଥିବା କେହି କେହି ମୋ ବାପାଙ୍କୁ ଆମ ଝିଅମାନଙ୍କୁ ଅଧିକା ପାଠ ନ ପଢ଼ାଇ, ମାଟ୍ରିକ ପର୍ଯ୍ୟନ୍ତ ଯେନତେନ ପ୍ରକାରେ ପଢ଼େଇ ବାହାଘର କରି ଦେବାକୁ ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ, ଯାହାକୁ ମୋ ବାପା କେବେ ଗୁରୁତ୍ୱ ଦେଇ ନ ଥିଲେ। ଫଳ ସ୍ୱରୂପ ପରବର୍ତ୍ତୀ କାଳରେ ପାରିବାରିକ ବିପର୍ଯ୍ୟୟ ସମୟରେ ସ୍ଥିର ରହି ପରିସ୍ଥିତିକୁ ସାମ୍ନା କରିବାର ଦୃଢ଼ତା ଓ ସାହସ ମୋ ଭିତରେ ମୁଁ ଜୁଟାଇ ପାରିଥିଲି।

ମୁଁ ଏଇଠି ସବୁ ମାତାପିତାଙ୍କୁ ଫେମିନିଷ୍ଟ ହେବାକୁ ଆହ୍ୱାନ କରୁଛି। ଝିଅମାନଙ୍କୁ କିଶୋରାବସ୍ଥାରୁ ଏକ ସୀମିତ, ସଙ୍କୁଚିତ ବାତାବରଣରେ ନ ବଢ଼ାଇ ପୁଅକୁ ଯେଉଁ ପରିବେଶ ଦେଉଛନ୍ତି ସେଇ ବାତାବରଣ ଦିଅନ୍ତୁ। ତା'ର ପୂର୍ଣ୍ଣାଙ୍ଗ ବିକାଶ ଶାରୀରିକ, ମାନସିକ, ବୌଦ୍ଧିକ ସବୁ ଦିଗରୁ ଦୃଢ଼ ହୋଇପାରିବ। ମୁଖ୍ୟତଃ, ମାନସିକ ଭାବେ ଦୃଢ଼ ମହିଳା ଯେକୌଣସି ପରିସ୍ଥିତିକୁ ସହଜରେ ମୁକାବିଲା କରିପାରିବେ। କେବଳ ମହିଳାମାନଙ୍କ ଉପରେ ଅତ୍ୟାଚାର ନୁହେଁ, ବିବାହିତା ମହିଳା ନିଜର ପୁରୁଷ ସାଥୀଙ୍କୁ ଅସୁବିଧା ସମୟରେ ଅଧିକ କ୍ରିୟାଶୀଳ ହୋଇ ନୈତିକ, ମନସ୍ତାତ୍ତ୍ୱିକ



ଓ ଭାବନାତ୍ମକ ସହଯୋଗ ଦେଇପାରିବ।

ସମ୍ପୂର୍ଣ୍ଣ ବିଶ୍ୱକୁ ଆମେ ଚାରୋଟି ଭାଗରେ ଦେଖିପାରିବା। ପଶ୍ଚିମ ବିଶ୍ୱ ବା ମୁକ୍ତ ବିଶ୍ୱ। ଆମେରିକା ଓ ଅନ୍ୟ ବିକଶିତ ଦେଶସବୁ ଏହି ବିଶ୍ୱର ଅନ୍ତର୍ଗତ। ଦ୍ୱିତୀୟ ବିଶ୍ୱ ହେଲା ପୂର୍ବ ବିଶ୍ୱ- ୟୁରୋପ ଓ ଅନ୍ୟାନ୍ୟ ଉଦାରବାଦୀ ଦେଶ ସମୂହ। ତୃତୀୟ ବିଶ୍ୱ ଏସିଆ, ଆଫ୍ରିକା ଓ ୟୁରୋପର ଦୁଇ, ତିନୋଟି ଛୋଟ ଛୋଟ ଅନୁନ୍ନତ ଦେଶ। ଏହି ତୃତୀୟ ବିଶ୍ୱବର୍ଗରେ ରହିଛି ଭାରତବର୍ଷ । ଏମାନଙ୍କର ପ୍ରମୁଖ ବିଶେଷତ୍ୱ ହେଲା ଦୁର୍ବଳ ଅର୍ଥନୀତି, ସାମାଜିକ ବୈଷମ୍ୟ, ଅପରାଧ ପ୍ରବଣତା, ଦୁର୍ବଳ ନ୍ୟାୟ ବ୍ୟବସ୍ଥା, ଉପଯୁକ୍ତ ମାନବ ସମ୍ବଳର ଅଭାବ ଇତ୍ୟାଦି ଏପରି ଆହୁରି ଅନେକ ସମସ୍ୟା। ଏହି ବିକାଶଶୀଳ ଦେଶରେ ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣର ଅଶୀ ପ୍ରତିଶତ କେବଳ ଶିଶୁ କନ୍ୟା ଉପରେ ହୋଇଥାଏ। ନାରୀବାଦର ମୂଳ ଉଦ୍ଦେଶ୍ୟ ଭିତରୁ ଶିଶୁକନ୍ୟା ଓ ମହିଳା ମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ ଓ ଅତ୍ୟାଚାରକୁ ପ୍ରତିରୋଧ କରିବା ଏବଂ ବନ୍ଦ କରିବା । ସମାନ କାମ ପାଇଁ ମଜୁରି ପ୍ରଦାନ କ୍ଷେତ୍ରରେ ଥିବା ଅସମାନତାକୁ କମ୍ କରି ବା ହଟାଇ ମହିଳାଙ୍କୁ ତାଙ୍କ ଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରିବା ନାରୀବାଦର ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ।

ମହିଳା ଓ ପୁରୁଷଙ୍କ ଭିତରେ ତୁଳନା ଛଡ଼ା ଆମେ ଯଦି ଦୁଇଜଣ ପୁରୁଷଙ୍କୁ ପରସ୍ପରଙ୍କ ସହିତ ତୁଳନା କରିବା, ସେମାନଙ୍କର କ୍ଷମତା ଓ କାର୍ଯ୍ୟ ଦକ୍ଷତା ନିଶ୍ଚୟ ଭିନ୍ନ ହେବ କିନ୍ତୁ ସମାଜ ଉଭୟଙ୍କୁ ସମାନ ମର୍ଯ୍ୟାଦା ଦେଇଥାଏ (କେବଳ ପୁରୁଷ ଗୋଟିଏ ଜାତି ବୋଲି)। ପୁରୁଷ ପରି ନାରୀ ବି ଜଣେ ମଣିଷ (କେବଳ ଶାରୀରିକ ଗଠନ ପୁରୁଷଠୁ ଭିନ୍ନ)। ତେଣୁ ସମାନ ଦୃଷ୍ଟିଭଙ୍ଗୀରେ ତାକୁ ଦେଖିବା ପାଇଁ ଆହ୍ୱାନ କରେ ନାରୀବାଦ ଭଳି ଏକ ଆଦର୍ଶ ଓ ଶକ୍ତିଶାଳୀ ଚିନ୍ତାଧାରା। ପୁରୁଷ ପ୍ରଧାନ ବିଭାଗରେ ମୁଁ କାମ କରେ, ଯେଉଁ ବିଭାଗରେ କ୍ୱଚିତ ମହିଳା କର୍ମଚାରୀ ଦାୟିତ୍ୱ ନେବାକୁ ସହଜତାର ସହିତ ଗ୍ରହଣ କରନ୍ତି। ତଥାପି କେବଳ ମହିଳା ବୋଲି ମୋର ସାମର୍ଥ୍ୟକୁ ନେଇ ପ୍ରଶ୍ନ କରିଛନ୍ତି କିଛି ପୁରୁଷ ; ଯାହାର ମୁଁ କଡ଼ା ଜବାବ ରଖି ଆସିଛି ଆବଶ୍ୟକତା ଅନୁସାରେ ଓ ପରିସ୍ଥିତିକୁ ଦେଖି। ପୁରୁଷ ପରି ସବୁ ବର୍ଗର ମହିଳାଙ୍କୁ ସାଧୀନତା ମିଳୁ, ନିଜ ଇଚ୍ଛା ମୁତାବକ ବୃତ୍ତି ବା ରୁଚିକୁ ଚୟନ କରିବାକୁ । ଇଏ ବି ନାରୀବାଦର ଏକ ଡାକ।

ଆମେ ସମସ୍ତେ ଅନୁଭବିଛେ,ବର୍ତ୍ତମାନର ବଜାରଦର ସହିତ ତାଳଦେଇ ଏକ ସ୍ୱଚ୍ଛନ୍ଦ ଜୀବନ ଜିଇବାକୁ ହେଲେ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ରୋଜଗାରକ୍ଷମ ହେବାକୁ ହେବ। କାର୍ଯ୍ୟସ୍ଥଳୀରେ ଉଭୟଙ୍କୁ ସମାନ ସମୟ, ଶାରୀରିକ ଶ୍ରମ, ମାନସିକ କ୍ଷମତା ଓ ଚାପ ନେବାକୁ ପଡ଼ିଥାଏ। ତେଣୁ ଉଭୟଙ୍କୁ ଘର କାମ ଓ ବାହାର କାମ ଭାଗବଣ୍ଟା କରି କରିବା ଉଚିତ, ତା' ନ ହେଲେ ପରିବାରରେ ଦ୍ୱନ୍ଦ୍ୱ ହେବା ଖୁବ୍ ସ୍ୱାଭାବିକ। ମୋ ଅଭିଜ୍ଞତାରୁ କହୁଛି ମହିଳା ଜଣେ କର୍ମଜୀବୀ ହୋଇଥିଲେ ହେଁ ନିଜର ଦରମା ଗଣ୍ଡାକ ଉପରେ ତା'ର ଅଧିକାର ନ ଥାଏ, ସେ କିପରି ଖର୍ଚ୍ଚ କରିବ ବୋଲି। ଏମିତି କି ନିଜ ପାଇଁ ଖର୍ଚ୍ଚ କଲେ ତା'ର ହିସାବ ଦେବାକୁ ପଡ଼େ। ସ୍ୱାମୀଙ୍କ ଟଙ୍କା ତ ନ କହିବା ଭଲ। ମହିଳା ଜଣେ ଚାକିରି କରିବାର ଅନୁମତି ପାଇଲେ ମଧ୍ୟ ଫେରିବା ଟିକିଏ ଡେରି ହେଲେ ଅନେକ ପ୍ରଶ୍ନବାଚୀ। ନାରୀବାଦର ଏକ ସରଳ ଅର୍ଥ ହେଲା ପୁରୁଷ ଯେଉଁ ଲିଖିତ ଅଲିଖିତ ଅଧିକାର ଗୁଡ଼ିକ ପରିବାରରୁ, ସମାଜରୁ ପାଇ ଆସିଛି ନାରୀଟିଏକୁ ସେଇସବୁ ଅଧିକାର ସମାନ ଭାବରେ ମିଳୁ, ସେ ମଧ୍ୟ ଜଣେ ମଣିଷ, ଯେମିତି ପୁରୁଷ।

ଦେଶ କହିଲେ କେବଳ ସହରାଞ୍ଚଳ ନୁହେଁ। ସତୁରି ପ୍ରତିଶତ ଗ୍ରାମାଞ୍ଚଳ ଅଛି, ଯେଉଁଠି ଆଜି ମଧ୍ୟ ପୁରୁଷ ତୁଳନାରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟକୁ ସେତେଟା ଗୁରୁତ୍ୱ ଦିଆଯାଏ ନାହିଁ। ସେଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସେଇ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛନ୍ତି।

ନାରୀବାଦର ଅର୍ଥ ନୁହେଁ ପୁରୁଷକୁ ହୀନ ଦୃଷ୍ଟିରେ ଦେଖିବା, ତାକୁ ସମାଲୋଚନା କରିବା ବା ତା' ଉପରେ ଆଧିପତ୍ୟ ଦେଖାଇବା। ପୁରୁଷର ଗୁରୁତ୍ୱ ତା' ଜାଗାରେ ବଳବତ୍ତର ଥାଉ। କେବଳ ନାରୀକୁ ଉପଯୁକ୍ତ ସମ୍ମାନ ମିଳୁ, ଯେଉଁଥିରେ ସେ ପ୍ରକୃତ ହକ୍‌ଦାର। ଯେଉଁଠି କିଛି ବ୍ୟବଧାନ ଅଛି ତାକୁ ମିଳିମିଶି ପୂରଣ କରିବା ଆସନ୍ତୁ। ଏକ ଶକ୍ତିଶାଳୀ ଓ ଉନ୍ନତ ସମାଜ ଗଠନରେ ଭାଗୀଦାର ହୁଅନ୍ତୁ। ଶକ୍ତିଶାଳୀ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତାକୁ ଆମେ କେହି ଅସ୍ୱୀକାର କରିପାରିବା ନାହିଁ। କିନ୍ତୁ ସେମାନେ ଦୁର୍ବଳ, ଶୋଷିତ, ନିର୍ଯାତିତ, ଅବହେଳିତ ହୋଇ ରହିଲେ କିପରି ନିଜ ଦାୟିତ୍ୱ ଠିକ୍ ଭାବେ ବହନ କରିପାରିବେ? ଯିଏ ନିଜ ଅସ୍ତିତ୍ୱକୁ ନେଇ ସନ୍ଦିହାନ ଥିବ, ତା' ପାଇଁ ଶତ୍ରୁ କିଏ ମିତ୍ର କିଏ? ଆପଣାର କିଏ, ପର କିଏ? ସମାଜର ପଚାଶ ପ୍ରତିଶତ ଲୋକ ଯଦି ବିଭିନ୍ନ କାରଣରୁ ଆଗକୁ ବଢ଼ି ନ ପାରିବେ ତେବେ ବିଶ୍ୱର ଅନ୍ୟ ଭାଗ ତୁଳନାରେ ଆମ ଦେଶ ଗୋଟିଏ ପାଦରେ ଆଗକୁ ଜୋରରେ ବଢ଼ିପାରିବ ତ?

ମୋ:୭୮୯୪୧୦୪୪୯୪

# ପ୍ଲାଷ୍ଟିକ ପ୍ରଦୂଷଣ ବଳୟରେ ବିଶ୍ୱ



ନିକୁଞ୍ଜ ବିହାରୀ ସାହୁ

ଆମର ଚଳିତ ସଭ୍ୟତାର ପ୍ରଗତି ଓ ବିକାଶ ପଛରେ ଯେ ପ୍ଲାଷ୍ଟିକର ପ୍ରମୁଖ ଭୂମିକା ରହିଛି ଏଥିରେ ଦ୍ୱିମତ ନାହିଁ।ପ୍ଲାଷ୍ଟିକର ଅନେକ ଉପକାରୀ ଧର୍ମ ସତ୍ତ୍ୱେ ଏହାର ଏକ ବଡ଼ ପ୍ରତିକୂଳ ପ୍ରଭାବ ହେଉଛି ଏହା ଜୈବ ବିଘଟନଶୀଳ ନୁହେଁ; ଅର୍ଥାତ ପରିବେଶରେ ଏହାର ଜୀବନକାଳ ଅତିଶୟ ଦୀର୍ଘ ହୋଇଥିବାରୁ ଏହା ବିଘଟିତ ହୋଇ ମାଟିରେ ମିଶିପାରେ ନାହିଁ।ସୁତରାଂ ପ୍ଲାଷ୍ଟିକ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ବୈଜ୍ଞାନିକମାନଙ୍କ ପାଇଁ ଆହ୍ୱାନ ପାଲଟି ଯାଇଛି।ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସଂଶ୍ଳେଷିତ ପ୍ଲାଷ୍ଟିକ ୧୯୦୭ ମସିହାରେ ବେଲଜିୟମର ଲିଓ ବେକେଲାଣ୍ଡ ନାମକ ବୈଜ୍ଞାନିକ ପ୍ରସ୍ତୁତ କରି ପ୍ୟାଟେଣ୍ଟ ହାସଲ କରିଥିଲେ।

ବିଗତ ୧୯୫୦ ଦଶକରୁ ୨୦୧୮ ମସିହା ମଧ୍ୟରେ ବିଶ୍ୱରେ ସମୁଦାୟ ୬୩୦ କୋଟି ଟନ୍ ପ୍ଲାଷ୍ଟିକ ପ୍ରସ୍ତୁତ ହୋଇସାରିଛି। ୨୦୧୯ ମସିହା ସୁଦ୍ଧା ବିଶ୍ୱରେ ପ୍ରତି ବର୍ଷ ୩୬.୫ କୋଟି ଟନ୍ ପ୍ଲାଷ୍ଟିକ ଉତ୍ପାଦିତ ହେଉଛି।ଏଥିମଧ୍ୟରୁ ସର୍ବାଧିକ ୫୧% ଭାଗ ଉତ୍ପାଦିତ ହେଉଛି ଏସିଆ ମହାଦେଶରେ।ଚାଇନା ହେଉଛି ବିଶ୍ୱର ସର୍ବାଧିକ ପ୍ଲାଷ୍ଟିକ ଉତ୍ପାଦନକାରୀ ରାଷ୍ଟ୍ର।ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକରେ ସମୁଦାୟ ଉତ୍ପାଦନର ପ୍ରାୟ ୫୦% ଭାଗ ପ୍ଲାଷ୍ଟିକ ପ୍ୟାକେଜିଙ୍ଗ କ୍ଷେତ୍ରରେ ବ୍ୟବହୃତ ହୁଏ।ଦିନକୁଦିନ ପ୍ଲାଷ୍ଟିକର ଉତ୍ପାଦନ ବୃଦ୍ଧି ପାଉଥିବାରୁ ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ସୁଦ୍ଧା ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ ଉତ୍ପାଦନର ପରିମାଣ ପ୍ରତି ବର୍ଷ ୧୧୦ କୋଟି ଟନ୍ ଅଙ୍କକୁ ଅତିକ୍ରମ କରିଯିବ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ ଉତ୍ପାଦନର ମାତ୍ର ୯% ଭାଗ ପୁନଃଚକ୍ରୀକରଣ ହେଉଥିଲାବେଳେ କେବଳ ୧୨% ଭାଗକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରିଦିଆଯାଏ।ଏ କ୍ଷେତ୍ରରେ ଆଉ ଏକ ସମସ୍ୟା ହେଲା, ଏବକାର ବ୍ୟସ୍ତବହୁଳ ଜୀବନଶୈଳୀରେ ମାତ୍ର ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକର ବହୁଳ ପ୍ରସାର।

ପୃଥିବୀର ସ୍ଥଳଭାଗରେ ପ୍ଲାଷ୍ଟିକ ପ୍ରଦୂଷଣର ପଦଚିହ୍ନ ସୁସ୍ପଷ୍ଟ।ପ୍ଲାଷ୍ଟିକ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବଜନ୍ତୁ ଭକ୍ଷଣ କରିଥାନ୍ତି।ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହର୍ମୋନ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ, ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ଅଭିବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ।ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଜଣାଯାଏ। ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟି ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି ।

ପୃଥିବୀର ସମୁଦ୍ର ଓ ମହାସମୁଦ୍ର ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ରରେ ଆବର୍ଜନା ରୂପେ



ମିଶିଥାଏ ।ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ।୨୦୧୩ ମସିହା ସୁଦ୍ଧା ପୃଥିବୀର ସମୁଦ୍ରରେ ପ୍ରାୟ ୮୬୦ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶିଛି।ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି।ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲ୍‌ଫିନ, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଞ୍ଚାରିତ ହୁଏ।ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସେମାନଙ୍କ ମୃତ୍ୟୁ ଘଟେ।ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି।

ଜଳ ଓ ସ୍ଥଳ ପ୍ରଦୂଷଣ ବ୍ୟତୀତ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଜଳବାୟୁ ପରିବର୍ତ୍ତନର ଧାରା ତ୍ୱରାନ୍ୱିତ ହେଉଛି। ଅଶୋଧିତ ପେଟ୍ରୋଲିୟମରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଗୃହ ଗ୍ୟାସ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ହୁଏ।ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ଅନେକ ସବୁଜଗୃହ ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ।୨୦୧୯ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଗୃହ ଗ୍ୟାସ ଉତ୍ସର୍ଜିତ ହୋଇଛି।ଆଗାମୀ ୨୦୫୦ ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଗୃହ ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଏହି ବିପୁଳ ସବୁଜଗୃହ ଗ୍ୟାସ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

ତେବେ ଆମେ ଏବେଠୁ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରତିକାର ଚିନ୍ତା କରିବା ଉଚିତ। ଆଗାମୀ ଦିନରେ ବ୍ୟବହାର ହ୍ରାସ, ପୁନଃଚକ୍ରୀକରଣ ଓ ପୁନଃବ୍ୟବହାର ଆମର ମୂଳ ମନ୍ତ୍ର ହେବା ଉଚିତ। ଏହାଦ୍ୱାରା ବିଶ୍ୱକୁ ପ୍ଲାଷ୍ଟିକର ବିଷାକ୍ତ ବଳୟରୁ ରକ୍ଷାକରି ଏକ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିହେବ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବାକୁ ପଡିବ।ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ ପରିବର୍ତ୍ତେ କନା ବ୍ୟାଗ ବ୍ୟବହାର କରିବାକୁ ହେବ। ବୈଜ୍ଞାନିକଙ୍କୁ ଅଣବିଘଟନଶୀଳ ପ୍ଲାଷ୍ଟିକ ପରିବର୍ତ୍ତେ ଜୈବବିଘଟନଶୀଳ ତଥା ମାଟିରେ ସହଜରେ ମିଶି ପାରୁଥିବା ନୂତନ ପ୍ଲାଷ୍ଟିକ ବିକଶିତ କରିବାକୁ ହେବ।ଅଦରକାରୀ ପ୍ଲାଷ୍ଟିକ ସାମଗ୍ରୀକୁ ଫିଙ୍ଗି ନ ଦେଇ ସେଥିରୁ ପୁନଃଚକ୍ରୀକରଣ ପଦ୍ଧତିରେ ନୂତନ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତ କରିବାକୁ ପଡ଼ିବ।ଆହୁରି ମଧ୍ୟ ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକ ପଦାର୍ଥକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହେବ।

**ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମୋ: ୮୦୧୮୭୦୮୮୫୮**

## ଏଇ ଭାରତରେ

କେରଳର ଥାଟେକ୍କଡ ପକ୍ଷୀ ଅଭୟାରଣ୍ୟ ନିକଟରେ ବହିଯାଉଛି ପେରିୟାର ନଦୀ। ୨୦୦୯ରେ ଏହି ନଦୀରେ ଏକ ଡଙ୍ଗାବୁଡ଼ିଯିବା ଯୋଗୁ ୧୫ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା ଏବଂ ଘଟଣା ଜଣେ ସ୍ଥାନୀୟ ଫର୍ନିଚର ଦୋକାନୀ ସାଜି ଭାଲାସେରୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ଛୋଟ ପିଲାଙ୍କୁ ମାଗଣାରେ ପହଁରା ଶିଖାଇବା ଆରମ୍ଭ କରିଦେଇଥିଲେ। ସେ ପ୍ରଥମେ ପେରିୟାର ନଦୀରେ ତାଙ୍କର ଏବଂ ତାଙ୍କ ସାଙ୍ଗଙ୍କ ପିଲାଙ୍କୁ ପହଁରା ଶିଖାଇବା ଆରମ୍ଭ କରିଥିଲେ । ପରେ ଆଖପାଖରେ ଥିବା ପିଲାଙ୍କୁ ଏଥିରେ ସାମିଲ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନଦୀ ନିକଟରେ ପହଁରା ଶିଖିବା ଲାଗି ପିଲା ଓ ବୟସ୍କମାନେ ଭିଡ଼ ଜମାଇଥିଲେ। ତାଙ୍କର ଛୋଟ ପଦକ୍ଷେପଟି ଏବେ ବଡ଼ ଆକାର ଧାରଣ କରିଛି। ସାଜି 'ଭାଲେସେରିଲି ରିଭର୍ ସୁଇମିଂ କ୍ଲବ୍'ଗଠନ କରି ଏବେ ସୁଦ୍ଧା ୧୦,୦୦୦ ଲୋକଙ୍କୁ ପହଁରା ଶିଖାଇସାରିଲେଣି ; ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୨୦୦୦ ପିଲା। ୧୦ ଜଣ ଦିବ୍ୟାଙ୍ଗ ପିଲା ମଧ୍ୟ ପହଁରା ଶିଖି ନଦୀପାର ହେବାକୁ ସକ୍ଷମ ହୋଇପାରିଛନ୍ତି। ମାତ୍ର ୧୬ ଦିନ ମଧ୍ୟରେ ଜଣେ ବ୍ୟକ୍ତି ପହଁରା ଶିଖି ପାଣି ପ୍ରତି ଭୟ ଦୂର କରିବାରେ ସକ୍ଷମ ହେଉଛନ୍ତି ବୋଲି କହନ୍ତି ୬୦ ବର୍ଷୀୟ ସାଜି। ପ୍ରତିଦିନ ସକାଳ ହେଲେ ପେରିୟାର ନଦୀକୂଳରେ ଲୋକଙ୍କ ଭିଡ଼ ଜମୁଛି ଏବଂ ଏହାକୁ ଦେଖି ସାଜିଙ୍କୁ ସହଯୋଗ କରିବାକୁ ଅନେକ ସ୍ୱେଚ୍ଛାସେବୀମାନେ କ୍ଲବରେ ଯୋଗଦେଇଛନ୍ତି। ପ୍ରତିବର୍ଷ କ୍ଲବ ମାଧ୍ୟମରେ ସାଜି ୧ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପହଁରା ଶଖାଉଛନ୍ତି। ବିଶେଷକରି ନଭେମ୍ବରରୁ ମେ ମଧ୍ୟରେ ଏହି ପ୍ରଶିକ୍ଷଣ ଚାଲୁଛି। ଏହାସହ ସେ ମଧ୍ୟ ଏହା ଉପରେ କେରଳର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି।

## ଚିରନ୍ତନୀ

ତଥାପି ନମଇଁ ତୋରେ
ହେ ନିର୍ଜୀବ କର୍କଶ ପାଷାଣ
ଘନୀଭୂତ ଏଥି ଯେଣୁ
କେତେ ପୁଣ୍ୟ ଶିଳ୍ପୀର ପରାଣ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଅଧୁରା

ମହାଶୟ,

ଓଡ଼ିଶାର ମାଲକାନଗିରି ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଅଞ୍ଚଳରେ ବିଦ୍ୟୁତ ନ ରହିଲେ ଜିଓ ମୋବାଇଲ ନେଟ୍‌ୱର୍କ ଅଚଳ ହୋଇପଡୁଛି। ଶିକ୍ଷା ଓ ଅନ୍‌ଲାଇନ ସେବା ଉପରେ ପ୍ରଭାବ ପକାଉଛି। ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ଇଣ୍ଟରନେଟ ଅପରିହାର୍ଯ୍ୟ ହୋଇଛି, ସେଠାରେ ଏହି ଆଦିବାସୀ ଅଧ୍ୟୁଷିତ ଜିଲାରେ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଅଧୁରା ରହିଯାଇଛି। ବର୍ତ୍ତମାନ ଅନ୍‌ଲାଇନ ଆଡ୍‌ମିଶନ ପ୍ରକ୍ରିୟା ଚାଲୁଥିବା ବେଳେ, ନେଟ୍‌ୱର୍କ ଅଭାବ ଯୋଗୁଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଫର୍ମ ପୂରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଛାତ୍ରୀଛାତ୍ରଙ୍କ ମନୋବଳ ହ୍ରାସ କରୁଛି ଏବଂ ସମୟ ନଷ୍ଟ କରୁଛି। ଅନେକ ଛାତ୍ରୀଛାତ୍ର ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ଶିକ୍ଷା ଗ୍ରହଣ କରୁଥିବା ବେଳେ, ବିଦ୍ୟୁତ କଟିବା ସେମାନଙ୍କ ଶିକ୍ଷାକୁ ବ୍ୟାହତ କରୁଛି। ଏହା ବ୍ୟତୀତ ସ୍ଥାନୀୟ ବାସିନ୍ଦା ଅନ୍‌ଲାଇନ ବ୍ୟାଙ୍କିଙ୍ଗ, ଡିଜିଟାଲ ପେମେଣ୍ଟ, ସରକାରୀ ସେବା ପୋର୍ଟାଲ ଓ ଅନ୍ୟାନ୍ୟ ଅନ୍‌ଲାଇନ ସୁବିଧା ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀ ଏହି ସମସ୍ୟାର ତୁରନ୍ତ ସମାଧାନ ଦାବି କରୁଛନ୍ତି। ସେମାନେ ମୋବାଇଲ ଟାୱାର ସଂଖ୍ୟା ବୃଦ୍ଧି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଅନ୍‌ଲାଇନ ସେବା ପାଇଁ ସ୍ଥାନୀୟ ସହାୟତା କେନ୍ଦ୍ର ସ୍ଥାପନ କରିବାକୁ ଅନୁରୋଧ କରୁଛନ୍ତି। ଏହା ସହିତ, ସୌର ଶକ୍ତି ଆଧାରିତ ମୋବାଇଲ ଟାୱାର ଓ ବ୍ୟାକଅପ ପାୱାର ସିଷ୍ଟମ ସ୍ଥାପନ କରାଯାଇ ବିଦ୍ୟୁତ ସମସ୍ୟାକୁ ଦୂର କରାଯାଉ। ସ୍ଥାନୀୟ ପ୍ରଶାସନ ଓ ଟେଲିକମ କମ୍ପାନୀଗୁଡ଼ିକ ମିଳିତ ଭାବେ ଏକ ଟାସ୍କ ଫୋର୍ସ ଗଠନ କରି ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ଉଚିତ।

**-ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡ୍ରେନେଜ୍ ସମସ୍ୟା ଦୂର ଆଶା ଉଜ୍ଜୀବିତ

ଜଗତ୍‌ସିଂହପୁର,୩୦।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହରରେ ଡ୍ରେନ୍ ସମସ୍ୟା ନେଇ ଦୀର୍ଘବର୍ଷ ଧରି ଅସନ୍ତୋଷ ଲାଗି ରହିଛି। ଜବରଦଖଲ ଓ ଉପଯୁକ୍ତ ଯୋଜନାର ଅଭାବରୁ ବିଶେଷକରି ବର୍ଷାଦିନେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଆଉ କିଛି ବର୍ଷ ଭିତରେ ଏହି ସମସ୍ୟା ରହିବ ନାହିଁ ଆଶା ଉଜ୍ଜୀବିତ ହୋଇଛି। ଏଥିମଧ୍ୟରେ ଡ୍ରେନେଜ୍ ମାଷ୍ଟର ପ୍ଲାନ ପାଇଁ ୧.୭୫ କୋଟି ଟଙ୍କା ଅନୁଦାନ ଆସିଛି। ଏହି କାର୍ଯ୍ୟ ପାଇଁ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଲୋକାଲ ସେଲ୍ଫ ଗଭର୍ଣ୍ଣମେଣ୍ଟ ନାମକ ସଂସ୍ଥା ଟେଣ୍ଡର ପାଇଛି। ଖୁବଶୀଘ୍ର ଏହି ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯିବ। ତା'ପରେ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଥମେ ଜଗତ୍‌ସିଂହପୁର ସହରରେ ଥିବା ଡ୍ରେନ୍‌ଗୁଡ଼ିକର ସଂଖ୍ୟା ଓ ଅବସ୍ଥିତି ଆଦି ଉପରେ ସର୍ବେକ୍ଷଣ କରାଯିବ। ଡିଫରେନ୍‌ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଡିଜିପିଏସ) ଓ ଡ୍ରୋନ୍ ମାଧ୍ୟମରେ ସହରର ଉଚ୍ଚ ଓ ନୀଚ ଅଞ୍ଚଳ ସର୍ବେକ୍ଷଣ କରାଯାଇ କେଉଁ କୁଆଡ଼େ ଡ୍ରେନ୍ କରାଗଲେ ଭଲ ହେବ ତା'ଉପରେ ଚିନ୍ତା କରାଯିବ। ଡ୍ରାଫ୍ଟ ମାଷ୍ଟର ପ୍ଲାନ ପ୍ରସ୍ତୁତି ପରେ ଲୋକମାନଙ୍କ ଅଭିଯୋଗ ଶୁଣାଣି ଓ ପରେ ଚୂଡ଼ାନ୍ତ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ। ଏପରି କି ସ୍ଥାୟୀ ଡ୍ରେନେଜ୍ ସିଷ୍ଟମ ପାଇଁ ଜମି ଅଧିଗ୍ରହଣ କରାଯାଇପାରେ। ଗତ ୨ ବର୍ଷ ଭିତରେ ଏହି ପ୍ଲାନ ପ୍ରସ୍ତୁତ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦେଢ଼ କୋଟି ଟଙ୍କା ଆସିଥିଲା। କିନ୍ତୁ ଏହି ଟଙ୍କାରେ ଯୋଜନା ପ୍ରସ୍ତୁତ ପରିବର୍ତ୍ତେ ପୁରୁଣା ଛୋଟ ଡ୍ରେନ୍‌ଗୁଡ଼ିକ ଉପରେ ସ୍ଲାବ୍ ଆଦି ପକାଯାଇ ଅନୁଦାନର ସିଂହଭାଗ ଖର୍ଚ୍ଚ କରାଯାଇଥିଲା, ଯାହା କିମ୍ବଦନ୍ତୀ ଜଣାପଡ଼ିଥିଲା। ଏବେ ପୁଣି ଅନୁଦାନ ଆସିଥିବାରୁ ଏହାର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥିତିରେ ଯୋଜନା ପ୍ରସ୍ତୁତ ଓ ସ୍ଥାୟୀ ଡ୍ରେନ୍ ନିର୍ମାଣ ପାଇଁ କେତେବର୍ଷ ଲାଗିବ ତାହା ସମୟ କହିବ।

ଜଗତ୍‌ସିଂହପୁର ସହରରେ ଯାଇଥିବା ଏକାଧିକ ଛୋଟବଡ଼ ଡ୍ରେନ୍ ମଧ୍ୟରୁ ନାଗପୁର, ପାଣିଶାଳିଆ ଓ ମାଧପୁର ଅନ୍ୟତମ। ନାଗପୁର ଡ୍ରେନ୍ ଜଗତ୍‌ସିଂହପୁରରୁ ନାଗପୁର ପର୍ଯ୍ୟନ୍ତ ଲମ୍ବିଥିବାବେଳେ ସେଥିରୁ ୩ କିଲୋମିଟର ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି। ଏହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତାର ଅପରପାର୍ଶ୍ୱରୁ ବାହାରି ଟାଉନ ହଲ୍ ଛକ-ସିପି-ଖେଉରସ ମୌଜା ଦେଇ ପୁରୋହିତପୁର ପାଖ ନାଳରେ ପଡ଼ିଛି। ଜଗତ୍‌ସିଂହପୁର ସହରରେ ଏହି ଡ୍ରେନ୍‌ର ଓସାର ପାଖାପାଖି ୩୦ ଫୁଟ୍ ହେବ ବୋଲି କୁହାଯାଉଥିବାବେଳେ ବାସ୍ତବରେ କିନ୍ତୁ ଏହା ଜବରଦଖଲ କାରଣରୁ ସଙ୍କୁଚିତ ହୋଇଯାଇଛି। ଏବେ ଏହାର ଓସାର ମାତ୍ର ୫/୬ ଫୁଟ ଭିତରେ ଥିବା କୁହାଯାଉଛି। ସେହିପରି ପାଣିଶାଳିଆ ଡ୍ରେନ୍‌ର ଦୈର୍ଘ୍ୟ ପାଖାପାଖି ୧.୫ କିଲୋମିଟର ହେବ। ଏହା ସହରରେ ଥିବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନିକଟରୁ ବାହାରି ବଦ୍ଧକୁଣ୍ଡ, ଟାଉନ ହଲ୍ ଛକ ଦେଇ ପାଣିଶାଳିଆ ଅଫୁଆଁସିଆ ପର୍ଯ୍ୟନ୍ତ ଲମ୍ବିଛି। ଏହି ଡ୍ରେନ୍ ମଧ୍ୟ ଜବରଦଖଲ ହୋଇଛି। ମାଧପୁର ଡ୍ରେନ୍‌ର ଲମ୍ୱ ପାଖାପାଖି ୨ କିଲୋମିଟର ହେବ। ଏହି ଡ୍ରେନ୍‌କୁ କମ ସ୍ଥାନ ଜବରଦଖଲ ହୋଇଥିଲେ ମୁଖ୍ୟ ଆପାତତଃ ଭଲ ସ୍ଥିତିରେ ଅଛି। ଏସବୁ ଡ୍ରେନ୍ ଦୀର୍ଘ ବର୍ଷ ଧରି ଜବରଦଖଲ ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ନାଗପୁର ଡ୍ରେନ୍‌ଟି ସବୁଠାରୁ ଅଧିକ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ଜବରଦଖଲ ସାଙ୍ଗକୁ ବ୍ୟବସାୟୀମାନେ ଏଥିରେ ଆବର୍ଜନା ପକାଉଥିବାରୁ ପୂର୍ଣ୍ଣରୂପେ ନାଗ ଫାଟି ପଡ଼ୁଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମଧ୍ୟ ସଫେଇ ଠିକଭାବେ ହେଉନାହିଁ। ଅନ୍ୟପଟେ ଜଗତ୍‌ସିଂହପୁର ପୌର ପରିଷଦ ୱାର୍ଡ ନଂ. ୨ରୁ ଆରମ୍ଭ କରି ଅନ୍ୟ ୱାର୍ଡ ଦେଇ ଯାଇଥିବା କେନାଲ ପାର୍ଶ୍ୱରେ ଥିବା ଡ୍ରେନ୍ କେନାଲ ସରକାରୀ ଜମିକୁ ଅନେକ ବ୍ୟକ୍ତି ନିଜ ଦଖଲକୁ ନେଇ ପୋତି ଚାଲିଛନ୍ତି। ସେହିପରି କେନାଲ ଦେଇ ଜଳ ନିଷ୍କାସନ ହୋଇପାରୁଥିଲା ଏବେ ଏହା ପୋତାଯିବା ପରେ ପରିସ୍ଥିତି ଜଟିଳ ରୂପ ନେଇଛି। ଯେଉଁମାନଙ୍କ ଜମି ନିଚ୍ଚା ଏବଂ ଆଗରେ ଚିତ୍ରକାର ରହିଛି ସେମାନଙ୍କ ଘରେ ଏବେ ପାଣି ପଶୁଛି। ନିଷ୍କାସନ କିମ୍ବା ଜଳ ପ୍ରବାହ ସମ୍ଭବ ହେଉ ନ ଥିବାରୁ ଏହି ପରିବାରଗୁଡ଼ିକ ଏକ ପ୍ରକାର ଜଳବନ୍ଦୀ ହୋଇ ରହୁଛନ୍ତି। ବଡ଼ବଜାର, ଲାଲା ସାହି ସମେତ ସହରର ଅନେକ ଅଞ୍ଚଳରେ ଡ୍ରେନ୍ ନାହିଁ କହିଲେ ଚଳେ। ଯେଉଁଠି ଅଛି ସେଗୁଡ଼ିକ ମଧ୍ୟ ଅଧିକାଂଶରେ ଜଳ ନିଷ୍କାସନ ସମସ୍ୟା ରହିଛି। ଏ ପରିସ୍ଥିତିରେ ଡ୍ରେନେଜ୍ ମାଷ୍ଟର ପ୍ଲାନ୍‌ର ଆବଶ୍ୟକତା ଜରୁରୀ। ଏ ସମ୍ପର୍କରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲୋକାଲ ସେଲ୍ଫ ଗଭର୍ଣ୍ଣମେଣ୍ଟ ପକ୍ଷରୁ କୁହାଯାଇଛି ପରିଷଦ ନେତୃତ୍ୱରେ କାମ ହେବ। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ କାର୍ଯ୍ୟ ଯୋଜନା ବାବଦ ପାଇଁ କୁହାଯାଇଥିବାରୁ ଏହା ଦାଖଲ କରିଛି। ପରିଷଦ ସହ ରାଜିନାମା ପରେ କାମ ଆରମ୍ଭ ହେବ। ସହରରେ ପୂର୍ତ୍ତ, ଜାତୀୟ ରାଜପଥ, ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ, ବିଏସ୍‌ଏନ୍‌ଏଲ୍ ଆଦି ଯେଉଁସବୁ ସଂସ୍ଥାର ଭିତ୍ତିଭୂମି ଅଛି ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କ ସମନ୍ୱୟରେ କାମ ଆଗେଇବ। ସର୍ବେକ୍ଷଣ ପରେ ସ୍ଥାୟୀ ଡ୍ରେନେଜ୍ ସିଷ୍ଟମ୍ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତା'ଉପରେ ଆକଳନ ସହ ବିଭିନ୍ନ ଦିଗକୁ ନେଇ ଯୋଜନା ପ୍ରସ୍ତୁତ ହେବ। ପୁରୀ ଜିଲ୍ଲାର ଅଠରନଳାରୁ ବ୍ରହ୍ମଗିରି ମଧ୍ୟରେ ଯେଉଁଭଳି ଡ୍ରେନେଜ୍ ସିଷ୍ଟମ ହୋଇଛି ସେଭଳି କରାଯାଇପାରେ। ଅର୍ଥାତ୍ ଛାଡ଼ିବା ଡ୍ରେନ୍ ଜଳକୁ ଟ୍ରିଟମେଣ୍ଟ କରାଯାଇ ଚାଷ ଓ ଫ୍ୟାକ୍ଟ୍ରି ଆଦିରେ ବ୍ୟବହାର ପାଇଁ ଯୋଜନା କରାଯିବ। ଏ ସମ୍ପର୍କରେ ଜଗତ୍‌ସିଂହପୁର ମ୍ୟୁନିସିପାଲିଟି ଇଞ୍ଜିନିୟର (ଏମ୍‌ଇ) ମାନସ ରଞ୍ଜନ ପାଲ କହିଛନ୍ତି, ପରିଷଦ ସମ୍ମିଳନୀ କକ୍ଷରେ ଗତ ମାର୍ଚ୍ଚ ୨୩ ତାରିଖରେ ବୈଠକ ହୋଇଥିଲା ଓ ଠିକା ସଂସ୍ଥା ଯୋଜନା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମୟରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପରିଷଦ ନିର୍ବାହୀ ଅଧିକାରୀ ସାମା ଜେନା, ଉପାଧ୍ୟକ୍ଷ ଓ ପାରିଷଦମାନେ ଉପସ୍ଥିତ ଥିଲେ। ତେବେ ଯୋଜନା ପ୍ରସ୍ତୁତ ସହ ସ୍ଥାୟୀ ଡ୍ରେନ୍ ହେଲେ ଏହା ଜଗତ୍‌ସିଂହପୁରବାସୀଙ୍କ ଦୀର୍ଘ ବର୍ଷର ସମସ୍ୟା ଦୂର କରିପାରିବ ବୋଲି ସେ କହିଛନ୍ତି।


ଡ୍ରେନେଜ ସମସ୍ୟା ଯୋଗୁ ବଡ଼ବଜାର ମୁଖ୍ୟ ରାସ୍ତାରେ ପାଣି ଜମିଛି।

**ଜଗତ୍‌ସିଂହପୁର ସହର ଜଳ ନିଷ୍କାସନ ସମସ୍ୟା**
- ■ ୧.୭୫ କୋଟିରେ ହେବ ଡ୍ରେନେଜ୍ ମାଷ୍ଟର ପ୍ଲାନ
- ■ ବିଭାଗୀୟ ସମନ୍ୱୟ ଓ ଜବରଦଖଲ ହଟାଇବା ମୁଖ୍ୟ ଚ୍ୟାଲେଞ୍ଜ

# ୧୩୮ ଭେଣ୍ଡିଆ ହିତାଧିକାରୀ ଚିହ୍ନଟ

ଆଳି,୩୦।୫(କମଳାକାନ୍ତ ସେନାପତି)

- ■ ଅରଗଳ ପଞ୍ଚାୟତରେ ଅଯୋଗ୍ୟଙ୍କୁ ଭତ୍ତା ଘଟଣା
- ■ ୭୧ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଭତ୍ତା

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅରଗଳ ପଞ୍ଚାୟତରେ ହୋଇଥିବା ଭତ୍ତା ଅନିୟମିତତା ଘଟଣାରେ ୧୩୮ ଅଯୋଗ୍ୟ ହିତାଧିକାରୀ ଧରା ପଡ଼ିଥିବା ବେଳେ ୭୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଶନିବାର ଭତ୍ତା ମିଳିବ ବୋଲି ବ୍ଲକ୍ ପକ୍ଷରୁ ସୂଚନା ମିଳିଛି। ଅରଗଳ ପଞ୍ଚାୟତରେ ୨୦୨୪ ଫେବୃଆରୀ ମାସରେ ୩୦୩ ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଥିଲା। ସେମାନଙ୍କ ମଧ୍ୟରେ ଅନେକ ଅଯୋଗ୍ୟ ହିତାଧିକାରୀ ଥିବା ନେଇ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ୧୧ ଜଣ ଭିନ୍ନକ୍ଷମ ଓ ୫ ବିଧବା ମହିଳାଙ୍କୁ ଭତ୍ତା ଦେଇ ୨୮୨ ଜଣଙ୍କ ଭତ୍ତା ବନ୍ଦ କରାଯାଇ ତଦନ୍ତ ପ୍ରକ୍ରିୟା ଚାଲୁ ହୋଇଥିଲା। ତଦନ୍ତରୁ ଜାଲ ସ୍କୁଲ ସାର୍ଟିଫିକେଟରେ ବୟସ ବଢ଼ାଇ ଭତ୍ତା ହାତେଇଥିବା ୧୩୮ ଜଣ ହିତାଧିକାରୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଆଧାର କାର୍ଡ ମାଧ୍ୟମରେ ବୟସ ବୃଦ୍ଧି କରି ଭତ୍ତା ନେଉଥିବା ୭୯ ହିତାଧିକାରୀଙ୍କ ଅଧିକ ତଦନ୍ତ ନିମନ୍ତେ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ଦିଆଯାଇଛି। ୪ ଜଣ ହିତାଧିକାରୀଙ୍କ ତଦନ୍ତ ପ୍ରକ୍ରିୟା ଏବେ ବି ଜାରି ରହିଥିବା ବେଳେ ୭୧ ଯୋଗ୍ୟ ହିତାଧିକାରୀଙ୍କୁ ଶନିବାର ଦିନ ଭତ୍ତା ମିଳିବ ବୋଲି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।


## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-27: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୩୦।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ସମ୍ବଲପୁର ଜିଲ୍ଲାରେ ତା୦୨।୦୬।୨୦୨୫ରିଖ (ସୋମବାର) ଦିନ ଶୀତଳ ଷଷ୍ଠୀ ଉପଲକ୍ଷେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଥିବାରୁ ଯୁଗ୍ମ ଅଭିଯୋଗ ଶୁଣାଣି ତା୦୨।୦୬।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା୦୩।୦୬।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଯୁଗ୍ମ ଶୁଣାଣି କାର୍ଯ୍ୟକ୍ରମ ତା୦୨।୦୬।୨୦୨୫ରିଖ (ସୋମବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0133/2526


# ସରକାର ବଦଳିବା ପରେ କମ୍ପାନୀ ଉପରେ ବ୍ୟବସାୟିକ ପ୍ରଭାବ


ଜିପ୍‌ସମର ଡିଲର ଓ ଲୋଡିଂ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ପାରାଦୀପ,୩୦।୫(ଶରତ ରାଉତ)

**ଜିପସମ ପରିବହନକୁ ନେଇ ଆରୋପ ପ୍ରତ୍ୟାରୋପ**

ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍ (ପିପିଏଲ୍)କମ୍ପାନୀର ବର୍ଜ୍ୟବସ୍ତୁ ଜିପ୍‌ସମ୍ ପରିବହନକୁ ନେଇ ପାରାଦୀପରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ପାରାଦୀପର ଜଣାଶୁଣା ଶ୍ରମିକ ନେତା ତଥା ବିଜେଡିର ଅରିନ୍ଦମ ସର୍ଖେଲ (ବାପି)ଗତ ୨୭ରେ ଫେସ୍‌ବୁକ ଲାଇଭ କରିଥିଲେ। ସେଥିରେ ସେ ପିପିଏଲ୍ କମ୍ପାନୀର ଜିପସମ୍ ପରିବହନକୁ ନେଇ ଅଭିଯୋଗ କରିଥିଲେ। ଯେଉଁଥିରେ ସେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ବ୍ୟବସାୟିକ ଫାଇଦା ନେଉଥିବା ଅଭିଯୋଗ କରିଥିଲେ। ତାଙ୍କ ମତରେ ପିପିଏଲ୍ କମ୍ପାନୀ ଗତ ନିର୍ବାଚନ ପୂର୍ବରୁ ଡିଲରମାନଙ୍କ ଜରିଆରେ ଜିପସମ ଟନ୍ ପିଛା ୩୨୦ ଟଙ୍କାରେ ବିକୁଥିଲେ। ମନ୍ତ୍ରୀ ସ୍ୱାଇଁ କମ୍ପାନୀ ଉପରେ ପ୍ରଭାବ ପକାଇ ସେହି ଜିପସମ୍ ଟନ୍ ପିଛା ୧୦୦ ଟଙ୍କା କରିଥିଲେ। ନିଜ ପାରିବାରିକ ଠିକାସଂସ୍ଥା ଏନ୍‌କେଏସ୍(ନିର୍ମଳ କୁମାର ସ୍ୱାଇଁ)କନଷ୍ଟ୍ରକଶନ ଆଣ୍ଡ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍ ନାମରେ ନେଇଛନ୍ତି। ଉକ୍ତ ଜିପସମକୁ ୧୦୦ ଟଙ୍କାରେ କିଣି ବିଭିନ୍ନ ସିମେଣ୍ଟ କମ୍ପାନୀକୁ ଟନ୍ ପିଛା ୪୦୦ ଟଙ୍କାରେ ବିକୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ନେତା ମାସିକ ପ୍ରାୟ ୧୦ କୋଟି ଟଙ୍କା ରୋଜଗାର କରୁଛନ୍ତି। ସର୍ଖେଲଙ୍କ ଉକ୍ତ ସୋସିଆଲ ମିଡିଆ ଲାଇଭ ଭିଡିଓ ଭାଇରାଲ ହେବାରେ ଲାଗିଛି ।

ଉକ୍ତ ଘଟଣା ଉପରେ ଶୁକ୍ରବାର ଜିପ୍‌ସମର ଜଣେ ଡିଲର ଓ ଦୁଇଜଣ ଲୋଡିଂ କଣ୍ଟ୍ରାକ୍ଟର ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ସର୍ଖେଲଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଡିଲର ସୁଶାନ୍ତ ସାମଲ ଓ ଲୋଡିଂ କଣ୍ଟ୍ରାକ୍ଟର ବାଳକୃଷ୍ଣ ଜେନା ଓ ସନ୍ତୋଷ ସାସମଲ କହିଥିଲେ, ସାଧାରଣ ନିର୍ବାଚନ ପୂର୍ବରୁ କୋଷ୍ଟାଲ କନ୍‌ଷ୍ଟ୍ରକଶନ ନାମକ ସଂସ୍ଥା ପିପିଏଲ୍ କମ୍ପାନୀଠାରୁ ଏକଚାଟିଆ ଭାବେ ଜିପସମ ପରିବହନ ପାଇଁ ସ୍ୱୀକୃତି ପାଇଥିଲେ। ସର୍ଖେଲ ଉକ୍ତ ଠିକାସଂସ୍ଥା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ସେତେବେଳେ ଜିପସମ ମୂଲ୍ୟ ୩୨୦ ଟଙ୍କାରୁ ହ୍ରାସ ପାଇ ୧୦୦ ଟଙ୍କା ହୋଇଥିଲା। ନିର୍ବାଚନ ପରେ ଭାଜପା ସରକାର ସେହି ଏକଚାଟିଆ ବ୍ୟବସ୍ଥା ବନ୍ଦ କରିଛନ୍ତି। ଯେଉଁ ଏନ୍‌କେଏସ ନାମରେ ଅଭିଯୋଗ ହେଉଛି ତାହା ମନ୍ତ୍ରୀଙ୍କ ପୁରୁଣା ଠିକାସଂସ୍ଥା। ତାଙ୍କ ଜେଜେ ବାପା ସମୟରୁ ଠିକାସଂସ୍ଥା ବ୍ୟବସାୟ କରୁଛି। ଏଥିରେ ରାଜନୈତିକ ହସ୍ତକ୍ଷେପ ଅଭିଯୋଗ କରିବା ଅମୂଳକ। ଏହି ଘଟଣାରେ ଶିଳ୍ପମନ୍ତ୍ରୀଙ୍କ କୌଣସି ଭୂମିକା ନାହିଁ। ଏ ସମ୍ପର୍କରେ ସର୍ଖେଲଙ୍କୁ ପଚାରିବାରେ, ମନ୍ତ୍ରୀ ସ୍ୱାଇଁ ଓ ତାଙ୍କ ପରିବାର କିପରି କମ୍ପାନୀଙ୍କ ଉପରେ ଚାପ ପକାଇ ନିଜର ବ୍ୟବସାୟ କଳେବର ବୃଦ୍ଧି କରିଥିଲେ, ସେନେଇ ସେ ଅଭିଯୋଗ କରିଥିଲେ। ଆଜି ଯେଉଁ କଣ୍ଟ୍ରାକ୍ଟରମାନେ ଖବରଦାତା ସମ୍ମିଳନୀ କରିଛନ୍ତି ସେମାନେ ଚାପରେ ପଡ଼ି ଏପରି କରିଛନ୍ତି। ସେମାନଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ତାଙ୍କ କଥା ଉପରେ କିଛି କହିବେ ନାହିଁ। କେବଳ ଗୋଟିଏ ପ୍ରଶ୍ନ ମନ୍ତ୍ରୀ ସ୍ୱାଇଁଙ୍କ ଠିକାସଂସ୍ଥା ସ୍ପଷ୍ଟୀକରଣ ଦିଅନ୍ତୁ, ଜିପସମ କେତେ ଟଙ୍କାରେ କିଣି କେତେ ଟଙ୍କାରେ ବିକ୍ରି କରୁଛନ୍ତି। ସେଥିରୁ ସତ୍ୟାସତ୍ୟ ସାଧାରଣ ଲୋକ ଜାଣି ପାରିବେ ବୋଲି ସର୍ଖେଲ କହିଛନ୍ତି। ଏସମ୍ପର୍କରେ ମନ୍ତ୍ରୀ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଭ୍ରମାତ୍ମକ ବୟାନରୁ ଦୂରେଇ ରୁହନ୍ତୁ: ଜେସିସି


ଖବରଦାତା ସମ୍ମିଳନୀରେ ଜେସିସିର ସଦସ୍ୟମାନେ।

ପାରାଦୀପ, ୩୦।୫(ଶରତ ରାଉତ)

ପାରାଦୀପର ଜଣାଶୁଣା ଶ୍ରମିକ ନେତା ତଥା ବିଜେଡିର ଅରିନ୍ଦମ ସର୍ଖେଲ (ବାପି)ଗତ ୨୭ରେ ଫେସବୁକ ଲାଇଭ କରିଥିଲେ। ସେତେବେଳେ ସେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ପାରିବାରିକ ଠିକା ସଂସ୍ଥା ବ୍ୟବସାୟ ଉପରେ କିଛି ତଥ୍ୟ ରଖିଥିଲେ। ଏହିକ୍ରମରେ ପାରାଦୀପର ୩ ଟ୍ରକ ମାଲିକ ସଂଘକୁ ନେଇ ଗଠିତ ଜେସିସି (ଜଏଣ୍ଟ କୋଅର୍ଡିନେଶନ କମିଟି) ସମ୍ପର୍କରେ କେତେକ ମନ୍ତବ୍ୟ ଦେଇଥିଲେ। ସେହି ଘଟଣାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଜେସିସି ଖବରଦାତା ସମ୍ମିଳନୀ ଜରିଆରେ ମତ ରଖିଛି। ଜେସିସି ସଭ୍ୟ ଆଲୋକ ରଞ୍ଜନ ପରିଡ଼ା କହିଥିଲେ, ଜେସିସି ରାଜନୈତିକ ଦଳଠାରୁ ସବୁବେଳେ ଦୂରରେ ରହିଛି। ଏଠାରେ କେବଳ ଟ୍ରକ ଚାଳକଙ୍କ ହିତ ପାଇଁ କାମ ହୁଏ। ଗତ ୨୦୨୧ରୁ ୨୪ପର୍ଯ୍ୟନ୍ତ ୩ ବର୍ଷ ଭିନ୍ନ ଭିନ୍ନ କାରଣ ଯୋଗୁ ଜେସିସି ପରିବହନ କ୍ଷେତ୍ରରେ ଅନେକ ପ୍ରତିକୂଳ ପରିସ୍ଥିତି ସାମ୍‌ନା କରିଥିଲା। ସେତେବେଳେ ତଥାକଥିତ ରାଜନେତାମାନେ ସେମାନଙ୍କୁ ଅଣଦେଖା କରିଥିଲେ। ଫଳରେ ଜେସିସିର ବ୍ୟବସାୟ ପ୍ରଭାବିତ ହୋଇଥିଲା। ଏବେ ରାଜ୍ୟରେ ଶାସନ ବଦଳିବା ପରେ ସେମାନଙ୍କୁ ଏକ ସାର କାରଖାନାରୁ ୭୦ ପ୍ରତିଶତ ଜିପସମ ପରିବହନ ପାଇଁ ସ୍ୱୀକୃତି ମିଳିଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ଏବଂ ପ୍ରଶାସନିକ ଆଲୋଚନା ପରେ ଏସବୁ କିଛି ମାତ୍ରାରେ ସୁଧୁରୁଛି। ଏପରି ସମୟରେ ରାଜନୈତିକ ଫାଇଦା ପାଇଁ ସଙ୍ଗଠନକୁ ବ୍ୟବହାର ନ କରିବା ପାଇଁ ଆଲୋକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ସଭାପତି ରାକେଶ ଜେନା, ବିଶ୍ୱରଞ୍ଜନ ପଲାଇ, ସୁଧୀର ଜେନା, ପ୍ରତାପ ଦାସ, ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯୋଗ ସମ୍ପର୍କରେ ସର୍ଖେଲଙ୍କ କହିଛନ୍ତି, ସେ କୌଣସି ଟ୍ରକ ମାଲିକମାନଙ୍କ ପ୍ରତି ସେପରି ହାନିକାରକ ଟିପ୍ପଣୀ ଦେଇନାହାନ୍ତି। ମନ୍ତ୍ରୀଙ୍କ ଚାପରେ ସଂଘ କର୍ମକର୍ତ୍ତାମାନେ ଏପରି ପ୍ରସଙ୍ଗ ଉଠାଇଛନ୍ତି ବୋଲି କହିଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ

ଏରସମା, ୩୦।୫ (ଦୀପ୍ତି ଖଣ୍ଡୁଆ)

ଏରସମା ବ୍ଲକ ଅନ୍ତର୍ଗତ ପଲ୍ଲୀକଣ୍ଠା ଛକରେ ନୂତନ ଫିଲିଂ ଷ୍ଟେଶନ ଉଦ୍‌ଘାଟନ ଅବସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଉପସ୍ଥିତ ହୋଇ ଫିଲିଂ ଷ୍ଟେଶନ୍ ଉଦଘାଟନ କରିଥିଲେ। ସହପ୍ରତି ଋତ୍ୱିକ୍ ହୃଷୀକେଶ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍‌ସଙ୍ଗରେ ବିଧାୟକ ଜେନା ଯୋଗଦେଇ ପ୍ରତ୍ୟେକ କାର୍ଯ୍ୟ ପାଇଁ ସାମାଜିକ ସମ୍ପର୍କ ଆବଶ୍ୟକ, ସତ୍ୟ ଧର୍ମ ନ୍ୟାୟ ଉପରେ ହିଁ କାର୍ଯ୍ୟର ସଫଳତା ନିର୍ଭର କରେ ବୋଲି କହିଥିଲେ। ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାଗାୟକ ଜଗନ୍ନାଥ ବେହେରା, ସହପ୍ରତି ଋତ୍ୱିକ ନିଖିଳେଶ୍ୱର ଗିରି, ଆମଳେନ୍ଦୁ ମାଇତି, ଦୀପକ ରାଜଗୁରୁ ପ୍ରମୁଖ ଉପସ୍ଥିତ ହୋଇ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ପରେ ନାମ ସଂକୀର୍ତ୍ତନ କରାଯାଇଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଇଇ/ଜି/ଖଡ୍ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.: ୧; ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୦୬ଆର୍୧; କାର୍ଯ୍ୟର ବର୍ଣ୍ଣନା:** କେଜିପି ମଣ୍ଡଳ- ପିଏଚ୍-II ଭାବେ ଖଡ୍ଗପୁର ମଣ୍ଡଳର ବିଭିନ୍ନ ସ୍ଥାନରେ ୦୧ କିଲୋୱାଟ୍‌ରୁ ୫୦ କିଲୋୱାଟ୍ ପର୍ଯ୍ୟନ୍ତ ଅନ୍ ଗ୍ରୀଡ୍ ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ। **ଟେଣ୍ଡରର ମୂଲ୍ୟ: ₹୧୩,୧୧,୭୫,୪୯୨.୬୬; ବିଡ୍ ଅମାନତ/ଇଏମ୍‌ଡି: ₹୮,୦୫,୯୦୦.୦୦; ଖୋଲାଯିବା ତାରିଖ: ୧୯।୦୬।୨୦୨୫; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ। ସମାପ୍ତି ଅବଧି: କ୍ର.ସଂ. (i) ପାଇଁ ୬ ମାସ, ସ୍ୱୀକୃତି ପତ୍ର ଜାରି ହେବା ତାରିଖଠାରୁ। ଦାଖଲର ତାରିଖ:** ତା୧୯।୦୬।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-222)



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

## ସୂଚନା

ଦୟା କରି ଧ୍ୟାନ ଦିଅନ୍ତୁ: କର୍ମଚାରୀ ପରିବାର ଲାଭ ଯୋଜନା (ଇଏଫବିଏସ)ରେ ପଞ୍ଜିକୃତ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ/ଦିବଙ୍ଗତ ପୂର୍ବ କର୍ମଚାରୀଙ୍କ ସ୍ୱୀକୃତ ପ୍ରତିନିଧି

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ କିମ୍ବା ଦିବଙ୍ଗତ କର୍ମଚାରୀଙ୍କ ସ୍ୱୀକୃତ ପ୍ରତିନିଧି, ଯେଉଁମାନେ କର୍ମଚାରୀ ପରିବାର ଲାଭ ଯୋଜନାରେ ପଞ୍ଜିକୃତ ଏବଂ ଯାହାଙ୍କର ଅବସରକାଳୀନ ତାରିଖ ଅତିକ୍ରମ ହୋଇସାରିଛି, କିନ୍ତୁ ଏପର୍ଯ୍ୟନ୍ତ ଇଏଫବିଏସ ଯୋଜନା ଅଧୀନରେ ଜମା ହୋଇଥିବା ସେମାନଙ୍କର ଭବିଷ୍ୟନିଧି ପାଣ୍ଠି (ପିଏଫ) ଏବଂ ଗ୍ରାଚ୍ୟୁଇଟି ରାଶି ଦାବି କରିନାହାଁନ୍ତି, ସେମାନଙ୍କୁ ସେମାନଙ୍କର ବିବରଣୀ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି।

ଏହିପରି ବ୍ୟକ୍ତିମାନଙ୍କର ଏକ ତାଲିକା ସମ୍ପର୍କ ପୋର୍ଟାଲ **https://sampark.sailrsp.co.in**ରେ ଉପଲବ୍ଧ। ଯଦି ଆପଣଙ୍କ ନାମ ତାଲିକାରେ ରହିଛି, ତେବେ ଆପଣଙ୍କୁ ଅଧିକ ସହାୟତା ପାଇଁ ଆରଏସପିର ଇଆର ଆଣ୍ଡ ସି ବିଭାଗ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯୋଗାଯୋଗ ନମ୍ବର: ୦୬୬୧-୨୪୪୮ ୫୦୬ (କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ମଧ୍ୟରେ)
ପୂର୍ବରୁ ଆବେଦନ କରିସାରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ସୂଚନା ପ୍ରଯୁଜ୍ୟ ନୁହେଁ।

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*



**OFFICE OF THE EXECUTIVE ENGINEER, ROAD CONSTRUCTION DEPARTMENT, ROAD DIVISION, GUMLA**
**e-Procurement Notice**
_e-Tender Reference No. RCD/GUMLA/ 325
Date:- 29.05.2025

| | | |
|---|---|---|
| 1. | Name of the work | **Improvement of Riding Quality Work of Nathpur- Marda- Tukutoli Bagma Road (0.00 to 20.750 Km) under Road Division, Gumla for The year 2025-26** |
| 2. | Estimated Cost (Rs.) | **Rs.- 13,19,70,758.00(Rs. Thirteen Crore Nineteen lacs Seventy Thousand Seven Hundred Fifty Eight)** Only. |
| 3. | Time of Completion | **6 Months** |
| 4. | Last date/Time for receipt of bids | 24/06/2025 Up to 12:00 Noon |
| 5. | Date of Publication of Tender on website | 03/06/2025 From 10:30 A.M. |
| 6. | Opening Date of Tender | 26/06/2025 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

sd/-
Executive Engineer,
RCD, Road Division, Gumla

PR 353893 Road(25-26)D


# ମାନବାଧିକାର ଆୟୋଗ ସଦସ୍ୟ ଆୟୋଜନସ୍ଥଳ ପରିଦର୍ଶନକଲେ

କୁଜଙ୍ଗ,୩୦।୫(ମନୋଜ ପ୍ରଧାନ)

**୫ ଜୁନ୍‌ରେ ମାନବାଧିକାର ସମ୍ପର୍କିତ କର୍ମଶାଳା**

ଜୁନ ୫ ବିଶ୍ୱ ପରିବେଶ ଦିବସ ଅବସରରେ କୁଜଙ୍ଗ ସୂଚନା ଭବନରେ ମାନବାଧିକାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେବ। ମାନବାଧିକାର ଆୟୋଗ ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ଆୟୋଗ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର କୁଜଙ୍ଗରେ ପହଞ୍ଚି କର୍ମଶାଳା ଆୟୋଜନସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରି ଫେରିଯାଇଛନ୍ତି। ଏହି ପରିଦର୍ଶନ ସମୟରେ ସହକାରୀ ରେଜିଷ୍ଟ୍ରାର ସବ୍ୟସାଚୀ ପଣ୍ଡା, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଓକିଲ ସଂଘ ସଭାପତି ଏଏନ୍‌ଡି ଯାଦବ, ସମ୍ପାଦକ ବ୍ରଜ କିଶୋର ରାଉତ, ଅତିରିକ୍ତ ସରକାରୀ ଓକିଲ ସୁବାସ ନାୟକ, ଆଇନଜୀବୀ ଉଷ୍ମ ରଶ୍ମି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ଆୟୋଜନସ୍ଥଳ ପରିଦର୍ଶନରେ ଆସିଥିବା ମାନବାଧିକାର ଆୟୋଗ ସଦସ୍ୟମାନେ।

# ବସ୍‌କୁ ଧକ୍କା ଦେଲା ହାଇୱା

**ବସ୍‌ଚାଳକ ଗୁରୁତର, ୨ ଯାତ୍ରୀ ଆହତ**



ରଘୁନାଥପୁର,୩୦।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଜଇପୁରଠାରେ ଏକ ଯାତ୍ରୀବାହୀ ବସ୍‌କୁ ବିପରୀତପଟୁ ଆସୁଥିବା ହାଇୱା ମୁହାଁମୁହିଁ ଧକ୍କା ଦେଇଛି। ଫଳରେ ବସ୍ ଚାଳକ ଶେଷଦେବ ଅମାନତ ଗୁରୁତର ହୋଇଥିବାବେଳେ ଅନ୍ୟ ୨ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ଉଦ୍ଧାର କରାଯାଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ତିର୍ତ୍ତୋଲ ପୋଲିସ ସେଠାରେ ପହଞ୍ଚି ଉଭୟ ବସ ଓ ଟ୍ରକ୍‌କୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ କରୁଛି।

ଓଡି-୦୨ବିଜେ-୭୮୫୭ ନମ୍ବର ବସ୍‌ଟି କଟକରୁ ପାରାଦୀପ ଅଭିମୁଖେ ଯାଉଥିବାବେଳେ ହଠାତ୍ ପାରାଦୀପ ପଟୁ ଦ୍ରୁତଗତିରେ ଆସୁଥିବା ଓଡି-୨୧ ଏସ୍- ୦୦୭୯ ନଂ.ହାଇୱା ଡାହାଣ ପାର୍ଶ୍ୱକୁ ମାଡି ଯାଇ ବସ୍‌କୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଯାତ୍ରୀବାହୀ ବସ୍‌ଟି ନିକଟରେ ଥିବା ହମ୍ପସ ଅତିକ୍ରମ କରି ତା'ର ବାମ ପାର୍ଶ୍ୱରେ ଆସୁଥିବାବେଳେ ଟ୍ରକ୍‌ଟି ତାକୁ ଡାହାଣ ପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବସ୍‌ଚାଳକ ଶେଷଦେବ ଅମାନତଙ୍କ ଗୋଡ ଭାଙ୍ଗିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।


Govt. of India | भारत सरकार
Ministry of Skill Development and Entrepreneurship | कौशल विकास और उद्यमशीलता मंत्रालय
Directorate General of Training | प्रशिक्षण महानिदेशालय
**National Skill Training Institute, Bhubaneswar** | **राष्ट्रीय कौशल प्रशिक्षण संस्थान, भुवनेश्वर**
NSIC Building, 5th Floor, IDCO Plot No.06, Mancheswar Industrial Estate, Bhubaneswar, Odisha - 751010 | एन.एस.आई.सी. बिल्डिंग, 5 वीं मंजिल, आई.डी.सी.ओ. प्लॉट नंबर-06, मांचेस्वर इंडस्ट्रियल एस्टेट, भुवनेश्वर, ओडिशा - 751010

Skill India

**CTS ADMISSION NOTICE 2025-26**

National Skill Training Institute, Bhubaneswar, is an institute under the Directorate General of Training (DGT), Ministry of Skill Development & Entrepreneurship, Government of India. It offers NCVET-approved, NSQF-aligned ITI courses under the Craftsmen Training Scheme (CTS) for candidates who have passed Class X, starting from September 2025.

| Sl. No | Trade | NSQF Level | Entry Qualification | Duration | No. of Seats |
|---|---|---|---|---|---|
| 1 | Solar Technician (Electrical) | Level-3 | Passed 10th class examination with Science and Mathematics. | 01 Year | 20 |
| 2 | Drone Technician | | | 06 Months | 24 |
| 3 | Artificial Intelligence Programming Assistant (AIPI) | | | 01 Year | 24 |

**Admission Procedure :**
- Age : Minimum 14 years as on first day of academic session. No upper age limit.
- Admission shall be made on the basis of marks obtained in 10th class examination.
- Registration fees Rs. 50/- for Gen/OBC candidates. No Registration fee for SC/ST candidates
- Admission fee Rs.100/- for Gen/OBC candidates & Rs. 25/- for SC/ST/EWS candidates.
- Tuition fee @ Rs. 150/- per month for GL and OBC, Rs. 50/- per month for SC, ST, EWS, PH candidates. No tuition fees for girl candidates as per DGT guidelines.
- Central reservation policy will be followed in the admission process.
- Well-equipped A/C Lab & Classrooms, IT Lab, library & Wi-Fi with experienced faculties are available.
- Eligible candidates can scan the QR code given, fill the Google form and submit online. For offline can download the application forms from the website: https://nstibhubaneswar.dgt.gov.in or can be collected from the institute. Filled in applications with copies or required documents should be submitted at the institute or may be sent through speed post. Selected candidates will be called for admission.
  Google form Link: https://forms.gle/w6xcy3Mp3S1rc1wm9
- Copy of documents to be attached along with application form:
  1. Mark sheets/ Certificate
  2. Aadhaar card.
  3. Caste/ Community certificate from appropriate authorities for SC/ST/OBC candidates.
  4. Two passport size recent colour photos.
- For other details see the prospectus available on the website https://nstibhubaneswar.dgt.gov.in
  For any assistance contact: 0674-2580444/8594819990 (Training section)
  **LAST DATE FOR SUBMISSION OF APPLICATION: 30-06-2025**

Sd./- PRINCIPAL, NSTI, BHUBANESWAR

# ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ

ଭଞ୍ଜନଗର,୩୦।୫(ବାବୁଲା ପ୍ରଧାନ)

ବିଧାନସଭା ଷ୍ଟାଣ୍ଡିଂ କମିଟି ଶୁକ୍ରବାର ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଟିମ୍ ପ୍ରଥମେ ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ସମୟରେ କମିଟି ଅଧକ୍ଷ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରକଳ୍ପ ନିର୍ମାଣ ବିଳମ୍ବ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଗ୍ରାମ୍ୟ ପାଇପ ଜଳ ଯୋଗାଣ ଅଧିକାରୀ ଏବଂ କାମ ନେଇଥିବା ଏଲଆଣ୍ଡଟି କମ୍ପାନୀ କର୍ମଚାରୀଙ୍କୁ ଅଧକ୍ଷ ତାଗିଦ କରିଥିଲେ। ଏହା ରାଜ୍ୟର ସବୁଠୁ ବଡ ମେଗା ପାନୀୟ ଜଳ ପ୍ରକଳ୍ପ। ଏଥିପାଇଁ ୧୬ ଶହ କୋଟି ଟଙ୍କା ବ୍ୟୟ ଲକ୍ଷ୍ୟ ରଖାଯାଇଛି। ୨ ବର୍ଷ ହେବ ପ୍ରକଳ୍ପ ହେଉଥିବା ବେଳେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ



ଷ୍ଟାଣ୍ଡିଂ କମିଟି ଗାୟଗଣ୍ଡା ପ୍ରକଳ୍ପ ବୁଲି ଦେଖୁଛନ୍ତି।

ପ୍ରତି କମ୍ପାନୀ ଗୁରୁତ୍ୱ ଦେଉନାହିଁ। ଯନ୍ତ୍ରୀ ମାନେ ମଧ୍ୟ ନିୟମିତ କାମ ଯାଞ୍ଚ କରୁନାହାନ୍ତି। ଫଳରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ହୋଇପାରୁନାହିଁ। ଦଶପଲ୍ଲା ନିକଟସ୍ଥ ମହାନଦୀରୁ ପାଣି ଆସିବ। ପ୍ରକଳ୍ପ ଆରମ୍ଭ ହେବାର ଦୁଇବର୍ଷ ବିତିଗଲାଣି ମାତ୍ର ଏପର୍ଯ୍ୟନ୍ତ ପାଣି ଜେଉଁଠୁ ଆସିବ ତାହା ବିଭାଗ ଚୂଡାନ୍ତ କରିପାରିନାହିଁ। ବର୍ତ୍ତମାନ ୧୫ରୁ ୨୦ ପ୍ରତିଶତ କାମ ସରିଛି। ବଳକା କାମ ଡିସେମ୍ବର ୨୦୨୬ ସୁଦ୍ଧା ନ ସରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧକ୍ଷ ବିଜୁଳି କହିଥିଲେ। ପରେ କମିଟି ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ସେତୁ କାମ ବୁଲି ଦେଖିଥିଲେ। ସେଠାରୁ ଡିଲିଙ୍ଗି ଯାଇଥିଲେ। ସଂନ୍ଧ୍ୟାରେ କମିଟି ଭଞ୍ଜନଗର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ

- ବିଧାନସଭା ଷ୍ଟାଣ୍ଡିଂ କମିଟିର ଗଞ୍ଜାମ ଜିଲ୍ଲା ଗସ୍ତ
- ଆର୍‌ଡବ୍ଲ୍ୟୁଏସ୍‌ଏସ୍ କମ୍ପାନୀକୁ ତାଗିଦ କଲେ କମିଟି
- ୨ ବର୍ଷରେ କାମ ହୋଇଛି ମାତ୍ର ୨୦ ପ୍ରତିଶତ

ବିଭାଗର ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ଏଥିରେ କମିଟି ଅଧକ୍ଷ ସଭାପତିତ୍ୱ କରିଥିଲେ। ଏହି ସମୟରେ କମିଟ ସଭ୍ୟ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବଡ଼ଶାଳ ବିଧାୟକ ଅମର ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନୀଳମଣି ବିଶୋୟୀ,ଖଣ୍ଡପଡ଼ା ବିଧାୟକ ଦୁସ୍ମନ୍ତ ସ୍ୱାଇଁ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଜିଲ୍ଲା ଉନ୍ନୟନ ଅଧିକାରୀ ମଧୁସ୍ମିତା, ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଅବିନାଶ ମହାର, ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଡେପୁଟି କଲେକ୍ଟର ସୁମନ ଘୋଷ ପ୍ରମୁଖ ଉପସ୍ଥିତ ରହି ଷ୍ଟାଣ୍ଡି କମିଟିକୁ ବିଭିନ୍ନ ସୂଚନା ଦେଇଥିଲେ। ଏହା ପୂର୍ବରୁ ଭଞ୍ଜନଗର ବିଧାୟକ ନାୟକ କମିଟିର କର୍ମକର୍ତ୍ତାଙ୍କୁ ଗାୟଗଣ୍ଡାଠାରେ ସ୍ୱାଗତ କରି ନିଜ ଅଞ୍ଚଳ ବୁଲାଇ ଦେଖାଇଥିଲେ। ସୂଚନା ଯୋଗ୍ୟ, ଗଞ୍ଜାମ ଜିଲ୍ଲାର ୧୨ଟି ବ୍ଲକ ଓ ଗଞ୍ଜାମ ବ୍ଲକର ୨୮ଟି ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଯୋଜନାରେ ସୁଫଳ ୭୭୦ ଗ୍ରାମର ୧ଲକ୍ଷ ୬୬ ହଜାର ୯୩୭ ପରିବାରକୁ ଦେବାକୁ ଲକ୍ଷ୍ୟ ରହିଛି। ଶନିବାର ଷ୍ଟାଣ୍ଡି କମିଟି ଗୋପାଳପୁର ଅଭିମୁଖେ ଯାଇ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।

# ୩୩ କେଭି ଭୂତଳ କେବୁଲ ଜଙ୍କସନ ସ୍ଥାନରେ ଖାଲ

ଓଡ଼ଗାଁ, ୩୦।୫(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ରାଜପାଟଣା ଗ୍ରୀଡ଼ ଓଡ଼ଗାଁ ଗ୍ରୀଡ଼ ସଂଯୋଗ କରୁଥିବା ବହୁ ପ୍ରତିକ୍ଷିତ ୩୩ କେଭି ଉଚ୍ଚ କ୍ଷମତା ସମ୍ପନ୍ନ କେବୁଲ ଲାଇନ ଓ କଲେଜ ଠାରୁ ଓଡ଼ଗାଁ ବିଦ୍ୟୁତ୍ ସବଷ୍ଟେଶନ ପର୍ଯ୍ୟନ୍ତ ଭୂତଳ ଯାଇଥିବା ବେଳେ ଏଥିରେ କେତେକ ଅସୁବିଧା ଦେଖାଦେଇଛି। କେତେକ ଜଙ୍କଶନ ରାଜ୍ୟ ରାଜପଥ ପାର୍ଶ୍ୱରେ କରାଯାଇଛି। ହେଲେ ଲଗାଣ ବର୍ଷା ଯୋଗୁ ଏସବୁ ଜଙ୍କଶନରେ ପାଣିପଶି ଗାତ ସୃଷ୍ଟି ହୋଇଛି। ଠିକାଦାର କାମସାରି କଲ୍କ୍ରିଟ ପକାଇ ଚାଲି ଯାଇଥିବା ବେଳେ କାଳବୈଶାଖୀ ବର୍ଷା ପ୍ରଭାବରେ ଉକ୍ତ ସ୍ଥାନ ଗୁଡ଼ିକ ଦବି ଯାଇଛି। ନୟାଗଡ଼ଠାରୁ ଓଡ଼ଗାଁ ବଜାର ମୁଖ୍ୟ ରାସ୍ତା ପାର୍ଶ୍ୱରେ ମାଟିଦବି ଏଭଳି ଗାତ ସୃଷ୍ଟି ହୋଇଥିବାରୁ ସାମାନ୍ୟ ଅସାବଧାନ କାରଣରୁ ଜନସାଧାରଣ ଦୁର୍ଘଟଣାର ଶିକାର ହେବା ସମ୍ଭାବନା ଦେଖାଦେଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ବେହେରାଙ୍କୁ ଜଣାଇବା ପରେ ସେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ମରାମତି କରିବାକୁ କହିଥିବା ସୂଚନା ଦେଇଛନ୍ତି।


## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-27: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାସ୍ତରୀୟ ଯୁକ୍ତ ଶୁଣାଣି ପାଇଁ ଅନୁଷ୍ଠାନ ପଞ୍ଜୀକରଣ ତା୦୨।୦୬।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ... ଜନସୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ... 

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0133/2526


# ବିଜେଡି ବନ୍ଧୁମିଳନରେ ଭାଜପାକୁ ଟାର୍ଗେଟ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା, କର୍ମୀ।

ପୋଲସରା,୩୦।୫(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ କସିପଡ଼ାସ୍ଥିତ ମା' ସିଂହବାନୀ ପୀଠରେ ବିଜେଡିର ଜିଲ୍ଲାପରିଷଦ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ୩୮ ନଂ. ଜୋନର ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଶୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ, ପ୍ରମିଳା ବିଶୋୟୀ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ସୁବାଷ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବିଜେଡ଼ି ମୁଖପାତ୍ର ଭୃଗୁ ବକ୍ସିପାତ୍ର, ରଞ୍ଜିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ପ୍ରତି ନିର୍ବାଚନ ମଣ୍ଡଳୀରେ ଜିଲ୍ଲାସ୍ତରୀୟ ଜିଲ୍ଲାପରିଷଦ ବନ୍ଧୁମିଳନ କରି ସେଥିରେ ବିଭିନ୍ନ ସମସ୍ୟା ରହିଛି ତାହାକୁ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଭାଜପା ସରକାର ଆସିବା ପରେ ଅଞ୍ଚଳରେ ବିକାଶ ହେଉ ନ ଥିବା ଜିଲ୍ଲାପରିଷଦ ଅଧକ୍ଷା କହିଛନ୍ତି। ଜିଲ୍ଲା, ବ୍ଲକ ଓ ଗ୍ରାମାଞ୍ଚଳ ସ୍ତରରେ ଆର୍ଥିକ କ୍ଷମତା ହେଉ କିମ୍ବା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟ କିଭଳି ସମସ୍ୟାର ସମାଧାନ ହେବ ତାହାକୁ ନେଇ ଜିଲ୍ଲାପାଳ, ବିଡ଼ିଓ ଓ ସରକାରଙ୍କ ପାଖରେ ଦାବି କରିବାକୁ ନିଷ୍ପତ୍ତି ହୋଇଥିଲା। ଏବେ ବିଜେଡି ହାତରେ ଜିଲ୍ଲାର ୬୭ ଟି ଜିଲ୍ଲାପରିଷଦ ରହିଥିବା ବେଳେ ପଞ୍ଚାୟତ ନିର୍ବାଚନରେ ବହୁ ଭୋଟ ସଂଖ୍ୟାରେ ଭୋଟ ମିଳିବ ବୋଲି କହିଛନ୍ତି ଜିଲ୍ଲାପରିଷଦ ଅଶୋକ ବିଶୋୟୀ। ବିଡ଼ିଓମାନେ ବିଧାୟକ ମାନଙ୍କ ହାତ ବାରିସ ସାଜି ବିଜେଡ଼ି ନେତା ମାନେ ଯେଉଁଠି ବିକାଶର କାମ କରୁଛନ୍ତି ସେଠି ବିଲ ବନ୍ଦ କରିଦିଆଯାଉଛି। ତାହା ଉପରେ ପ୍ରତି ମାସକରେ ଏଭଳି ସମସ୍ୟାକୁ ନେଇ ବୈଠକ ମାଧ୍ୟମରେ ଆଲୋଚନା ହେବ। ବର୍ତ୍ତମାନର ସରକାର କେବଳ ଜିପିର ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲାପରିଷଦ ମାନଙ୍କୁ ନିଜ ଦଳରେ ମିଶାଇବେ ସେହି କାମ କରଉଛନ୍ତି ବୋଲି ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ କଟାକ୍ଷ କରିଥିଲେ।

# ବନ ବିଭାଗର ଅଣଦେଖା ଯୋଗୁ ବଢୁଛି ଶିକାର

ନୟାଗଡ଼,୩୦।୫
(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ଗୋଛା ସଂରକ୍ଷିତ ଜଙ୍ଗଲ ଶିକାରୀଙ୍କ କବ୍ଜାରେ ରହି ଆସିଥିବା ପ୍ରମାଣ ମିଳିଛି। ସଂପୃକ୍ତ ଜଙ୍ଗଲରୁ ଶିକାରୀମାନେ ଅବାଧରେ ଶିକାର କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିଲା । ଦିନଦ୍ୱିପ୍ରହର ଓ ରାତିରେ ଏଠାରେ ଗୁଳିରେ ଶିକାର ଚାଲିଥିବା ଅଭିଯୋଗ ହୋଇଛି । ଗୋଛା ଗାଁ ନିକଟରେ ଏକ ବିଟ୍ ହାଉସ୍ ଥିଲେ ମଧ୍ୟ ସେଠାରେ ପରେଷ୍ଟ ରହୁ ନ ଥିବା ଗ୍ରାମବାସୀ କହିଛନ୍ତି। ବନବିଭାଗ ପକ୍ଷରୁ ଧରପଗଡ଼ ନ ଥିବାରୁ ଶିକାର ବଢ଼ି ଚାଲିଥିଲା। ଶିକାରୀ ଗୁଳିରେ ଶିକାରୀଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୪ କେଜି ଗଞ୍ଜେଇ ଜବତ: ଜଣେ ବ୍ୟବସାୟୀ ଗଲେ ଜେଲ

ନୟାଗଡ଼,୩୦।୫(ଲୋକନାଥ ମିଶ୍ର)

ନୂଆଗାଁ ଥାନା ସମ୍ପତା ଅଞ୍ଚଳରୁ ଶୁକ୍ରବାର ପୂର୍ବାହ୍ନରେ ଅବକାରୀ ବିଭାଗର ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ଚଢ଼ାଉ କରି ୪ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବିହାର ବୈଶାଳୀ ଜିଲ୍ଲାର ଚନ୍ଦନ କୁମାର (୨୮)ଙ୍କୁ ନୟାଗଡ଼ ଜିଲ୍ଲା ଜେଲକୁ ପଠାଇ ଦିଆଯାଇଛି। ଚନ୍ଦନ ୪୦ ହଜାର ଟଙ୍କାର ଗଞ୍ଜେଇ ଧରି ଚାଲି ଚାଲି ଆସୁଥିବା ବେଳେ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଗିରଫ ହୋଇଥିଲେ। ଅବକାରୀ ବିଭାଗର ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ଼ର ଆଇଆଇସି ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।


STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

## ସୂଚନା

ଦୟା କରି ଧ୍ୟାନ ଦିଅନ୍ତୁ: କର୍ମଚାରୀ ପରିବାର ଲାଭ ଯୋଜନା (ଇଏଫବିଏସ)ରେ ପଞ୍ଜିକୃତ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ/ବିଳମ୍ବିତ ପୂର୍ବ କର୍ମଚାରୀଙ୍କ ସ୍ୱାମୀ/ପତ୍ନୀଙ୍କ ପ୍ରତି ବିଜ୍ଞପ୍ତି

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ କିମ୍ବା ବିଳମ୍ବିତ କର୍ମଚାରୀଙ୍କ ସ୍ୱାମୀ/ପତ୍ନୀଙ୍କୁ ... ଏହି ତାଲିକା ସମ୍ପର୍କ ପୋର୍ଟାଲ https://sampark.sailrsp.co.in ରେ ...

ଯୋଗାଯୋଗ ନମ୍ବର: ୦୬୬୧-୨୪୮୧୭୦୦ (କାର୍ଯ୍ୟାଳୟ ସମୟ ମଧ୍ୟରେ)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life


# ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଦଶପଲ୍ଲା,୩୦।୫
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ବାଣୀଗୋଛା ସେକ୍ଟର ନରଗିଡ଼ା ସବ୍‌ସେଣ୍ଟରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ ସୁରେଶନ ସାହୁଙ୍କୁ ଶୁକ୍ରବାର ବାଣୀଗୋଛା ସେକ୍ଟର ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଡ.କାଳୀପ୍ରସାଦ ଷଡ଼ଙ୍ଗୀ, ଫାର୍ମାସିଷ୍ଟଙ୍କ ସମେତ ବାଣୀଗୋଛା ସେକ୍ଟରର ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର, ଆଶାସାଥୀ, ଆଶାକର୍ମୀ ଓ ଡାକ୍ତରଖାନା କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ସାହୁଙ୍କୁ ଉପାୟନ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ସାହୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସେ ୧୯୮୪ରେ ସେନାରେ ଯୋଗଦେଇ ୨୦୦୨ରେ ସେନାରୁ ଅବସର ଗ୍ରହଣ କରିଥିଲେ। ଏହାପରେ ନିଜର ସେବା ମନୋଭାବକୁ ବଜାୟରଖିବା ପାଇଁ ୨୦୦୬ରେ ସ୍ୱାସ୍ଥ୍ୟ ବିଭାଗରେ ଯୋଗ ଦେଇଥିଲେ।


OFFICE OF THE EXECUTIVE ENGINEER,
ROAD CONSTRUCTION DEPARTMENT, ROAD DIVISION, GUMLA

**e-Procurement Notice**

e-Tender Reference No. RCD/GUMLA/ 325

Date:- 29.05.2025

| | | |
|---|---|---|
| 1. | Name of the work | Improvement of Riding Quality Work of Nathpur- Marda- Tukutoli Bagma Road (0.00 to 20.750 Km) under Road Division, Gumla for The year 2025-26 |
| 2. | Estimated Cost (Rs.) | Rs.- 13,19,70,758.00(Rs. Thirteen Crore Nineteen lacs Seventy Thousand Seven Hundred Fifty Eight) Only. |
| 3. | Time of Completion | 6 Months |
| 4. | Last date/Time for receipt of bids | 24/06/2025 Up to 12:00 Noon |
| 5. | Date of Publication of Tender on website | 03/06/2025 From 10:30 A.M. |
| 6. | Opening Date of Tender | 26/06/2025 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

sd/-
Executive Engineer,
RCD, Road Division, Gumla

PR 353893 Road(25-26)D


# ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୩୦।୫ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକର ବରଗାଁ ଗ୍ରାମରେ ଶୁକ୍ରବାର କୃଷି ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓୟୁଏଟିର ପ୍ରମୁଖ ବୈଜ୍ଞାନିକ ଭବାନୀ ଶତପଥୀ, ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁଜନ କୁମାର ଶତପଥୀ, ଡ. ସନ୍ତୋଷ ସାମନ୍ତରାୟ, ଅନିତା ପରିଡ଼ା ପ୍ରମୁଖ ଯୋଗଦେଇ ବିକଶିତ କୃଷି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆସିକା ବ୍ଲକ ଆତ୍ମାର ଅଧକ୍ଷ ବିଜୟ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ସହକାରୀ ଉଦ୍ୟାନ ଅଧିକାରୀ ଗୀତାଞ୍ଜଳି ସାହୁ, ମତ୍ସ୍ୟ ଅଧିକାରୀ ଦୁର୍ଗାମାଧବ ପୃଷ୍ଟି, କୃଷି ଓଭରସିଅର କୃଷ୍ଣଚନ୍ଦ୍ର ମୁନି ପ୍ରମୁଖ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ଓ ସହକାରୀ କୃଷିଅଧିକାରୀ ଶୁଭ୍ରତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀ କୃଷି କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ କହିଥିଲେ। ଚାଷ କରିବା ପୂର୍ବରୁ ମୃତ୍ତିକା ପରୀକ୍ଷଣ, ବଜାର ଚାହିଦାକୁ ନେଇ ଆବଶ୍ୟକୀୟ ଫସଲ ଚାଷ ଏବଂ ଗୋଷ୍ଠିଗତ ଭାବେ ଚାଷ ପ୍ରତି ଗୁରୁତ୍ୱାରୋପ କରିବା, ନୂତନ ଜ୍ଞାନ କୌଶଳ ପ୍ରୟୋଗ, ଜୈବିକ ଖତ ପ୍ରୟୋଗ ସମ୍ପର୍କରେ ଚାଷୀ ସଚେତନ ହେବାକୁ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ।

# କାଗଜପତ୍ର ଯାଞ୍ଚ ସହ ଟ୍ରକ୍ ଜବତ

ଖଣ୍ଡପଡ଼ା,୩୦।୫(ଅଜୟ କୁମାର ମହାରଣା)

ବିଭିନ୍ନ ଅବକାରୀ ସାମଗ୍ରୀ ବୋଝେଇ ହୋଇଥିବା ଏକ ଟ୍ରକକୁ ଖଣ୍ଡପଡ଼ା ପୋଲିସ ଜବତ କରିଛି । ଅବକାରୀ ସାମଗ୍ରୀ ଗୁଡ଼ିକ ନେଇ ଟ୍ରକଟି ଯାଉଥିବା ବେଳେ ଖଣ୍ଡପଡ଼ା ପୋଲିସ ଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା । ମାତ୍ର ଚାଳକ ଆବଶ୍ୟକ କାଗଜପତ୍ର ଦେଖା ନ ପାରିବାରୁ ପୋଲିସ ଟ୍ରକକୁ ଜବତ କରି ଖଣ୍ଡପଡ଼ା ଥାନାରେ ଅଟକ ରଖିଛି ।


ଦ.ପୂ. ରେଳପଥ – ଟେଣ୍ଡର

... ଟେଣ୍ଡରର ବିସ୍ତୃତ ବିବରଣୀ www.ireps.gov.in ...

(PR-222)


# ସାପ୍ତାହିକ ହାଟ ଉଦ୍‌ଘାଟନ ଆଜି

## ସମସ୍ୟା ପ୍ରତି ଆଖିବୁଜି ଦେଉଛି ପ୍ରଶାସନ

ଗଞ୍ଜାମ,୩୦।୫(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ଦାମୋଦରପୁର କଲେଜ ରୋଡ଼ଠାରେ ଶନିବାର ଅପରାହ୍ନରେ ସାପ୍ତାହିକ ହାଟର ଶୁଭାରମ୍ଭ ହେବ। ସହରରେ ପ୍ରାୟ ୪୦ ବର୍ଷ ତଳେ ପ୍ରତ୍ୟେକ ଶନିବାର ସାପ୍ତାହିକ ହାଟ ବସୁଥିଲା। କୌଣସି କାରଣରୁ ତାହା ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ଉକ୍ତ ହାଟ ଖୋଲିବା ନେଇ ସହରରେ ବିଭିନ୍ନ ତର୍କ ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ହାଟ ଖୋଲିଲେ ଲୋକଙ୍କ ସୁବିଧା ହେବ। ମାତ୍ର ସହରର ଅନ୍ୟାନ୍ୟ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସହରବାସୀ ପ୍ରକାଶ କରିଛନ୍ତି। ସହରରେ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ୪ଶ ଦିନ ଆରମ୍ଭ ହୋଇଥିଲା ଅଥଚ ସହରର ମୁଖ୍ୟ ଡ୍ରେନ ମରାମତି ହୋଇନି। ବୁଲଡୋଜିଂ ଲଗାତର ବର୍ଷା ହେଲେ ବର୍ଷା ପାଣିରେ ସହର ଅବସ୍ଥା ଶୋଚନୀୟ ହୋଇପଡିବ। ବଜାର ଓ ବିଭିନ୍ନ ସାହିରେ ଥିବା ଷ୍ଟ୍ରିଟ ଲାଇଟ ଜଳୁନି। ଗଞ୍ଜାମ ସହରର ଐତିହ୍ୟ ପୋତାଶ୍ରୟରେ ଲାଗିଥିବା ଷ୍ଟ୍ରିଟ ଲାଇଟ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସେଥିପାଇଁ କୌଣସି ପଦକ୍ଷେପ ନିଆଯାଉନି। ନିର୍ମାଣ ହୋଇଥିବା ଶୌଚାଳୟଗୁଡ଼ିକ ବ୍ୟବହାର ନ ହୋଇ ଭାଙ୍ଗିରୁଜି ଗଲାଣି। ଖେଳପଡ଼ିଆ ଜୋନକୁ ବେପାରୀ ଆଯୁକ୍ତାଳିଛି। ସହରର ଏସବୁ ସମସ୍ୟା ସମାଧାନ କରିବାକୁ ପ୍ରଶାସନ ଦୃଷ୍ଟି ଦେବା ଲାଗି ସହରବାସୀ ଦାବି କରିଛନ୍ତି।

## ଗୋବରା ପାଇଁ ଗୌରବ ଆଣିଲେ ସୋନମ



ଭେଲଗୁଣ୍ଠା,୩୦।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଗରିବ ଚାଷୀ ପରିବାରର ଝିଅ ସୋନମ ପ୍ରଧାନ। ଭଲ ଟ୍ୟୁସନ୍ ପଠାଇବା ପାଇଁ ମା' ରଶ୍ମିତା ଓ ବାପା ବିଦ୍ୟାଧର ପ୍ରଧାନଙ୍କ ପାଖରେ ସମ୍ବଳ ନ ଥାଏ। ତଥାପି ସେ ଗୋବରା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଯୁକ୍ତ ୨ କଳା ବିଭାଗରେ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୋନମ ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏଥିପାଇଁ ସେ ବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଶ୍ରେୟ ଦେଉଛନ୍ତି।

# ନାବାଳିକା ବଳାତ୍କାର ଘଟଣା
# ସାକ୍ଷ୍ୟ ନ ଦେବାକୁ ଧମକଚମକ

ଦିଗପହଣ୍ଡି,୩୦।୫
(ଅକ୍ଷୟ ନାଥ ମିଶ୍ର)–

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରେ ଗତ ପ୍ରାୟ ୮ ମାସ ତଳେ ଜଣେ ନାବାଳିକାକୁ ବଳାତ୍କାର ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଗିରଫ ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ଗୁଲୁ ସାହୁଙ୍କ ପରିବାର ଲୋକେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ କୋର୍ଟରେ ସାକ୍ଷ୍ୟ ନ ଦେବାକୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା' ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ନଂ.୧୮୯/୨୫ରେ ଏକ ମାମଲା ରୁଜୁ କରି କରିଛନ୍ତି। ବିଜୟ ସାହୁ, ମିଟୁ ସାହୁ, ଧୋବଣୀ ସାହୁ ଏବଂ ପାଣ୍ଡି ସାହୁଙ୍କ ନାଁରେ ଏହି ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଛି। ବଳାତ୍କାର ମାମଲାରେ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ଥିବା ବେଳେ ତାଙ୍କ ପରିବାର ଲୋକେ ମକଦ୍ଦମାରେ ସାକ୍ଷ୍ୟ ନ ଦେବା ପାଇଁ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ପ୍ରଥମେ ଅର୍ଥ ଲୋଭ ଦେଖାଇଥିଲେ। ସେମାନେ ରାଜି ନ ହେବାରୁ ଅଭିଯୁକ୍ତଙ୍କ ପରିବାର ଲୋକେ ବିଭିନ୍ନ ମାରଣାସ୍ତ୍ର ଧରି ପୀଡ଼ିତାଙ୍କ ଘରକୁ ଯାଇ ବଳାତ୍କାର ମାମଲାରେ ସାକ୍ଷ୍ୟ ଦେଲେ ପୀଡ଼ିତାଙ୍କ ବାପାଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ଏତଲାରେ ଉଲ୍ଲେଖ ରହିଛି।


Govt. of India
Ministry of Skill Development and Entrepreneurship
Directorate General of Training
National Skill Training Institute, Bhubaneswar
NSIC Building, 5th Floor, IDCO Plot No.06, Mancheswar Industrial Estate, Bhubaneswar, Odisha - 751010

भारत सरकार
कौशल विकास और उद्यमशीलता मंत्रालय
प्रशिक्षण महानिदेशालय
राष्ट्रीय कौशल प्रशिक्षण संस्थान, भुवनेश्वर

**CTS ADMISSION NOTICE 2025-26**

National Skill Training Institute, Bhubaneswar, is an institute under the Directorate General of Training (DGT), Ministry of Skill Development & Entrepreneurship, Government of India. It offers NCVET-approved, NSQF-aligned ITI courses under the Craftsmen Training Scheme (CTS) for candidates who have passed Class X, starting from September 2025.

| Sl. No | Trade | NSQF Level | Entry Qualification | Duration | No. of Seats |
|---|---|---|---|---|---|
| 1 | Solar Technician (Electrical) | Level-3 | Passed 10th class examination with Science and Mathematics. | 01 Year | 20 |
| 2 | Drone Technician | | | 06 Months | 24 |
| 3 | Artificial Intelligence Programming Assistant (AIPI) | | | 01 Year | 24 |

**Admission Procedure :**
- Age : Minimum 14 years as on first day of academic session. No upper age limit.
- Admission shall be made on the basis of marks obtained in 10th class examination.
- Registration fees Rs. 50/- for Gen/OBC candidates. No Registration fee for SC/ST candidates
- Admission fee Rs.100/- for Gen/OBC candidates & Rs. 25/- for SC/ST/EWS candidates.
- Tuition fee @ Rs. 150/- per month for GL and OBC, Rs. 50/- per month for SC, ST, EWS, PH candidates. No tuition fees for girl candidates as per DGT guidelines.
- Central reservation policy will be followed in the admission process.
- Well-equipped A/C Lab & Classrooms, IT Lab, library & Wi-Fi with experienced faculties are available.
- Eligible candidates can scan the QR code given, fill the Google form and submit online. For offline can download the application forms from the website: https://nstibhubaneswar.dgt.gov.in or can be collected from the institute. Filled in applications with copies of required documents should be submitted at the institute or may be sent through speed post. Selected candidates will be called for admission.
- Google form Link: https://forms.gle/w6xcy3Mp3S1rc1wm9
- Copy of documents to be attached along with application form:
  1. Mark sheets/ Certificate
  2. Aadhaar card.
  3. Caste/ Community certificate from appropriate authorities for SC/ST/OBC candidates.
  4. Two passport size recent colour photos.
- For other details see the prospectus available on the website https://nstibhubaneswar.dgt.gov.in
- For any assistance contact: 0674-2580444/8594819990 (Training section)

LAST DATE FOR SUBMISSION OF APPLICATION: 30-06-2025

Sd/- PRINCIPAL, NSTI, BHUBANESWAR

# ଘରୋଇ ଡାକ୍ତରଖାନା, କ୍ୱାକ୍‌ଙ୍କ ଦ୍ୱାରା ରୋଗୀ ଶୋଷିତ

**କେନ୍ଦ୍ରାପଡ଼ା,୩୦।୫ (ଜଗନ୍ନାଥ ଧଳ)**

- ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀ ହେଉଛନ୍ତି ମାଲାମାଲ
- ସରକାରୀ ଡାକ୍ତରଖାନାରେ ରେଫର ଅଧିକ
- ୬ ଦିନ ବଦଳରେ ଏକକାଳୀନ ୪୨ ଘଣ୍ଟା କାମ



କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟସେବା ସମସ୍ୟାର ଅନ୍ତ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ। ଉପାନ୍ତଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମୀ ଅଭାବରୁ ରୋଗୀଙ୍କୁ ଏବେ କଟକ ବଡ଼ ଡାକ୍ତରଖାନା ଯିବାକୁ ରେଫର କରାଯାଉଛି। ଏହାର ଫାଇଦା ଜିଲ୍ଲାରେ ଗଢ଼ି ଉଠିଥିବା ଘରୋଇ ନର୍ସିଂହୋମ ଓ ଉପାନ୍ତ ଅଞ୍ଚଳରେ କ୍ୱାକମାନେ ନେଉଛନ୍ତି। ନର୍ସିଂହୋମରେ ସରକାରୀ ଡାକ୍ତରଖାନାର ଡାକ୍ତର ଓ କେତେଜଣ ଅଣ ଚିକିତ୍ସକ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ନର୍ସିଂହୋମରେ କେତେକ ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀ ଏହି ପ୍ରକାର ଚିକିତ୍ସକଙ୍କୁ ଧରି ଏବେ ନିଜର ଫାଇଦା ଉଠାଉଛନ୍ତି। ସେହିପରି ଉପାନ୍ତ ଅଞ୍ଚଳର କ୍ୱାକମାନେ ରୋଗୀଙ୍କୁ ଦେଉଥିବା ଔଷଧ ଉପରେ ଜିଲ୍ଲା ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁନାହିଁ। କ୍ୱାକ ଓ ଔଷଧ ସମ୍ପର୍କରେ ତନଖି ନ ହେବାରୁ ରୋଗୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ବିଭିନ୍ନ ବର୍ଗର ଲୋକ ମତଦେଇଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ମନୋଜ ନାୟକ ଗତ ୫ ଦିନ ପୂର୍ବର ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ସେ କହିଛନ୍ତି, ଡେରାବିଶ ଅଞ୍ଚଳର ଜଣେ ପ୍ରସୂତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର କହିଲେ ପ୍ରସୂତୀଙ୍କ ଅପରେଶନ ଆବଶ୍ୟକ। ସଂଜ୍ଞାହୀନ କରିବା ଏଠାରେ ସମ୍ଭବ ନ ଥିବାରୁ କଟକ ରେଫର କଲେ। ତେବେ ଆମେ ନିକଟସ୍ଥ ନର୍ସିଂହୋମରେ ସେହି ଡାକ୍ତରଖାନାର ଡାକ୍ତର ଅପରେଶନ କରୁଥିବା ଦେଖିଲୁ। ରାଜ୍ୟ ସରକାରଙ୍କ କଡା କଟକଣାକୁ ବେଖାତିର କରି ୪ରୁ ଅଧିକ ଆଶାକର୍ମୀଙ୍କୁ ଏହି ନର୍ସିଂହୋମରେ ପାଇଲୁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ବିଭାଗରେ ୫ ଜଣ ଡାକ୍ତର ନିଯୁକ୍ତ ହେଉଥିଲେ ମଧ୍ୟ ରୋଗୀଙ୍କୁ ରେଫର କରାଯାଉଛି। ଏଥିପାଇଁ ସହରରେ ଥିବା ୯ ନର୍ସିଂହୋମ ସୁରୁଖରୁରେ ଚାଲିଥିବା ସେ କ୍ଷୋଭର ସହ ପ୍ରକାଶ କରିଥିଲେ। ସେହିପରି ସହରର ମାଧପୁରସ୍ଥ ସାମାଜିକ କର୍ମୀ ଗୌତମ ସାହୁ କହିଛନ୍ତି, ସୁପରିଚାଳନା ପାଇଁ ମୁଖ୍ୟ ଚିକିତ୍ସାଳୟରେ ଡିସ୍‌ପ୍ଲେ ବୋର୍ଡ ଅଛି। ଏହି ବୋର୍ଡରେ କର୍ମଚାରୀଙ୍କ ନାମ, କର୍ତ୍ତବ୍ୟ ସମୟ ଓ ମୋବାଇଲ ନମ୍ବର ରହୁନାହିଁ। ଡାକ୍ତରମାନେ ଏହାର ସୁବିଧା ନେଇ ସକାଳ ୫ଟାରେ ଆଉଟଡୋର କାମ ସାରି ଘରୋଇ ଚିକିତ୍ସାରେ ବ୍ୟସ୍ତ ରହୁଛନ୍ତି। ଜିଲ୍ଲା ପ୍ରଶାସକ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଆଉଟଡୋରରେ ପ୍ରବଳ ଭିଡ ହେଉଛି। ଅପରପକ୍ଷେ ଗ୍ରାମାଞ୍ଚଳ ପିଏଚ୍‌ସି ଓ ସିଏଚ୍‌ସିରେ ପ୍ରତିଦିନ ୬ ଘଣ୍ଟା କାର୍ଯ୍ୟ କରିବା ନିୟମ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହରେ ଏକକାଳୀନ ୩ ଦିନ ରହି ନିଜର ୪୨ ଘଣ୍ଟାର କର୍ତ୍ତବ୍ୟ ସାରିଥିବା ପ୍ରକାଶ କରୁଛନ୍ତି। ଏଥିପାଇଁ ଉପାନ୍ତ ଅଞ୍ଚଳର ରୋଗୀ ବାଧ୍ୟ ହୋଇ କ୍ୱାକଙ୍କ ହାବୁଡରେ ପଡୁଛନ୍ତି। ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ରୋଗୀଙ୍କ ଭାଗ୍ୟ ରେଫରରେ ସୀମିତ। ତେବେ ସରକାରୀ ଡାକ୍ତରଖାନାରେ କେଉଁ ଭିତ୍ତିଭୂମୀ ନ ଥିବାରୁ ରୋଗୀମାନଙ୍କୁ ରେଫର କରାଯାଉଛି, ସେ ସମ୍ପର୍କରେ ଉଲ୍ଲେଖ ରହୁନାହିଁ। ଫଳରେ ଜିଲ୍ଲା ସ୍ୱାସ୍ଥ୍ୟସେବାର ଆବଶ୍ୟକ ଭିତ୍ତିଭୂମୀକୁ ସଜଡା ଯାଇପାରୁନାହିଁ। ସାଧାରଣ ଭାବେ ହାଡ ଭଙ୍ଗା ରୋଗୀଙ୍କ ପ୍ଲାଷ୍ଟର ହେଉନାହିଁ। ବିଭିନ୍ନ ସମୟରେ ଏକ୍ସରେ, ଅଲଟ୍ରାସାଉଣ୍ଡ ଆଦି ମେଶିନ ଚଳାଇବାକୁ କର୍ମଚାରୀ ମିଳୁନାହାନ୍ତି। ଡାକ୍ତର ଓ କର୍ମଚାରୀ ଅଭାବ ଦର୍ଶାଇ ରେଫର କରାଯାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଭିତ୍ତିଭୂମୀ ସଜାଡିବାରେ ଅଣହେଳା ହେଉଛି। ପ୍ରତିଦିନ ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ ହେଲେ ଏହାର ସମାଧାନ ହୋଇ ପାରନ୍ତା ବୋଲି ସେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ଗତ ବର୍ଷକ ମଧ୍ୟରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆସିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ନିୟୋଜନ ଓ ଚିକିତ୍ସା ସେବାକୁ ମନିଟରିଂ କରାଯାଉଛି। ଏହାବ୍ୟତୀତ ଜିଲ୍ଲାରେ ଘରୋଇ ଚିକିତ୍ସା ଅନୁଷ୍ଠାନର ବ୍ୟତିକ୍ରମ ସମ୍ପର୍କରେ କୌଣସି ଅଭିଯୋଗ ଆସିଲେ ତଦନ୍ତ ସହ କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯାଉଛି।

# ବଉଲକଣି ପଞ୍ଚାୟତରେ ଆର୍ଥିକ ଅନିୟମିତତା



ସାମାଜିକ କର୍ମୀ ହରେକୃଷ୍ଣ ମହାପାତ୍ର ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**କେନ୍ଦ୍ରାପଡ଼ା, ୩୦।୫ (ଜଗନ୍ନାଥ ଧଳ)**

**ଭିଜିଲାନ୍ସ ତଦନ୍ତ ଦାବି ଜୋରଧରିଲା**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଉଲକଣି ପଞ୍ଚାୟତରେ ୨୦୧୭ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଉନ୍ନୟନ ଯୋଜନାରେ ଆର୍ଥିକ ଅନିୟମିତତା ହୋଇଛି। ଏସମ୍ପର୍କରେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ଜଣାପଡୁଛି। ଏହି ଅନିୟମିତତାର ଭିଜିଲାନ୍ସ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏପରି ଅଭିଯୋଗ ଆଣି ବଉଲକଣି ଗ୍ରାମର ସାମାଜିକ କର୍ମୀ ହରେକୃଷ୍ଣ ପାତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍ ରବିନ୍ଦ୍ର ମଲିକଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଆର୍ଥିକ ଅନିୟମିତତାର ଆଭାସ ମିଳିବା ପରେ ସୂଚନା ଅଧିକାର ଆଇନ ଅନୁଯାୟୀ ବିଡିଓଙ୍କୁ ତଥ୍ୟ ମଗାଯାଇଥିଲା। ତେବେ ସମୟ ଅବଧି ମଧ୍ୟରେ ତଥ୍ୟ ନ ମିଳିବାରୁ କମିଶନର କୋର୍ଟରେ ଏନେଇ ଅଭିଯୋଗ କରିଥିଲେ। ଗତ ଏପ୍ରିଲ ୨୪ରେ ସେହି ମାମଲାର ଶୁଣାଣୀ ହୋଇଥିବା ବେଳେ କାଗଜପତ୍ର ଠିକ ନ ଥିବା ସରକାରୀ ପକ୍ଷ ଦର୍ଶାଇଥିଲେ। ସରକାରୀ ଉନ୍ନୟନ ଅର୍ଥ ତୋଷାରପାତ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ହେଲେ ବହୁ ତଥ୍ୟ ଉନ୍ମୋଚିତ ହେବା ସମ୍ଭାବନା ଥିବାରୁ ଏହି ଦାବି କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ସରକାରୀ ବିହନ ଅଭାବ, ଚିନ୍ତାରେ ଚାଷୀ

**ମାର୍ଶାଘାଇ,୩୦।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଥିଲା ବେଳେ ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିସାରିଛି। ଏହା ମଧ୍ୟରେ ଅଖିମୁଠି ଅନୁକୂଳକୁ ମାସେ ପୁରୁଛି। ମାର୍ଶାଘାଇ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ଜମିକୁ ଯିବା ଆରମ୍ଭ କଲେଣି। ଜମିରେ ଧାନ ବୁଣିବା ଓ ତଳି ପକାଇବା ପାଇଁ ଯୋଜନା କରୁଥିବା ବେଳେ ସରକାରୀ ବିହନ ଯୋଗାଣରେ ବିଳମ୍ବ ଯୋଗୁ ଚିନ୍ତାରେ ପଡିଯାଇଛନ୍ତି ମାର୍ଶାଘାଇ ବ୍ଲକର ଚାଷୀ। ମୋଟ ୨୪ ପଞ୍ଚାୟତର ଜଳ ସେଚିତ ଓ ଅଣ ଜଳସେଚିତ ପ୍ରାୟ ୯ହଜାର ୯ଶହ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ଏଥି ପାଇଁ ୮ଶହ କୁଇଣ୍ଟାଲ ବିହନର ଆବଶ୍ୟକତା ରହିଛି। ମାତ୍ର କୃଷି ବିଭାଗର ବିହନ ଯୋଗାଣରେ କାଳକ୍ଷେପଣ ନୀତି ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ୱର୍ଣ୍ଣ, ପୂଜା, ଶାରଳା ବିହନ ସାଙ୍ଗକୁ ଅଧିକ ଅମଳକ୍ଷମ ଧାନ ଏ ଅଞ୍ଚଳର ଚାଷୀମାନେ ଚାଷ କରିଥାନ୍ତି। ତୁରନ୍ତ ବିହନ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ କହିଛନ୍ତି, ଆସନ୍ତା ୧୦ଦିନ ମଧ୍ୟରେ ବ୍ଲକରେ ଥିବା ମୋଟ ୧୦ ପ୍ରାଥମିକ କୃଷି ସମବାୟ ସମିତିକୁ ବିହନ ଯୋଗାଇ ଦିଆଯିବ।

# ଲକ୍ଷପତି ଦିଦି ସୃଷ୍ଟିରେ କେନ୍ଦ୍ରାପଡ଼ା ରାଜ୍ୟରେ ଦ୍ୱିତୀୟ


ମମତା ନାଥଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରୁଛନ୍ତି।

**କେନ୍ଦ୍ରାପଡ଼ା,୩୦।୫(ଜଗନ୍ନାଥ ଧଳ)**

ଲକ୍ଷପତି ଦିଦି ସୃଷ୍ଟି କରିବାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲା ଅଧିକାର କରିଛି। ରାଜ୍ୟରେ ନୟାଗଡ ଜିଲ୍ଲା ୯୮ ପ୍ରତିଶତ ଲକ୍ଷପତି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ୯୭ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ଦ୍ୱିତୀୟ ସ୍ଥାନରେ ରହିଛି। ଏହା ସହିତ ରାଜ୍ୟରେ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବେ ପଟ୍ଟାମୁଣ୍ଡାଇ ବ୍ଲକର ତରଡ଼ିପାଳ ପଞ୍ଚାୟତର ମମତା ନାଥଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମେଳନ ଗୃହରେ ଗୁରୁବାର ଅନୁଷ୍ଠିତ ଲକ୍ଷପତି ଦିଦି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମାଝୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏହା ସହିତ ଡିପିଏମ୍ ଓଏଲମ ପ୍ରଶାନ୍ତ ପାଢ଼ୀ, ଡିପିସି ମିଶନଶକ୍ତି ଆରତୀ ସାହୁ ମଧ ଉପସ୍ଥିତ ଥିଲେ। ତୃଣମୂଳସ୍ତରରେ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ଏବଂ ଆନ୍ତରିକତା ଯୋଗୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ରାଜ୍ୟରେ ଗୌରାବ ପାଇଛି ବୋଲି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ କହିଛନ୍ତି। ଆଗକୁ ମଧ ଏମିତି ନିଷ୍ଠା ସହିତ କାର୍ଯ୍ୟ କଲେ ନିଶ୍ଚିତ ଭାବେ ଆମେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ବୋଲି ସେ ଆଶାପୋଷଣ କରିଛନ୍ତି।

# ଆନ୍ତଃ ରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ୬ ଗିରଫ

**ଯାଜପୁର ରୋଡ୍,୩୦।୫ (ପବିତ୍ର ମହାନ୍ତି)**

**ଡକାୟତି ଉଦ୍ୟମବେଳେ କାବୁ କଲା ଯାଜପୁରରୋଡ୍ ଥାନା ପୋଲିସ**

ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗର ୬ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏଥିସହିତ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ ବିର୍ଲା ଥାନା ଅଞ୍ଚଳର ସୁନୀଲ କୁମାର ବିଷ୍ଣୋଇ, ଉତ୍ତରପ୍ରଦେଶ ଶିକାରୀଗଞ୍ଜ ଥାନା ଅଞ୍ଚଳର ଚନ୍ଦ୍ରମୋହନ ଶର୍ମା, ମନିଷ କୁମାର ଶର୍ମା, ବଦ୍ରିନାଥ ଉପାଧ୍ୟାୟ, ସନ୍ଦୀପ କୁମାର ବିନ୍ଧ ଏବଂ ବିହାର ରାଜ୍ୟ ଉଚକଗାଁ ଅଞ୍ଚଳର ସନ୍ଦୀପ କୁମାର ସିଂହ। ଗିରଫ ଯୁବକମାନଙ୍କ ନିକଟରୁ ପୋଲିସ ଲୁହା ରଡ୍, ରଶି ଆଦି ଜବତ କରାଯାଇଛି।

ଯାଜପୁର ରୋଡ୍ ଆଦର୍ଶ ଥାନା ଏସ୍‌ଆଇ୍ ଜେ. ଆବେଦିନଙ୍କ ନେତୃତ୍ୱରେ ଗୁରୁବାର ରାତି ପ୍ରାୟ ୨ଟାରେ ପେଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ସୋବରା ଅଞ୍ଚଳର ଏକ ପଡ଼ିଆରେ କେତେଜଣ ବାହାର ରାଜ୍ୟର ଯୁବକ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ଖବର ମିଳିଥିଲା। ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଉପରୋକ୍ତ ଯୁବକମାନଙ୍କୁ କାବୁ କରିଥିଲା। ଏନେଇ ଏସଆଇ୍ ଜେ.ଆବେଦିନଙ୍କ ଏତଲା ଆଧାରରେ ଥାନାରେ ନଂ.୩୨୧/୨୫ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଡିଏସ୍‌ପି ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ବିଜେଡି ନେତା ଶିଶିର ମହାପାତ୍ରଙ୍କ ସ୍ମୃତିସଭା


ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

**ପାଟକୁରା,୩୦।୫(ରବୀନ୍ଦ୍ରନାଥ ବାରିକ)**

ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ହରିଦାସପୁର ଗ୍ରାମର ବିଜେଡି ନେତା ଶିଶିର ମହାପାତ୍ରଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ହରିଦାସପୁର ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶୁଭେଚ୍ଛୁ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମହାପାତ୍ର ଗରଦପୁର ବ୍ଲକ୍ ବିଜେଡିର ଜଣେ ଅଗଧାଡ଼ିର ସଙ୍ଗଠକ ଥିଲେ। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସେ ଏକାନ୍ତ ଅନୁଗତ ଥିଲେ। ହରିଦାସପୁର ଗ୍ରାମର ଅନେକ ସାଂସ୍କୃତିକ ସଙ୍ଗଠନ ସହିତ ସେ ଜଡ଼ିତ ଥିଲେ। ସେ ସ୍ଥାନୀୟ ଲୋକଙ୍କ ସୁଖଦୁଃଖରେ ସାମିଲ ହେଉଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି ସଭାରେ ଅଧ୍ୟାପକ ରମାକାନ୍ତ ପାଣି, କେନ୍ଦ୍ରାପଡା ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାଶ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ବାରିକ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ସମବାୟବିତ୍ ଚିତ୍ତରଞ୍ଜନ ଚୌଧୁରୀ, କୈଳାସ ଚନ୍ଦ୍ର ପରିଡା, ଗଗନବିହାରୀ ରାଉତ, ସମିତି ସଭ୍ୟ ଦିଲୀପ ସାହୁ, ସାମାଜିକ କର୍ମୀ ଗଙ୍ଗାଧର ମିଶ୍ର, ବିଶ୍ୱପ୍ରକାଶ ମହାପାତ୍ର, ରୁଦ୍ରପ୍ରକାଶ ମହାପାତ୍ର, ସୌମ୍ୟ ପ୍ରକାଶ ମହାପାତ୍ର, ରାକେଶ ମହାନ୍ତି, ସିପ୍ରା ମହାପାତ୍ର, ଦାମୋଦର ମହାପାତ୍ର, ବାଇଧର ମହାପାତ୍ର, ଅଶୋକ ମହାନ୍ତି, ମହେନ୍ଦ୍ର କୁମାର ମୁଦୁଲି, ପ୍ରଶାନ୍ତ ସ୍ୱାଇଁ, ବିସ୍ମୟ ପ୍ରକାଶ ଖୁଣ୍ଟିଆ, ବିଷ୍ଣୁ ଚାରଣ ଖୁଣ୍ଟିଆ, ଅକ୍ଷୟ ପରିଡା, ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ନାମରେ ଏତଲା ଦେଲେ ବିଡିଓ

**ଆଳି,୩୦।୫(ବନମାଳୀ ସେନାପତି)**

**ଭତ୍ତା ଟଙ୍କା ସହ ପ୍ରକଳ୍ପ ଅର୍ଥ ଆତ୍ମସାତ୍ ଅଭିଯୋଗ**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ବାଳକାଟି ଓ କଳସପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ନାମରେ ଆଳି ଥାନାରେ ବିଡ଼ିଓ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ଆଳି ବ୍ଲକ୍ ବାଳକାଟି ଓ କଳସପୁର ପଞ୍ଚାୟତରେ କାର୍ଯ୍ୟରତ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବରେଶ ଦଳାଇ ବାଳକାଟି ପଞ୍ଚାୟତରେ ୱାର୍ଡମେମ୍ବରଙ୍କ ଭତ୍ତା ଟଙ୍କା ସହ କେତେଜଣ ହିତାଧିକାରୀଙ୍କ ଟଙ୍କା ଉଠାଇ ନେଇଥିବା ବେଳେ କଳସପୁର ପଞ୍ଚାୟତର ମଧ କେତେକ ପ୍ରକଳ୍ପର ଟଙ୍କା ଉଠାଇ ନେଇଥିବା ବାଳକାଟି ସରପଞ୍ଚ ସୁକାନ୍ତି ପରିଡା ଓ କଳସପୁର ସରପଞ୍ଚ ସୁଧୀର ମଲିକ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ନେଇ ବିଡ଼ିଓ କଥିତ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ପଞ୍ଚାୟତରେ ଖର୍ଚ୍ଚ ହିସାବ ଓ ଜରୁରୀ କାଗଜପତ୍ର ଜମା ଦେବା ନିମନ୍ତେ ବାରମ୍ବାର ଚିଠି କରିଥିଲେ। ହେଲେ ସେ କୌଣସି ଉତ୍ତର ନ ଦେବାରୁ ତାଙ୍କ ବିରୋଧରେ ଆଳି ଥାନାରେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନକୁ ମଧ ଏ ବିଷୟରେ ଅବଗତ କରାଯାଇଛି ବୋଲି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ସୂଚନା ଦେଇଛନ୍ତି।

# ସାମାଜିକ କର୍ମୀଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର

**ପାଣିକୋଇଲି,୩୦।୫(ବିକାଶ ମଲ୍ଲିକ)**

**ଏସ୍‌ପିଙ୍କ ନିକଟରେ ଅଭିଯୋଗ**

ବାଲିଚନ୍ଦ୍ରପୁର ଥାନାରେ ଜଣେ ସାମାଜିକ କର୍ମୀ ଦୁଷ୍ମନ୍ତ ଜେନାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଥାନାଧିକାରୀ ସମରଜିତ ନାୟକ ଦୁର୍ବ୍ୟହାର କରିଥିବା ଅଭିଯୋଗକାରୀ ଏସ୍‌ପିଙ୍କୁ ଜଣାଇବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏସ୍‌ସିଏସ୍‌ଟି ଜଏଣ୍ଟ୍ ଆକ୍ସନ କମିଟି ପକ୍ଷରୁ ଘଟଣାରେ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏସ୍‌ପି ଯଶ ପ୍ରତାପ ଶ୍ରୀମଲ ଏସ୍‌ଡିପିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ ମୁତାବକ, ଗତ ୧୦ ତାରିଖରେ ବାଲିଚନ୍ଦ୍ରପୁର ଥାନା ଅଧୀନ ନସ୍ତା ଗ୍ରାମରେ ଏକ ଭୋଜି ଚାଲିଥିଲା। ଏହି ସମୟରେ ଜନକ ଗ୍ରାମର କେତେଜଣ ବ୍ୟକ୍ତି ରାସ୍ତାରେ ଯାଉଥିବାବେଳେ ନସ୍ତା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ଘଟଣାସ୍ଥଳେ ପହଞ୍ଚିଯିବାରୁ ଜନକ ଗ୍ରାମର କେତେଜଣ ଯୁବକ ସେମାନଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ନସ୍ତା ଗ୍ରାମର ଲୋକେ ଏସ୍‌ସିଏସ୍‌ଟି ଜଏଣ୍ଟ୍ ଆକ୍ସନ କମିଟିକୁ ଜଣାଇ ସାହାଯ୍ୟ ଲୋଡ଼ିଥିଲେ। ପରେ ଉକ୍ତ କମିଟିର ସମ୍ପାଦକ ତଥା ସାମାଜିକ କର୍ମୀ ଦୁଷ୍ମନ୍ତ ଜେନା ଲୋକଙ୍କୁ ଅଭିଯୋଗ କରିବାକୁ ବାଲିଚନ୍ଦ୍ରପୁର ଥାନାକୁ ନେଇ ଯାଇଥିଲେ। ଏହିସମୟରେ ଯାଜପୁରରୋଡ୍ ଏସଡିପିଓ ସେଠାରେ ଉପସ୍ଥିତ ଥିବାରୁ ତାଙ୍କୁ ମଧ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏସ୍‌ଡିପିଓ ଥାନାରୁ ଗଲାପରେ ଥାନାଧିକାରୀ ଅଭିଯୋଗକାରୀଙ୍କ ସହ ସାମାଜିକ କର୍ମୀଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ସାମାଜିକ କର୍ମୀ ତଥା ଅମ୍ବେଡକର ଫାଉଣ୍ଡେଶନର କାର୍ତ୍ତିକ ମଲିକ, ପଙ୍କଜ ମଲିକ, ସିଭିଲ ସୋସାଇଟିର ବିଶ୍ୱନାଥ ପାତ୍ର ଏବଂ ଅନ୍ୟ ସାମାଜିକ କର୍ମୀମାନେ ଏସ୍‌ପିଙ୍କୁ ଭେଟି ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ବିକଶିତ କୃଷି ସଂକଳ୍ପ ଅଭିଯାନ ପ୍ରଶିକ୍ଷଣ

**ଭାଗନେଲେ ୩ଶହ ଅଗ୍ରଣୀ କୃଷକ**

**ପଟ୍ଟାମୁଣ୍ଡାଇ,୩୦।୫(କଳ୍ପତରୁ ନାୟକ)**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଭାରତ ସରକାର ତଥା ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସରକାରଙ୍କ ଲୋକାଭିମୂଖ୍ୟ କାର୍ଯ୍ୟକ୍ରମ ବିକଶିତ କୃଷି ସଂକଳ୍ପ ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ପଟ୍ଟାମୁଣ୍ଡାଇ ବ୍ଲକ ଡିଆପଡା ଓ ବଡମୁଳବସନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଶରତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଭୁବନେଶ୍ୱର କେନ୍ଦ୍ରୀୟ ମହିଳା କୃଷି ସଂସ୍ଥାନ ଅଭିଜ୍ଞ ବିଶେଷଜ୍ଞ ଡ. ଲକ୍ଷ୍ମୀପ୍ରିୟା ସାହୁ, ଜଗାଙ୍ଗ କୃଷିବିଜ୍ଞାନ କେନ୍ଦ୍ରର ଏସ୍‌ଏମ୍‌ଏସ୍ ତାପସ ସାହୁ, ନମିତା ମହାପାତ୍ର, ସହକାରୀ କୃଷି ଅଧିକାରୀ ସୋନାଲି ମହାପାତ୍ର, ମହାକାଳପଡ଼ା ଉଦ୍ୟାନ କୃଷି ଅଧିକାରୀ ସୌରଭ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ୧୫୦ରୁ ଅଧିକ ଅଗ୍ରଣୀ ଚାଷୀମାନଙ୍କୁ ମୃତ୍ତିକା ଉପାଦେୟତା, ମୃତ୍ତିକା ପରୀକ୍ଷା, ପରୀକ୍ଷା ଅନୁଯାୟୀ ସାର ଖତ ପ୍ରୟୋଗ କରି ଅଧିକ ଅମଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଅପରାହ୍ନ ୩ଟାରେ ବଡମୁଳବସନ୍ତ ପଞ୍ଚାୟତରେ ୧୩୦ରୁ ଅଧିକ ଅଗ୍ରଣୀ କୃଷକଙ୍କୁ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। କୃଷିରେ ନୂତନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ଅଧିକ ଫସଲ ଅମଳ କରିବାକୁ କୃଷି ବୈଜ୍ଞାନିକମାନେ କୃଷକମାନଙ୍କୁ ବୁଝାଇଥିଲେ। କୃଷକମାନେ ସେମାନଙ୍କ ଚାଷ ସମ୍ପର୍କିତ ଯେକୌଣସି କୃଷି ସମସ୍ୟା ଉପରେ ଅଭିଜ୍ଞ କୃଷି ବୈଜ୍ଞାନିକ ଓ କୃଷି ଅଧିକାରୀମାନଙ୍କୁ ପଚାରି ତା'ର ସମାଧାନ କରିପାରିବେ। ରାଜ୍ୟ ସରକାର କୃଷକମାନଙ୍କ ବିକାଶ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମଧ କୃଷି ଅଧିକାରୀମାନେ ଅବଗତ କରାଇଥିଲେ। ବିଭିନ୍ନ କୃଷି ଯନ୍ତ୍ରପାତିରେ ସରକାରୀ ସହାୟତା ଉପଲବ୍ଧ ହେଉଛି। କୃଷକମାନେ ଏହାର ସୁଯୋଗ ନେଇ କୃଷି ଯନ୍ତ୍ରପାତି କିଣି ଚାଷ କାର୍ଯ୍ୟରେ ଲଗାଇଲେ ଭଲ ଚାଷ କରି ଅଧିକ ଫସଲ ଅମଳ କରିପାରିବ ବୋଲି ଅଧିକାରୀମାନେ କହିଥିଲେ। ଏଥିସହ ଗୋପାଳନ, ମାଛଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ, ଫଳ ଚାଷ ଉପରେ ମଧ ଅଧିକାରୀମାନେ ଆଲୋଚନା କରିଥିଲେ।



ବିକଶିତ କୃଷି ସଂକଳ୍ପ ଅଭିଯାନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଚାଷୀମାନେ।

## ସଂକ୍ଷେପରେ

### ଷ୍ଟାଣ୍ଡିଂ କମିଟିକୁ ଦାବିପତ୍ର ଦେଲେ ଭାଜପା ଯୁବନେତା

ଦାରିଙ୍ଗବାଡ଼ି, ୩୦।୫ (ଅରୁଣ ସାହୁ) ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ରର ବିକାଶ ଓ ଦାରିଙ୍ଗବାଡ଼ିକୁ ଏନ୍ଏସି ଘୋଷଣା କରାଯିବା ପାଇଁ ଭାଜପାର ଯୁବନେତା ହରେନ ସାହୁ ବିଧାନସଭାର ଷ୍ଟାଣ୍ଡିଂ କମିଟିର ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାରିଙ୍ଗବାଡ଼ିର ବିକାଶ ପାଇଁ ଏନ୍ଏସି ଘୋଷଣା କରାଯିବା ଦରକାର। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିବା ସହ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ କରାଗଲେ ଅଞ୍ଚଳର ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ହୋଇପାରିବ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### ସୋଲାର ପମ୍ପ ମରାମତି ପାଇଁ ଦାବି

ଦାରିଙ୍ଗବାଡ଼ି, ୩୦।୫ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ କାଟିଙ୍ଗିଆ ପଞ୍ଚାୟତ ପଣସପଦର ଗ୍ରାମରେ ସୋଲାରପମ୍ପ ଅଚଳ ହୋଇପଡୁଛି। ଏବେ ବର୍ଷା ହେଉଛି ହେଲେ ଗାଁରେ ପିଇବା ପାଣି ସଂକଟ ବଢ଼ିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ପାଇ ଜଳ ଓ ପରିମଳ ବିଭାଗର କର୍ମଚାରୀ ଗାଁରେ ପହଞ୍ଚି ମରାମତି କରିବାକୁ ଚେଷ୍ଟା କରିଥିଲେ। ତେବେ କିଛି ଯନ୍ତ୍ରପାତିର ଆବଶ୍ୟକ ପଡ଼ିବାରୁ ସେମାନେ ଫେରି ଆସିଥିଲେ। ଏହାକୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ମରାମତି କରିବାକୁ ଆଉ କୌଣସି କର୍ମଚାରୀ ଯାଇ ନ ଥିବା ଗ୍ରାମର ସଦାନନ୍ଦ ପତ୍ରାଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଖଜୁରୀପଡ଼ା,୩୦।୫( ବିଦୁର ବେହେରା): ଖଜୁରୀପଡ଼ା ଥାନା ଅନ୍ତର୍ଗତ ଦଳପଡା ପଞ୍ଚାୟତ ଲୟବାଡ଼ି ଗ୍ରାମର ଜଣେ ଯୁବକ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମୃତ୍ୟୁଞ୍ଜୟ କହଁର ( ୪୫)। ଗୁରୁବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହିତ ଝଗଡ଼ା ହେବାରୁ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେଇଥିଲେ ମଧ୍ୟ ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ

ଆର.ଉଦୟଗିରି,୩୦।୫ (ମନୋଜ କୁମାର ପାଢୀ) କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ବିଭାଗର ମିଳିତ ଆନୁକୁଲ୍ୟରେ ଆର. ଉଦୟଗିରି ବ୍ଲକର ଶବରପଲ୍ଲୀ ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ ହୋଇଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଆର. ଉଦୟଗିରି ବିଡିଓ ଲରିମନ ଖରସେଲ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଚାଲିବ। ଅତ୍ୟାଧୁନିକ କୃଷି କୌଶଳ, ପ୍ରାକୃତିକ କୃଷି ସମ୍ପର୍କରେ କୃଷି ବିଜ୍ଞାନକେନ୍ଦ୍ରର ଉଦ୍ୟାନ ବିଜ୍ଞାନୀ ଡ. ସୁଶ୍ରୀ ଚୌଧୁରୀ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଡ. ସଂଗ୍ରାମ ପରମଗୁରୁ, ଡ. ସଂଜୀବ କୁମାର ମାର୍ଣ୍ଡି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଅତିରିକ୍ତ କୃଷି ଜିଲ୍ଲା ଅଧିକାରୀ, ଆର.ଉଦୟଗିରି ଏବଂ ମୋହନା ବ୍ଲକର କୃଷି ଅଧିକାରୀମାନେ ଉପସ୍ଥିତ ରହି ସରକାରୀ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରିତ ଫସଲ ଚୟନ, ସନ୍ତୁଳିତ ସାରର ବ୍ୟବହାର ଓ ଯୋଜନାରୁ ମିଳୁଥିବା ଅଧିକ ଲାଭ ସମ୍ପର୍କରେ ଆଲୋଚନା କରିଥିଲେ।

### ଗାଡ଼ିରୁ ୪ ଗୋରୁ ଉଦ୍ଧାର, ଜଣେ ଗିରଫ

ହିଞ୍ଜିଳିକାଟୁ,୩୦।୫(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ଅଞ୍ଚଳରୁ ବେଆଇନ ଭାବେ ଚାଲାଣ ହେଉଥିବା ୪ ଗୋରୁକୁ ଶୁକ୍ରବାର ସକାଳେ ହିଞ୍ଜିଳି ପୋଲିସ ଉଦ୍ଧାର କରିଛି। ଗୋରୁ ନେଉଥିବା ଟାଟା ଏସିଇ(ଓ ଜି ୬୩ଆଇ୪)କୁ ଜବତ ସହ ଜଣଙ୍କୁ ଗିରଫ କରିଛି । ସେ ହେଲେ ହିଞ୍ଜିଳି ଥାନା ସିଙ୍ଗିପୁର ଗ୍ରାମର ଚିତ୍ର ମହାନ୍ତି (୪୦)। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ହିଞ୍ଜିଳି ଥାନାରେ ନଂ.୫୩୫/୨୫ରେ ମାମଲା ରୁଜୁ ହୋଇଛି। ଉଦ୍ଧାର ଗୋରୁଙ୍କୁ ମହୁଡା ଗୋଶାଳାକୁ ପଠାଇ ଦିଆଯାଇଛି।

# କଫି ବଗିଚାର ବିକାଶକୁ ଗୁରୁତ୍ୱ

ଦାରିଙ୍ଗବାଡ଼ି, ୩୦।୫ (ଅରୁଣ ସାହୁ) ଦାରିଙ୍ଗବାଡ଼ିକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା କଫି ବଗିଚାର ରୂପାନ୍ତର ହେବ। ବଗିଚାରେ ରହିଥିବା ୪୭ହଜାର ୮୩୮ଟି ପୁରୁଣା କଫି ଗଛକୁ ହଟାଯାଇ ନୂତନ କଫି ଗଛ ଲଗାଯିବ। ୨୬.୭୧ ହେକ୍ଟର ଜମିରେ ୧୯୭୪ ମସିହାରୁ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କଫି ବଗିଚା ଆରମ୍ଭ କରାଯାଇଥିଲା। କିନ୍ତୁ ଏହାଠାରୁ ପଛରେ କୋରାପୁଟ କଫି ବଗିଚା ଆରମ୍ଭ ହୋଇଥିଲେ ମଧ୍ୟ ତାହା ଏକ ବ୍ରାଣ୍ଡରେ ପରିଣତ ହୋଇଛି। କେବଳ ଦାରିଙ୍ଗବାଡି କଫି ବଗିଚା ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ରହିଥିବା ଓ ଏହାର କୌଣସି ବିକାଶ ହୋଇ ନ ଥିବା ଶୁକ୍ରବାର ରାଜ୍ୟ ବିଧାନସଭା ଷ୍ଟାଣ୍ଡିଂ କମିଟି ପରିଦର୍ଶନ ବେଳେ କ୍ଷୋଭ ପ୍ରକାଶ କରିଛି। ପ୍ରକାଶ ଯେ, ବିଧାନସଭାର ଷ୍ଟାଣ୍ଡିଂ କମିଟି ପ୍ରତିନିଧି ଦଳ କନ୍ଧମାଳ ଗସ୍ତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣିଆ ପ୍ରତିନିଧି ଦଳ ଦାରିଙ୍ଗବାଡ଼ି ଗସ୍ତ କରିଥିଲେ। ସେମାନେ ଗୁରୁବାର ଦାରିଙ୍ଗବାଡ଼ିରେ ରାତ୍ରିଯାପନ କରିବା ସହ ଶୁକ୍ରବାର ସକାଳେ କଫି ବଗିଚା ପରିଦର୍ଶନରେ ଯାଇଥିଲେ। ସେଠାରେ ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଶରତ ଶବର, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଆଚାର୍ଯ୍ୟ, ପିଆଇଏ ହୃଷିକେଶ ପ୍ରଧାନ ପ୍ରମୁଖ ପ୍ରତିନିଧି ଦଳଙ୍କୁ ସ୍ୱାଗତ



ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ।

କରିଥିଲେ। ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବିଧାୟିକା ସୀମାରାଣୀ ନାୟକ, ବିଧାୟକ ପ୍ରଶାନ୍ତ ବେହେରା, ଉମାଚାରଣ ମଲିକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ଶେଖର ସାହୁ, ଗୌତମ ବୁଦ୍ଧଦାସ, ରୁପେଶ ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ ପ୍ରଥମେ କଫି ବଗିଚାରେ ପହଞ୍ଚି ସେଠାକାର ସ୍ଥିତି ପରଖିଥିଲେ। ସେମାନଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଆଚାର୍ଯ୍ୟ ଏବଂ ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା କଫି ବଗିଚା ସମ୍ପର୍କିତ ତଥ୍ୟ ଜଣାଇଥିଲେ। କମିଟି କାଫି ବାଗିଚାର ସ୍ଥିତି ଜାଣିବା ପରେ ଏହାର ରୂପାନ୍ତର ତଥା ନୂତନ କଫି ଗଛ ରୋପଣ

■ଦାରିଙ୍ଗବାଡ଼ିରେ ବିଧାନସଭା ଷ୍ଟାଣ୍ଡିଂ କମିଟି
■ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଅନୁଧ୍ୟାନ କଲେ ଟିମ୍

ସମେତ ଅଧିକାରୁ ଅଧିକ ଗୋଲମରିଚ ଗଛ ରୋପଣ କରାଯିବାକୁ କମିଟି ଗୃହରେ ଜଣାଇବ। ସେହିପରି ସିରିଗୁଡ଼ାଠାରେ ସ୍ଥାପନ ହେବାକୁ ରହିଥିବା ବିଦ୍ୟୁତ୍ ବିଭାଗର ଗ୍ରୀଡ଼୍‌ଅଧାପାନ୍ତରିଆ ହୋଇ ରହିଛି। ଫଳରେ ଦାରିଙ୍ଗବାଡ଼ି ସମେତ କ.ନୂଆଗାଁ ବ୍ଲକ, ବାଲିଗୁଡ଼ା, ତୁମୁଡ଼ିବନ୍ଧ ଓ କୋଟଗଡ଼ ବ୍ଲକ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତା ସବୁଦିନିଆ ବିଦ୍ୟୁତ ସେବା ପାଉ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି କମିଟି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ସେଠାକାର ସମସ୍ୟା ଶୁଣିଥିଲେ। ସେଠାରେ ଡାକ୍ତରପଦବୀ ଖାଲି ପଡ଼ିଥିବା ବେଳେ କୌଣସି ସ୍ପେଶାଲିଷ୍ଟ ଡାକ୍ତର ବିଶେଷ କରି ମେଡ଼ିସିନ ଓ ଶିଶୁ ଓ ମହିଳା ବିଶେଷଜ୍ଞଙ୍କ ଅଭାବ ରହିଥିବା ଅଞ୍ଚଳବାସୀ କମିଟିକୁ ଅବଗତ କରିଥିଲେ। କମିଟିର ଏହି ଗସ୍ତ ସମୟରେ ସରକାରୀ କର୍ମଚାରୀ, ଅଧିକାରୀଙ୍କ ସମେତ ଭାଜପାର ବରିଷ୍ଠ ନେତା ମାନ ଗୋବିନ୍ଦ ପ୍ରଧାନ, ଦାରିଙ୍ଗବାଡି ମଣ୍ଡଳ ସଭାପତି ମିଟୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ପରିଷଦ ସଦସ୍ୟ ସୁକାନ୍ତ ସାହୁ, ଏମ୍‌ପିଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ପ୍ରଭାକର ସାହୁ, ଅରୁଣ ପ୍ରଧାନ, ହରେନ ସାହୁ, ମାନକେତନ ସାହୁ, ଭାଲୁ ସାହୁ, ରଞ୍ଜନ ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କ.ନୂଆଗାଁ ମେଡିକାଲରେ ବିଧାନସଭା ଷ୍ଟାଣ୍ଡିଂ କମିଟି

କ.ନୂଆଗାଁ, ୩୦।୫ (କାଳି ପ୍ରସାଦ ତ୍ରିପାଠୀ) ରାଜ୍ୟ ବିଧାନସଭାର ସ୍ୱାସ୍ଥ୍ୟସ୍ଥାୟୀ କମିଟି ଗୁରୁବାର କନ୍ଧମାଳ ଗସ୍ତ କରି ସନ୍ଧ୍ୟାରେ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କମିଟି ଅଧ୍ୟକ୍ଷ ସମେତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଭିନ୍ନ ସରକାରୀ ଯୋଜନାର ଅନୁଧ୍ୟାନ କରିବା ସହିତ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। କମିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମିତ କୁମାର ବେହେରା, ଡାକ୍ତର ପ୍ରତ୍ୟୁଷ କୁମାର ସେନାପତିଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ନାଗରିକ କମିଟି ସଦସ୍ୟ ଗୁରୁରାମ ପାତ୍ର ଓ ବାଳିଗୁଡ଼ା ବିଧାୟକ ଚକ୍ରମଣି କହଁର ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ବିଶେଷଜ୍ଞ ଅଭାବ ଠାରୁ ଆରମ୍ଭ କରି ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ କମିଟିକୁ ଅବଗତ କରାଇଥିଲେ। ଏ ନେଇ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିଭୁତି ଭୂଷଣ ପ୍ରଧାନ ଏଡିଏଫଡବ୍ଲୁ ଡାକ୍ତର ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରି ସପ୍ତାହ ମଧ୍ୟରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସିଆରପିଏଫ୍ ତରଫରୁ ଯୋଗାଭ୍ୟାସ



ଚାଲିଥିବା ଯୋଗାଭ୍ୟାସ।

ବାଲିଗୁଡ଼ା,୩୦।୫(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ସ୍ଥିତ ୧୨୭ ବିଏନ, ସିଆରପିଏଫ ତରଫରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ୧୨୭ ବାଟାଲିଅନ୍ କମାଣ୍ଡାଣ୍ଟ ପଙ୍କଜ ବର୍ମା, ବିପିନ କୁମାର (ଡିସି)ଙ୍କ ସହିତ ୧୨୭ ବାଟାଲିଅନ୍ ସିଆରପିଏଫର ଅନ୍ୟାନ୍ୟ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। କମାଣ୍ଡାଣ୍ଟ ବର୍ମା ନିଜ ବକ୍ତବ୍ୟରେ ସମସ୍ତ ବୟସ ଏବଂ ପୃଷ୍ଠଭୂମିର ଲୋକଙ୍କୁ ଯୋଗକୁ ନିଜ ଜୀବନରେ ସାମିଲ କରିବାକୁ ଉତ୍ସାହିତ କରିଥିଲେ। ଯୋଗର ସାର୍ବଜନୀନ ଆକର୍ଷଣ, ସ୍ୱାସ୍ଥ୍ୟ ଏବଂ ଶାନ୍ତିର ମିଳିତ ଲକ୍ଷ୍ୟ ନେଇ ବିଶ୍ୱକୁ ଏକତ୍ର କରିବାର କ୍ଷମତାକୁ ଉଜ୍ଜ୍ୱଳ କରେ ବୋଲି ସେ କହିଥିଲେ।

## ମୁନିସିପେଣ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଜ୍ୟ ଟିବି ଟିମ୍

ଛତ୍ରପୁର,୩୦।୫(ସନ୍ତୋଷ ପାଢ଼ୀ): ଆୟୁଷ୍ମାନ ଭାରତ ଜରିଆରେ ଆୟୋଜିତ ୧୦୦ ଦିନିଆ ଯକ୍ଷ୍ମା କ୍ୟାମ୍ପର ପ୍ରଚାର ପ୍ରସାର ଓ କାର୍ଯ୍ୟ ଶୈଳୀକୁ ଅନୁଧ୍ୟାନ କରିବାକୁ ରାଜ୍ୟ ଟିବି ଟିମ ଶୁକ୍ରବାର ଛତ୍ରପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ରାଜ୍ୟ ଟିବି ସେଲ୍‌ର ଯକ୍ଷ୍ମା ଅଧିକାରୀ ଡାକ୍ତର ଚିତ୍ତ ବାରିକ, ଅଧୀକ୍ଷକ (ରାଜ୍ୟ ଟିବି ସେଲ) ଏସସିବି ମେଡିକାଲ କଲେଜ ଓ ଏସସିବି ମେଡିକାଲ କଲେଜ ମାଇକ୍ରୋବାୟୋଲୋଜି ଆସୋସିଆଟ ପ୍ରଫେସର ଡ଼ା ପରେଶ ନାଥ ମହାନ୍ତି ଉକ୍ତ ଟିମରେ ଥିଲେ। ଛତ୍ରପୁର ବ୍ଲକକୁ ଟିବି ମୁକ୍ତ କରିବା ଅଭିଯାନରେ ଯାହା ସବୁ କାର୍ଯ୍ୟକ୍ରମ କରାଯାଇଥିଲା ଡ଼ା. ସ୍ୱାଧୀନ ରଥ ସେସବୁ ରାଜ୍ୟ ଟିମ ସମ୍ମୁଖରେ ବାଖ୍ୟା କରିଥିଲେ। ବୈଠକରେ ଜିଲ୍ଲା ଟିବି ସେଲରୁ ଡ଼ା. ଗୀତିମୟ ପଟ୍ଟନାୟକ, ସୁଧୀରକାନ୍ତ ବେହେରା ଉପସ୍ଥିତ ଥିଲେ। ମୁନିସିପେଣ୍ଟ ଟିବି ସୁପରଭାଇଜର ପ୍ରଭାତ ସାହୁ, ବିପିଏମ ସୀମାଞ୍ଚଳ ପ୍ରଧାନ, ଶ୍ରୀଧର ବେହେରା ବୈଠକରେ ଯୋଗ ଦେଇଥିଲେ।

## ଛାତ ଢଳେଇ ବେଳେ ରାଜମିସ୍ତ୍ରିଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୩୦ ।୫(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ରଙ୍ଗୀପଲ୍ଲୀ ଗ୍ରାମରେ ଶୁକ୍ରବାର ଜଣଙ୍କ ଛାତ ଢଳେଇ କାମ କରୁଥିବା ବେଳେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା କୁଦୁଟାଖଣ୍ଡି ବ୍ଲକ ଅନ୍ତର୍ଗତ ସାପଗହଣିଆ ଗ୍ରାମର କିଶୋର ଦାସ (୩୪)। କିଶୋର ରଙ୍ଗୀପଲ୍ଲୀ ଗ୍ରାମରେ ଜଣଙ୍କ ଘରର ଛାତ ଢଳେଇ କାମ କରୁଥିବା ବେଳେ ହଠାତ୍ ସଂଜ୍ଞାହୀନ ହୋଇ ପଡି ଯାଇଥିଲେ। ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ।

### ୨ ବସ୍ତା ଗଞ୍ଜେଇ ଜବତ, ଜଣେ ଗିରଫ

କେଲଗୁଣ୍ଡା,୩୦।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ଗାଙ୍ଗପୁର ପୋଲିସ ଶୁକ୍ରବାର ଗଞ୍ଜେଇ ଚାଲାଣ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେ ହେଲେ ଖଡ଼ଗାପଲ୍ଲୀ ଗ୍ରାମର ବଳରାମ ବେହେରା (୭୦)। ତାଙ୍କଠାରୁ ୨ଟି ବସ୍ତାରେ ଥିବା ୫୨.୧୫୦ କେଜି, ଗାଡି ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ମଧ୍ୟାହ୍ନରେ ଗାଙ୍ଗପୁର ଥାନା ଏଏସ୍‌ଆଇ ଅଜୟ କୁମାର ମଲ୍ଲିକ ନିଜ ଟିମ୍ ସହିତ କଣ୍ଟେଇପଲ୍ଲୀ ଏବଂ ବଡ଼ଗୋରେଙ୍ଗ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଦୁଲୁଣ୍ଡା ଘାଇ ଛକ ନିକଟରେ ଏକ୍ସେଲ ଗାଡିରେ ଗଞ୍ଜେଇ ଚାଲାଣ କରୁଥିବା ବଳରାମଙ୍କୁ ଜାବୁ କରିଥିଲେ। ଏ ନେଇ ନଂ.୩୧୫୯/୨୫ରେ ମାମଲା ରୁଜୁ କରି ବଳରାମଙ୍କୁ ପୋଲିସ ଭଞ୍ଜନଗର କୋର୍ଟ ଚାଲାଣ କରିଛି।

## ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ମୋହନା,୩୦।୫(ମଦୁଥ ମିଶ୍ର) ଗଜପତି ଜିଲ୍ଲା ମୋହନା ବ୍ଲକର ବିଭିନ୍ନ ବୁଥ କେଶରୀ, ଲୟାପଙ୍କା, ବଡ ମଳେଇ, ଗୋବିନ୍ଦପୁରରେ ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅପରେସନ ସିନ୍ଦୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି ଓ ଅଦ୍ୱିତୀୟ ପରାକାଷ୍ଠା ପ୍ରତି କୃତଜ୍ଞତା ଜ୍ଞାପନ କରି ଏବଂ ଭାରତର ସଶସ୍ତ୍ର ସେନାବାହିନୀଙ୍କ ପ୍ରଜ୍ଞା, ଧୈର୍ଯ୍ୟ, ସୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମକୁ ସ୍ମରଣ କରି ଏହି ତ୍ରିରଙ୍ଗା ଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମରେ ମୋହନା ମଣ୍ଡଳ ସଭାପତି ନିଳାଞ୍ଚଳ ସାହୁ, ସଦସ୍ୟ ସୋନି ବେହେରା, ରାଜ୍ୟ ଓବିସି ମୋର୍ଚ୍ଚା ସଦସ୍ୟ ଜିତେନ୍ଦ୍ର ବେହେରା ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ହରିକୃଷ୍ଣପୁରର ଶୀତଳଷଷ୍ଠୀ ଯାତ୍ରା ଏକ ଅନନ୍ୟ ପରମ୍ପରା

### ୧୨୫ ବର୍ଷ ଧରି ପାଳିତ ହୋଇଆସୁଛି

ଶେରଗଡ଼, ୩୦।୫(ସୂର୍ଯ୍ୟ ନାରାୟଣ ଦାଶ) କୁହାଯାଏ ଶୀତଳଷଷ୍ଠୀରୁ ହିଁ ପରିବେଶ ଶୀତଳ ହୁଏ। ଶିବପାର୍ବତୀ ବିବାହକୁ ନେଇ ଖ୍ୟାତିଲାଭ କରି କରିଥିବା ଏହି ଶୀତଳଷଷ୍ଠୀ ଯାତ୍ରା ଶେରଗଡ଼ ବ୍ଲକ ହରିକୃଷ୍ଣପୁର ଗ୍ରାମର ଏକ ଅନନ୍ୟ ପରମ୍ପରା। ୧୨୫ ବର୍ଷ ହେଲା ପାଳିତ ହୋଇ ଆସୁଥିବା ଏହି ଯାତ୍ରା ଚଳିତବର୍ଷ ୧୨୫ ବର୍ଷରେ ପହଞ୍ଚିଛି। ପ୍ରଥମେ ଏକ ଚାଳ ଘରେ ଚନ୍ଦ୍ରଶେଖରଙ୍କ ମନ୍ଦିର ଆରମ୍ଭ ହୋଇଥିଲା। ସେ ସମୟରୁ ୧୮୭୦ ପର୍ଯ୍ୟନ୍ତ ଚାଳ ଘରେ ପରେ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା ହୋଇଥିଲା। ସେ ସମୟର ଗୋବର୍ଦ୍ଧନ ତ୍ରିପାଠୀ, ଗଦାଧର ପଲମଗୁରୁ, ବାଲ୍ମୀକି ପ୍ରହରାଜ ଓ ପଦ୍ମନାଭ ଦାଶ ଏହି ଶୀତଳଷଷ୍ଠୀ ଯାତ୍ରା କରି ଆସୁଥିଲେ। ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀଠାରୁ ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ ତିଥି ପର୍ଯ୍ୟନ୍ତ ଏହି ଯାତ୍ରା ହେଉଥିଲା। କିମ୍ବଦନ୍ତୀ ଅନୁଯାୟୀ ଗତ ମାସେ



ପୂର୍ବରୁ ଯାତ୍ରା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେଉଛି। ସପ୍ତାହେ ପୂର୍ବରୁ ଛାମୁଣ୍ଡିଆ, ମନ୍ଦିର ସାଜସଜ୍ଜା, ବରଯାତ୍ରୀ ଓ କନ୍ୟା ଯାତ୍ରା ଚିହ୍ନଟ, ଷଷ୍ଠୀ ସନ୍ଧ୍ୟାରେ ବିବାହ ମଣ୍ଡପରେ ବିଜେ, ପହଡ଼ ପରେ ନଗର ପରିକ୍ରମା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପାଳିତ ହୋଇଆସୁଛି। ସେ ସମୟରେ ରାମଲୀଳା, କୃଷ୍ଣଲୀଳା, ରାଧା ପ୍ରେମଲୀଳା ଓ ହିରଣ୍ୟକଶିପୁ ନାଟକ ମଞ୍ଚସ୍ଥ ହେଉଥିଲା। ଏହା ଏବେ ମଧ୍ୟ ବଜାୟ ରଖିଛନ୍ତି ଗ୍ରାମବାସୀ। ଶୀତଳଷଷ୍ଠୀ ପୂଜାରେ ଶୁକ୍ଳବିହ୍ୱିନ ଭୋଗ ହୁଏ। ଶିବପାର୍ବତୀ ବିବାହ ପରେ ଗ୍ରାମ ପରିକ୍ରମା କରି ଗ୍ରାମର ନିର୍ଦ୍ଧାରିତ ଜାଗାରେ ପ୍ରସ୍ତୁତ ଅସ୍ଥାୟୀ ମଣ୍ଡପରେ ବିଜେ କରନ୍ତି। ସେହି ସ୍ଥାନରେ ହିଁ ଶୁକ୍ଳୁଟି ଭୋଗ ଲାଗି ହୁଏ। ଯାତ୍ରା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଓ ଉତ୍ସାହ ଦେଖାଦେଇଛି। ଉକ୍ତ ମନ୍ଦିର ୧୯୫୨ରୁ ଦେବୋତ୍ତର କମିଶନରଙ୍କ ଅଧୀନରେ ରହିଛି। ଦେବୋତ୍ତର ବିଭାଗ ଯାତ୍ରା ପରିଚାଳନା ପାଇଁ ଦେଉଥିବା ସହାୟତା ଅର୍ଥ ନିଅଣ୍ଟିଆ ହେଉଛି। ଏହାକୁ ଗ୍ରାମବାସୀ ତୁଲାଉଛନ୍ତି। ୧୨୫ ବର୍ଷର ଶୀତଳଷଷ୍ଠୀ ଯାତ୍ରା ପାଇଁ ସାଜସଜ୍ଜା, ଆଲୋକ ସଜ୍ଜା କରଣ ଓ ଶିବ ବିବାହ ନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି ବୋଲି ଟ୍ରଷ୍ଟି ବିପ୍ରଚରଣ ମିଶ୍ର, ରଜନୀକାନ୍ତ ତ୍ରିପାଠୀ ଓ ସୁଧାକର ପାଢ଼ୀ କହିଛନ୍ତି।

## କ.ନୂଆଗାଁରେ ପଞ୍ଚାୟତ ସମିତି ବୈଠକ



ସଦସ୍ୟମାନେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କ.ନୂଆଗାଁ, ୩୦।୫ (କାଳି ପ୍ରସାଦ ତ୍ରିପାଠୀ) କ.ନୂଆଗାଁ ବ୍ଲକ୍ ସଭାଗୃହଠାରେ ଶୁକ୍ରବାର ୧୦ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ, ଶିଶୁ ବିକାଶ ଯୋଜନା, ପଶୁ ସମ୍ପଦ, କୃଷି, ଉଦ୍ୟାନ ବିଭାଗ, ଜଳ, ମୃତ୍ତିକା ସଂରକ୍ଷଣ, ଯୋଗାଣ ବିଭାଗ, ଶିକ୍ଷା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜଙ୍ଗଲ ବିଭାଗ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଆଲୋଚନା କରାଯାଇଥିଲା। ବୈଠକରେ ସମିତିସ୍ତରୀୟ କମିଟି ଗଠନ କରିବା ପାଇଁ ସ୍ଥିର କରାଗଲା। ଏହି ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାଞ୍ଜଳି ପ୍ରଧାନ। ଏମ୍‌ପି ପ୍ରତିନିଧି ପଣ୍ଡିତ ବିଶିମାଝୀ, ବିଧାୟକ ପ୍ରତିନିଧି ସହଦେବ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଅର୍ଚ୍ଚିତା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ମହାପାତ୍ର, ଜିପିଓ ଅନିଲ ପଟ୍ଟନାୟକଙ୍କ ସମେତ ବ୍ଲକର ସରପଞ୍ଚ, ସମିତି ସଭ୍ୟ ସଭ୍ୟ ଓ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା



■ଜେନେରେଟର ଥାଇ କାର୍ଯ୍ୟକ୍ଷମ ହେଉନି
■ସବୁ ଖଟରେ ପଡୁନି ଗଦି, ବେଡଶିଟ୍

ନୂଆଗଡ଼,୩୦।୫(ଯୋଗୀବ୍ରତ ପରିଡ଼ା)– ଅବ୍ୟବସ୍ଥାରେ ଚାଲିଛି ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଖଟରେ ପଡୁନି ଶଯ୍ୟା ସାମଗ୍ରୀ ଗଦି, ବେଡସିଟ୍। ଖାଲି ଖଟରେ ଶୋଉଛନ୍ତି ରୋଗୀ। ବିଦ୍ୟୁତ ଗଲିଗଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର ଥାଇ ପୁଣ୍ଣ କାର୍ଯ୍ୟରେ ଲଗାଯାଉନି ଫଳରେ ଅନ୍ଧାର ଭିତରେ ସବୁ ପ୍ରକ୍ରୀୟା ଚାଲୁଛି ଅନ୍ଧାରରେ। ଏଭି ଅନ୍ଧାର ସ୍ଥିତିରେ ରହୁଥିବା ଗର୍ଭବତୀ, ପ୍ରସୂତି ମହିଳା ଏବଂ ଅନ୍ୟାନ୍ୟ ରୋଗୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରୋଗୀଙ୍କୁ ଖାଦ୍ୟ ବ୍ୟବସ୍ଥା ଥାଇ ଏହା ମିଳୁନି। ଖାଦ୍ୟ ଏବଂ ଜେନେରେଟରର ବାବଦ ଉଠେଇ ଟଙ୍କା ବିଲ କରି ଉଠଉଛିଥିବା କର୍ମଚାରୀ ଓ କଳା କହୁଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଏବଂ କର୍ମଚାରୀ ନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥାରେ ଚାଲିଥିବା ସୂଚନା ପାଇ ଅଚାନକ ଜିଲ୍ଲାପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛିପହଞ୍ଚିଥିଲେ। ଏହା ପରେ ମଧ୍ୟ ଠିକ ରୂପେ ଚାଲିନି ସ୍ୱାସ୍ଥ୍ୟକେନ୍ଦ୍ର। ବିଭିନ୍ନ ସମୟରେ ରୋଗୀଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟିପାତ କରାଯାଉନି। ଜିଲ୍ଲାପାଳ ଓ ସିଡିଏମ୍ଓ ଦୃଷ୍ଟିଦେବାକୁ ଦାବି ହେଉଛି।

## ଉତ୍ପାଦିତ ପଣସରୁ ପ୍ରକୃତ ମୂଲ୍ୟ ପାଉନାହାନ୍ତି ଚାଷୀ

ପାରଳାଖେମୁଣ୍ଡି,୩୦।୫ (ଗିରିଧାରୀ ପରିଡ଼ା) ଗଜପତି ଜିଲ୍ଲାର ୭ଟି ବ୍ଲକ ମୋହନା, ଆର.ଉଦୟଗିରି, ନୂଆଗଡ଼, ଗୋଶାଣୀ, କାଶୀନଗର, ଗୁମ୍ମା ଏବଂ ରାୟଗଡ଼ ବ୍ଲକରେ ଉତ୍ପାଦିତ ପଣସର ଚାହିଦା ଦେଶର ବିଭିନ୍ନ ରାଜ୍ୟରେ ରହିଛି। ବିଶେଷକରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ରାଜ୍ୟକୁ ଏହା ରପ୍ତାନି ହୋଇଥାଏ। ଚଳିତବର୍ଷ ପଣସ ଉତ୍ପାଦନ ବହୁ ଭାବରେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଗୁମ୍ମା ବ୍ଲକର ବଡ଼କାଳାକୋଟ, ତୁମ୍ବାଡ଼ା, ଅଜୟଗଡ଼, ଲୁଭୁରି, ତରଙ୍ଗାଡ଼ା, ସେରଙ୍ଗ, ଆଶ୍ରୟଗଡ଼, ନାମନାଗଡ଼ ଏବଂ ରାୟଗଡ଼ ବ୍ଲକର କିରାଙ୍ଗ, କଇଁପୁର ଓ ମଣ୍ଡଳସାହି, ଆର. ଉଦୟଗିରି ବ୍ଲକର ଆର. ଉଦୟଗିରି, ନୂଆଗଡ଼, ମୋହନା, ଗୋଶାଣୀ ଓ

**କିଲୋ ପିଛା ବିକ୍ରି ହେଉଛି ୩୦/୩୫ ଟଙ୍କାରେ**



କାଶୀନଗର ବ୍ଲକର ବହୁ ଅଞ୍ଚଳରେ ବିପୁଳ ପରିମାଣର ପଣସ ଉତ୍ପାଦିତ ହୋଇଥାଏ। ଅଧିକ ଉତ୍ପାଦନ ଯୋଗୁ ଚଳିତବର୍ଷ ବଜାରକୁ ଅଧିକ ପରିମାଣର ପଣସ ଆସିଛି। ତେବେ ସରକାରୀ ଭାବେ ଏହାର ବିକ୍ରୟ ପାଇଁ କୌଣସି ସୁବିଧା ଏବଂ ପ୍ରୋତ୍ସାହନ ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ବିଭିନ୍ନ ରାଜ୍ୟରୁ ଆସି ଡେରା ପକାଉଥିବା ବ୍ୟବସାୟୀଙ୍କୁ କମ ଦରରେ ପଣସ ବିକ୍ରି କରୁଛନ୍ତି। ଚାଷୀ ବ୍ୟବସାୟୀଙ୍କୁ କିଲୋ ପିଛା ୩୦ରୁ ୩୫ ଟଙ୍କାରେ ପଣସ ବିକ୍ରି କରୁଥିବା ଚାଷୀ ମଣ୍ଟୁ ମହନ୍ତ, ଗଣେଶ ବାରିକ, ସାଇ ଗମାଙ୍ଗ କହିଛନ୍ତି। ରାଞ୍ଚି, ରାୟପୁର, ମଥୁରା, କାଶୀ, ବୃନ୍ଦାବନ, ପାଟଣା, କୋଲକାତାରୁ ଏବଂ ଅନ୍ୟ କେତେକ ରାଜ୍ୟରୁ ମଧ୍ୟ ବ୍ୟବସାୟୀ ଉକ୍ତ ଅଞ୍ଚଳକୁ ପଣସ ନେବାକୁ ଆସିଥାନ୍ତି। ପ୍ରତ୍ୟେକ ଦିନ ଏହିସବୁ ଅଞ୍ଚଳରୁ ପ୍ରାୟ ଦୁଇ ଟ୍ରକରୁ ଊର୍ଦ୍ଧ୍ୱ ପଣସ ବାହାର ରାଜ୍ୟକୁ ଯାଉଥାଏ। ସରକାରୀ ଭାବେ ବିକ୍ରି ନେଇ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଚାଷୀ ମହଲରୁ ଦାବି କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ ପଣସ ଚାଷୀ ନିଜ ଉତ୍ପାଦିତ ସାମଗ୍ରୀକୁ କମ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜବରଦଖଲ ଉଚ୍ଛେଦବେଳେ ଉତ୍ତେଜନା

ଯାଜପୁର,୩୦।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ସଠିଆଟିକିରି ରାସ୍ତାର ଦୁଇ ପାର୍ଶ୍ୱରେ ହୋଇଥିବା ଜବରଦଖଲ ଉଚ୍ଛେଦ ସମୟରେ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ଅତିରିକ୍ତ ତହସିଲଦାର ଓ ସଦର ପୋଲିସ ଉପସ୍ଥିତ ରହି ଉତ୍ତେଜନାକୁ ପ୍ରଶମିତ କରିଥିଲେ। ସୂଚନା ଅନୁସାରେ ସିମିଳିଆ ପଞ୍ଚାୟତର ସଠିଆଟିକିରି ରାସ୍ତାର ୨ପାର୍ଶ୍ୱରେ ସ୍ଥାନୀୟ ଲୋକେ ରାସ୍ତାକୁ ଜବରଦଖଲ କରି ଘର କରିଥିବାରୁ ବିଭିନ୍ନ ସମୟରେ ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସ ଯାତାୟତରେ ବାଧାପ୍ରାପ୍ତ ହେଉଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ତହସିଲ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ। ଏହାପରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ତହସିଲ ପ୍ରଶାସନ ରାସ୍ତାର ମାପଚୁପ କରିବା ସହ ରାସ୍ତା ଅବରୋଧ କରିଥିବା ବ୍ୟକ୍ତିମାନଙ୍କୁ ନୋଟିସ କରିଥିଲେ। ନୋଟିସ ଅନୁସାରେ ତହସିଲ ପ୍ରଶାସନ ପୋଲିସ ସହାୟତାରେ ଜେସିବି ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁମାନଙ୍କୁ ନୋଟିସ କରାଯାଇଛି ସେମାନଙ୍କ ଘର ରାସ୍ତା ପାର୍ଶ୍ୱରୁ ମାପ ଅନୁଯାୟୀ ଉଚ୍ଛେଦ କରାଯାଇଥିବାବେଳେ ଯେଉଁମାନେ ମାପ ପରେ ନୂତନ ନିର୍ମାଣ କରିଛନ୍ତି ସେମାନେ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ଉଚ୍ଛେଦ ବନ୍ଦ ରହିଥିଲା। ନୋଟିସ ପାଇ ନ ଥିବାରୁ ଉଚ୍ଛେଦ କରାଇଦେବେ ନାହିଁ ବୋଲି କେତେଜଣ ଅଭିଯୋଗ କରିଥିଲେ। ଅତିରିକ୍ତ ତହସିଲଦାରଙ୍କ କହିବାନୁଯାୟୀ ମାପ ସମୟରେ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ନୋଟିସ କ'ଣ ପାଇଁ କରିବେ ବୋଲି କହିବା ସହ ମାପ ପରେ ଗୃହ ନିର୍ମାଣ କରିଥିବାରୁ ନୋଟିସ ଦିଆଯାଇନାହିଁ। ତହସିଲ ପ୍ରଶାସନ ପକ୍ଷରୁ ମାପ ପରେ ଚିହ୍ନଟ ସ୍ଥାନରେ ନାଲି ପତାକା ଲଗାଯାଇଥିଲେ ମଧ୍ୟ ଏହାକୁ ନ ମାନି ନୂତନ ନିର୍ମାଣ କରିଥିବାରୁ ନୋଟିସର ଆବଶ୍ୟକତା ନାହିଁ ବୋଲି ବୁଝାଶୁଝା କରିବା ପରେ ପୁଣି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା।



ଜବରଦଖଲ ଉଚ୍ଛେଦକୁ ଲୋକେ ବିରୋଧ କରୁଛନ୍ତି।

## ରାଜମିସ୍ତ୍ରିଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗରେ ବାପା, ଭାଇ ବୋହୂ ଗିରଫ

ରସୁଲପୁର,୩୦।୫(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ କଲଣ ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର ରାଜମିସ୍ତ୍ରି କାଳନ୍ଦୀ ନାୟକଙ୍କ ସନ୍ଦେହଜନକ ଭାବେ ବୁଧବାର ରାତିରେ ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କ ମୃତଦେହକୁ ଶୋଇବା ଘର ଫ୍ୟାନରୁ ଗୁରୁବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଅନ୍ୟପକ୍ଷରେ କାଳନ୍ଦୀଙ୍କୁ ଶ୍ୱାସରୁଦ୍ଧ କରି ମାରି ଦିଆଯାଇଛି ବୋଲି ତାଙ୍କ ସ୍ତ୍ରୀ କାଞ୍ଚନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। କାଞ୍ଚନଙ୍କ ଅଭିଯୋଗ ଆଧାରରେ ପୋଲିସ କାଳନ୍ଦୀଙ୍କ ବାପା ଦାମୋଦର ନାୟକ(୬୫) ଓ କାଳନ୍ଦୀଙ୍କ ଭାଇବୋହୂ ଆଶାଲତା(୩୨)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ଭାଗୁଆଳିରେ କିଣାଯାଇଥିବା ଏକ୍ ବାଇକ୍‌କୁ ନେଇ ଦୁଇ ପରିବାର ମଧ୍ୟରେ କଳି ଉପୁଜିଥିଲା। ଭାଇମାନେ ଅଲଗା ହୋଇଯିବାପରେ ରାଜମିସ୍ତ୍ରି କାଳନ୍ଦୀ ବାଇକ୍‌କୁ ବ୍ୟବହାର କରୁଥିଲେ। ପରେ ଉକ୍ତ ବାଇକ୍‌କୁ ବିକ୍ରି କରି ଟଙ୍କା ଭାଗବଣ୍ଟା କରିବାକୁ ନିଷ୍ପତ୍ତି ହୋଇଥିଲା। ବାଇକ୍ ୨୦ହଜାର ଟଙ୍କାରେ ବିକ୍ରି ହୋଇଥିଲା। ଉକ୍ତ ଟଙ୍କା ଭାଗବଣ୍ଟାକୁ ନେଇ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଦାମୋଦର ଓ ଆଶାଲତା କାଳନ୍ଦୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟାକରିଥିଲେ। ପରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ପ୍ରୟାସ କରିଥିଲେ ବୋଲି କାଳନ୍ଦୀଙ୍କ ସ୍ତ୍ରୀ କାଞ୍ଚନ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ନଂ.୨୦୨/୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ଅଧିକ ତଥ୍ୟ ହାସଲ ପାଇଁ ତଦନ୍ତ ଜାରି ରହିଛି।

## ଯୁବକଙ୍କୁ ହତ୍ୟା ଅଭିଯୋଗ

ରସୁଲପୁର,୩୦।୫(ରଞ୍ଜିତ ରାଉତ)

କୁଆଖିଆ ଥାନା ନଠୁଆବର ପଞ୍ଚାୟତ ଆଦମପୁର ଗ୍ରାମର ଯୁବକ ଅଶୋକ ଦାସ(୩୬)ଙ୍କ ସନ୍ଦେହଜନକ ଭାବରେ ବୁଧବାର ରାତିରେ ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ପରିବାର ଲୋକେ ଶୋଇବା ଘର ଫ୍ୟାନରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଏନେଇ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ପୁଷ୍ପିତା ଦାସ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ପ୍ରୟାସ କରୁଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ନଂ.୨୦୩/୨୫ରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ସମେତ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ଅଭିଯୋଗକାରୀ ପୁଷ୍ପିତା ସପ୍ତାହକ ତଳେ ବାପ ଘରକୁ ଯାଇଥିଲେ। ଗୁରୁବାର ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ସେ ଶାଶୁଘରେ ପହଞ୍ଚି ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ଜାଣି ତାଙ୍କର ସନ୍ଦେହ ଜାତ ହୋଇଥିଲା। ଦିଅର ଶ୍ରୀକାନ୍ତ ଦାସ, ଶ୍ୱଶୁର ଅଭୟ ଦାସଙ୍କ ସମେତ ଅନ୍ୟମାନେ ମିଶି ତାଙ୍କ ସ୍ୱାମୀଙ୍କୁ ମାରି ଆତ୍ମହତ୍ୟାର ରୂପ ଦେବାକୁ ପ୍ରୟାସ କରୁଛନ୍ତି ବୋଲି ସେ ଥାନାକୁଯାଇ ଲିଖିତ ଅଭିଯୋଗ କରିଥିଲେ।

## ବରୀରେ ଗାନ୍ଧୀ ସ୍ମାରକୀ ତ୍ରିରଙ୍ଗା ପଦଯାତ୍ରା



କାଇପଡ଼ା ଗୋଲା ହାଟଠାରୁ ରକ୍ତତୀର୍ଥ କଳାମାଟିଆ ଶହୀଦ ପୀଠ ପର୍ଯ୍ୟନ୍ତ ବାହାରିଥିବା ତ୍ରିରଙ୍ଗା ପଦଯାତ୍ରା।

ବରୀ,୩୦।୫(ମହେନ୍ଦ୍ର ସ୍ୱାଇଁ)

ଅପରେଶନ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାକୁ ସମ୍ମାନ ଜଣାଇ ବରୀ ବ୍ଲକ୍ ଅଧୀନ କାଇପଡ଼ାସ୍ଥିତ ଗୋଲା ହାଟଠାରୁ ରକ୍ତତୀର୍ଥ କଳାମାଟିଆର ଶହୀଦ ପୀଠ ପର୍ଯ୍ୟନ୍ତ ଶୁକ୍ରବାର ଗାନ୍ଧୀ ସ୍ମାରକୀ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଦଯାତ୍ରାରେ ସାମିଲ ହୋଇଥିବା ଲୋକେ ଭାରତ ମାତା କି ଜୟ, ବନ୍ଦେ ମାତାରମ ଧ୍ୱନି ଦେଇ ଦେଶ ମାତୃକାର ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଯବାନମାନେ ପ୍ରକୃତ ଯୋଦ୍ଧା ବୋଲି ନାରା ଦେଇଥିଲେ। ପଦଯାତ୍ରା ଶହୀଦ ପୀଠ ନିକଟରେ ପହଞ୍ଚିବାପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଯବାନମାନଙ୍କର ଦେଶ ମାତୃକା ପ୍ରତି ସେବା ମନୋଭାବ ପାଇଁ ଆମ୍ଭେମାନେ ଅତ୍ୟନ୍ତ ଗର୍ବିତ ବୋଲି ମତ ରଖିଥିଲେ। ପୂର୍ବତନ ବିଧାୟିକା ଦାସ ଯୋଗଦେଇ କହିଥିଲେ, ୧୯୩୪ ମେ' ୩୦ରେ ମହାତ୍ମା ଗାନ୍ଧୀ ପଦଯାତ୍ରାରେ ଆସି ଯେଉଁଠାରେ ବିଶ୍ରାମ ନେଇଥିଲେ ସେହିଠାରୁ ଯବାନମାନଙ୍କ ଉତ୍ସର୍ଗୀକୃତ ମନୋଭାବ, ନିଷ୍ଠା ଓ ଦେଶ ପ୍ରତି ଭକ୍ତିଭାବକୁ ମନେ ପକାଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ବରୀ ଅଞ୍ଚଳର ଶତାଧିକ ମହିଳା ଓ ଯୁବକ ଯୋଗ ଦେଇଥିବାରୁ ସେମାନଙ୍କୁ ଦାସ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଯୁବପିଢ଼ି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଲେ ଦେଶର ସୁରକ୍ଷା ସହିତ ସମସ୍ତେ ସୁରକ୍ଷିତ ରହି ପାରିବେ ବୋଲି ସେ ମତ ରଖିଥିଲେ। ଏହି ପଦଯାତ୍ରାରେ ଦିବ୍ୟାଙ୍ଗମାନେ ତିନି ଚକିଆ ଗାଡ଼ିରେ ତିରଙ୍ଗା ପତାକା ଧରି ସାମିଲ ହୋଇଥିଲେ।

ଏହି ଅବସରରେ ଅବସରପ୍ରାପ୍ତ ସେନା ସଂଘର ମଦନ ମୋହନ ପତି, ଗୟାଧର ଦାସ, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସମେତ ବରୀ ଅଞ୍ଚଳର ଶତାଧିକ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ବିରଜା ପ୍ରସାଦ ପରିଡ଼ା ସଭାରେ ସଭାପତିତ୍ୱ କରିଥିଲେ। ଦେବେନ୍ଦ୍ର ଦାସ ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। କଳାମାଟିଆ ସରପଞ୍ଚ ରଶ୍ମିତା ପରିଡ଼ା, ସମିତି ସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ, ସାମାଜିକ କର୍ମୀ ଶିବପ୍ରସାଦ ଦାସ, ଶରତ ଚନ୍ଦ୍ର ପରିଡ଼ା, ନୃସିଂହ ଚରଣ ବେହେରା, ପ୍ରାକ୍ତନ ସରପଞ୍ଚ ରମାକାନ୍ତ ମଲ୍ଲିକ, ପ୍ରାକ୍ତନ ସମିତି ସଭ୍ୟ ପ୍ରଶାନ୍ତ ପରିଡ଼ା ଓ ପ୍ରଶାନ୍ତ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଯୁବକ ପଦଯାତ୍ରାରେ ସାମିଲ ହୋଇଥିଲେ। ଶହୀଦ ସ୍ମୃତି ପରିଷଦର ଆବାହକ ଶୁକଦେବ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ପାଣିକୋଇଲି,୩୦।୫(ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ଅଧୀନ ପଥରପଦା ଗଳିପୋଲ ନିକଟ ଜୟ ହନୁମାନ ଛକଠାରେ ଚାଲିଥିବା ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ମଙ୍ଗଳବାର ଅଙ୍କୁରାରୋପଣ ଓ ଶୁଭାଧିବାସ କରାଯାଇଥିଲା। ବୁଧବାର ପ୍ରତ୍ୟୁଷରୁ ବୈତରଣୀ ନଦୀରୁ କଳସରେ ଜଳ ଅଣାଯାଇ ବିଗ୍ରହସ୍ଥଳରେ ପହଞ୍ଚାଯିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁବାର ବିଗ୍ରହ ନଗର ଭ୍ରମଣ, ମନ୍ଦିର ନ୍ୟାସ, ମହାସ୍ନାନ, ମନ୍ଦିର ଶୋଧନ, ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରଚାରକଭାବେ କରୁଣାକର ପଣ୍ଡା, ଉପପ୍ରଚାରକଭାବେ ଚନ୍ଦ୍ର ଶେଖର ପାଢ଼ୀ, ସୁନ୍ଦରକାଣ୍ଡ ପାଠକ ମନୋଜ ପାଢ଼ୀ, ରାମଚନ୍ଦ୍ର ପାଢ଼ୀ, ବୃନ୍ଦାବନ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପଣ୍ଡା ଓ ସହକର୍ମୀ ମହେନ୍ଦ୍ର ପାଢ଼ୀ କାର୍ଯ୍ୟଭାର ତୁଲାଇଥିଲେ। ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ପ୍ରବଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୀରେନ୍ଦ୍ର କୁମାର ପଣ୍ଡା ପ୍ରବଚନ ଦେଇଥିଲେ। ଏହା ଭକ୍ତଙ୍କୁ ବାନ୍ଧି ରଖିଥିଲା। ପଥରପଦା, କାଜିପାଟଣା, ନୂଆଗାଁ ଓ କଣ୍ଟିଗଡ଼ିଆ ଗ୍ରାମବାସୀ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ ତୁଲାଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରମୋଦିନି



@ ଶରତ



@ ନିତୁ



@ ଅଶୋକ



@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନେପାଳରେ ଯାଜପୁର ନୃତ୍ୟଶିଳ୍ପୀ ସମ୍ବର୍ଦ୍ଧିତ



ନେପାଳରେ ସମ୍ବର୍ଦ୍ଧିତ ହୋଇଥିବା ନୃତ୍ୟ ଶିଳ୍ପୀ ଓ ଅନ୍ୟମାନେ।

ଯାଜପୁର,୩୦।୫(ହର୍ଷବର୍ଦ୍ଧନ ବେହେରା)

ବ୍ୟାସନଗର ସହରର ସରସ୍ୱତୀ ଓ ବ୍ୟାସଶ୍ରୀ କଳାନିକେତନର ଛାତ୍ରୀମାନେ ଏକାଦଶ ନେପାଳ ଆନ୍ତର୍ଜାତୀୟ ନାଟକ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି କ୍ରମରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରମାନଙ୍କୁ ଗୁରୁବାର ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ପ୍ରତିଯୋଗିତାରେ ଅର୍ଚ୍ଚିତା ରାଉତ, ଆକାଂକ୍ଷା ନାୟକ, ଜ୍ୟୋତିର୍ମୟୀ ପତି, ଦେବସ୍ମିନୀ ସାହୁ, ଲୋରେନା ନାୟକ, ସ୍ମୃତି ଲତାଶା ମାଝୀ, ଅନ୍ୱେଷା ଦାଶ, ଶୁଭଲକ୍ଷ୍ମୀ ସାମଲ, ପ୍ରିୟାଂଶୀ ପଟ୍ଟନାୟକ, ଶ୍ରୀବିଦ୍ୟା ସାଇମା, ଦେବକୀ ସାଆନ୍ତରା, ଅର୍ପିତା ପ୍ରିୟଦର୍ଶିନୀ, ରୋଜାଲିନ ମଲ୍ଲିକ ଓ ରୁହାନୀ ମହାନ୍ତି ଅଂଶଗ୍ରହଣ କରିଥିଲେ। ଏହି ଛାତ୍ରୀମାନଙ୍କୁ ବୈକୁଣ୍ଠ ନନ୍ଦ, ବାଇଧର ମାଝି ଓ ଭୋଳାନାଥ ଘୋଷ ନୃତ୍ୟ ଶିକ୍ଷା ଦେଉଛନ୍ତି।

## 'ରବି ଲାବଣ୍ୟ ବିରଳ ପ୍ରତିଭାର ଅଧିକାରୀ ଥିଲେ'

ଧର୍ମଶାଳା,୩୦।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୮ତମ ଜୟନ୍ତୀ ସମାରୋହ ଧର୍ମଶାଳା ବ୍ଲକ ଅଧୀନ ଜାରକା ଷ୍ଟାଡିୟମ ପରିସର ସଭାଗୃହରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ରବି ଲାବଣ୍ୟ ବିରଳ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ଲାବଣ୍ୟ ତାଙ୍କ ପ୍ରତିପକ୍ଷଙ୍କ ପରାମର୍ଶ ନେଉଥିଲେ ବୋଲି ପ୍ରକାଶ କରିଥିଲେ। ସମାଜର ପୂର୍ବତନ ସମ୍ପାଦକ ସତ୍ୟ ରାୟ ଯୋଗଦେଇ ରବି ଲାବଣ୍ୟ ସେବା, ତ୍ୟାଗ, କରୁଣା ଓ ସ୍ୱାଭିମାନର ପ୍ରତୀକ ଥିଲେ ପ୍ରକାଶ କରିଥିଲେ। ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ରବି ଲାବଣ୍ୟଙ୍କ ପରି ପ୍ରତିଭାବାନ ବ୍ୟକ୍ତିଙ୍କ ଜୀବନୀକୁ ନେଇ ଗବେଷଣା ହେବା ଉଚିତ ବୋଲି କହିଥିଲେ। ଅବସରପ୍ରାପ୍ତ ପୋଲିସ ଅଫିସର ସୂର୍ଯ୍ୟମଣି ତ୍ରିପାଠୀ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶିଶିର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲାବଣ୍ୟଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ନବକଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇ ଲାବଣ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ତଥା ପ୍ରାଧ୍ୟାପକ ବଳଭଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ସ୍ମରଣିକା ସ୍ୱାଭିମାନର ତୃତୀୟ ଭାଗକୁ ଅତିଥି ଉନ୍ମୋଚନ କରିଥିଲେ। ପତ୍ରିକାର ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ସମୀକ୍ଷା କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଓ ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ କଣ୍ଡଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ହାସ୍ୟ ଅଭିନେତା ଅଜୟ ନାୟକଙ୍କୁ ଅନୁଷ୍ଠାନ ତରଫରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଅଭିନେତ୍ରୀ ମଧୁମିତା ମହାନ୍ତି ଉଦ୍‌ଘୋଷିକା ଭାବେ ଯୋଗଦେଇଥିଲେ। ପତ୍ରିକାର ସହସମ୍ପାଦିକା ସୁଭଦ୍ରା ଦାଶ, ପ୍ରେମଲତା ମହାରଣା, ବନ୍ଦେ ଉତ୍କଳ ଜନନୀର ସହ ସମ୍ପାଦିକା ମଧୁସ୍ମିତା ଦାଶ, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ମୁରଲୀଧର ମହାନ୍ତି, ସଂଯୋଜକ ପ୍ରଭାତ ପଣ୍ଡା ଓ ନିତ୍ୟାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।



ରବି ଲାବଣ୍ୟଙ୍କ ଜୟନ୍ତୀ ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ୱାଭିମାନ ସ୍ମରଣିକା ଉନ୍ମୋଚନ କରାଯାଉଛି।

# ଚାଷୀ ପାଉନାହାନ୍ତି ଧନିଚା ବିହନ

- ■କ୍ଷେତ୍ର ପରିଦର୍ଶନ ପାଇଁ ଆସିଛି ୧୮୧ କୁଇଣ୍ଟାଲ
- ■ଧନିଚା ବଣ୍ଟନରେ ଅନିୟମିତତା ଅଭିଯୋଗ
- ■କୃଷି ବିଭାଗ ପକ୍ଷରୁ କରାଯାଉନି ସଚେତନତା

ନୟାଗଡ଼,୩୦।୫(ଲୋକନାଥ ମିଶ୍ର)

ଜମିରେ ଭଲ ଧାନ ଫସଲ ହେବା ପାଇଁ ସରକାର କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ମାଗଣା ଧନିଚା ବିହନ ଯୋଗାଣ କରୁଛନ୍ତି। ସେହିପରି ସବ୍‌ସିଡରେ ମଧ୍ୟ ଧନିଚା ବିହନ ବିକ୍ରି କରୁଛନ୍ତି। ତେବେ କ୍ଷେତ୍ର ପରିଦର୍ଶନରେ ଆସୁଥିବା ଧନିଚା ବିହନ କିଏ ନେଉଛି ସେନେଇ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ସବୁବେଳେ ଅଭିଯୋଗ ହୋଇ ଆସୁଛି ଚାଷୀ ଧନିଚା ବିହନ ପାଉନାହିଁ। ଚଳିତ ବର୍ଷ କ୍ଷେତ୍ର ପରିଦର୍ଶନ ପାଇଁ ନୟାଗଡ଼ ଜିଲାର ବିଭିନ୍ନ ବ୍ଲକକୁ ୧୮୧ କୁଇଣ୍ଟାଲ ଧନିଚା ବିହନ ମାଗଣା ବଣ୍ଟନ ପାଇଁ ଦିଆଯାଇଛି। ତେବେ କେଉଁ ବ୍ଲକରେ ଏହି ବିହନ ବଣ୍ଟନ ହେଉଛି, କିଏ ବିହନ ବାଣ୍ଟୁଛି, କ'ଣ କଲେ ଚାଷୀ ଧନିଚା ବିହନ ପାଇ ପାରିବ ସେନେଇ ପ୍ରଶ୍ନ କରିଛନ୍ତି। ହେଲେ ଚାଷ ପ୍ରଶ୍ନର ଉତ୍ତର ଦେବାକୁ କେହି ନ ଥିବାରୁ ଚାଷୀ ବାଟବଣା ହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ।

କୃଷି ବିଭାଗର ସୂଚନା ଅନୁଯାୟୀ, ଜିଲାର ଗୋଟିଏ ପାକ୍ସକୁ ୧୫ କୁଇଣ୍ଟାଲ ଧନିଚା ବିହନ ବିକ୍ରି ପାଇ ଯାଇଛି। ସେହିପରି ୫ଟି ବେସରକାରୀ ଡିଲରଙ୍କ ପାଖକୁ ୪୧ କୁଇଣ୍ଟାଲ ଧନିଚା ମଧ୍ୟ ବିକ୍ରି ପାଇଁ ପଠାଯାଇଛି। କୃଷି ବିଭାଗର ଡାଟାକୁ ଦେଖିଲେ ଜିଲାର ସବୁ ପାକ୍ସରେ ଧନିଚା ବିହନ ପହଞ୍ଚି ନାହିଁ। କିନ୍ତୁ କ୍ଷେତ୍ର ପରିଦର୍ଶନ ପାଇଁ ଯାଇଥିବା ବିହନ ବଣ୍ଟନ ପାଇଁ ଯାଇଛି। ଚାଷୀଙ୍କ ଅଭିଯୋଗ ଧନିଚା ବିହନ ଉପରେ ତଦନ୍ତ କରାଗଲେ ଅନିୟମିତତା ଧରା ପଡିଯିବ ବୋଲି କୁହାଯାଇଛି। ଏନେଇ ଚାଷୀ ରଣଜିତ ଦଳବେହେରା କୁହନ୍ତି, ଧନିଚା ବୁଣିଲେ ଭଲ ଧାନ ଫସଲ ହେବ। ଧନିଚା ବିହନ ବୁଣିଲେ ପ୍ରାୟ ୧ରୁ ଦେଢ଼ ଫୁଟର ଗଛ ପରେ ବିଲକୁ ଚାଷ କରାଯାଏ। ବିଲରେ ଧନିଚା ଗଛ ମିଶିଗଲା ପରେ କମ୍ ସାର ଆବଶ୍ୟକ ପଡ଼େ। ଭଲ ଫସଲ ହୁଏ। ଚାଷୀ ଧୀରେ ଧୀରେ ଧନିଚା ବିଷୟରେ ଅବଗତ ହେବା ପରେ ଧନିଚା ଚାଷର ଆଗ୍ରହ ବଢ଼ିଛି। ତେବେ କୃଷି ବିଭାଗର ଅସହଯୋଗ କାରଣରୁ ଚାଷୀ ଧନିଚା ବିହନ ପାଉ ନ ଥିବାରୁ ନିଜ ଜମିରେ ବୁଣି ପାରୁ ନାହିଁ। ନୂଆଗାଁ ବ୍ଲକର ଚାଷୀ ଧର୍ମେନ୍ଦ୍ର ନାୟକ କୁହନ୍ତି, ଆମ ବ୍ଲକରେ ଧନିଚା ମିଳୁଛି। ହେଲେ ସବୁ ଚାଷୀ ଧନିଚା ପାଇ ପାରୁ ନାହାନ୍ତି। କିଛି ଚିହ୍ନା ମୁହଁ ପାଉଛନ୍ତି। ଏଣୁ ସରକାରଙ୍କ କ୍ଷେତ୍ର ପରିଦର୍ଶନ ଯୋଜନାରେ ଆସୁଥିବା ଧନିଚା ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ରାୟପୁର ଗାଁର ଚାଷୀ ରବୀନ୍ଦ୍ର ବରାଡ କୁହନ୍ତି, ଜମିରେ ଧନିଚା ବୁଣିବା ପାଇଁ ଇଛା ଥିଲେ ହେଁ ଏହା ଉପଲବ୍ଧ ହୋଇ ପାରୁ ନ ଥିବାରୁ ସବୁ ବର୍ଷ ଆଶା ଆଶାରେ ରହି ଯାଉଛି। ଚଳିତ ବର୍ଷ ଧନିଚା ବୁଣିବାକୁ ଉଦ୍ୟମ କରି ବିଫଳ ହୋଇଛି। ରଣପୁର ବ୍ଲକ୍ ଲତାର ଗାଁର ଚାଷୀ ଗୋବିନ୍ଦ କହଲସିଂ କୁହନ୍ତି, ଧନିଚା ବିହନ ପାଇଁ ୧୫ ଦିନ ହେଲା ପ୍ରୟାସ କରୁଛି। ମାଗଣା ମିଳୁନି କି କିଣିଲେ ବି ମିଳୁନି। ଏଣୁ ଧାନ ବିହନ କିଣି ବୁଣିବାକୁ ଉଦ୍ୟମ ଆରମ୍ଭ କରିଛି।

ଏ ସଂକ୍ରାନ୍ତରେ ନୂଆଗାଁ ବ୍ଲକର ଅତିରିକ୍ତ କୃଷି ଅଧିକାରୀ କୁମୁଦୁନି ଦେଇ କୁହନ୍ତି, କୃଷକ ଆଇଡି, ବ୍ୟାଙ୍କ ପାସବୁକ୍, ଜମି ପଟ୍ଟା କାଗଜାତ ଦେଖାଇଲା ପରେ ଧନିଚା ମାଗଣାରେ ଦେଉଛୁ। କୃଷକ ସାଥୀ, ସରପଞ୍ଚ, ସମିତି ସଭ୍ୟଙ୍କ ଉପସ୍ଥିତିରେ ଧନିଚା ବଣ୍ଟନ ହେଉଛି। ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ କୁହନ୍ତି, କ୍ଷେତ୍ର ପରିଦର୍ଶନ ପାଇଁ ୧୮୧ କୁଇଣ୍ଟାଲ ଧନିଚା ଦିଆଯାଇଛି। ସେହିଭଳି ଗୋଟିଏ ପାକ୍ସକୁ ୧୫ କୁଇଣ୍ଟାଲ ଓ ୫ଜଣ ପ୍ରାଇଭେଟ ଡିଲରଙ୍କୁ ୫୧ କୁଇଣ୍ଟାଲ ଧନିଚା ଦିଆଯାଇଛି। ଆଉ ଧନିଚା ଆସିଲେ ପୁଣି ଚାଷୀଙ୍କ ପାଇଁ ପଠାଯିବବୋଲି କହିଛନ୍ତି। ଧନିଚା ବଣ୍ଟନରେ ସେପରି କୌଣସି ଅନିୟମିତତା ଅଭିଯୋଗ ମିଳି ନ ଥିବା କହିଛନ୍ତି।

## ଖରାପ ଦର୍ଶାଯାଇ ପୁରୁଣା ଉପକରଣ ଆତ୍ମସାତ୍

### ତଦନ୍ତ ପାଇଁ ଦଶପଲ୍ଲା ବିଡିଓଙ୍କୁ ଫେରାଦ

ନୟାଗଡ଼,୩୦।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ କାର୍ଯ୍ୟାଳୟରୁ ବିଭିନ୍ନ ପୁରୁଣା ଉପକରଣ ଭଲ ଥିଲେ ବି ଅଚଳ ଦେଖାଇ ଆତ୍ମସାତ୍ କରିବା ପରି ଅଭିଯୋଗ ହୋଇଛି। ଏହାର ତଦନ୍ତ ପାଇଁ ଶୁକ୍ରବାର ବିଡିଓଙ୍କ ନିକଟରେ ଅଭିଯୋଗ ହେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ବ୍ଲକ୍ ଅଧୀନ ବିଭିନ୍ନ ଗାଁରେ ଥିବା ନଳକୂପରୁ ବାହାରୁ ଥିବା ଗଛିତ ପାଇପ ଗୁଡିକ ଗାଏବ କରାଯାଇଛି। ସେହିପରି ବ୍ଲକର କମ୍ପ୍ୟୁଟର, ବ୍ୟାଟେରୀ ପରି କିଛି ଉପକରଣ ମଧ୍ୟ ଗାଏବ କରାଯାଇ ବିକ୍ରି କରାଯାଇଛି। ସରକାରୀ ଉପକରଣକୁ କିଏ ଓ କାହିଁକି ଗାଏବ କରୁଛି ବା ବିକ୍ରି କରୁଛି ସେନେଇ ତଦନ୍ତ କରାଯିବାକୁ ଦାବି ହୋଇଛି।

## କୁମ୍ଭାରପଡ଼ା-ଖଡଗପ୍ରସାଦ ଗ୍ରାମ୍ୟ ରାସ୍ତା ନିର୍ମାଣକୁ ନେଇ ବିବାଦ




ନିର୍ମାଣ ହୋଇଥିବା ରାସ୍ତା ଧସି ଯାଇଛି।

ଖଣ୍ଡପଡ଼ା,୩୦।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡାଠାରୁ ନିକଟସ୍ଥ ଖଡ଼ଗପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଗତ ୨ ବର୍ଷ ଧରି ଚାଲୁ ରହିଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨.୨୧ କୋଟି ବ୍ୟୟରେ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତା କାର୍ଯ୍ୟର ତଦାରଖ ଦାୟିତ୍ୱ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ କରାଯାଇଛି । ତେବେ ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଭିନ୍ନ ଅଭିଯୋଗ କରିଛନ୍ତି । ଏଥିରେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଏବେ ଉକ୍ତ ରାସ୍ତାର କିଛି ଅଂଶ ପିଚୁ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ସ୍ୱଳ୍ପ ସମୟ ମଧ୍ୟରେ ରାସ୍ତା ଉପରୁ ପିଚୁ ଉଠି ଯାଇଥିବା ପରିଲକ୍ଷିତ ହୋଇଛି । ଯଦି ଏବେ ଠାରୁ ରାସ୍ତାର ଅବସ୍ଥାକୁ ସୁଧାର କରା ନ ଯାଏ ତେବେ ଉକ୍ତ ରାସ୍ତାଦେଇ ଯାନବାହନ ଚଳାଚଳ କଲେ ସ୍ଥିତି ଆହୁରି ଖରାପ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ରାସ୍ତାଟି ଖଡଗପ୍ରସାଦ ଗ୍ରାମକୁ ସଂଯୋଗ କରୁଛି । ହେଲେ ନିମ୍ନମାନର ରାସ୍ତା କାମକୁ ନେଇ କୁମ୍ଭାରପଡ଼ା ଓ ଖଡଗପ୍ରସାଦ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକତା ଠାରୁ ଅଧିକ ଗଛ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ କଟାଯାଇଥିବା ଅଭିଯୋଗ ହେଉଛି । ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅପହରଣର ୨ମାସ ପରେ ନାହିଁ ପଦକ୍ଷେପ

### କଲେଜ ଛାତ୍ରୀ ନିଖୋଜ ଘଟଣା

ନୟାଗଡ଼,୩୦।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ରାଜସୁନାଖଳା କଲେଜରୁ ଯୁକ୍ତ ୨ ଛାତ୍ରୀ ଅପହରଣ ହେବାର ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିଛି। ହେଲେ ପୋଲିସ ଅପହରଣ ଘଟଣାର ଟେର ପାଇନି। କେବଳ ଏକ ମାମଲା(ନଂ.୯୧/୨୫) ରୁଜୁକରି ଘଟଣାର ତଦନ୍ତ କରିବା ଆଳରେ ଅନ୍ଧାରରେ ବାଡି ବୁଲାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତା ନାବାଳିକା ପରିବାରର ଏକମାତ୍ର ସନ୍ତାନ ହୋଇଥିବାରୁ ଘରେ ଚୂଲି ଜଳୁନାହିଁ। ସୁନାଖଳା ଅଞ୍ଚଳର ଜଣେ ଯୁବକ ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମାର୍ଚ୍ଚ ୨୭ରେ ନାବାଳିକା ଛାତ୍ରୀ ଜଣକ ଯୁକ୍ତ ୨ ପରୀକ୍ଷା ଦେଇ ଘରକୁ ଫେରୁଥିଲେ। ସେଦିନ ପରୀକ୍ଷା ଶେଷ ହୋଇଥିବାରୁ ସେ ଖୁସି ଥିଲେ। ଏହି ସୁଯୋଗରେ ତାଙ୍କୁ ଅପହରଣ କରାଯାଇଛି। ଅପହରଣ ପରେ ଛାତ୍ରୀର ସାଇକେଲ କଲେଜ ପରିସରୁ ଜବତ ହୋଇଛି। ଏଭଳି ସ୍ଥଳେ ପରିବାର ପକ୍ଷରୁ ପୁଣି ନୟାଗଡ଼ ଅତିରିକ୍ତ ଏସ୍‌ପିଙ୍କୁ ଗୁରୁବାର ଭେଟି ତୁରନ୍ତ ପୋଲିସ ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରାଯାଇଛି ।

## ୨ ମାସ ମଧ୍ୟରେ ହେବ ଓଡ଼ଗାଁ ଏନ୍‌ଏସି ନିର୍ବାଚନ

### କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଓଡ଼ଗାଁ,୩୦।୫(ଆଦର୍ଶ କୁମାର ପଟ୍ଟନାୟକ)



ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ନିହାର ରଞ୍ଜନ ବେହେରା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନଏସିର ପ୍ରଥମ ନିର୍ବାଚନ ଆସନ୍ତା ୨ ମାସ ମଧ୍ୟରେ ସାରିବା ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡ଼ଗାଁ ସହରବାସୀଙ୍କ ସହଯୋଗରେ ନିର୍ବାଚନ ପ୍ରକ୍ରିୟାକୁ ଅବାଧ ନିରପେକ୍ଷ ଭାବେ ପରିଚାଳନା କରିବାକୁ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେହେରା ଗୁରୁତ୍ୱାରୋପ କରିଛନ୍ତି। ପ୍ରତି ୱାର୍ଡର ଭୋଟର ତାଲିକା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାମାନ୍ୟ ସଂଶୋଧନ ପରେ ତାହା ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଖୁବଶୀଘ୍ର ନିର୍ବାଚନ ଆଚରଣବିଧି ଲାଗୁ ହେବ ବୋଲି ନିର୍ବାହୀ ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନୂତନ ଅଧିକାରୀ ବେହେରା ପିପିଲି ତହସିଲରୁ ବଦଳି ହୋଇ ଓଡ଼ଗାଁ ଆସିଛନ୍ତି।

## ୨ ବିଷଧର ସାପକୁ ଜଙ୍ଗଲରେ ଛଡ଼ାଗଲା

### ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରୁ ଉଦ୍ଧାର ହୋଇଥିଲେ

ଖଣ୍ଡପଡ଼ା,୩୦।୫(ଅଜୟ କୁମାର ମହାରଣା)



ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରୁ ୨ ସାପକୁ ଉଦ୍ଧାର କରାଯାଉଛି।

ଖଣ୍ଡପଡ଼ା ସହର ବାଇପାସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରୁ ଖଳିସାହି ଅଞ୍ଚଳର ସ୍ନେକ ହେଲପ ଲାଇନର ମୁନା ପରିଡ଼ାଙ୍କ ଦ୍ୱାରା ୨ଟି ବିଷଧର ସାପ ଶୁକ୍ରବାର ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଅହିରାଜ ସାପଟି ଆଉ ଏକ ସାପ(ତମ୍ପା ମୁଣ୍ଡିଆ)କୁ ଗିଳୁଥିବା ବେଳେ ଖବରଦାତାମାନଙ୍କ ନଜରକୁ ଆସିଥିଲା। ପରେ ସ୍ନେକ ହେଲପ୍ ଲାଇନକୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଖବର ପାଇ ସ୍ନେକ ହେଲପ୍‌ଲାଇନର ମୁନା ଓ ତାଙ୍କ ୨ ସହଯୋଗୀ ସନ୍ତୋଷ ପାତ୍ର ଓ କାଳିଆ ଦାସ ପହଞ୍ଚି ସାପ ୨ଟିକୁ ଉଦ୍ଧାର କରିଥିଲେ। ସାନ ସାପର ଶରୀରରେ ସାମାନ୍ୟ କ୍ଷତ ସୃଷ୍ଟି ହୋଇଥିବାରୁ ତା'ର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ସାପ ୨ଟିକୁ ଜନବସତି ଠାରୁ ବହୁ ଦୂରରେ ଘଞ୍ଚଜଙ୍ଗଲରେ ଛାଡି ଦିଆଯାଇଛି। ବିଷଧର ସାପ ୨ଟିକୁ ଦେଖିବା ପାଇଁ ସଂଘ କାର୍ଯ୍ୟାଳୟ ପରିସରରେ ଭିଡ଼ ଜମିଥିଲା।

## ପଥର ଖଣିରେ ଚଢ଼ାଉ: ଟ୍ରାକ୍ଟର, କମ୍ପ୍ରେସର ଜବତ

ଖଣ୍ଡପଡ଼ା,୩୦।୫
(ଅଜୟ କୁମାର ମହାରଣା)




ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ଭାନୁମତି ମନ୍ଦିର ନିକଟରେ ଥିବା ବରଗୁଡି ପାହାଡ଼ରେ ଜିଲା ଖଣି ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ବେଆଇନ ଖାଦାନରୁ ୨ କମ୍ପ୍ରେସର ସହ ୨ଟି ଟ୍ରାକ୍ଟର ଜବତ କରାଯାଇଛି । ଚଢାଉ ଖବର ପାଇ ଗାଡି ଚାଳକ ଓ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି । ଚୋରାରେ ପଥର ଖନନ ଚାଲିଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢାଉ ହୋଇଥିଲା । ପ୍ରଶାସନ ପକ୍ଷରୁ ଜବତ ୨ଟି କମ୍ପ୍ରେସର ଓ ଟ୍ରାକ୍ଟରକୁ କଣ୍ଟିଲୋ ଫାଣ୍ଡିରେ ରଖା ଯାଇଥିବା ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କଠାରୁ ସୂଚନା ମିଳିଛି ।

## ବିଶ୍ରାମାଗାରରୁ ବୃଦ୍ଧଙ୍କ ମୃତଦେହ ଜବତ

ଦଶପଲ୍ଲା,୩୦।୫(ପ୍ରକାଶ କୁମାର ପାଣି)

ଶୁକ୍ରବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମପଞ୍ଚାୟତ ବୁଗୁଡା କଲେଜ ସାମ୍ନା ବିଶ୍ରାମାଗାରରୁ ଜଣେ ଅପରିଚିତ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୫) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ସକାଳେ ଜଣେ ବୃଦ୍ଧ ମରି ପଡିଥିବା ଲୋକମାନେ ଦେଖିଥିଲେ। ସମ୍ପୃକ୍ତ ବ୍ୟକ୍ତି ଗତ କିଛିଦିନ ହେବ ସେହି ଅଞ୍ଚଳରେ ମାଗିଯାଚି ଖାଇ ବିଶ୍ରାମାଗାରରେ ରହୁଥିଲେ। ଖବର ପାଇ ଦଶପଲ୍ଲା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଅନୀତା ସାହୁ କହିଛନ୍ତି।

## ପ୍ରାପ୍ୟ ବୃଦ୍ଧି ଦାବିକଲେ ଲଡୁବାବା ସେବାୟତ

ଶରଣକୂଳ, ୩୦।୫(ଦୀପକ କର)




ସେବାୟତମାନେ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ସେବାୟତମାନେ ବିଭିନ୍ନ ସୁବିଧା ସହ ପ୍ରାପ୍ତ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଶୁକ୍ରବାର ମନ୍ଦିର ସମ୍ମୁଖରେ ସେବାୟତମାନେ ଅବହେଳା ପ୍ରସଙ୍ଗ ଉଠାଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସେବାୟତମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ସପ୍ତାହରେ ଓଡ଼ଗାଁ ଶ୍ରୀରଘୁନାଥ ଜୀଉ ମନ୍ଦିର ସେବାୟତଙ୍କ ପ୍ରାପ୍ୟ ବୃଦ୍ଧି ହେବା ପରେ ଶରଣକୁଳ ଲଡୁବାବା ସେବାସୀମାନଙ୍କୁ କାହିଁକି ଅଣଦେଖା କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ବୃଦ୍ଧ ଓ ଦିବ୍ୟାଙ୍ଗ ସେବାୟତଙ୍କୁ ଭତ୍ତା ପ୍ରଦାନ କରିବା, ସେବାୟତମାନଙ୍କୁ ଦୋକାନ ଘର ଦେବା, ଦାନ ଅର୍ଥରୁ ସେବାୟତଙ୍କୁ ପ୍ରାପ୍ୟ ଆକାରରେ ଦେବା, ଭୂମିହୀନ ସେବାୟତଙ୍କୁ ଭୂମି ପ୍ରଦାନ କରିବା, ପାଳିଆମାନଙ୍କୁ ୫ଶହ ଟଙ୍କା ଦେବା, ସେବାୟତଙ୍କ ଘର ରୟତି କରିବା ଆଦିରେ ଦେବୋତ୍ତର ବିଭାଗ ହସ୍ତକ୍ଷେପ କରୁ ବୋଲି ସେବାୟତମାନେ ଦାବି କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନ ପରେ ସେବାୟତମାନେ ହାତରେ ପ୍ଲାକାର୍ଡ ଧରି ଶରଣକୁଳ ବଜାର ପରିକ୍ରମା କରିଥିଲେ।।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରମୋଦିନୀ



@ ଶରତ



@ ନିତୁ



@ ଅଶୋକ



@ ଶୁଭଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପର୍ଯ୍ୟଟକଙ୍କୁ ମାଡ଼, ବନ୍ଧୁକ ଦେଖାଇ ଲୁଟ୍

## ୫୫ନଂ. ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

ଅନୁଗୋଳ,୩୦।୫ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ସଦର ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। ବୋଲେରୋରେ ଥିବା ୫ଜଣ ପର୍ଯ୍ୟଟକଙ୍କୁ ଲୁଟେରାମାନେ ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଟଙ୍କା, ସୁନା ଅଳଙ୍କାର ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ୫ ଜଣ ସାଙ୍ଗ ସୁବ୍ରନ କୁମାର ନାୟକ (୩୪), ସରୋଜ ଜେନା (୨୮), ବିନୋଦ ସେଠୀ (୩୦), ଚିନ୍ମୟ ଦାସ (୩୦), ଦେବାଶିଷ ବିଶ୍ୱାଳ (୩୮) ସମ୍ବଲପୁର ଜିଲା ବୁଲିବାକୁ ଆସିଥିଲେ। ସେମାନେ ଗୁରୁବାର ରାତିରେ ବୋଲେରୋରେ ଘରୁ ବାହାରିଥିବା ବେଳେ ଶୁକ୍ରବାର ସକାଳ ୭ଟା ୩୦ରେ ଅନୁଗୋଳ ସଦର ଥାନା ମୂଷାପାପୁଲିଠାରେ ଜଳଖିଆ ଖାଇବା ପାଇଁ ଅଟକିଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ ଜଣ ଲୁଟେରା ଆସି ବନ୍ଧୁକ ଦେଖାଇ ଗାଡ଼ି ସହ ପର୍ଯ୍ୟଟକମାନଙ୍କୁ ନିକଟସ୍ଥ ଡ୍ୟାମ୍ ନିକଟକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଆଉ ୬ ଜଣ ଲୁଟେରା ଅପେକ୍ଷା କରିଥିଲେ। ଏହାପରେ ସମସ୍ତ ୯ ଲୁଟେରା ମିଶି ପର୍ଯ୍ୟଟକମାନଙ୍କୁ ମାଡ଼ ମାରିବା ସହ ଫୋନ, ଟଙ୍କା, ପିନ୍ଧିଥିବା ସୁନା ଚେନ୍, ବ୍ରେସଲେଟ୍, ଲକେଟ୍, ମୁଦି ସହ ଗାଡ଼ି ଛଡ଼ାଇ ନେଇଥିଲେ। ମାଡ଼ ଖାଇଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ୨ ଜଣ ପ୍ରାଣ ବିକଳରେ ଦୌଡ଼ି ପଳାଇ ଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଲୁଟେରାମାନେ ନିର୍ଘାତ ମାଡ଼ ମାରିବା ସହ ଘରୁ ଟଙ୍କା ମଗାଇବାକୁ ଧମକ ଦେଇଥିଲେ। ଖବରପାଇ ଘର ଲୋକେ ଅନୁଗୋଳ ସଦର ପୋଲିସକୁ ଖବର ଦେଇଥିଲେ। ଏହା ଜାଣିବା ପରେ ଲୁଟେରାମାନେ ପର୍ଯ୍ୟଟକଙ୍କ ବୋଲେରୋ ନେଇ ପଳାଇ ଯାଇଥିଲେ। ମାଡ଼ ଖାଇଥିବା ୩ ପର୍ଯ୍ୟଟକ କିଛି ବାଟ ଚାଲି ଚାଲି ଆସିବା ପରେ ଏକ ଅଟୋ ଯୋଗେ ସଦର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ସଦର ପୋଲିସ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ଅଧିକ ତଥ୍ୟ ମିଳିପାରି ନାହିଁ।



ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକମାନେ।

# ବଳାତ୍କାର ମାମଲା, ବାପାଙ୍କୁ ଆଜୀବନ ଜେଲ

## ପୀଡ଼ିତାଙ୍କୁ ସାଢ଼େ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର, ୩୦।୫ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ତଥା ପୀଡ଼ିତାଙ୍କ ବାପାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଦୋଷୀ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ପୀଡ଼ିତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ୍ ମାମୁଙ୍କୁ ଜଜ୍ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ନାବାଳିକାଙ୍କ ପ୍ରଥମ ଓ ଦ୍ୱିତୀୟ ମା'ଙ୍କ ମୃତ୍ୟୁ ପରେ ବାପା ତୃତୀୟ ବିବାହ କରିଥିଲେ।

୨୦୨୩ ଡିସେମ୍ବର ୨୩ ତାରିଖରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ରହୁଥିବା ନାବାଳିକା ଅଙ୍ଗନୱାଡି କେନ୍ଦ୍ରରୁ ଅଣ୍ଡା ଆଣିବାକୁ ଯାଉଥିଲେ। ଏହି ସମୟରେ ୨ ଜଣ ତାଙ୍କୁ ଟାଣି ନେଉଥିବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକେ ରୁଣ୍ଡ ହୋଇଯାଇ ଅଟକାଇବାରୁ ସେମାନେ ନାବାଳିକାଙ୍କ ବାପା ଓ ମାମୁ ବୋଲି ଜଣାପଡ଼ିଥିଲା। ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଝିଅକୁ ନେଉଥିବା କହି ଅଭିଯୁକ୍ତଦ୍ୱୟ ସେଠାରୁ ପଳାଇଥିଲେ। ରାତିରେ ଘରେ ବାପା ଭୟଭୀତ କରି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ତାଙ୍କ ପ୍ରଥମ ମା'ଙ୍କ ଭାଇ ଅର୍ଥାତ ମାମୁମାନଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୦୨/୨୩ ରେ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ବାପା ଓ ମାମୁଙ୍କୁ ଗିରଫ କରିଥିଲା। କିଛିଦିନ ପରେ ମାମୁଙ୍କୁ ଜାମିନ ମିଳିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ସମୀର କୁମାର ରାଉତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ମହିଳା ହଷ୍ଟେଲ ବାଥରୁମ୍‌ରୁ ଯୁବତୀଙ୍କ ମୃତଦେହ ଜବତ

## ଦେଢ଼ ମାସ ହେବ ରହୁଥିଲେ

କଟକ,୩୦।୫ (କାର୍ତ୍ତିକ ସାହୁ)

କଟକ ଯୋବ୍ରା ଅଞ୍ଚଳର ଜଣେ କର୍ମଜୀବୀ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଯୋବ୍ରା ଚାରିଘରିଆ ଅଞ୍ଚଳରେ ଥିବା ଏକ କର୍ମଜୀବୀ ମହିଳା ହଷ୍ଟେଲର ବାଥରୁମ୍ କପଡ଼ା ହ୍ୟାଙ୍ଗରରେ ଯୁବତୀଙ୍କ ମୃତଦେହ ଓଢ଼ଣିରେ ଝୁଲୁଥିବା ଅବସ୍ଥାରେ ଠାବ କରାଯାଇଛି। ହଷ୍ଟେଲ ଅନ୍ତେବାସୀମାନେ ଶୁକ୍ରବାର ସକାଳୁ ଏହା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ମୃତ ଯୁବତୀ ହେଲେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର କଳ୍ପନା ଦାସ (୨୬)।

ସୂଚନାନୁସାରେ, କଳ୍ପନା ଏକ ଘରୋଇ ହସ୍ପିଟାଲରେ ଚାକିରି କରୁଥିଲେ। ସେ ପ୍ରାୟ ଦେଢ଼ ମାସ ହେବ ଉକ୍ତ ହଷ୍ଟେଲରେ ରହୁଥିଲେ। ହଷ୍ଟେଲ ଅନ୍ତେବାସୀମାନଙ୍କ କହିବା ଅନୁସାରେ, କଳ୍ପନା ଖୁବ୍ ଭଲ ସ୍ୱଭାବର ଝିଅ ଥିଲେ। ସକାଳ ୯ଟା ୪୫ମିନିଟ୍ ପର୍ଯ୍ୟନ୍ତ ସେ ବେଶ୍ ସ୍ୱାଭାବିକ ଥିଲେ। ମାତ୍ର ପରେ ବାଥରୁମ୍‌କୁ ଯାଇ ଦୀର୍ଘ ସମୟ ଯାଏ ଫେରି ନ ଥିଲେ। କବାଟ ନ ଖୋଲିବାରୁ ଅନ୍ତେବାସୀମାନେ କବାଟ ଭାଙ୍ଗି ଭିତରକୁ ପଶି ସେ ଝୁଲୁଥିବା ଅବସ୍ଥାରେ ଦେଖିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୫) ରୁଜୁ ହୋଇଥିବା ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

# ଏସିଡ୍ ଆକ୍ରମଣକାରୀଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୩୦।୫ (ରାକେଶ କୁମାର ରାଉତ)

ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରିତିଶ କୁମାର ରାଉତରାୟ ଶୁକ୍ରବାର ଏକ ଏସିଡ୍ ମାଡ଼ ମାମଲାର ରାୟ ପ୍ରକାଶ କରିଛନ୍ତି। ମାମଲାର ଅଭିଯୁକ୍ତ ଫୁଲବାଣୀ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୧୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଜରିମାନା ଏବଂ ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୨୦୨୩ ଡିସେମ୍ବର ୨୮ ତାରିଖରେ ଫୁଲବାଣୀ ସାହିର ସୁରଜ କୁମାର ମହାନ୍ତି ଶଶୀ ପାନଦୋକାନ ଛକଠାରେ ଠିଆ ହୋଇଥିଲେ। ଏହି ସମୟରେ ପ୍ରମୋଦ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଖବରପାଇ ସୁରଜଙ୍କ ବାପା କୃଷ୍ଣ ଚନ୍ଦ୍ର ମହାନ୍ତି ଘଟଣାସ୍ଥଳକୁ ଆସିବାରୁ ତାଙ୍କ ଉପରକୁ ମଧ୍ୟ ଏସିଡ୍ ଫିଙ୍ଗିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାପାପୁଅଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସହ ପ୍ରମୋଦଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ବିଚାରପତି ୧୭ଜଣଙ୍କ ସାକ୍ଷ୍ୟ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତିକରି ଦଣ୍ଡାଦେଶ ଶୁଣାଇଛନ୍ତି।

# ବ୍ୟବସାୟୀଙ୍କ ଘରୁ ଲୁଟିନେଲେ ୧୦ ଲକ୍ଷ ଟଙ୍କା, ୨୦ ଭରି ସୁନା

ରାୟଗଡ଼ା,୩୦।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ନ୍ୟୁ କଲୋନିରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ହୋଟେଲ କୈଳାସର ମାଲିକ ସୁବ୍ରତ ପତିଙ୍କ ଘରୁ ନଗଦ ୧୦ ଲକ୍ଷ ଟଙ୍କା, ପ୍ରାୟ ୨୦ଭରି ସୁନା ଅଳଙ୍କାର ଓ ୧ କେଜି ରୁପା ଲୁଟି ନେଇଛନ୍ତି। ଏ ନେଇ ଶୁକ୍ରବାର ସକାଳେ ସୁବ୍ରତ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

ଘଟଣାରୁ ପ୍ରକାଶ, ସୁବ୍ରତ ଏବଂ ତାଙ୍କ ମା' ନିଶାମଣି ଗୁରୁବାର ରାତିରେ ଖାଇସାରି ପଛ ପାର୍ଶ୍ୱ ଘର ତାଲା ଦେଇ ଆଗପଟକୁ ଥିବା ଘରର ବେଡ୍‌ରୁମ୍‌ରେ ଆସି ଶୋଇ ଯାଇଥିଲେ। ଶୁକ୍ରବାର ସକାଳୁ ଉଠିବା ପରେ ଘରର ଗ୍ରୀଲ ହୁକ୍ କାଟି ଘରୁ ଚୋରି ହୋଇଥିବା ଦେଖି ସୁବ୍ରତ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କୁ ସୂଚନା ଦେଇଥିଲେ। ୨ ଜଣ କଳାମୁଖା ପିନ୍ଧିଥିବା ଦୁର୍ବୃତ୍ତ ରାତି ପ୍ରାୟ ୨ଟା ପରେ ଘରେ ପଶି ଚୋରି କରିଥିବା ସୁବ୍ରତଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚରୁ ଜଣାପଡ଼ିଛି। ପଛ ଘର ଭିତରେ ଥିବା ଦୁଇଟି ଆଲମିରା ଭାଙ୍ଗି ନଗଦ ୧୦ଲକ୍ଷ ଟଙ୍କା, ପ୍ରାୟ ୨୦ ଭରି ସୁନା ଗହଣା ଏବଂ ୧ କେଜିରୁ ଊର୍ଦ୍ଧ୍ୱ ରୁପା ସାମଗ୍ରୀ ଚୋରି ହୋଇଥିବା ସୁବ୍ରତ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ଜାଗାରେ ଘର କାମ ଚାଲିଥିବାରୁ ସୁବ୍ରତ ସାମଗ୍ରୀ କିଣିବା ପାଇଁ ନଗଦ ଟଙ୍କା ଘରେ ରଖିଥିଲେ ବୋଲି କହିଛନ୍ତି। ଏସ୍‌ଡିପିଓ ଗୌରୀଶଙ୍କର ସାହୁ, ଟାଉନ ଥାନା ଆଇଆଇସି କହଁରଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଡଗ୍ ସ୍କ୍ୱାଡ୍ ଯାଞ୍ଚ ବେଳେ ଅନୁସନ୍ଧାନୀ କୁକୁର ତୁମ୍ବିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ଜଣାପଡ଼ିଛି। ତେବେ ଉକ୍ତ ରାସ୍ତା ପରଠାରୁ ଦୁର୍ବୃତ୍ତ କେଉଁଆଡ଼େ ଯାଇଛନ୍ତି ଆଉ ଜଣାପଡ଼ିନାହିଁ ବୋଲି ଆଇଆଇସି କହଁର କହିଛନ୍ତି।



ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

## Business

# ନାନୋ ସାର ବିକ୍ରିରେ ୪୭% ବୃଦ୍ଧି

ନୂଆଦିଲ୍ଲୀ,୩୦।୫: (ଅଭୟ ଦାଶ)

କ୍ରମାଗତ ଭାବେ ନାନୋ ସାରର ବ୍ୟବହାର ବୃଦ୍ଧି ପାଉଛି। ଫଳରେ ଚାଷୀ ଓ କୃଷକ ସୁଲଭ ମୂଲ୍ୟ ଗୁଣାତ୍ମକ ଉତ୍ପାଦର ବ୍ୟବହାର ସହ ବେଶ୍ ଲାଭବାନ୍ ହେଉଛନ୍ତି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ୩୬୫.୦୯ ଲକ୍ଷ ବୋତଲ ନାନୋ ସାର ବିକ୍ରି କରାଯାଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪୮.୯୫ ଲକ୍ଷ ବୋତଲ ନାନୋ ସାର ବିକ୍ରି ହୋଇଥିଲା। ନାନୋ ସାର ବିକ୍ରି ବାର୍ଷିକ ଭିତ୍ତିରେ ୪୭% ବୃଦ୍ଧି ପାଇଛି।

ଅପରପକ୍ଷରେ ବିକ୍ରି ହୋଇଥିବା ୩୬୫ ଲକ୍ଷ ବୋତଲ ମଧ୍ୟରୁ ୨୬୮ ଲକ୍ଷ ଇଫ୍‌କୋ ନାନୋ ୟୁରିଆ ପ୍ଲସ୍ (ତରଳ) ବୋତଲ ଏବଂ ଇଫ୍‌କୋ ନାନୋ ଡିଏପି (ତରଳ) ର ୯୭ ଲକ୍ଷ ବୋତଲ ସାମିଲ ରହିଛି। ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ବିକ୍ରି କରାଯାଇଥିଲା ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଇଫ୍‌କୋ ନାନୋ ୟୁରିଆ ପ୍ଲସ୍ (ତରଳ) ବିକ୍ରି ୩୧% ଏବଂ ଇଫ୍‌କୋ ନାନୋ ଡିଏପି (ତରଳ) ବିକ୍ରି ୧୧୮ % ବୃଦ୍ଧି ପାଇଛି। ଏହି ବିକ୍ରି ପରିମାଣ ୧୨ ଲକ୍ଷ ମେଟ୍ରିକ ଟନ ପାରମ୍ପରିକ ୟୁରିଆ ଏବଂ ୪.୮୫ ମେଟ୍ରିକ ଟନ୍ ପାରମ୍ପରିକ ଡିଏପି ସହିତ ସମାନ ରହିଛି। ସେହିଭଳି ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା 'ଇଫ୍‌କୋ' କ୍ରମାଗତ ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଇଫ୍‌କୋ ଟିକସ ପ୍ରଦାନ ପୂର୍ବରୁ ୩,୮୧୧ କୋଟି ଟଙ୍କାର ଲାଭ ଉପାର୍ଜନ କରିଛି ଏହି ଆର୍ଥିକ ବର୍ଷରେ ଇଫ୍‌କୋ ୪୧,୨୪୪ କୋଟି ଟଙ୍କାର ବ୍ୟବସାୟ କରିଛି।

ଏ ସମ୍ପର୍କରେ ଇଫ୍‌କୋର ଅଧ୍ୟକ୍ଷ ଦିଲୀପ ସାଂଘାନି କହିଥିଲେ, ଦେଶର ସମୁଦାୟ ସମବାୟ କ୍ଷେତ୍ର ନିମନ୍ତେ ଏହା ଗର୍ବର ବିଷୟ ଯେ ଇଫ୍‌କୋର ଦମ୍‌ଦାର ଅଭିବୃଦ୍ଧି 'ସହକାର ସେ ସମୃଦ୍ଧି' ସ୍ୱପ୍ନକୁ ସାକାର କରୁଛି। ଏହି ସମବାୟ କ୍ରମାଗତ ୩ ବର୍ଷ ଧରି ୩୦୦୦ କୋଟି ଟଙ୍କାର ଲାଭ ଉପାର୍ଜନ କରିଆସୁଛି। କ୍ରମାଗତ ଭାବେ ବିଗତ ୨୩ ବର୍ଷ ଧରି ଇଫ୍‌କୋ ତାହାର ସଦସ୍ୟମାନଙ୍କୁ ପେଡ୍-ଅପ୍ ଶେୟାର କ୍ୟାପିଟାଲ ଉପରେ ୨୦%ର ଲାଭାଂଶ ପ୍ରଦାନ କରିଆସୁଛି। ଏହା ସମାନତାଭିତ୍ତିକ ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପ୍ରତି ଇଫ୍‌କୋର ଉତ୍ସର୍ଗୀକୃତ ଭାବ ଏବଂ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି। ସମବାୟ ନିମନ୍ତେ ନାନୋ ସାର ମୁଖ୍ୟ ଦୃଷ୍ଟିନିବଦ୍ଧ କ୍ଷେତ୍ର ହୋଇଛି ଏବଂ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ସମର୍ଥନରେ ବ୍ୟାପକ ଜନସଚେତନତା ଅଭିଯାନ ଏବଂ ଗବେଷଣା ସମବାୟକୁ କୃଷକମାନଙ୍କ ମଧ୍ୟରେ ଏହି ଉତ୍ପାଦର ଗ୍ରହଣୀୟତା ବୃଦ୍ଧି କରିବାରେ ସହାୟକ ହୋଇଛି।




# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୦।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୨ (୧୮୨.୦୧) ପଏଣ୍ଟ ହ୍ରାସ ଘଟି ୮୧,୪୫୧ (୮୧,୪୫୧.୦୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୮୩ (୮୨.୯୦) ପଏଣ୍ଟ କମି ୨୪,୭୫୧ (୨୪,୭୫୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ବିଏସ୍‌ସି ଆୱାର୍ଡ



ଅତିଥିଙ୍କ ଠାରୁ ମନୋଜ କୁମାର ବଳ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୩୦।୫

ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ନିକଟରେ ଆଉ ଏକ ସମ୍ମାନ ବ୍ରିଟିଶ୍ ସେଫ୍ଟି କାଉନସିଲ୍ (ବିଏସ୍‌ସି) ଆୱାର୍ଡ ମିଳିଛି। ଏପରିକି କମ୍ପାନୀର ଯାଜପୁର କାରଖାନା ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି। ଲଗାତର ୨ୟ ବର୍ଷ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ପ୍ରଦାନ କରାଯାଇଛି।

ମୁମ୍ବାଇଠାରେ ଆୟୋଜିତ ବ୍ରିଟିଶ୍ ସେଫ୍ଟି କାଉନସିଲ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ସମ୍ମିଳନୀରେ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଅଗ୍ନିଶମ ଏବଂ ସୁରକ୍ଷା ମୁଖ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ମନୋଜ କୁମାର ବଳ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ବ୍ରିଟିଶ ସେଫ୍ଟି ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଜୋନାଥନ ଗ୍ୟାଥ୍ରୋ ଏବଂ ବ୍ରିଟିଶ୍ ସେଫ୍ଟି କାଉନସିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ୍ ରବିନସନଙ୍କ ସମେତ ପରିଚାଳନା ନିର୍ଦ୍ଦେଶକ ଭାରତ, ବ୍ରିଟିଶ୍ ସେଫ୍ଟି କାଉନ୍‌ସିଲ ହେମନ୍ତ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ୟୁନିଟ୍ ହେଡ୍ ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ଦୀପକ ଅଗ୍ରୱାଲ କହିଛନ୍ତି, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ହାସଲକରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଏପ୍ରିଲରେ ଜିଓର ୧.୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ

ଭୁବନେଶ୍ୱର,୩୦।୫

କ୍ରମାଗତ ଭାବେ ରିଲାଏନ୍ସ ଜିଓର ଗ୍ରାହକ ସଂଖ୍ୟା ଓଡ଼ିଶା ବଜାରରେ ବୃଦ୍ଧି ପାଉଛି। ଏପରିକି ୨୦୨୫ ଏପ୍ରିଲରେ ଜିଓ ସର୍ବାଧିକ ୧.୮ ଲକ୍ଷରୁ ଅଧିକ ମୋବାଇଲ ଏବଂ ହୋମ୍ ବ୍ରଡ୍‌ବ୍ୟାଣ୍ଡ (ୱେୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲ୍ୟୁଏ) ଗ୍ରାହକ ଓଡ଼ିଶାରୁ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୫ ଏପ୍ରିଲରେ ରିଲାଏନ୍ସ ଜିଓ ସର୍ବାଧିକ ୧.୫୩ ଲକ୍ଷରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଏବଂ ୩୦,୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଓଡ଼ିଶାରୁ ଯୋଡ଼ିଛି। ଏଥିସହ ଜିଓ ଓଡ଼ିଶାରେ ୪୫.୯%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିବା ସହ ଚଳିତ ବର୍ଷ ଏପ୍ରିଲ ଶେଷ ସୁଦ୍ଧା ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧.୬୧ କୋଟିରେ ପହଞ୍ଚିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲରେ ଓଡ଼ିଶାର ପ୍ରାୟ ୧.୫୫ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଜିଓ ସହ ଯୋଡ଼ିହେବା ସହିତ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୨୦୨୫ ଏପ୍ରିଲ ଶେଷ ସୁଦ୍ଧା ୩.୫ କୋଟି ଅତିକ୍ରମ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ ୨୦୨୫ ଏପ୍ରିଲ ମାସରେ ଓଡ଼ିଶାର ଅନ୍ୟ ଅପରେଟର ଭୋଡାଫୋନ-ଆଇଡିଆ ମାତ୍ର ୬୬୫୯ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବାବେଳେ ଏୟାରଟେଲ୍ ମାତ୍ର ୩୮୩୯ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛନ୍ତି। ସେହିପରି ଓଡ଼ିଶାରେ ଜିଓ ୱାୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ଆହୁରି ସୁଦୃଢ଼ ହୋଇଛି। ୨୦୨୫ ଏପ୍ରିଲରେ ଜିଓ ରାଜ୍ୟର ସର୍ବାଧିକ ୩୦,୦୦୦ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡ଼ିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ମାସ ଶେଷ ସୁଦ୍ଧା ରାଜ୍ୟରେ ଜିଓଫାଇବର ଗ୍ରାହକଙ୍କ ସଂଖ୍ୟା ୩ ଲକ୍ଷ ଅତିକ୍ରମ କରିଥିବାବେଳେ ଜିଓଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୬୭ ଲକ୍ଷରୁ ଅଧିକ ହୋଇଛି। ଜିଓର ୫ଜି ଏଫ୍‌ଡବ୍ଲ୍ୟୁଏ ସେବା ଜିଓଏୟାରଫାଇବର ରାଜ୍ୟରେ ୮୪ % ରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ୫ଜି ଏଫ୍‌ଡବ୍ଲ୍ୟୁଏ ବଜାରରେ ପ୍ରାଧାନ୍ୟ ବିସ୍ତାର କରିଛି।

# ବଜାରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ଉତ୍ପାଦ

ଭୁବନେଶ୍ୱର,୩୦।୫

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏମ୍‌ଏନ୍‌ଏସ୍) ଇଣ୍ଡିଆର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ରଙ୍ଗ ଆବୃତ୍ତ ଷ୍ଟିଲ୍ ପୋର୍ଟଫୋଲିଓ ଅପ୍ଟିଗାଲର ଦୁଇଟି ବିଶ୍ୱସ୍ତରୀୟ ଓ ଉଚ୍ଚକ୍ଷମତା ସମ୍ପନ୍ନ ଉତ୍ପାଦ 'ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲ'ର ଶୁଭାରମ୍ଭ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ଶୁଭାରମ୍ଭ ସହ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତର ରଙ୍ଗ-ଆବୃତ୍ତ ଇସ୍ପାତ ବଜାରରେ ମଧ୍ୟ ବ୍ରାଣ୍ଡର ଉପସ୍ଥିତିକୁ ସୁଦୃଢ଼ କରିଛି। ସେହିଭଳି ପ୍ରଥମ ଥର ପାଇଁ ବୃହତ୍ ଓ ମହତ୍ତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ନିର୍ମାଣ ପ୍ରକଳ୍ପ ଯଥା ଅତ୍ୟାଧୁନିକ ବିମାନବନ୍ଦର, ରେଳ ଷ୍ଟେଶନ, ରାଜପଥ, ବିରାଟ ଭବନ ଇତ୍ୟାଦିରେ ବ୍ୟବହାର ପାଇଁ ଏହି ୟୁରୋପୀୟ ମାନର ଉଚ୍ଚ କ୍ଷୟ ପ୍ରତିରୋଧୀ ଇସ୍ପାତ ଉପଲବ୍ଧ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଭାରତରେ ପୂର୍ବରୁ ଉପଲବ୍ଧ ନ ଥିବା ଉଚ୍ଚ ଗୁଣବତ୍ତା ସିଁ୪ ସ୍ପେଶାଲିଟି ଇସ୍ପାତରେ ଏକ ନୂତନ ବଜାର ସେଗ୍‌ମେଣ୍ଟ ସ୍ଥାପନରେ ଅଗ୍ରଣୀ ଭୂମିକା ନେଉଛି, ଯେଉଁଥିରେ କମ୍ପାନୀ ଗର୍ବର ସହ ଏକମାତ୍ର ଘରୋଇ ଉତ୍ପାଦକ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲର ଶୁଭାରମ୍ଭ ଗୁଣବତ୍ତା, ଦୀର୍ଘସ୍ଥାୟିତ୍ୱ ଏବଂ ଦୀର୍ଘସ୍ଥାୟୀ ନବସୃଜନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ଭିତ୍ତିଭୂମି ଏବଂ ନିର୍ମାଣ ଆବଶ୍ୟକତା 'ବିକଶିତ ଭାରତ' ପଥରେ ଅଗ୍ରସର ହେଉଥିବାରୁ ଆମେ ବିବିଧ ଜଳବାୟୁ ଏବଂ ଶିଳ୍ପ ଚାହିଦାକୁ ପୂରଣ କରୁଥିବା ବିଶ୍ୱସ୍ତରୀୟ, ଉଚ୍ଚ କ୍ଷମତାସମ୍ପନ୍ନ ଇସ୍ପାତ ସମାଧାନ ପ୍ରଦାନ କରି ଗର୍ବ ଅନୁଭବ କରୁଛୁ। ଏହି ଉତ୍ପାଦ ପ୍ରଧାନମନ୍ତ୍ରୀଙ୍କ ତ୍ୱରିତ ବିକାଶ ଆହ୍ୱାନକୁ ଆଗେଇ ନେବା ସହିତ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ। ଏଏମ୍‌ଏନ୍‌ଏସ୍ ଏହି କ୍ଷେତ୍ରରେ ବଜାରରେ ପ୍ରାଧାନ୍ୟ ବିସ୍ତାର କରିବା ସହିତ ସାମଗ୍ରିକ ରଙ୍ଗ-ଆବୃତ୍ତ ଇସ୍ପାତ କ୍ଷେତ୍ରର ୨୫% ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲ ୬ଟି ସ୍ୱତନ୍ତ୍ର ଭାରିଆଣ୍ଟରେ ଉପଲବ୍ଧ ହେବ।




# ଏମ୍.ଏସ୍. ଧୋନି ଡେଟଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୩୦।୫

ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳି ତଥା ଅଧିନାୟକ ମହେନ୍ଦ୍ର ସିଂହ ଧୋନି (ଏମ୍.ଏସ୍. ଧୋନି) ଡେଟଲ ଇଣ୍ଡିଆର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ସେ କମ୍ପାନୀର ଡେଟଲ ସାବୁନ୍, ବଡିୱାଶ୍ ଏବଂ ହ୍ୟାଣ୍ଡୱାଶ୍ ରେଞ୍ଜର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିବେ ବୋଲି ଘୋଷଣା କରାଯାଇଛି। ଏହାସହ ଗ୍ରୀଷ୍ମ ସମୟରେ ଥଣ୍ଡା ରହିବାର ସମାଧାନ ଡେଟଲ ଆଇସି କୁଲ୍‌ର ଶୁଭାରମ୍ଭ କରାଯାଇଛି। ସେଭଳି ୩ ଗୁଣା ତୀବ୍ର ଶୀତଳତା ଏବଂ ଚର୍ମ ସଂକ୍ରମଣ ଜୀବାଣୁ ବିରୋଧରେ ୯୯.୯% ସୁରକ୍ଷା ସହ ଡେଟଲ୍ ଆଇସି କୁଲ୍ ହେଉଛି ଗ୍ରୀଷ୍ମଋତୁର ସର୍ବୋଚ୍ଚ ଅତ୍ୟାବଶ୍ୟକ ଉତ୍ପାଦ। ଏହା ଗରମ ଏବଂ ଝାଳ ଯୋଗୁ ହେଉଥିବା ଚର୍ମ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁଠାରୁ ସୁରକ୍ଷା ପ୍ରଦାନ କରିଥାଏ। ଏ ନେଇ ଧୋନି କହିଛନ୍ତି, ଡେଟଲ୍ ଆଇସି କୁଲ୍ ପାଇଁ ସେମାନଙ୍କର ନୂଆ ନୂଆ ଅଭିଯାନକୁ ଶୁଭାରମ୍ଭ କରିବା ପାଇଁ ମୁଁ ଡେଟଲ୍ ସହ ଯୋଡ଼ିହୋଇ ବେଶ୍ ଉତ୍ସାହିତ ଅଛି। ଡେଟଲ୍ ଆଇସି କୁଲ୍ ଥଣ୍ଡା ରହିବା ପାଇଁ ଏକ ଉତ୍ତମ ସମାଧାନ ପ୍ରଦାନ କରିଥାଏ। ସେହିଭଳି ରେକିଟ୍-ଦକ୍ଷିଣ ଏସିଆର ରିଜିଓନାଲ୍ ମାର୍କେଟିଂ ଡାଇରେକ୍ଟର ହେଲ୍‌ଥ କନିକା କାଲରା କହିଛନ୍ତି, ଡେଟଲ୍ ଆଇସି କୁଲ୍ ଦୀର୍ଘଦିନ ଧରି ଗ୍ରୀଷ୍ମଋତୁରେ ୩ ଗୁଣ ଅଧିକ ଥଣ୍ଡା ଏବଂ ଚର୍ମ ସଂକ୍ରମଣ ସୃଷ୍ଟି କରୁଥିବା ଜୀବାଣୁ ବିରୋଧରେ ସୁରକ୍ଷା ସହ ଏକ ପ୍ରମୁଖ ବିକଳ୍ପ ହୋଇଆସିଛି। ଡେଟଲ୍ ଆଇସି କୁଲ୍‌ର ସାରକୁ ଜୀବନ୍ତ କରିବା ପାଇଁ ଆମେ ଏମ୍.ଏସ୍. ଧୋନିଙ୍କ ସଙ୍ଗେ ସହଭାଗିତା କରି ଆନନ୍ଦିତ ଅଛୁ।

# ଓଏନ୍‌ଡିସି-ଇଣ୍ଡସ୍ ଟ୍ରି ଫାଉଣ୍ଡେଶନ ମଧ୍ୟରେ ୨ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ଲୋକ ସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫ର ଦ୍ୱିତୀୟ ଦିନରେ ହିମାଚଳ ପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶାର ରାଜ୍ୟ ଗ୍ରାମୀଣ ଜୀବିକା ମିଶନର ପ୍ରତିନିଧିମାନେ ମହିଳା ସଶକ୍ତୀକରଣ ଦିଗରେ ଶ୍ରେଷ୍ଠ ଅଭ୍ୟାସ ସମ୍ବନ୍ଧରେ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଡିଜିଟାଲ ବଜାର ପ୍ରବେଶ ଓ ସ୍ଥାୟୀ ଜୀବିକା ସମ୍ପ୍ରସାରଣ ଲକ୍ଷ୍ୟରେ ଓପନ ନେଟ୍‌ୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍‌ଡିସି) ଏବଂ ଇଣ୍ଡସ୍ ଟ୍ରି ଫାଉଣ୍ଡେଶନ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀଙ୍କ ଦ୍ୱାରା ବିଭିନ୍ନ ଅଂଶଗ୍ରହଣକାରୀ ରାଜ୍ୟର ପ୍ରତିନିଧିମାନଙ୍କୁ ବିଶେଷ ସ୍ମାରକପତ୍ର ପ୍ରଦାନ ସହ ଏହି ଐତିହାସିକ ସମ୍ମିଳନୀର ଅଧିବେଶନ ସମାପ୍ତ ହୋଇଛି। ଏହାପରେ ଅଂଶଗ୍ରହଣକାରୀ ପ୍ରତିନିଧିମାନେ ମିଶନ ଶକ୍ତି ବଜାର ପରିଦର୍ଶନକରି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ଅନନ୍ୟ ହସ୍ତଶିଳ୍ପର ପ୍ରଦର୍ଶନ ଦେଖିଛନ୍ତି। ସମ୍ମିଳନୀର ଦ୍ୱିତୀୟ ଦିବସରେ ସମଗ୍ର ଦେଶରୁ ଆସିଥିବା ଲକ୍ଷପତି ଦିଦି ଓ ବରିଷ୍ଠ ଅଧିକାରୀମାନେ ପୁରୀ ଜିଲା ପ୍ରଶାସନର ବିଶେଷ ବ୍ୟବସ୍ଥାରେ ଜଗନ୍ନାଥ ଧାମକୁ ଯାତ୍ରା କରିଛନ୍ତି। ଏହି ସାଂସ୍କୃତିକ ଓ ଶିକ୍ଷଣୀୟ ଯାତ୍ରାରେ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଦର୍ଶନ, ରଘୁରାଜପୁରଠାରେ ପାରମ୍ପରିକ ଶିଳ୍ପକଳାର ପରିଦର୍ଶନ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟରେ ସ୍ଥାନ ପାଇଥିବା କୋଣାର୍କର ସୂର୍ଯ୍ୟମନ୍ଦିର ଏବଂ ସଂଗ୍ରହାଳୟ ସେମାନେ ପରିଦର୍ଶନ କରିଛନ୍ତି।

## ଆଜି ବିଶ୍ୱ ତମାଖୁ ନିରୋଧ ଦିବସ
# ସଚେତନତାକୁ ଗୁରୁତ୍ୱ



ତମାଖୁ ଉଭୟ ଧୂମଯୁକ୍ତ ଓ ଧୂମବିହୀନ ଆମ ସ୍ୱାସ୍ଥ୍ୟ ଓ ଶରୀରରେ ଯେ କେତେ କ୍ଷତି କରେ ତାହା ପ୍ରାୟତଃ ସମସ୍ତଙ୍କୁ ଜଣା। ଧୂମଯୁକ୍ତ ତମାଖୁ ପରି ଧୂମବିହୀନ ତମାଖୁ ମଧ୍ୟ କ୍ୟାନ୍ସର, ହୃଦ୍‌ରୋଗ, କିଡ୍‌ନୀ, ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍, ପାରାଲିସିସ୍, ଶ୍ୱାସ (ଆଜ୍‌ମା) ଆଦି ଅନେକ ରୋଗର ମୁଖ୍ୟ କାରଣ। ତମାଖୁ ବିକ୍ରିରୁ ଯେଉଁକି ଅର୍ଥ ଦିବସ ଆକାରରେ ମିଳିଥାଏ ତା'ଠାରୁ ଶତାଧିକ ଗୁଣ ଏହି ରୋଗୀମାନଙ୍କର ଚିକିତ୍ସାରେ ଖର୍ଚ୍ଚ ହୋଇଥାଏ। ସ୍ଥଳବିଶେଷରେ ସେହି ରୋଗରେ ମୃତ୍ୟୁ ମଧ୍ୟ ହୋଇଥାଏ। ସାରା ପୃଥିବୀରେ ତମାଖୁଜନିତ ମୃତ୍ୟୁହାର ଦିନକୁ ଦିନ ଚିନ୍ତାର କାରଣ ସାଜିଛି। ୧୯୮୭ରୁ ସାରା ବିଶ୍ୱରେ ଧୂମପାନର ଭୟାବହତାକୁ ଅନୁଭବ କରି ବିଶ୍ୱ ତମାଖୁ ନିରୋଧ ଦିବସ (ୱାର୍ଲ୍ଡ ନୋ ଟବାକୋ ଡେ) ପାଳିତ ହୋଇ ଆସୁଅଛି। ପ୍ରତିବର୍ଷ ମେ' ୩୧ ତାରିଖକୁ ଏହି ଦିବସ ଭାବରେ ପାଳନ କରାଯାଉଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ନିବେଦନର ମୁଖା ଖୋଲି ଦେବା : ତମାଖୁ ପ୍ରଚାର ପ୍ରସାର କରୁଥିବା ବ୍ୟବସାୟିକ କୌଶଳର ଖୁଲାସା କରିବା'। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ତମାଖୁର ଭୟାବହତାକୁ ନେଇ ଜନସଚେତନତା ସୃଷ୍ଟି ହେବା ଦ୍ୱାରା ଏବେ ଏଥିଜନିତ ମୃତ୍ୟୁହାର ଅନେକାଂଶରେ କମି ପାରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆମ ଦେଶରେ ଧୂମପାୟୀଙ୍କ ସଂଖ୍ୟା ୨୦୨୦ରେ ୨୯ ପ୍ରତିଶତ ଥିବାବେଳେ ତାହା ଚଳିତ ବର୍ଷ ୬ ପ୍ରତିଶତକୁ କମିଛି। ତା'ସହ ସାରା ପୃଥିବୀରେ ପ୍ରାୟ ୨୦୦କୋଟି ଲୋକ ଏହା ସହ ଜଡ଼ିତ ବୋଲି ଜଣାପଡ଼ିଛି। ଏଥିରେ କିଶୋରୀ-କିଶୋରଙ୍କର ସଂଖ୍ୟା ପ୍ରାୟ ୨୦ ପ୍ରତିଶତ। ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ କିଶୋରୀ-କିଶୋର ଏହାଦ୍ୱାରା କବଳିତ ହେଉଛନ୍ତି। ଇ-ସିଗାରେଟ୍ ଓ ନିକୋଟିନ ପ୍ୟାଚ୍ ସହିତ ତାପଯୁକ୍ତ ତମାଖୁ ପଦାର୍ଥ ମଧ୍ୟ ଏମାନଙ୍କର ପ୍ରଥମ ପସନ୍ଦ ହୋଇଛି। ତମାଖୁରୁ ପ୍ରସ୍ତୁତ ଦ୍ରବ୍ୟରେ ଏକ ବୈଧାନିକ ସତର୍କତା ଉଲ୍ଲେଖ ରହିଥାଏ। ତାହା ହେଲା-'ଧୂମପାନ ଅବା ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂମପାନ-ତମାଖୁ କର୍କଟ ରୋଗ କରିଥାଏ। ଏସବୁ ପ୍ରତି ଯଦି ଆମେ ସତର୍କ ହେବା ତେବେ ଆମେ ନିଜକୁ ଏଭଳି କ୍ଷତିକାରକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିପାରିବା। ତା'ସହ ଏଥିଯୋଗୁ ହେଉଥିବା ମୃତ୍ୟୁକୁ ମଧ୍ୟ କେତେକାଂଶରେ କମାଇ ହେବ। ତମାଖୁ ଯେ କେତେ ରୋଗ ସୃଷ୍ଟି କରୁଛି ଏବଂ ଜୀବନ ନେଉଛି ତାହା ଜାଣିବା ନିହାତି ଦରକାର। ଏ ବିଷୟରେ ଜନସଚେତନା ସୃଷ୍ଟି କରିବାରେ ଗଣମାଧ୍ୟମଗୁଡ଼ିକର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

-ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର, ମୋ : ୮୪୯୦୮୭୯୯୫

# ବାଲମୁକୁନ୍ଦ ଭୂୟାଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ନିଯୁକ୍ତ

## ୨୪ଘଣ୍ଟା ଭିତରେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୫ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କରେ ଅଦଳବଦଳ କରାଯାଇଛି।୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି ଯେ, ଆପଣମାନଙ୍କୁ କେନ୍ଦ୍ରୀୟ ଭାବେ ରିଲିଭ୍(ଷ୍ଟେଣ୍ଡିଲ ରିଲିଭ୍) କରାଯାଉଛି। ଆସନ୍ତା ୩୧ତାରିଖ ଅର୍ଥାତ୍ ଶନିବାର ସୁଦ୍ଧା ଆପଣମାନଙ୍କୁ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ପଡ଼ିବ। ବଦଳି ପାଇଁ ପ୍ରାକ୍ ପ୍ରସ୍ତୁତି କୌଣସି ସମୟ ଦିଆଯିବ ନାହିଁ। ୨୪ଘଣ୍ଟା ଭିତରେ ଅର୍ଥାତ୍ ଶନିବାର ସୁଦ୍ଧା ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ଜାରି କରିଥିବା ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଲମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସସ୍ମିତ କୁମାର ନାୟକଙ୍କୁ ଟେକ୍ସଟ୍ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ଭବାନୀ ପ୍ରସାଦ ମିଶ୍ରଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଚଳିତମାସ ୨୩ରେ ଜାରି ବିଜ୍ଞପ୍ତିକୁ ସରକାରଙ୍କ ପକ୍ଷରୁ ବାତିଲ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟବିଭାଗ ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା। ଉକ୍ତ ବିଜ୍ଞପ୍ତିକୁ ସରକାର ବାତିଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ସଂଗ୍ରାମ କେଶରୀ ମହାପାତ୍ର ଏବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ସ୍ଥାନରେ ବାଲମୁକୁନ୍ଦ ଭୂୟାଁଙ୍କୁ ସରକାର ଅବସ୍ଥାପିତ କରିଛନ୍ତି।


**OFFICE OF THE NOTIFIED AREA COUNCIL : CHANDBALI**
Pin : 756133 (Odisha)
E.Mail : chandbalin-hud@gov.in / chandbali.nac@gmail.com
Letter No. 1148 Dt.28.05.2025

**OFFICE ORDER**

No.C-410 : The Tender Call Notice No.1143/2025-26 dt. 15.05.2025 (Bid Identification No. 2025_CNB-SAN-01/2025-26 & Tender id 2025_ORULB_113504_I) for Selection of Agency for Execution & Management of the Sanitation Work and Supply of the Sanitation Man-power in all wards of CHANDBALI NAC is hereby cancelled due to unavoidable circumstances.

Sd./- Executive Officer
Chandbali NAC

OIPR-13129/11/0006/2526

**OFFICE OF THE BASUDEVPUR MUNICIPALITY, BHADRAK**
No.1881 Date:29.05.25

**E-Procurement Notice**
BID Identification No.BM_TCN_01_2025-26

No.C-413: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

| | | |
|---|---|---|
| 1. | Name of the Work | : Civil Const. works as mentioned in DTCN |
| 2. | No. of Works | : 101 Nos. |
| 3. | Estimated Cost | : As per Work List |
| 4. | Period of Completion | : As per DTCN |
| 5. | Date and Time of Bidding | : 04.06.2025 (10am) to 10.06.2025 |
| 6. | Last date and time for receipt | : 10.06.2025 upto 5.00 PM |
| 7. | Bids received online shall be opened on | : 11.06.2025 from 9 am onwards |
| 8. | Name and address of the Officer Inviting Bid | : Executive Officer, Basudevpur Municipality |

Sd./- Executive Officer
Basudevpur Municipality

OIPR-13135/11/0017/2526

**ବିଜ୍ଞାପନ** No.D-86

ଦୁର୍ଗପତିଙ୍କ କାର୍ଯ୍ୟାଳୟ
ତୃତୀୟ ଭାରତ ସଂରକ୍ଷିତ ବାହିନୀ, କଳିଙ୍ଗନଗର, ଯାଜପୁର

ନାମ- C/37 ମୀନକେତନ ମହାଲିକ
ପିତା-ଶ୍ରୀ ମଦନମୋହନ ମହାଲିକ
ଗ୍ରାମ- ହରଡ଼ବେରଣା
ପୋ-ଚିରୁଲେଇ
ଥାନା-ଗନ୍ଧିଆ
ଜିଲ୍ଲା-ଢେଙ୍କାନାଳ

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆପଣ ତା.୦୨.୧୨.୨୦୨୪ ରିଖ ଅପରାହ୍ନରୁ ତା.୦୬.୧୨.୨୦୨୪ ରିଖ ପର୍ଯ୍ୟନ୍ତ ୦୪ ଦିନ ସାମୂହିକ ଛୁଟି ନେଇ ଘରକୁ ଯାଇଥିଲେ। ଆପଣ ତା.୦୭.୧୨.୨୦୨୪ ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ବାରମ୍ବାର ପତ୍ର ମାଧ୍ୟମରେ ସୂଚିତ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗଦେଇନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟିହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଆସୁଛନ୍ତି।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଅବଗତ କରାଯାଉଅଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରିବା ହେବ। ନଚେତ୍ ଆପଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
ତୃତୀୟ ଭାରତ ସଂରକ୍ଷିତ ବାହିନୀ, କଳିଙ୍ଗନଗର, ଯାଜପୁର

OIPR-12029/11/0085/2526

**GOVERNMENT OF ODISHA** No. A-230
**DEPARTMENT OF WATER RESOURCES (M.I.)**
'e' Procurement Notice No. 01 (BGR)/2025-26

| | | |
|---|---|---|
| 1 | Name of Work | Construction of Check Dams/ Repair and renovation of Structure and Canals |
| 2 | Total No. of Work | 32 (Thirty Two) |
| 3 | Estimated Cost | Rs.5.02 Lakhs to 80.42 Lakhs |
| 4 | Period of Completion | 02 (Two) and (06) Six Calendar Months |
| 5 | Date & time of availability of Bid document in the portal | 10.00 hours of 31.05.2025 to 17.00 hours 09.06.2025 |
| 6 | Last date/time for receipt of Bids in the Portal | 09.06.2025 upto 17.00 hours |
| 7 | Date and place of opening of Technical Bid | Dt.10.06.2025 at 11.00 hours in the Office of the Superintending Engineer, Minor Irrigation Division, Balangir |
| 8 | Name and address of the O.I.T. (Officer Inviting Tender) | Superintending Engineer, Minor Irrigation Division, Balangir |

Further details can be seen from the e-Procurement Portal "https://tendersodisha.gov.in".

Sd./- Superintending Engineer
Minor Irrigation Division, Balangir

OIPR-32550/11/0002/2526

**OFFICE OF THE CHAIRMAN STATE NURSING SELECTION COMMITTEE, ODISHA**
E-mail-convenernursing1@gmail.com
NO 214// Dt-28.05.2025

**NOTICE**
COUNSELLING & ADMISSION INTO BASIC B.Sc. NURSING, POST BASIC B.Sc. NURSING, M.Sc. NURSING AND POST BASIC DIPLOMA NURSING COURSES FROM THE ACADEMIC SESSION 2025-26

No.E-123: The Candidates who will qualify in the entrance examination conducted by the Odisha Joint Entrance Examination (OJEE), Bhubaneswar, must register and upload the required documents on the official website https://dohodisha.nic.in within the specified timeframe to participate in the counselling and admission process for the following courses:
1. Basic B.Sc. Nursing
2. Post Basic B.Sc. Nursing
3. M.Sc. Nursing
4. Post Basic Diploma in Nursing

No candidate will be allowed to take part in the counselling and admission process without completing the registration on https://dohodisha.nic.in.

The Odisha Joint Entrance Examination (OJEE), Bhubaneswar, is entrusted to conduct the entrance exam and publishing the results. The State Nursing Selection Committee (SNSC), Odisha, will carry out the counselling and admission process for the above-mentioned Nursing courses.

Admission into the Basic B.Sc. Nursing course is strictly based on qualification in the OJEE entrance examination.

Sd/- Jt. DMET, Odisha
Convener, SNSC

OIPR-10016/11/0021/2526

**Office of the Superintendent Sardar Vallavbhai Patel Post Graduate Institute of Pediatrics Health & F.W. Department, Govt. of Odisha**
Cuttack-753002, Tel/Fax : 0671-2508978
E-Mail ID - svppgip_cuttack@rediffmail.com
www.svppgip.org
Letter No.3109/SVPPGIP, Cuttack Date : 28.05.2025

CORRIGENDUM NOTICE for Hiring of Four wheel vehicle for the Superintendent, SVP PGIP, Cuttack (OFFICIAL USE) FOR THE YEAR 2025-26, 2026-27 & 2027-28

No.E-126 : With reference to the Letter/notice No.2722 dated:-05/05/2025 & paper advertisement No.-E-71 dated- 08/05/2025 regarding publication of tender call notice for hiring of four wheel vehicle for the Superintendent, SVPPGIP, Cuttack the undersigned authority has desired to modify the following points in respect to the Office Memorandum No. 15836/F (FIN-COD-MV-0004-2018) date-27/05/2025 of Finance Department of Govt. of Odisha. The interested reputed travel agencies/Tour operators/Private individuals are requested to check the terms and condition accordingly.

| Clause & Dates Mentioned at Last Tender Paper | Revised Clauses & Dates after Finalization |
|---|---|
| 1. Last date of receive tender paper : 28.05.2025 up to 5 p.m. | :- To be changed 05.06.2025 5 p.m. |
| 2. Date of opening tech. bid : 29.05.2025 at 3.30 p.m. | :- To be changed 06.06.2025 3.30 p.m. |
| 3. Date of opening Price. bid : 29.05.2025 at 3.30 p.m. | :- To be changed 06.06.2025 3.30 p.m. |
| 4. (Tender Clause 6 of Annexure-I) Maximum monthly hiring charges Rs. 26000/- | :- Revised maximum monthly hire charges as Rs.31200/- |
| 5. (Tender Clause 3(Rental) of Service provider Agreement): | Revised as "Period of contract shall be 3 years which may be extended by maximum one year subject to satisfactory performance." |

All other terms and conditions of tender remain same except aforesaid mentioned points.

Sd./- Superintendent
SVPPGIP, Cuttack

OIPR-10017/11/0002/2526

**OFFICE OF THE PRINCIPAL, GOVT. WOMEN'S COLLEGE, BHAWANIPATNA-766001**
Email : gwc.bpt@gmail.com, Phone No. 0670-230723,
Website : gwcbhawanipatna.ac.in
Letter No. 934//GWC Dt.29.05.2025

Govt. Women's Higher Secondary School, Bhawanipatna
Walk-in-Interview

No.N-57 : A walk in interview for the engagement of Guest faculties in Govt. Women's Higher Secondary School, Bhawanipatna for the session-2025-26 will be held in the college on 17th June 2025 at 11:00 a.m. in the subjects of **English, Odia, History, Political Science, Economics, Education, Geography, Psychology & Home Science**. The candidates having 50% of marks at Post Graduation level with B.Ed. qualification for B.Ed. subjects only are required to come with Original and photocopies of the certificates along with C.V. on the above mentioned date and time. The engagement is purely temporary and can be terminated at any time without assigning any reason thereof. The remuneration will be paid as per the Government approved rate subject to sanction of funds from the Government.

No TA/DA will be paid for attending the interview.

Sd./- Principal
Govt. Women's College
Bhawanipatna

OIPR-11035/11/0014/2526

**DISTRICT PROJECT OFFICE**
SAMAGRA SIKSHYA, MAYURBHANJ
TENDER CALL NOTICE
No.2573 Date : 28.05.2025

Procurement of Teaching & Learning Materials -SISHU VATIKA, CLASS I to III for 2025-26

No.n-54 : Sealed tenders are invited from registered suppliers/vendors having valid Authorisation Certificates, MSME/SSI, PAN, GST regd. No. for supply of **TLM Materials such as Slate, Pencil box, Chalk, Pencil, Eraser, Sharpener & Crayons for 35,350 SishuVatika Students approx. & Pencil box, chalk, pencil, eraser, sharpener Ruler & Crayons for Class I to III students 1,10,050 approx. for 2025-26.** The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in. Tender processing fees Rs.5000.00 (Rupees Five Thousand) only is (Non-Refundable). The last date & time for submission of sealed tender is 17.06.2025 at 2.00 P.M. and the Tech. & Fin. bid will be opened on 18.06.2025 at 11.00 A.M.

Sd./- Collector-cum-Chairman,
Samagra Sikshya,
Mayurbhanj

OIPR-27141/11/0009/2526

**WATCO**
**OFFICE OF THE GENERAL MANAGER, WATCO DIVISION-I, BHUBANESWAR**
Vanivihar Square, Bhubaneswar-751022, Odisha, India
Telefax:-+91-674-2542821, E-mail-gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT

No.C-400: **Invitation For Bids (IFB)**
GMWATCO-I/17/2025-26 Dt.22.05.2025

| | | |
|---|---|---|
| 01. | Name of the work | 2 Nos. (Two nos works) |
| 02. | Estimated cost | Rs.78.55 Lakhs & 63.88 Lakhs |
| 03. | Period of completion | 12 (Twelve Months) |
| 04. | Class of contractor | B Class |
| 05. | Date & Time of availability of bid document in the portal | From 11.00 AM of Dt.02.06.2025 to 5.00 PM of 16.06.2025 |
| 06. | Last date/time of receipt of bids in the portal | 5.00 PM of 16.06.2025 |
| 07. | Last date & time of seeking clarification | 5.00 PM of 05.06.2025 |
| 08. | Date & Time of opening of bids | At 12.30 PM of 17.06.2025 |
| 09. | Name and Address of the Officer Inviting Bid | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER
WATCO DIVISION-I, BHUBANESWAR

OIPR-13083/11/0012/2526

See Career Appointment on every Wednesday & Saturday

**GOVT. OF ODISHA** No.O-216
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : KEONJHAR
Email ID : se_nerwkjr@rediffmail.com
Identification No. NCB-04 / RWCKJR / 2025-26
No. 2377 / Date : 27.05.2025

1. Name of the work : Repair / Maintenance of the Rural roads Constructed under Pradhan Mantri Gram Sadak Yojana in the District of Keonjhar. 2. Total No. of Packages : 03 (Three) Nos. 3. Estimated cost (Approx) : From Rs.107.17 lakh to Rs.241.06 lakh (Approximately). 4. Period of Completion : 60 Calendar Months. 5. Other details :

| Procurement Officer | Bid Identification No. | No. of Work | Availability of tender On-line for bidding From | To |
|---|---|---|---|---|
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | NCB-04/ RWCKJR /2025-26 | 03 Nos. | 03.06.2025 at 11.00 A.M. | 17.06.2025 upto 5.00 P.M. |

• Further details can be seen from the website : www.pmgsytenders.gov.in

Sd./- Chief Construction Engineer
R.W. Circle, Keonjhar

OIPR-25177/11/0075/2526

**ODISHA POLICE CRIMINAL INVESTIGATION DEPARTMENT CRIME BRANCH**
Advertisement for Hiring Retired Personnel on Contractual Engagement

No.D-85 : The following categories of Retired Government Officers are invited for engagement with CID-Crime Branch, Odisha Police on contractual basis for a period of two years.

| Sr. No. | Category | Number of vacancies |
|---|---|---|
| 1. | Retired Addl. SP/Deputy SP | 3 |
| 2. | Retired Forensic Doctor | 1 |

Apart from the above, the following personnel are also invited for engagement with CID-Crime Branch, Odisha Police on contractual basis for a period of two years.

Details of the "Job Description" for each post along with terms and conditions and required work experience, are available on the website of Odisha Police (https://odishapolice.gov.in/).

1. Applicants for jobs at serial 1 to 4 must be :
   a. Retired from Government service
   b. Below the age of 65 years
   c. Having good service record
   d. Physically fit
2. Last date for receipt of Application is 20.06.2025.
3. The shortlisted candidates shall be called for an interview at Cuttack.
4. Only the candidates selected for interview shall be informed by E-mail/ Phone.
5. The candidate selected for interview shall make their own arrangements and bear the cost to attend the interview at Cuttack.
6. Officers against whom departmental proceedings or criminal cases are contemplated/ pending or who have been penalized for misconduct during the period of preceding five years will not be eligible for consideration.
7. The retired personnel shall be engaged in terms of GA & PG Department Notification No. 23750 dated 27.08.2014 and their remuneration is to be fixed as per FDOM No. 24533/F dtd. 29.09.2022 for the purpose.

The eligible candidates may apply to: **IG of Police, CID-Crime Branch, State Police Headquarters, Buxi Bazar, Cuttack, Odisha-753001** in the prescribed application form available on the website of Odisha Police (https://odishapolice.gov.in/).

OIPR-12029/11/0083/2526

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
(DISTRICT PROGRAMME MANAGEMENT UNIT)
PHONE/FAX:06670-230998, EMAIL:dpmukalahandi@gmail.com
No.1236/DPMU (NHM) Date:28.05.2025

**NOTICE**
(In House Selection)

No.E-120:Applications are invited from the employees currently working under NHM in the same position of OSH & FW society in other district desiring to be posted in Kalahandi District against the existing vacant position mentioned below.

| SL No | Name of the Post | No. of Vacant post | Walk -in schedule |
|---|---|---|---|
| 1 | Paediatric Specialist, DEIC | 1 | On dated. 17/06/2025 at 10.00 AM to 5.00 PM at DHH, Conference Hall, Bhawanipatna |
| 2 | M.O. MBBS-Mobile Blood connection van | 1 | |
| 3 | M.O. MBBS-DEIC | 1 | |
| 4 | M.O. MBBS-NPCDCS | 1 | |
| 5 | M.O. MBBS-SNCU | 1 | |
| 6 | AYUSH M.O. (Ayurvedic) Co-located | 5 | On dated.19/06/2025 at 10.00 AM to 5.00 PM at DHH, Conference Hall, Bhawanipatna |
| 7 | AYUSH M.O. (Homeopathic) Co-located | 10 | |
| 8 | AYUSH M.O. Female (Ayurvedic) RBSK | 4 | |
| 9 | AYUSH M.O. Female (Homeopathic) RBSK | 10 | |
| 10 | AYUSH M.O. Male (Homeopathic) RBSK | 6 | |
| 11 | AYUSH M.O. (Homeopathic) MHU | 4 | |
| 12 | Pharmacist RBSK | 9 | On dated.21/06/2025 at 10.00 AM to 5.00 PM at DHH, Conference Hall, Bhawanipatna |
| 13 | Clinical Psychologist | 1 | |
| 14 | RMNCH/ FP Counselors (Integrated) | 15 | |
| 15 | Counselor, Mobile Blood Collection Van | 1 | |
| 16 | Physiotherapist - IPU | 15 | |
| 17 | Social Worker-DEIC | 1 | |
| 18 | Sentinel Site Malaria Technician & Coordinator | 2 | |
| 19 | ANM (MHU) | 2 | |
| 20 | Dental technician-DEIC | 1 | |
| 21 | Ophthalmic Assistant | 5 | |

Interested eligible NHM employees may log on to **www.kalahandi.odisha.gov.in** for details (terms and conditions & application form etc.). Eligible employees for the above post **(who are working in different district in same post)** who are interested required to attend the Walk-in for application submission and verification of documents as mentioned above schedule date and time **(please read Other Terms & Conditions page).**

No candidates will be entertained after the scheduled date & time. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district web-site. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any delay to come in the schedule date and time. No personal query will be entertained.

Sd./- Chief District Medical & Public Health Officer, Kalahandi

OIPR-10076/11/0014/2526

**GOVERNMENT OF ODISHA**
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No.2690/Date.28.05.2025
No.O-221 "e" Procurement Notice for Building Works

| | | |
|---|---|---|
| 1. | Name of the Work | Building Works |
| 2. | Total No. of works | 04 Nos. of Building works for the year 2024-25 |
| 3. | Estimated Cost of the work | Varies from Rs.128.00 lakh to Rs.332.22 lakh |
| 4. | Class of Contractor | |
| | a) Estimated cost more than Rs.20.00 lakhs up to Rs.3.00 Crores | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | A Class (of Odisha PWD) or relevant class of other licensing authorities |
| 5. | Period of completion | As mentioned in Column-7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding From | To | Date & Time of opening of tender Technical Bid | Financial Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.13 of 2025 | 03.06.2025 at 11.00 A.M. | 17.06.2025 up to 5.00 P.M. | 18.06.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer
Central Rural Works Circle, Bhubaneswar

OIPR-25082/11/0001/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅମରେନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦।୫ (ରବିନାରାୟଣ ଜେନା)

ରାଜ୍ୟ ସରକାର ଶୁକ୍ରବାର ଡା. ଅମରେନ୍ଦ୍ର ନାଥ ମହାନ୍ତିଙ୍କୁ ନୂତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭାଗୀୟ ସଚିବ ଏସ୍. ଆଶ୍ୱସ୍ଥିଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଆଣ୍ଡ ଫ୍ୟାମିଲ ୱେଲ୍‌ଫେୟାର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତିଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଖୁବ୍‌ଶୀଘ୍ର ଏହି ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ଡା. ବିଜୟ କୁମାର ମହାପାତ୍ର ଦୀର୍ଘବର୍ଷ ଧରି ଏହି ପଦରେ ଅବସ୍ଥାପିତ ଥିଲେ। ନିକଟରେ ଡା. ମହାପାତ୍ରଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ମିଳିଥିଲା ଏବଂ ସେ ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ।

# ନିଶ୍ଚିନ୍ତକୋଇଲିରେ ରାଜନୈତିକ ଅସ୍ଥିରତା ସୃଷ୍ଟି ଉଦ୍ୟମ ଫେଲ୍ ହେଲା: ବିଜେଡି

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ଶୁକ୍ରବାର ଖାରଜ ହୋଇଯାଇଛି। ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୬ ଜଣ ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜେଡି ସମର୍ଥିତ ବ୍ଲକ୍ ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିବାରେ ସଫଳ ହୋଇଛନ୍ତି ବୋଲି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଲେନିନ୍ କହିଛନ୍ତି, ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇଆସୁଥିଲା। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ ୧୩ରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଜୁଟାଇ ନ ପାରିବାରୁ କେତେଜଣ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇଦିଆଯାଇଥିଲା। ଶୁକ୍ରବାରକୁ ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟାସଭ୍ୟମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିଲେ ନାହିଁ। ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ ଜଣ ଉପସ୍ଥିତ ଥିବାରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିନାହିଁ। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପିଆର୍‌ଆଇ ସଦସ୍ୟମାନେ ବିଧାୟକଙ୍କ ଷଡ଼ଯନ୍ତ୍ରକୁ ବୁଝିପାରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟଦାନରୁ ବିରତ ରହିଲେ ବୋଲି ଲେନିନ୍ କହିଛନ୍ତି।

# ସାପ ଭଳି ଆଚରଣ କରୁଛନ୍ତି ଯୁବତୀ

## ଭୌତିକ କାଣ୍ଡ ନା ଅନ୍ଧବିଶ୍ୱାସ

ଉଦଳା,୩୦।୫ (ସନ୍ତୋଷ କୁମାର ବାଛିନୀ)

ବିଜ୍ଞାନ ଯୁଗରେ ଭିନ୍ନ ଚିତ୍ର। ସାପ ଭଳି ଆଚରଣ କରୁଛନ୍ତି ଜଣେ ଯୁବତୀ। ସାପକୁ ଆଘାତ ହେଲେ ତାଙ୍କ ଦେହରେ ରହୁଛି ଚିହ୍ନ। ଏଭଳି ଘଟଣା ଯେତିକି କୌତୂହଳପୂର୍ଣ୍ଣ ସେତିକି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୌତିକ କାଣ୍ଡ ନା ଅନ୍ଧବିଶ୍ୱାସର ଝଲକ, ତାହାକୁ ନେଇ ଉଠୁଛି ପ୍ରଶ୍ନ। 'ମୁଁ ଯିବି ନାହିଁ, ମୋତେ ନିଅ ନାହିଁ, ମୁଁ ଏହିଠାରେ ରହିବି' ଏଭଳି କହି କାନ୍ଦି କାନ୍ଦି ଭୂଇଁରେ ଗଡ଼ିଯିବା ସହ ମଝିରେ ମଝିରେ ସାପ ଭଳି ଗର୍ଜନ ମଧ୍ୟ କରୁଛନ୍ତି ଯୁବତୀ। କେବଳ ସେତିକି ନୁହେଁ, ସାପ ଫଣା ଭଳି ହାତକୁ କରି ଗୁହାରି କରୁଛନ୍ତି। ଘରେ ଏକ ନାଗସାପ ପଶିଥିବା ଖବରପାଇ ଘଟଣାସ୍ଥଳରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିବା ସମୟରେ ଅଚାନକ ଏହି ଘଟଣା ସାମ୍ନାକୁ ଆସିଛି। ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଅଧୀନ ଚକରାପାଳ ଗ୍ରାମରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଗ୍ରାମର ରବୀନ୍ଦ୍ର ସିଂଙ୍କ ଘର ମାଟିକାନ୍ଥ ଭିତରେ ଶୁକ୍ରବାର ଏକ ନାଗ ସାପ ପଶିଥିବା ନେଇ ସେ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମାଟିକାନ୍ଥକୁ ଭାଙ୍ଗି ସାପ ଧରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ଝିଅ ମୀନାକ୍ଷୀ ଅଚାନକ ସାପ ଭଳି ଗର୍ଜନ କରିବା ସହ ଭୂଇଁରେ ଲୋଟିପଡ଼ି ସାପ ଫଣା ଟେକିବା ଭଳି ଆଚରଣ ପ୍ରଦର୍ଶନ କରିଥିଲେ। ମୋତେ ମାର ନାହିଁ,ନେଇ ଯାଅ ନାହିଁ ବୋଲି କାନ୍ଦି କାନ୍ଦି ଗୁହାରି କରିଥିଲେ। ଏହା ଦେଖି ସମସ୍ତେ ତାଜୁବ ହୋଇଯାଇଥିଲେ।

ପରେ ସାମ୍ନାକୁ ଆସିଥିଲା ସମ୍ପୂର୍ଣ୍ଣ ଘଟଣା। ଦିନକ ପୂର୍ବରୁ ପରିବାର ଲୋକେ ନାଗ ସାପକୁ ଦେଖି ବାଡ଼େଇ ମାରିବା ପାଇଁ ଚେଷ୍ଟାକରି ବାଡ଼ିରେ ଆଘାତ ଦେଇଥିବା ବେଳେ ସାପଟି ଖସି ପଳାଇଥିଲା। ହେଲେ ରବୀନ୍ଦ୍ରଙ୍କ ଝିଅ ମୀନାକ୍ଷୀ ଦେହରେ ଅଚାନକ ମାଡ଼ର ଆଘାତ ଚିହ୍ନ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଯାହା ଦେଖି ପରିବାର ଲୋକେ ହତବାକ୍ ହୋଇଯାଇଥିଲେ। ପୁଣି ଶୁକ୍ରବାର ମଧ୍ୟ ଉକ୍ତ ସାପକୁ ନେଇ ଝିଅର ଏଭଳି ପ୍ରତିକ୍ରିୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବରୁ ନାଗ ପଞ୍ଚମୀ ଓ ବସନ୍ତ ପଞ୍ଚମୀ ଦିନରେ ଝିଅ ଦେହରେ ଏଭଳି ପ୍ରତିକ୍ରିୟା ଦେଖିବା ସହ ସାପ ଭଳି ଦେହରେ ଚିହ୍ନ ବସିଯାଉଥିବା କହିଛନ୍ତି ପରିବାର ଲୋକେ। ସାପ ଧରି ନ ପାରି ସ୍ନେକ ହେଲ୍ପଲାଇନ ସଦସ୍ୟ ଫେରି ଯାଇଥିବାବେଳେ ଏଭଳି ଘଟଣା ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ତେବେ ଏହା ଅନ୍ଧବିଶ୍ୱାସ ନା ଭୌତିକ କାଣ୍ଡ ତାହାର ଖୋଳତାଡ଼ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।


ସାପ ଭଳି ଆଚରଣ ପ୍ରଦର୍ଶନକରି ଭୂଇଁରେ ଲୋଟିପଡ଼ିଥିବା ଯୁବତୀ।

# ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କୁ ବିଜେଡିର ସ୍ମାରକପତ୍ର

## 'ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ନ୍ୟାୟ ଦାବି'

ଭୁବନେଶ୍ୱର,୩୦।୫(ସୁନିତ୍ ମିଶ୍ର)

ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ବିଜେଡି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସେଥିରେ କୋରାପୁଟ ଜିଲାର ଜଣେ ଆଦିବାସୀ ନାବାଳିକା ସହ ଗଣବଳାତ୍କାର ଓ ଗର୍ଭଧାରଣ ଭଳି ଏକ ସ୍ପର୍ଶକାତର ଘଟଣାରେ ହସ୍ତକ୍ଷେପ କରିବା ପାଇଁ ନିବେଦନ କରାଯାଇଛି। ଜାତୀୟ ଏସ୍‌ଟି କମିଶନ ଅଧ୍ୟକ୍ଷାଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ର ଧାବଗାଁ ଗ୍ରାମର ଜଣେ ନାବାଳିକା ଆଦିବାସୀ ଝିଅ ସମ୍ପର୍କରେ ମହିଳା ଥାନା ପିଏସ୍ କେସ୍ ନଂ. ୭୦/୨୦୨୫ ଉପରେ ଆଲୋକପାତ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ପୀଡ଼ିତା ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ଜୟପୁର ମହିଳା ଥାନାରେ ପୀଡ଼ିତାଙ୍କ ବିଧବା ମାଆଙ୍କ ଦ୍ୱାରା ଦାୟର ଅଭିଯୋଗ ଅନୁଯାୟୀ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଦୀର୍ଘ ୨ ବର୍ଷ ଧରି ଲଗାତର ବଳାତ୍କାର କରିଆସୁଥିଲେ। ନାବାଳିକା ଜଣଙ୍କ ୫ ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପିଦେବା ପାଇଁ ପ୍ରଶାସନିକ ସ୍ତରରେ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଏକ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ସ୍ମାରକ ପତ୍ରରେ ଉଲ୍ଲେଖ କରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ସ୍ମାରକ ପତ୍ର ପ୍ରଦାନ କରିଛି।

# ଅଗ୍ନିବିପନ୍ନ ୮ ପରିବାରକୁ ମିଳିବ ସରକାରୀ ସହାୟତା

## ସରକାରଙ୍କୁ ଧନ୍ୟବାଦ ଦେଲେ ଆଠମଲ୍ଲିକ ବିଧାୟକ

ବଇଣ୍ଡା,୩୦।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିହା ପଞ୍ଚାୟତ ତେନ୍ତୁଳିପଥର ଗ୍ରାମରେ ମାର୍ଚ୍ଚ ୬ ତାରିଖରେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ୮ ପରିବାରକୁ ରାଜ୍ୟ ସରକାର ଅନୁକମ୍ପାମୂଳକ ସାହାଯ୍ୟ ଯୋଗାଇ ଦେବେ। ପ୍ରତ୍ୟେକ ପରିବାରକୁ ଘର ନିର୍ମାଣ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥିବା ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଏଥିସହ କଂସା ବାସନ କିଣିବା ପାଇଁ ୫ ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅଗ୍ନିବିପନ୍ନଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ମାର୍ଚ୍ଚ ୮ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଆଠମଲ୍ଲିକ ବିଧାୟକ କୃତଜ୍ଞତା ଜଣାଇଛନ୍ତି।

# ଝରକା ତାଡ଼ି ଘରୁ ଚୋରି

ବନ୍ତଲା,୩୦।୫ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କେରା ପଞ୍ଚାୟତ ଗୁରଙ୍ଗ ଗାଁର ମାଧବ ଚନ୍ଦ୍ର ସାହୁଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗରେ ମାଧବ ଦର୍ଶାଇଛନ୍ତି, ଗତ ରାତିରେ ପରିବାର ଲୋକେ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ଝରକା ତାଡି ଘରଭିତରେ ପଶିଥିଲେ। ଘରେ ଥିବା ନଗଦ ୬୨ ହଜାର ଟଙ୍କା, ୪ ଭରି ରୁପା, ୨ ହଳସୁନା କାନଝରା, ସୁନାଲକେଟ ୨ଟା ନେଇ ଚମ୍ପଟ ମାରିଥିଲେ। ଏ ନେଇ ବନ୍ତଲା ଥାନା ପକ୍ଷରୁ ନଂ. ୧୯୮/୨୫ରେ ଏକ ମାମଲା ରୁଜୁ କରାଯାଇ ତନାଘନା ଜାରି ରହିଛି। ଶୁକ୍ରବାର ଅନୁଗୋଳ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।


# Classified Everyday

0674-2580101, 9692975378



**REAL ESTATE**

**SALE**

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266



**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Full body massage by odia therapist in homely atmosphere. 9556498382. D-75388

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

**LOST**

By virtue of an affidavit (No.- 515) sworn before Notary Public, Bhadrak, dtd. 30.04.2025, I, Narendra Prasad Jena(60 yrs), S/o- Managobinda Jena, Vill- Kalyanpur, P.O.- Ertal, P.S.- Basudevpur, Dist.- Bhadrak at present Erein, P.O.- Charampa, P.S.- Bhadrak (R), Dist.- Bhadrak declare that I have purchased the land in my name and Obtained Sale Deed & ROR Chain deed No.- 612, dt. 21.02.2015 which was excuted by Prakash Chandra Barik in favour of Smt. Puspanjali Das and another sale deed No.- 4109, dt. 06.12.2017 which was executed by Smt. Puspanjali Das in favour of Kartik Chandra Mohapatra were lost somewhere and inspite of my best effort I am unable trace out the same. That I am swearing this affidavit to produce it before the Competent Authority for the purpose of avoiding future complicacies. D-750

I, Diptesh Kumar Pattnayak, S/o- Braja Mohan Pattanayak, staying at A-11, VIP Colony, Nayapalli, Bhubaneswar- 751015, Odisha do inform that I have lost my 10th Standard ICSE Certificate passed in 1987 from St. Joseph's Convent High School, Sambalpur. D-761

**AFFIDAVIT**

I, Ullash Kumar Pattnaik, S/o- Debraj Pattnaik, resident of Plot No.- BL-02, VSS Nagar, P.O./P.S.- Saheed Nagar, Bhubaneswar- 751007, Dist.- Khurda, Odisha declare by this affidavit No.- 16, dated- 30.05.2025. That now onwards I shall be known as **ULLASH PATTNAIK** for all future purposes. D-755

By virtue of an affidavit sworn before the Executive Magistrate, Thuamul Rampur, dated 30.05.2025, I, Dora Naik, S/o- Jujar Naik, R/o. At- Tunapali, P.O.- Gopalpur, P.S.- Th. Rampur, Dist.- Kalahandi, Odisha declare that I have changed my daughter's name from Kaberi Harijan to Kaberi Naik. Henceforth, she shall be known as Kaberi Naik for all future purposes.
Dora Naik D-760

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I, Subhakanta Bastia, Address: At- Harachandi Sahi, P.O.- Old Town, P.S.- Shree Lingraj, Bhubaneswar, Dist.- Khordha, Odisha- 751002, declare that I have changed my name from Santosh Das to Subhakanta Bastia. Henceforth, I shall be known as Subhakanta Bastia for all purposes.
Subhakanta Bastia D-762

By virtue of an affidavit No.- 3372, Date- 30.05.2025. The Executive Magistrate Angul. I am Kumari Dehury (70) W/o- Durga Charan Dehury, Vill/ P.O.- Pokatunga, P.S.- Bantala, Dist.- Angul hereby declaration have changed my name from "Kumari Dehury" to "Kumari Devi". I shall be known as "Kumari Devi" for all purposes. D-757

By virtue of an affidavit No.-884, dated 29.05.2025 sworn before the Executive Magistrate, Boudh, I, Pramila Kaanr, formerly called Urmila Kanhar, W/o- Manabhanjan Kaanr, R/o. Village- Ichhapur, P.O.- Badhigaon, P.S./ Dist.- Boudh, Odisha, PIN- 762026 declare that I have changed my name from Urmila Kanhar to Pramila Kaanr for all purposes.
Pramila Kaanr D-759

Notice by virtue of an affidavit sworn before in the Court of Sri Kabiraj Sethi(ORS) Executive Magistrate, Nuagaon, dated 19.05.2025, I, Jogendra Pradhan, Address: Village- Tabhapali, P.O.-Sampada, P.S.-Nuagaon, Dist.- Nayagarh, PIN-752083 declare that I have changed my son's name from Prasnt Pradhan to Prasant Pradhan.Henceforth, he shall be known as Prasant Pradhan for all purposes.
Jogendra Pradhan D-756

By virtue of an affidavit sworn before Notary Public, Bhubaneswar, dated- 29.05.2025 I, Manoj Kumar Dalei, Address At- Baidyeswar, P.O.- Baidyeswar, P.S.- Baidyeswar, Dist.- Cuttack, Odisha, PIN- 754009, declare that, I have changed the name of my daughter ward from SHARDHANJALI DALEI to SHRADHANJALI DALEI. Henceforth, she shall be known as SHRADHANJALI DALEI for all purposes.
Manoj Kumar Dalei D-754

By virtue of an affidavit sworn before the Executive Magistrate, Padampur No.- 06, Date- 24.03.2025, I Gupteswar Sahu, R/o. At/P.O.- Gaisilet, Dist.- Bargarh, Odisha, PIN- 768037 declare that I have changed my son's name from Durbala Sahu to Durbadala Sahu. Henceforth he shall be known as Durbadala Sahu for all purposes.
Gupteswar Sahu D-758

I, Bapuni Bindhani, Resident of At- Khaladi, P.O.- Pashanipur, P.S.- Udala, Dist.- Mayurbhanj, PIN- 757087, Odisha,declare by this affidavit before Executive Magistrate, Sadar, Cuttack, No.- 4564, dt- 27.05.2025, that Bhua Bindhani and Bhua Bindhani, is one and same person who is my Father for all future purposes. D-753

By virtue of an affidavit sworn before the Executive Magistrate, Cuttack, dated- 17.05.2025, I, B.Debi, W/o- B.Rabi, declare that my actual and correct name is B.Debi mentioned in my Aadhaar card bearing No.- xxxx xxxx 2381 but in my PNB passbook my name has been wrongly mentioned as A.Rubi Rao. So both B. Debi A. Rubi Rao is one and same person. D-752

I, Salila Kumar Sahoo, At- Ichhapur, P.O.- Kakudibhag, P.S.- Sadar, Dist.- Dhenkanal, Odisha- 759015 have changed my minor son ASITOSA SAHOO aged 10 years to ASHUTOSH SAHOO, dtd- 27.05.2025 before Executive Magistrate, Athagarh, Cuttack. D-751

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No.- 3372, date 30.05.2025. The Executive Magistrate, Angul, I am Kumari Dehury (70), W/o- Durga Charan Dehury and ROR of Mouza- Nandapur, Khata No.- 33,51,52 and Mouza- Karadasingh, Khata No.- 149, Vill/P.O.- Pokatunga,ps- Bantala, Dist.-Angul hereby declaration have changed my name from "Kumari Dehury" to "Kumari Devi". I shall be known as "Kumari Devi" for all purposes. D-764

I, Snehaprava Ratha, W/o- Late Gangadhar Tripathy, At- Surya Vihar, Link Road, P.O.- Arunodaya Nagar, Dist.- Cuttack, PIN- 753012, Odisha declared by this affidavit No.- 4619, dt- 29.05.2025. That now onwards I shall be known as Snehaprava Rath for all future purposes. D-763

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଜଡ଼ର ଆତ୍ମା

**ଗଳ୍ପ**

**ନୀଳମଣି ସାହୁ**



ତାଙ୍କୁ ଘର ଭିତରକୁ ଯିବାକୁ ଡର ଲାଗୁଥିଲା। ଆଜିକାଲି ଘରର ପୋର୍ଟିକୋରେ ବେଶୀ ସମୟ ବସି ରହିବାକୁ ସେ ପସନ୍ଦ କରୁଥିଲେ। ସେଇଠି ବସିରହି ଫାଟକ ବାହାରକୁ ଚାହିଁ ରହୁଥିଲେ। ଭଲ ଭଲ ପୋଷାକରେ ଗଣବେଶ ଧରି ଛୋଟ ଛୋଟ ପିଲାମାନେ ଯେବେ ସେଇ ରାସ୍ତା ଦେଇ ବିଦ୍ୟାଳୟ ଯାଉଥିଲେ, ସେମାନଙ୍କୁ କୁନି କୁନି ଠାକୁର ବୋଲି କହି ହାତଯୋଡ଼ି ନମସ୍କାର କରୁଥିଲେ ସୀତା ଦେବୀ। ଛୋଟ ଛୁଆଗୁଡ଼ାକ ସିନା କଣ୍ଢେଇ ଧରି ଖେଳିବାକୁ ଭଲ ପାଆନ୍ତି, ହେଲେ ବୁଢ଼ାବୁଢ଼ୀମାନଙ୍କ ପାଇଁ ତ କଣ୍ଢେଇ ଏଇ ଟିକି ଟିକି ଜିଅନ୍ତା ଠାକୁର। ଏମାନଙ୍କୁ ପାଖରେ ପାଇଲେ ସେମାନେ ସବୁ ଭୁଲିଯାଆନ୍ତି।

ସ୍ୱାମୀ ଯିବା ପରେ ସୀତା ଦେବୀ ପୂରା ଏକୁଟିଆ ଅନୁଭବ କରୁଥିଲେ। ଘର ଭିତରେ ପୁଅ, ବୋହୂ, ନାତି, ନାତୁଣୀ ଥାଇ ମଧ୍ୟ ସେ ଅହରହ କାନ୍ଥବାଡ଼ ସହ କଥା ହେଉଥିଲେ। ସମୟେ ସମୟେ ନିଜେ ନିଜ ସହ ଗପୁଥିଲେ ଅବଚେତନ ଅବସ୍ଥାରେ ଥାଇ। ସେଇ ଗପିବା ଅଭ୍ୟାସକୁ ଘରର ଅନ୍ୟ ସଦସ୍ୟମାନେ ଏକ ରୋଗ ବୋଲି ମତ ଦେଉଥିଲେ ଅତିଥିମାନଙ୍କ ଆଗରେ। ହେଲେ ସେ ରୋଗ ପାଇଁ କେହି କେବେ ତାଙ୍କୁ ଡାକ୍ତର ଦେଖେଇ ନଥିଲେ। ଦେଖେଇଥିଲେ ହୁଏତ ସେମିତି ରୋଗ ପାଇଁ କେବଳ ନିଦ ବଟିକା ଛଡ଼ା ଆଉ କିଛି ପ୍ରେସ୍କ୍ରିପ୍ସନ ଡାକ୍ତର ଦେଇ ନଥାନ୍ତେ। ଅତିଥିମାନେ ଘରକୁ ଆସିଲେ ସୀତା ଦେବୀଙ୍କର ପାଦ ଯୋଡ଼ିକ ଖାଲି ଜିଅନ୍ତା ସ୍ପର୍ଶ ଟିକିଏ ପାଇଥାଏ ଯାହା, ବାକି ଶରୀରଟା କୋଉ କାଳରୁ ସୁବର୍ଣ୍ଣ ସୀତା ପାଲଟି ଯାଇଥିଲା।

ନାତି ଏବେ କଲେଜ ଗଲାଣି। ନାତୁଣୀର ଆସନ୍ତାକୁ ହାଇସ୍କୁଲ ପଢ଼ା ସରିବ। ଏମାନେ ବି ଦିନେ କୁନିଠାକୁର ସାଜୁଥିଲେ ଜେଜେ ସନାତନଙ୍କ କାନ୍ଧରେ ବସି। ଆଜି କିନ୍ତୁ ସେମାନଙ୍କ ପାଖରେ ସମୟ ନାହିଁ ଜେଜେମା' ସହ ଟିକିଏ କଥା ହେବାକୁ। ସନାତନଙ୍କ ଜିଦିରେ ସୀତା ଦେବୀ ଜୀବନର ସର୍ବଶ୍ରେଷ୍ଠ ସମୟକୁ ଗାଆଁ ଘରେ ସାରିଦେଲେ। ସେଇଠି ତାଙ୍କୁ ଯେଉଁ ତୃପ୍ତି ମିଳୁଥିଲା ଆଜିର ଏ ସରକାରୀ ବଙ୍ଗଳାରେ ନାହିଁ। ପୁଅର ଚାକିରି ପରେ ସେ କେବେହେଲେ ଏଇ ବାସଭବନର ପାଦମଡ଼ା ହେଲେନି। ପୁଅ ବୋହୂ ଯାହା ମଝିରେ ମଝିରେ ଛୁଟି ଦେଖି ଗାଁକୁ ଯାଆନ୍ତି। ଆଗପରି ମଧ୍ୟ ଏ କାଳର ଲୋକମାନଙ୍କୁ ଗାଆଁ ବେଶୀ ଟାଣି ପାରେନି।

ସେତେବେଳକୁ ନାତି ସରୋଜକୁ ମୋଟେ ପାଞ୍ଚ ବର୍ଷ ବୟସ ଓ ନାତୁଣୀ ସୀମାକୁ ଦୁଇ ବର୍ଷ। ସନାତନ ଗେହ୍ଲା କରି ନାତି ନାତୁଣୀଙ୍କୁ କୋଳରୁ ଛାଡୁ ନଥିଲେ। ନିଜ ପକେଟରୁ ବାହାର କରି ପ୍ରତିଦିନ ଗୋଟାଏ ଲେଖା ମୁଦ୍ରା ନାତି ସରୋଜ ହାତକୁ ବଢ଼ାଇ ଦେଉଥିଲେ। ନୂଆ ନୂଆ କଥା କହି ଶିଖୁଥିବା ନାତି ସରୋଜ ପ୍ରଶ୍ନ କରେ- ଜେଜେ! ସବୁଦିନେ ତୁମେ ପଇସା କୋଉଠୁ ଆଣ? ଜେଜେ ଉତ୍ତର ଦିଅନ୍ତି, ଗାଆଁ ବୁଢ଼ୀଠାକୁରାଣୀ ପରା ସବୁଦିନେ ରାତିରେ ମୋ' ପକେଟରେ ପଇସା ରଖିଦିଏ। ଆଉ ହଁ, ସେ ଘରେ ଛୋଟ ପିଲା ଦେଖିଲେ ହିଁ ସେମିତି କରେ। ସରୋଜ ଗାଆଁମୁଣ୍ଡ ବୁଢ଼ୀଠାକୁରାଣୀ ଦେଖିଯିବାକୁ ଅଝଟ କରେ। ବୁଲେଇ ନେଲେ ମୁଣ୍ଡିଆମାରି କୁହେ ଏଥର ଦୁଇଟି ଲେଖାଏଁ ମୁଦ୍ରା ଦେବୁ। ସୀମା ପରା ବଡ଼ ହେଲାଣି!

ଗାଆଁ ଘର ଟିକିଏ ଅସନା। ରଙ୍ଗମାଟି ଲିପା କାନ୍ଥ, ଗୋବରଲିପା ଚଟାଣ ସାଙ୍ଗକୁ ଚାଳଛପର ଘର। ସେଇଠି ସରୋଜ ଓ ସୀମାକୁ ଗୋଡ଼େ ଗୋଡ଼େ ଜଗିଥାନ୍ତି ସ୍ୱାମୀ ସନାତନ ଏବଂ ସୀତା ଦେବୀ। ଦେହରେ ଟିକିଏ ମାଟି ଲାଗିଗଲେ ସଂକ୍ରମଣର ସୂଚନା ଦେଇ ବୋହୂ ଧାଇଁ ଆସି ପିଲା ଦୁଇଟାଙ୍କୁ କୋଳ କରିନିଏ। ସେତିକିବେଳେ ବୁଢ଼ାବୁଢ଼ୀଙ୍କ ଆଖିରେ ଆଉ ଏକ ତରଳ ପରଳ ମାଡ଼ିବସେ। ତଥାପି ଓଠ ଚାପି ବୋହୂକୁ ସମର୍ଥନ କଲା ପରି ହସିଦିଅନ୍ତି। ସହର ଜନ୍ମିତ ଛୁଆମାନଙ୍କର ଚଳଣିର କାଇଦା କଟକଣା ଟିକିଏ ଅଲଗା। ଏ ମାଟିର ଦେହରେ ଟିକିଏ ମାଟି ଲାଗିଗଲେ ସଂକ୍ରମଣର ସମ୍ଭାବନା ନେଇ ନାନା ରକମର କଳ୍ପନାଜଳ୍ପନା ଲାଗି ରହେ।

ସ୍ୱାମୀ ସନାତନଙ୍କର ଚାଲିଯିବାର ପାଖାପାଖି ସାତବର୍ଷ ବିତିଗଲାଣି। ସେବେଠୁ ଏଇ ସହର ବସାରେ ପୁଅ ପାଖରେ ରହି ଆସୁଛନ୍ତି। ନାତି ନାତୁଣୀ ବଡ଼ ହୋଇଯିବା ପରେ ସୀତା ଦେବୀଙ୍କ ପାଖରୁ ଦୂରତା ସେମାନଙ୍କର ବଢ଼ିଯାଇଛି। ବୋହୂ ହାତଗୋଡ଼କୁ ଜଗିରହି ବେସିନ ସଫା ରଖିବା, ପାନ ଛେପ ନ ପକେଇବା, କାନ୍ଥବାଡ଼କୁ ଆଉଜି ତେଲ ଚିକିଟା ନ କରିବା ଆଦିକୁ ଭାରି ତନଖି କରେ। ବୋଧହୁଏ ସେଇଥିପାଇଁ ଘରର ପୋର୍ଟିକୋଟି ତାଙ୍କ ପାଇଁ ଶେଷ ଆଶ୍ରୟ ପାଲଟିଯାଇଥିଲା।

ସବୁ ପରେ ଆଉ କେତୋଟି କଥା ତାଙ୍କୁ ବେଶୀ ଏକୁଟିଆ କରି ପକାଇଥିଲା। ପିଲାଦିନେ ମାଟି ଲାଗି ସଂକ୍ରମଣ ହୋଇଯାଉଥିବା ସରୋଜ ସମୟେ ସମୟେ କଲେଜପଢ଼ୁଆ ସାଙ୍ଗମାନଙ୍କ ସହ ମଦ୍ୟପାନ କରି ଘରକୁ ଫେରୁଛି। ହେଲେ ସଂକ୍ରମଣଟା ବୋହୂ ପାଇଁ ଏବେ ଆଭିଜାତ୍ୟ ପାଲଟିଯାଇଛି କେମିତି! ସବୁବେଳେ ଘର କାନ୍ଥ, ବେସିନକୁ ପରିଷ୍କାର ରଖିବାକୁ ତାଗିଦା କରୁଥିବା ବୋହୂ ମଲା ଶ୍ୱଶୁରଙ୍କ ଫଟୋକୁ ଏମିତି ଅପରିଷ୍କାର, ଝିଟିପିଟି ମଳଯୁକ୍ତ କରି ବୁଢ଼ିଆଣୀ ବସା ଭିତରେ କାନ୍ଥ ସିକ୍ତ କରି ଟଙ୍ଗେଇ ରଖିଛି କାହିଁକି!

ଏମିତି ପୋର୍ଟିକୋରେ ବସି ବସି ଦିନେ ସୀତା ଦେବୀ ଜଡ଼ ପାଲଟିଗଲେ। ହଲ୍‌ଚଲ୍ ନ ହେବା କାରଣରୁ ସନ୍ଦେହ କରି ବୋହୂ ଆସି ଦେଖିଲା କି ଶାଶୁ ଆତ୍ମାଶୂନ୍ୟ ହୋଇଛନ୍ତି। ସଙ୍ଗେ ସଙ୍ଗେ ଖବର ପାଇ ପୁଅ, ନାତି ନାତୁଣୀ ଆସି ପହଞ୍ଚିଗଲେ। ଠିକ୍ ସେତିକିବେଳେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଲେ, ବାରଣ୍ଡା କାନ୍ଥରେ ଝୁଲୁଥିବା ସନାତନଙ୍କ ଫଟୋଟି ସମ୍ପୂର୍ଣ୍ଣ ପରିଷ୍କାର ହୋଇଯାଇଛି। ସଫା ଓ ସୁନ୍ଦର ଭାବରେ କାନ୍ଥରେ ଝୁଲୁଛି। ଏସବୁ କେମିତି ହେଲା ବୋଲି ସରୋଜ ଓ ସୀମାର ପ୍ରଶ୍ନରେ ବାପା ତାଙ୍କର ଉତ୍ତର ଦେଲେ- ପ୍ରେମ ଦ୍ୱାରା କେବଳ ଜୀବନକୁ ନୁହେଁ, ବରଂ ଜଡ଼ତାକୁ ମଧ୍ୟ ଜୟ କରାଯାଇପାରେ। ଜୀବନକୁ କିଏ କେତେ ଜୟ କରିଥିଲେ କେଜାଣି, କିନ୍ତୁ ଜଡ଼ତାକୁ ଜୟ କରି ପାରିଛନ୍ତି ବୋଲି ନିଶ୍ଚିତ ଚିତ୍ତରେ ସୀତା ଦେବୀଙ୍କ ପାଦ ଛୁଇଁଲେ ଓ ପରେ ପଞ୍ଚଭୂତରେ ମିଶାଇ ଦେବାର ବ୍ୟବସ୍ଥା କଲେ।

ମୋ: ୭୦୦୮୦୭୦୧୬୬

## ପୁସ୍ତକ ପରିଚୟ


### ଆମେରିକା ଆଉଥରେ




**ଲେଖକ:** ଡ. ପ୍ରସନ୍ନ କୁମାର ମହାନ୍ତି
**ପ୍ରକାଶକ:** ଅପୂର୍ବା, ୟୁନିଟ୍-୩, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୧୨୦/-

ତିନିଥର ଆମେରିକା ଯାଇଛନ୍ତି ଲେଖକ। ଥରେ ୨୦୦୮ରେ, ଆଉଥରେ ୨୦୧୧ରେ ଓ ଏଥର ୨୦୨୨ରେ। ପ୍ରଥମ ଥରର ଭ୍ରମଣକୁ ନେଇ ଲେଖକ ୨୫୦ ପୃଷ୍ଠାର 'ସେ ଦେଶ' ଶୀର୍ଷକରେ ବହିଟିଏ ଲେଖିଥିଲେ ଓ ତୃତୀୟ ଥରର ଭ୍ରମଣକୁ ନେଇ ଏ ବହିଟି 'ଆମେରିକା ଆଉଥରେ'। ଗୋଟିଏ ଦେଶ ଭ୍ରମଣକୁ ନେଇ ଦୁଇଟି ବହି ଲେଖିବାର କାରଣ ସମ୍ପର୍କରେ ଲେଖକ କହନ୍ତି: ''ଏଥର ଅନେକ ନୂଆ ନୂଆ ଜାଗା ବୁଲାହେଲା।'' ଲେଖକଙ୍କର ତୃତୀୟ ଥର ଭ୍ରମଣବେଳକୁ ଆମେରିକା, ଏପରିକି ସମଗ୍ର ପୃଥିବୀରୁ କରୋନା ଆତଙ୍କ ଯାଇ ନ ଥାଏ। ଆମେରିକାର ସଜଡ଼ା ପରିବେଶକୁ ତାରିଫ୍ କରି ପ୍ରସନ୍ନ ଲେଖିଛନ୍ତି: ''ପାଦତଳଠୁଁ ଆରମ୍ଭ କରି ଚତୁର୍ଦ୍ଦିଗର ନିବିଡ଼ ସବୁଜିମା ଯେମିତି ମୁଗ୍ଧକର ; ଲୋଭନୀୟ ସ୍ଥାପତ୍ୟର ଅସଂଖ୍ୟ ଅଟ୍ଟାଳିକା, ଶୀତଳ ଜଳବାୟୁ, ପ୍ରଦୂଷଣମୁକ୍ତ ପୂର୍ଣ୍ଣାଙ୍ଗ ପରିଚ୍ଛନ୍ନତା, ହ୍ରଦ, ଉଦ୍ୟାନ, ପୁଷ୍ପବାଟିକା, ସହରର ମଝିରେ ମଝିରେ ଥିବା ନିଘଞ୍ଚ ଅରଣ୍ୟାନୀ ପ୍ରଭୃତି ଯେକୌଣସି ଦର୍ଶକ ବା ପର୍ଯ୍ୟଟକକୁ ଆମୋଦିତ କରିବା ସ୍ୱାଭାବିକ। ଗୋଟାଏ ନବଗଠିତ ଦେଶ ଭାବରେ ଆମେରିକାର ବୟସ ସିନା ମାତ୍ର ସାଢ଼େ ଚାରିଶ' କି ପାଆଁଶ' ବର୍ଷ ହେବ, ହେଲେ ଏତିକି ସମୟ ଭିତରେ ଯେ ସେମାନେ ନାନା କ୍ଷେତ୍ରରେ ନାନା ଅସାଧାରଣ କାର୍ଯ୍ୟମାନ କରିପାରିଛନ୍ତି, ଏକଥାରୁ ମୁହଁ ଫେରାଇ ହେବନାହିଁ।'' (ପୃ:୧୨)। ବହିଟିରେ ଭ୍ରମଣକାଳର ଛୋଟବଡ଼ ନାନା ଅନୁଭୂତିକୁ ଲେଖକ ଗପ କହିଲା ପରି ଏକ ବହମାନ ଭାଷାରେ କହିଛନ୍ତି, ଯାହା ଗ୍ରନ୍ଥପଠନର କ୍ଲାନ୍ତି ଆଣେ ନାହିଁ। ଓସା-ମିସିଗାନ୍‌ର କୁମାରପୂର୍ଣ୍ଣିମା ଉତ୍ସବ, ଡିଅରବର୍ନସ୍ଥିତ ହେନ୍‌ରିଫୋର୍ଡ ମ୍ୟୁଜିୟମ୍, 'ଫଲ୍' (ପତ୍ରଝଡ଼ା), ହାଲୋଓ୍ୱିନ୍‌ର ଭୂତ-ଘଉଡ଼ା ପର୍ବ, ନାଏଗ୍ରା ପ୍ରପାତ, କଲମ୍ବସ୍‌ଙ୍କ ଆମେରିକା ଅନୁଭୂତି, ବନ୍ଧୁପରିଜନଙ୍କ ସହ ମିଳନ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ ଓ ନ୍ୟୁଜର୍ସି ମନ୍ଦିର ପରିଦର୍ଶନ ଆଦିର ବର୍ଣ୍ଣନା ପଢ଼ିଲେ ବହିରୁ ମନ ଛାଡ଼େ ନାହିଁ। ଅନେକ ଭ୍ରମଣ କାହାଣୀ ତତ୍ତ୍ୱପ୍ରଧାନ ହେଉଥିବା ସ୍ଥଳେ ଏ ବହିଟି ଅନୁଭୂତିପ୍ରଧାନ ହୋଇଛି।

### ଋଷି ଶ୍ରୀଅରବିନ୍ଦଙ୍କ ରଚନା ବୈଭବ




**ସଂକଳନ ଓ ସଂପାଦନା:** ଶାନ୍ତିଲତା ପ୍ରଧାନ
**ପ୍ରକାଶକ:** ଗ୍ରାଫିକ୍ ଆର୍ଟ ଅଫ୍‌ସେଟ୍ ପ୍ରେସ୍, କଟକ-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/-

୨୦୨୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀଠାରୁ 'ଆସ୍ପୃହା'ର ପ୍ରୟାସ ଥିଲା ଅରବିନ୍ଦଙ୍କ ରଚନାସମୂହ ଆଧାରିତ ନିବନ୍ଧଗୁଡ଼ିକୁ ନେଇ ଏକ ଗ୍ରନ୍ଥ ପ୍ରକାଶ କରିବା, ଯାହା ଫଳବତୀ ହୋଇଛି 'ଋଷି ଶ୍ରୀଅରବିନ୍ଦଙ୍କ ରଚନା ବୈଭବ' ଶୀର୍ଷକରେ ଏ ପୁସ୍ତକର ପ୍ରକାଶନ ଦ୍ୱାରା। ଏଥିରେ ମୋଟ ୧୯ଟି ନିବନ୍ଧ ସ୍ଥାନିତ। ଶ୍ରୀଅରବିନ୍ଦଙ୍କ ପ୍ରଥମ କାବ୍ୟ: ପ୍ରେମ ଓ ମୃତ୍ୟୁ, ବେଦ ରହସ୍ୟ, ଦିବ୍ୟ ଜୀବନ, ଯୋଗ ସମନ୍ୱୟ, ଈଶା ଉପନିଷଦର ଯାତ୍ରା ଓ ବାର୍ତ୍ତା, ମାନବ ଯୁଗଚକ୍ର ଅଧ୍ୟୟନ, ଗୀତା ନିବନ୍ଧମାଳା, ପୂର୍ଣ୍ଣଯୋଗରେ ଚେତନାର ଅଭିଯାତ୍ରା, ଶ୍ରୀଅରବିନ୍ଦଙ୍କ ବକ୍ତୃତା, ଭାରତୀୟ ସଂସ୍କୃତି, ତନ୍ତ୍ର, ସାବିତ୍ରୀ, ଉତ୍ତରପଡ଼ା ଅଭିଭାଷଣ ଓ ଭବାନୀ ଭାରତୀ ଆଦି ବିଷୟରେ ଅଭିଜ୍ଞ ଲେଖକଙ୍କ ଦ୍ୱାରା ଆଲୋଚନାମାନ ବହିଟିକୁ ମାନଯୁକ୍ତ କରିଛି। ଲେଖିକାଲେଖକଙ୍କ ମଧ୍ୟରେ ଅଛନ୍ତି ଅର୍ଚ୍ଚନା ନାୟକ, ଗୟାଧର ଦାଶ, ଶେଖ ଅବଦୁଲ କାଶମ, ଯଦୁନନ୍ଦନ ସାମଲ, ଜନ୍ମେଜୟ ଦ୍ୱିବେଦୀ, ସୁଷମା ବାରିକ, ଭାଗୀରଥି ମହାପାତ୍ର, ମମତା ଦାଶ, ନିତ୍ୟାନନ୍ଦ ମହାନ୍ତି, ଉମେଶ ପଟ୍ଟନାୟକ, ସରୋଜକାନ୍ତ ମିଶ୍ର, ଶରତଚନ୍ଦ୍ର ରଥ, ପ୍ରଫୁଲ୍ଲ କୁମାର ମିଶ୍ର ଓ ସନ୍ତୋଷ କୁମାର ଗାହାଣ। ଗ୍ରନ୍ଥର ମୁଖବନ୍ଧରେ ପ୍ରସାଦ ତ୍ରିପାଠୀ କହିଛନ୍ତି: ''ଆମ ସମାଜରେ ବ୍ୟକ୍ତିତ୍ୱ ସଂଶୋଧନ କରିବାର ସାମର୍ଥ୍ୟ ବହନ କରୁଥିବା ଅଧ୍ୟାତ୍ମ ସାହିତ୍ୟ ବିରଳ। ଅନେକ ରଚନା ପ୍ରକାଶ ପାଉଥିଲେ ମଧ୍ୟ ସେ ସବୁଥିରେ ଭାଷା ତଥା ସାହିତ୍ୟର ଚାତୁର୍ଯ୍ୟକୁ ଅଧିକ ଗମ୍ଭୀରତାର ସହ ସନ୍ନିବେଶିତ କରାଯାଏ। x x ମାତ୍ର ଶାନ୍ତି ତାଙ୍କ ଉଦ୍ଦେଶ୍ୟର ଭିନ୍ନତାକୁ ଯଥାସମ୍ଭବ ଏହି ରଚନାଗୁଡ଼ିକରେ ପର୍ଯ୍ୟବସିତ କରିବା ପାଇଁ ଉଦ୍ୟମ କରିଛନ୍ତି।''

## କବିତା

### ଘୁନଘୁଟପାଲି: ମଣିଷ ନଥିବା ଗାଁ

**ରାଜେଶ ପୂଜାରୀ**

ହଜିଯାଏ ଗାଁଟିଏ
ସତେ କ'ଣ ଏତେ ସହଜରେ
ପଛୁଆ ବଢ଼ିପାଣିରେ
ବୁଡ଼ିଯାଏ ଯୌଥ ସମ୍ପର୍କର ଘରଘାଟ
ପରମ ଆତ୍ମୀୟତାର କ୍ଷେତ, ଖାଲ, ଖମା
ନୂଆବୋହୂ ଆସିବା ଯିବାର ବାଟ!

ସରିଯାଏ ଯାନିଯାତ
କରଡ଼ି ହେଣ୍ଡୁଆ, ଚାର, ମହୁଲ ବଜାର
ଈଶ୍ୱର ବି ଜଳେ ସମାଧିସ୍ଥ
ଆକାଶଚୁମ୍ବି ପତଙ୍ଗ ଛିନ୍ନଛତ୍ର
ଆଖି ଭଳିଗଲା ଭଳି ଅସରା ସବୁଜିମା
ଉପହାସର ଶୂନ୍ୟ ମାନଚିତ୍ର!

ଛାତିରେ ଚାପି ପଥର
ଥୋକେ ଲୋକ ହେଲେ ଯାଯାବର
ତନ୍ନତନ୍ନ ଖୋଜିଲେ ଠିକଣା ଜୀବନାୟନର
ଆଉ କିଛି ମାଟିକୁ ଜାବୁଡ଼ି
ବୁଡ଼ିଥିବା ବସତିଠୁ କିଛି ଦୂର ବନସ୍ତକୁ ଯାଇ
ବନଚରେ ବେଖାତିର କରି
ରହିଲେ ଝାଟିମାଟିର ପୃଥିବୀ ଗଢ଼ି
ଦିନରେ ଟାଙ୍ଗରା ଭୂଇଁରେ
କୋଡ଼ି କୋଦାଳ ନଚେଇ
ରାତିବେଳେ ମାଛ ମାରି
ପେଟ ମନ ଉଭୟେ ବୁଝେଇ।

ମାଟି ପାଇଁ ମାଟି ହେଲେ
ବାଟ ପାଇଁ ବାଟ
ଆଲୁଅ ତ ଦୁରୂହ ବେପାର
କିନ୍ତୁ ଆଖିରେ ତାଙ୍କର
ଅୟୁତେ ସପନର ନାଟ
ଭାବିଥିଲେ,
ପୁଣି ଗାଁ ସବୁଜ ମହକେ ବାସିବ
ଦୁଃଖ ଶର୍ବରୀ ଅନ୍ତେ
ସୁନାର ସକାଳ ଆସିବ

କିନ୍ତୁ ଜଳିଗଲେ ଆଶା ଭରସା ସକଳ
ଅଦିନିଆ ଜଙ୍ଗଲ ଦାଁ(ନିଆଁ)ରେ
ସଭିଏଁ ହେଲେ ଗାଁଛଡ଼ା, ମୋହଛଡ଼ା
ପ୍ରାଣ ବିକଳରେ
ଅବଶେଷ ଯାହା ଥିଲା ବଢ଼ିପାଣିଠାରୁ
ନିମିଷକେ ଖାର ପାଲଟିଲା
ଶୂନ୍ୟ, ସବୁ ଶୂନ୍ୟ ହୋଇଗଲା
ଭରସି ହୁଏନି ଜମା ସେଠି ଗାଁଟିଏ ଥିଲା!

ନାଁଟିଏର ମୋହରେ
ସରଳ ଆଦିବାସୀ ଲୋକେ
କେତେ ଆକୁଳ ବ୍ୟାକୁଳ ଥିଲେ
ଦିନେ କେବେ,
ଆଜି ସମ୍ବାଦପତ୍ରରେ ପଢ଼ିଲି
ମଣିଷ ନଥିବା ଗାଁ
ରାଜସ୍ୱତାର ମୁକୁଟ ପିନ୍ଧିଛି
ହଜୁରଙ୍କ କୃପାଦୃଷ୍ଟି ପଡ଼ିଛି ସେଇଠି
ଏଇ ଏବେ ଏବେ।

ମୋ: ୮୧୪୪୭୭୯୦୬୧

### ଆୟୁଷ୍ମତୀ

**ପ୍ରତିଭା ପରିଡ଼ା**

ତୋ' ଓଠର ଧାରୁଆ ଧାରରେ
କି ନିଶା ଥାଏ ଆୟୁଷ୍ମତୀ!
କଳ୍ପବଟର ମିଠା ଫଳ
ନା' ନଷ୍ଟ ମୁହୂର୍ତ୍ତର ହଳାହଳ?
ସତରେ କି ନିଶା ଅଛି!
ତୋ' ପାଦର ଛନ୍ଦପାତରେ
ଏଣେ ତାତିଯାଉଛି ମାଟି
ଆଉ ମୋ' ରକ୍ତରେ ଘୁଙ୍ଗୁର ବାଜୁଛି...

ଅମୃତ ନା ଜହର ସ୍ନାନ ମୁଁ କରୁଥାଏ?
ସ୍ନାନ ସାରି ଚାହିଁବାବେଳକୁ
ମୁକୁଳି ଆସୁଥାଏ
ବର୍ଣ୍ଣଭୋର ରତୁଟିଏ...

ଝୁଙ୍କି ଆସୁଥାଏ ତଳକୁ
ମତୁଆଲା ଆକାଶର ଫର୍ଚ୍ଚା ବିଶ୍ୱାସ...
ତୋ' ପ୍ରୀତିର ପହିଲି ଛୁଆଁରେ
ଯାହା ମହକି ଉଠୁଥାଏ
ମୋର ଅଧାଲିଭା ଅର୍ଥର ଆୟୁଷ।

ମୋ: ୮୯୧୭୬୦୩୪୪୨

### ପାଦେ ଆକାଶ

**ବ୍ରହ୍ମମୟୀ ମିଶ୍ର**

ବିଶ୍ୱାସ କର
ଅଜବ ଏ ଦୁନିଆରେ
ଅଣନିଃଶ୍ୱାସୀ ହୋଇ
ମୁଁ ବି ଖୋଜୁଛି
ପାଦେ ଆକାଶ
ଯେଉଁଠି ମୁଗ୍ଧ ତାରାଟିଏ ହୋଇ
ଦେଖୁଥିବି ମୋ' ପ୍ରିୟ ପୃଥିବୀକୁ ଆଉ
ମେଣ୍ଟାଇ ପାରୁଥିବି
କାହିଁ କେତେ ଯୁଗର ଅବସୋସ।

ସେଇ ଆକାଶ ଯେଉଁଠି
ମୋ' ନିଃସଙ୍ଗତାର ଭାଷା
ପଢ଼ି ହସିବାକୁ ନ ଥିବେ କେହି
ଅବା ମୋ' ପାରିବାପଣିଆ
ଉପରେ ଉଠାଉ ନ ଥିବେ
ହଜାରେ ପ୍ରଶ୍ନବାଚୀ।

କିମ୍ବା ଶବ୍ଦମାନେ ଧରାଦେଇ
ହେଉ ନ ଥିବେ ଶେଷ
ପାଣି ପାଖରେ ଥାଇ ବି
ମେଣ୍ଟୁ ନ ଥିବ ଶୋଷ
ପୁଣି ଥରେ ମୋ' ନିଃଶ୍ୱାସ ମୋର ହୋଇ
ବହୁଥିବ ଅନନ୍ତ କାଳ
ମୁଁ ବି ଅଭିମାନରେ ବତୁରି ନ ଯାଇ
ଦମ୍ଭ ଧରିବି ଆଉ ରଚିଯିବି ମୋ'
ପ୍ରେମ ଓ ଜୀବନର ଇତିବୃତ୍ତ।

ମୋ: ୯୪୩୭୮୫୩୬୩୭

**ଗୀତି-କବିତା**


### କେତେ ଜନ୍ମ ଲାଗିବ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ପଥର ଛାତିକୁ ଫଟାଇ ଝରୁନି
ପୁଣ୍ୟର ଗଙ୍ଗୋତ୍ରି ଧାରା,
ନିର୍ବେଦ ସମ ଊର୍ଦ୍ଧ୍ୱେ ଚାହିଁଛି
ନାହିଁ ଜହ୍ନ ନାହିଁ ତାରା।
ଯୋଗୀର କେନ୍ଦରା ଶୁଭୁନାହିଁ ଆଉ
ଫେରୁନି ବସାକୁ ପକ୍ଷୀ,
ଥକି ପଡ଼ୁଥିବା ବାଟୋଇର କହ
ବାଟ ବିନା କିଏ ସାକ୍ଷୀ।
ଗରଳକୁ ପିଇ ପରଳ ଆଖିରେ
ଏକା ଚାଲିବାକୁ ହେବ
କେଜାଣି ତୋ'ପାଖେ ପହଞ୍ଚିବା ଲାଗି
କେତେ ଜନ୍ମ ଲାଗିଯିବ।

ମୋ: ୬୩୭୦୧୬୬୨୦୪

## କାଳକାଳକୁ



''ପୃଥିବୀରେ ଆମର ପ୍ରତି ପଦପାତ ଆମକୁ ଏକ ନୂଆ ଦୁନିଆକୁ ନେଇଯାଏ।''
– ଫେଡେରିକୋ ଗାର୍ସିଆ ଲୋର୍କା

**ଫେଡେରିକୋ ଗାର୍ସିଆ ଲୋର୍କାଙ୍କ** ଜନ୍ମ ୫ ଜୁନ୍ ୧୮୯୮ରେ ଓ ପରଲୋକ ୧୯ ଅଗଷ୍ଟ ୧୯୩୬ରେ। ସ୍ପେନ୍ ଜନ୍ମିତ ଲୋର୍କା ଏକାଧାରରେ କବି, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ। ପ୍ରତୀକବାଦ, ଭବିଷ୍ୟବାଦ ଓ ଅତିଯଥାର୍ଥବାଦ ଭଳି ସାହିତ୍ୟିକ ଆନ୍ଦୋଳନଗୁଡ଼ିକୁ ସେ ସଫଳ ଭାବେ ସ୍ପେନୀୟ ସାହିତ୍ୟରେ ପ୍ରୟୋଗ କରିଥିଲେ। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ କବିତା: 'ଇମ୍ପ୍ରେସନ୍ସ ଆଣ୍ଡ୍ ଲ୍ୟାଣ୍ଡସ୍କେପ୍‌ସ' (୧୯୧୮), 'ବୁକ୍ ଅଫ୍ ପୋଏମ୍‌ସ' (୧୯୨୧) ଓ 'ପୋଏମ୍ ଅଫ୍ ଦ ଡିପ୍ ସଂଗ୍' (୧୯୩୧) ଏବଂ ନାଟକ: 'ବ୍ଲଡ୍ ଓ୍ୱେଡିଙ୍ଗ୍' (୧୯୩୨), 'ୟେର୍ମା' (୧୯୩୪), 'ଦ ହାଉସ୍ ଅଫ୍ ବରନାର୍ଡା ଆଲ୍‌ବା' (୧୯୩୬) ପ୍ରଧାନ। ସ୍ପେନୀୟ ଗୃହଯୁଦ୍ଧ ଆରମ୍ଭରେ ଏହି କୀର୍ତ୍ତିମାନ୍ ଲେଖକଙ୍କୁ ଜାତୀୟବାଦୀ ଶକ୍ତି କର୍ତ୍ତୃକ ହତ୍ୟା କରାଯାଇଥିଲା ଓ ତାଙ୍କର ମୃତଦେହ ମିଳି ନ ଥିଲା। ଲୋର୍କା କହନ୍ତି: ''ମୁଁ ସବୁବେଳେ ସେହିମାନଙ୍କର ପକ୍ଷଧର, ଯେଉଁମାନଙ୍କର କିଛି ବୋଲି କିଛି ନ ଥାଏ।''

# ଆକାଶୀ ରଙ୍ଗର ରୁମାଲ

**କଥାଟିଏ**

**ଶିବ ମିଶ୍ର**

ସିଏ କମ୍ପାନୀ କାମରେ ବ୍ୟସ୍ତ ଥାଉ ଅବା ବସାରେ ବେକାର ବସିଥାଉ, ସବୁବେଳେ ତା' ହାତରେ ଥାଏ ସେଇ ରୁମାଲଟା। କେବଳ ଗାଧୋଇବା ବେଳ ଛାଡ଼ିଦେଲେ ବାକି ସବୁ ସମୟରେ, ଏମିତି କି ରାତିରେ ଶୋଇଲାବେଳେ ବି ହାତ କଚଟିରେ ବାନ୍ଧି ରଖିଥାଏ ସେଇଟାକୁ।

ପ୍ରାୟ ବର୍ଷେ ହେଲା ଗୋଟିଏ ଘରେ ଏକାଠି ରହୁଥିବା, ଗୋଟିଏ କମ୍ପାନୀରେ ଏକାଠି କାମ କରୁଥିବା ତା'ର ଜଣେ ସାଙ୍ଗ ତାକୁ କହିଲା- ମୁଁ ଦେଖୁଛି ତୁ ସେଇ ରୁମାଲଟା ମିନିଟିକ ପାଇଁ ପାଖଛଡ଼ା କରୁନୁ। ପୁଣି ସେଇଟା ମଇଳା ହୋଇ ଯାଇଥିଲେ ମଧ୍ୟ ସଫା କରିବା ତ ଦୂରେ ଥାଉ ଖାଲି ପାଣିରେ ବି ଧୋଉନୁ। ସେଥିରେ ଏମିତି କି ରସ ଲାଗିଛି ମୁଁ ଜାଣିପାରୁନି। ସାଙ୍ଗର କଥା ଶୁଣି ସିଏ କହିଲା- ଏ ରୁମାଲକୁ ଧୋଇବା ଦରକାର ନାହିଁ, କାହିଁକି ନା ଏଇଟା କେବେ ବି ମଇଳା ହେବ ନାହିଁ। ସାଙ୍ଗ କହିଲା- ଏଥିରେ କୋଉ ତାନ୍ତ୍ରିକର ମନ୍ତୁରାପାଣି ଛିଞ୍ଚା ହୋଇଛି ନା କ'ଣ? ସିଏ କହିଲା- ତୁ ଦେଖୁଛୁ ଏ ରୁମାଲର ରଙ୍ଗକୁ। ସାଙ୍ଗ କହିଲା- ହଁ ମୁଁ ଦେଖୁଛି, ଏଇଟା ଆକାଶୀ ରଙ୍ଗର ରୁମାଲ। ଏଥର ସେ ରୁମାଲକୁ ଥରେ ଦି'ଥର ଏ ହାତରୁ ସେ ହାତ କରିବା ପରେ ସିଏ ସାଙ୍ଗକୁ କହିଲା- ଆକାଶ ପରି ଏଥିରେ ମଧ୍ୟ ଗହନ ରହସ୍ୟ ରହିଛି। ସାଙ୍ଗ ପଚାରିଲା- କ'ଣ ସେ ରହସ୍ୟ? ସିଏ ଧରିଥିବା ରୁମାଲକୁ କିଛି ସମୟ ଚାହିଁବା ପରେ କହିଲା- ଆଜିଯାଏଁ କାହାକୁ ମୁଁ କହିନି ସେ ରହସ୍ୟ କଥା। ତୁ ଯଦି ଜାଣିବାକୁ ଚାହୁଁଛୁ ତେବେ ଶୁଣ।

ଏଇ କମ୍ପାନୀରେ କାମ କରିବା ପାଇଁ ମୁଁ ଏ ସହରକୁ ଆସିଲା ଦିନ ଆମ ଦାଣ୍ଡଦୁଆର ଏରୁଣ୍ଡିବନ୍ଧ ଡେଇଁଲାବେଳେ ମୋ' ମାଆ ଆଖିରୁ ନିଗିଡ଼ି ପଡୁଥିଲା ଧାର ଧାର ଲୁହ। ସେତେବେଳେ ତା'ର ସେ ଲୁହଝରା ଆଖିକୁ ମୁଁ ପୋଛି ଆଣିଥିଲି ଏଇ ରୁମାଲରେ। ମୋତେ ଲାଗୁଛି ମୋ' ମାଆ ଏଇ ରୁମାଲରେ ଥାଇ ପ୍ରତି ମୁହୂର୍ତ୍ତରେ ମୋତେ ଦେଖୁଛି।

ଏତେବେଳଯାଏ ତାକୁ ଚାହିଁ ହସୁଥିବା ସାଙ୍ଗର ମୁହଁଟା ହଠାତ୍ ଗମ୍ଭୀର ହୋଇଗଲା। ସିଏ ଖୁବ୍ ଧୀରେ କହିଲା- ଜାଣିଛୁ, ମୋତେ ପେଟରୁ କାଢ଼ି ମାଟିରେ ଥୋଇ ଦେଇ, ମୋ' ମାଆ ସେଇ ଅନ୍ତୁଡ଼ିଶାଳରୁ ଯମପୁରକୁ ଚାଲିଗଲା ବୋଲି ମୁଁ ଶୁଣିଛି। ମାଆର ମୁହଁ ଦେଖିନି। ତା'ପରେ ଗୋଟାଏ ମୋଟା ଦୀର୍ଘଶ୍ୱାସ ନେଇ ତୁଣ୍ଡ ଭିତରେ ଶୁଖିଶୁଖି ଯାଉଥିବା ଜିଭକୁ ଥରେ ଦି'ଥର ଏପଟସେପଟ କଲା ପରେ ସାଙ୍ଗ କହିଲା- ତୁ ଟିକିଏ ସମୟ ପାଇଁ ମୋତେ ସେଇ ରୁମାଲଟା ଦେଇପାରିବୁ? ମାଆ ତ ମାଆ, ସିଏ ତୋ'ର ହେଉ, ମୋ'ର ହେଉ କି ଯାହାର ହେଉ। ଏଇ ରୁମାଲରେ ଥିବା ମାଆର ଆଖିରେ ଥରେ ମୋ' ମୁହଁ ଦେଖିବା ପାଇଁ ମୋର ଭାରି ଇଚ୍ଛା ହେଉଛି। ତୁ ମୋ' ପାଇଁ କ'ଣ ଏତିକି କରିପାରିବୁନି? ମୁଁ ପରା ତୋର ସବୁଠାରୁ ପ୍ରିୟ ସାଙ୍ଗ।



କିଛି ନ କହି ଏତେ ଦିନ ହେଲା ବନ୍ଦ ଥିବା ହାତମୁଠା ଖୋଲି ଦେଇ ସିଏ ତା' ସାଙ୍ଗ ଆଡ଼କୁ ବଢ଼ାଇ ଦେଲା ରୁମାଲଟା। ଏବେ ସିଏ ଦେଖୁଥିଲା ମାଆ ପାଇଁ ତା' ସାଙ୍ଗ ଆଖିରୁ ଶ୍ରାବଣର ବର୍ଷା ପରି ଝରଝର ଝରୁଥିଲା ଅମାନିଆ ଲୁହର ଧାର, ଆଉ ସୁଲୁସୁଲୁ ପବନରେ ଉଡୁଥିଲା ତା' ହାତରେଥିବା ଗୋଟିଏ ମାଆର ଆଖି ଲୁହରେ ପଖଳା ସେଇ ଆକାଶୀ ରଙ୍ଗର ରୁମାଲ।

ମୋ: ୯୮୫୩୦୭୦୦୧୮

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୩୧/୨୦୨୫ Bhubaneswar, Saturday, May 31/ 2025

Dr. Juneja's
ପେଟ ସଫା
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍ଲେଟ୍ସ । ଏହା ମୁହଁରେ ଲାଖେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।


Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested*
*For efficacy and safety.
24x7 Helpline: 91197 88888 | www.petsaffa.com
Available at all medical & general stores
Divisa www.divisastore.com

# ପଞ୍ଜାବ-ମୁମ୍ବାଇ କ୍ୱାଲିଫାୟର-୨



ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।

**ମୁଲାନପୁର, ୩୦ା୫**

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୨୦ ରନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୨୨୯ ରନର ଟାର୍ଗେଟକୁ ପିଛା କରୁଥିବା ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ମୁମ୍ବାଇ କ୍ୱାଲିଫାୟର-୨ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛି। ଆସନ୍ତା ୧ ତାରିଖରେ ହେବାକୁ ଥିବା କ୍ୱାଲିଫାୟର-୨ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ମୁମ୍ବାଇ ଭେଟିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା

## ୨୦ ରନରେ ହାରିଲା ଗୁଜରାଟ

ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୮ ରନ କରିଥିଲା। ଦଳ ପକ୍ଷରୁ ରୋହିତ ଶର୍ମା ୫୦ ବଲରେ ୯ ଚୌକା ଓ ୪ ଛକା ସହିତ ସର୍ବାଧିକ ୮୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନି ବେଆରଷ୍ଟୋ ୨୨ ବଲରେ ୪୭ (୪ ଚୌକା ଓ ୩ ଛକା), ସୂର୍ଯ୍ୟକୁମାର ଯାଦବ ୨୦ ବଲରେ ୩୩ (୧ ଚୌକା ଓ ୩ ଛକା) ଓ ଅଧିନାୟକ ହାର୍ଦ୍ଦିକ ୯ ବଲରେ ୨୨ (୩ ଛକା) ରନ କରିଥିଲେ। ଗୁଜରାଟ ପକ୍ଷରୁ ସାଇ କିଶୋର ଓ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଗୁଜରାଟ ୬ ଉଇକେଟ ହରାଇ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁଦର୍ଶନ ୪୯ ବଲରେ ୮୦ (୧୦ ଚୌକା ଓ ୧ ଛକା) ଓ ଶେର୍ଫାନେ ରଦରଫୋର୍ଡ ୨୪ (୪ ଚୌକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୨୮/୫ (ରୋହିତ ଶର୍ମା-୮୧, ଜନି ବେଆରଷ୍ଟୋ-୪୭, ସୂର୍ଯ୍ୟକୁମାର ଯାଦବ-୩୩, ସାଇ କିଶୋର-୨/୪୨, ପ୍ରସିଦ୍ଧ କ୍ରିଷ୍ଣା-୨/୫୩)। ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୮/୬ (ସାଇ ସୁଦର୍ଶନ-୮୦, ୱାଶିଂଟନ ସୁନ୍ଦର-୪୮, ଶେର୍ଫାନେ ରଦରଫୋର୍ଡ-୨୪, ଟ୍ରେଣ୍ଟ ବୋଲ୍ଟ-୨/୫୬, ମିଚେଲ ସାଣ୍ଟନର-୧/୧୦)।

# ମାରାଡୋନାଙ୍କ ମୃତ୍ୟୁ ମାମଲାର ଶୁଣାଣିକୁ ଅସିଦ୍ଧ ଘୋଷଣା କଲେ କୋର୍ଟ

**ବୁଏନ୍‌ସ ଆରିଜ, ୩୦ା୫(ଏପି)**

ଫୁଟ୍‌ବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ମୃତ୍ୟୁ ଘଟଣାରେ ୭ ଜଣିଆ ମେଡିକାଲ ଟିମ୍ ବିରୋଧରେ ଅଣାଯାଇଥିବା କାର୍ଯ୍ୟରେ ଅବହେଳା ମାମଲା ଏକ ରୋଚକ ମୋଡ଼ ନେଇଛି। ଏହି ମାମଲାର ଶୁଣାଣିକୁ ଆର୍ଜେଣ୍ଟିନାର ଏକ କୋର୍ଟ ଅସିଦ୍ଧ ବା ମିସଟ୍ରାଏଲ ଘୋଷଣା କରିଛନ୍ତି। ଆଗାମୀ ଡକ୍ୟୁମେଣ୍ଟାରିକୁ ନେଇ ପ୍ରବଳ ସମାଲୋଚନା କାରଣରୁ ଏହି ମାମଲାର ଶୁଣାଣି କରୁଥିବା ୩ ବିଚାରପତିଙ୍କ ମଧ୍ୟରୁ ଜଣେ ଓହରିଯିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ବିବାଦୀୟ ଭାବେ ଶୁଣାଣିରୁ ଓହରିଯିବାରୁ କୋର୍ଟଙ୍କ ନିକଟରେ ଉକ୍ତ ବିଚାରପତିଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତ କରିବା କିମ୍ବା ଆରମ୍ଭରୁ ମାମଲାର ଶୁଣାଣି କରିବା ଭଳି ଦୁଇଟି ବିକଳ୍ପ ଥିଲା। ଗୁରୁବାର ବିଚାରପତିମାନେ ପୁଣି ଥରେ ମାମଲାର ଆରମ୍ଭରୁ ଶୁଣାଣି କରିବାକୁ ରାୟ ଦେଇଛନ୍ତି। କିନ୍ତୁ ଏହି ଶୁଣାଣି କେବେ ଆରମ୍ଭ ହେବ, ତାହା ସ୍ପଷ୍ଟ କରାଯାଇନାହିଁ।

ପ୍ରସିକ୍ୟୁଟରଙ୍କ ପକ୍ଷରୁ ୬୦ ବର୍ଷୀୟ ମାରାଡୋନାଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣା ଉପରେ ନିର୍ମିତ 'ଡିଭାଇନ ଜଷ୍ଟିସ' ନାମକ ଡକ୍ୟୁମେଣ୍ଟାରିର ଟ୍ରେଲର ପ୍ରଦର୍ଶିତ କରାଯାଇଥିଲା। ଏଥିରେ ବିଚାରପତି ଜୁଲିଏଟା ମାକିନଟାଚ୍‌ଙ୍କୁ ମୁଖ୍ୟ ଖଳନାୟିକା ଭାବେ ପ୍ରଦର୍ଶିତ କରାଯାଇଥିଲା। ଏଥିଯୋଗୁ ବିଚାରପତି ମାକିନଟାଚ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୮୬ରେ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ଜିତାଇଥିବା ମାରାଡୋନାଙ୍କର ୨୦୨୦, ନଭେମ୍ବର ୨୫ ତାରିଖରେ ହେମାଟୋମା ସର୍ଜରିର ସମ୍ମୁଖୀନ ହେବାର ଦିନକ ପରେ ମୃତ୍ୟୁ ହୋଇଥିଲା।



# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା

**ପ୍ୟାରିସ,୩୦ା୫**

ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଶୁକ୍ରବାର ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ପଞ୍ଚମ ସିଡ୍ ଆଇଗା ସ୍ୱିଟେକ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ଲୋରେଞ୍ଜୋ ମୁସେଟି ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ଶୁକ୍ରବାର ଖେଳାଯାଇଥିବା ମହିଳା

## ଫ୍ରେଞ୍ଚ ଓପନ

ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟରେ ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୋଲାଣ୍ଡର ସ୍ୱିଟେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜାକଲିନ କ୍ରିଷ୍ଟିଆନଙ୍କୁ ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ୬-୩, ୬-୪ ସେଟ୍‌ରେ କାନାଡାର ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ହରାଇଛନ୍ତି। ଅନ୍ୟ ମ୍ୟାଚ୍‌ରେ ୧୬ତମ ସିଡ୍ ଆମାଣ୍ଡା ଆନିସିମୋଭା ୭-୬(୭-୪), ୬-୪ ସେଟ୍‌ରେ କ୍ଲାରା ଟୌସନଙ୍କୁ, ୧୭ତମ ସିଡ୍ ଡାରିଆ କାସଟକିନା ୬-୪, ୬-୨ ସେଟ୍‌ରେ ଲେଓଲିଆ ଜିନଜିନଙ୍କୁ ଓ ଲିଉଡମିଲା ସାମସୋନୋଭା ୬-୨, ୬-୩ ସେଟ୍‌ରେ ଡାଏନା ୟଷ୍ଟ୍ରେମସ୍କାଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ମୁସେଟି ୪-୬, ୬-୪, ୬-୩, ୬-୨ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କୁ ଓ ଦଶମ ସିଡ୍ ହୋଲଗର ରୁନ ୪-୬, ୬-୨, ୫-୭, ୭-୫, ୬-୨ ସେଟ୍‌ରେ କୁଏଣ୍ଟିନ ହେଲିସଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଟମି ପଲ ୬-୩, ୩-୬, ୭-୬(୯-୭), ୩-୬, ୬-୩ ସେଟ୍‌ରେ ୨୪ତମ ସିଡ୍ କାରେନ ଖାଚନୋଭଙ୍କୁ ହରାଇଛନ୍ତି। ଆଲେକ୍ସି ପପରିନ ୬-୪, ୭-୬(୧୩-୧୧), ୭-୬(୭-୫) ସେଟ୍‌ରେ ନୁନୋ ବର୍ଗେସଙ୍କୁ ପରାସ୍ତ କରିଛନ୍ତି।



ଆରିନା ସାବାଲେଙ୍କା

# ନମ୍ବର ୱାନ ଯୋଡ଼ିକୁ ହରାଇଲେ ସାତ୍ୱିକ-ଚିରାଗ

**ସିଙ୍ଗାପୁର, ୩୦ା୫ (ପି.ଟି.):** ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱର ନମ୍ବର ୱାନ ମାଲେସୀୟ ଯୋଡ଼ି ଗୋହ ସିଜି ଫେଇ ଓ ନୂର ଇଜ୍ଜୁଦ୍ଦିନଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ଲାଭ କରି ସିଙ୍ଗାପୁର ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ ଚଳିତ ସିଜନରେ ସେମାନଙ୍କର ପ୍ରଥମ ଟାଇଟଲ ଆଡକୁ ଅଗ୍ରସର ହୋଇଛନ୍ତି। ଗତ କିଛି ସପ୍ତାହ ଧରି ଆଘାତଜନିତ ସମସ୍ୟାରେ ଥିବା ଏହି ଭାରତୀୟ ଯୋଡ଼ି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମ୍ୟାଚ୍‌ରେ ଚମତ୍କାର ଡିଫେନ୍ସ ପ୍ରଦର୍ଶନ କରିବା ସହ ଫ୍ରଣ୍ଟ କୋର୍ଟରେ ସଠିକ ନିୟନ୍ତ୍ରଣ ରଖି ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲ ମ୍ୟାଚକୁ ୨୧-୧୭, ୨୧-୧୫ରେ ଜିତି ନେଇଥିଲେ।

# ଶୁଟ୍‌ଆଉଟରେ ହାରିଲା ଭାରତ

**ନୂଆଦିଲ୍ଲୀ, ୩୦ା୫(ପି.ଟି.)**

ଆର୍ଜେଣ୍ଟିନାର ରୋସାରିଓଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ବନ୍ଧୁତ୍ୱପୂର୍ଣ୍ଣ ହକି ଟୁର୍ନାମେଣ୍ଟରେ ଭାରତ ୧-୩ ଶୁଟଆଉଟରେ ଚିଲି ନିକଟରୁ ହାରିଯାଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତ ତରଫରୁ ସୁଖବୀର କୌର (୩୫ତମ ମିନିଟ) ଓ କନିକା ସିୱାଚ (୪୭ତମ) ଗୋଲ ସ୍କୋର କରିଥିବା ବେଳେ ଚିଲି ପକ୍ଷରୁ ଜାସିଣ୍ଟା ସିଲାରି (୨୭ତମ) ଓ ଅଧିନାୟିକା ଲାଉରା ମୁଲର (୪୨ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶୁଟ୍‌ଆଉଟରେ ଜୋସେଫିନା କନ୍‌ଷ୍ଟାଞ୍ଜା, ଇସାବେଲ୍ ଲିଓନର ମେସେନ ଓ ଟ୍ରିନିଦାଦ୍ ଆଣ୍ଟୋନିଆ ବାରିଅସ ଗୋଲ ସ୍କୋର କରିଥିବା ବେଳେ ଭାରତ ତରଫରୁ ଏକମାତ୍ର ଗୋଲ ସୋନମ ଦେଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଜୁନ୍ ୧ରେ ଉରୁଗୁଏ ବିପକ୍ଷରେ ଖେଳିବ।

# ଆଗୁଆ ଇଂଲଣ୍ଡ ଯିବେ ରାହୁଲ

**ନୂଆଦିଲ୍ଲୀ,୩୦ା୫**

ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ପ୍ରସ୍ତୁତି କରିବା ପାଇଁ ଭାରତୀୟ ବ୍ୟାଟର ଲୋକେଶ ରାହୁଲ ଆଗୁଆ ଇଂଲଣ୍ଡ ଟୁର କରିବେ। ପ୍ରକୃତରେ ରାହୁଲଙ୍କୁ ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କ ସହ ଜୁନ ୬ ତାରିଖରେ ଟୁର କରିବାର ଥିଲା। ହେଲେ ସେ ଇଂଲଣ୍ଡ ଲାୟନ୍ସ ଓ ଭାରତ ଏ' ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବା ପାଇଁ ବିସିସିଆଇକୁ ଅନୁରୋଧ କରିଥିଲେ।

# ଭାମ୍ବ୍ରି-ଗାଲୋୱେ ଯୋଡ଼ି ୩ୟ ରାଉଣ୍ଡରେ

**ପ୍ୟାରିସ, ୩୦ା୫ (ପି.ଟି.):** ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକା ପାର୍ଟନର ରବର୍ଟ ଗାଲୋୱେ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେମାନେ ଏକ ୩ ସେଟ୍ ବିଶିଷ୍ଟ ମ୍ୟାଚରେ ୭ମ ସିଡ୍ ଯୋଡ଼ି ନିକୋଲା ମେକ୍‌ଟିକ୍ ଓ ମାଇକେଲ ଭେନସଙ୍କ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ଇଣ୍ଡୋ-ଆମେରିକାନ ଯୋଡ଼ି ୬-୭ (୪), ୭-୬ (୭), ୬-୩ରେ କ୍ରୋଏସିଆନ-ନ୍ୟୁଜିଲାଣ୍ଡ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି। ରୋଲାଣ୍ଡ ଗ୍ୟାରୋସଠାରେ ଏହି ମ୍ୟାଚ ଦୁଇ ଘଣ୍ଟା ୩୨ ମିନିଟ ଧରି ଚାଲିଥିଲା।

# ଓଡ଼ିଆ ଖେଳାଳିଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଭାରତୀୟ ଗେଟ୍‌ବଲ୍ ଦଳର ୪ ଓଡ଼ିଆ ଖେଳାଳିଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର,୩୦ା୫ (ଅନାଦି କର)**

ତାଇୱାନଠାରେ ଅନୁଷ୍ଠିତ ବିଶ୍ୱ ମାଷ୍ଟର୍ସ ଗେମ୍ସର ଗେଟ୍ ବଲ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ଦଳରେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ମହାପାତ୍ର ଓ ଦିଲୀପ ଷଡ଼ଙ୍ଗୀ ପ୍ରମୁଖ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଥିଲେ। ଓଡ଼ିଆ ଖେଳାଳିମାନେ ଓଡ଼ିଶା ଫେରିବା ପରେ ଗୁରୁବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆଇକନିକ ପ୍ରତିଷ୍ଠାତା ଚିଦମ୍ବିକା ଖଟୁଆ, ଡ. ଶେଖ ହମିମ, ଦର୍ଶନ କୁମାର ଓ ଭାରତୀୟ ଗେଟ୍ ବଲ ୟୁନିଅନ (ଆଇଜିୟୁ)ର କୋଷାଧ୍ୟକ୍ଷ ଶରତ ପାତ୍ର, ଅଳକା ରାୟ, ଡ. ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ଗେଟ ବଲ ଦଳ

# ଗୁଲ୍‌ବୀର, ପୂଜା, ନନ୍ଦିନୀଙ୍କୁ ସ୍ୱର୍ଣ୍ଣ

**ଗୁମି, ୩୦ା୫ ( ପି.ଟି.)**

ଲଙ୍ଗ୍ ଡିଷ୍ଟାନ୍ସ ରନର ଗୁଲ୍‌ବୀର ସିଂ ଏଠାରେ ଚାଲିଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ଦଶନ୍ଧି ଧରି କାଏମ ରହିଥିବା ପୁରଣା ମିଟ୍ ରେକର୍ଡକୁ ଭଙ୍ଗ କରି ଦେଇଥିବା ବେଳେ ସ୍ୱଳ୍ପ ବୟସ୍କା ହାଇଜମ୍ପର ପୂଜା ସିଂ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ହେପ୍ଟାଥଲେଟ

## ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ନନ୍ଦିନୀ ଆଗାସାରା ଶୁକ୍ରବାର ଭାରତ ପାଇଁ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି।

ଭାରତର ଶ୍ରେଷ୍ଠ ଲଙ୍ଗ୍ ଡିଷ୍ଟାନ୍ସ ରନରମାନଙ୍କ ମଧ୍ୟରେ ଗୁଲ୍‌ବୀର ହେଉଛନ୍ତି ଅନ୍ୟତମ। ଶୁକ୍ରବାର କଡ଼ା ମୁକାବିଲାରେ ଅନୁଷ୍ଠିତ ପୁରୁଷ ୫,୦୦୦ ମିଟର ରେସ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ସେ ୧୦,୦୦୦ ମିଟର ରେସ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଜାତୀୟ ରେକର୍ଡଧାରୀ ଏହି ଆଥ୍‌ଲେଟ ୧୩: ୨୪.୭୭ ସେକେଣ୍ଡ ଟାଇମିଂରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥାଇଲାଣ୍ଡର କିରନ ଟୁନିଟ୍‌ଭେଟ୍ (୧୩:୨୪.୯୭ ସେକେଣ୍ଡ)ଙ୍କୁ ପଛରେ ପକାଇ ପ୍ରଥମ ହୋଇଥିଲେ। ଜାପାନର ନାଗିୟା ମୋରି (୧୩:୨୫.୦୬)ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ପରେ ୧୮ବର୍ଷୀୟା ପୂଜା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧.୮୯ ମିଟର ଜମ୍ପ୍ କରି ଉଜ୍‌ବେକିସ୍ତାନର ସାଫିନା ସାଦୁଲେଭା (୧.୮୬ ମିଟର)ଙ୍କୁ ପଛରେ ପକାଇ ଦେଇଥିଲେ। ହରିୟାଣାର ଏହି ସ୍ୱଳ୍ପ ବୟସ୍କାଙ୍କ ପିତା ହେଉଛନ୍ତି ଜଣେ କନଷ୍ଟ୍ରକ୍ସନ ୱାର୍କର। ପୂଜା ମହାଦେଶୀୟ ସ୍ତରରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ପୂର୍ବରୁ ୨୦୨୩ରେ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ସେ ଏକ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏସିଆନ ସ୍ୱର୍ଣ୍ଣ ଜିତିବାରେ ସ୍ୱପ୍ନା ବର୍ମନ (୨୦୧୭) ଓ ସୋମା ବିଶ୍ୱାସ (୨୦୦୫) ପରେ ନନ୍ଦିନୀ ହେଉଛନ୍ତି ତୃତୀୟ ଭାରତୀୟ ହେପ୍ଟାଥଲେଟ। ନନ୍ଦିନୀ ୫୯୪୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜାଭେଲିନ୍ ଥ୍ରୋ (୩୪.୧୮ମିଟର)ରେ ତାଙ୍କର ପ୍ରଦର୍ଶନ ଖରାପ ରହିବା ପରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୮୦୦ମିଟର ରେସ୍ ଜିତିଥିଲେ। ଜାଭେଲିନ୍ ଥ୍ରୋ ଜିତି ପ୍ରଥମେ ନନ୍ଦିନୀଙ୍କଠାରୁ ଆଗରେ ରହିଥିବା ଚାଇନାର ଲିୟୁ ଜିଙ୍ଗୟି ୫୮୬୯ ପଏଣ୍ଟ ସହ ରୌପ୍ୟ ଜିତିଥିଲେ। ଶୁକ୍ରବାର ସୁଦ୍ଧା ଭାରତର ପଦକ ସଂଖ୍ୟା ୮ ସ୍ୱର୍ଣ୍ଣ ସହ ୧୮ରେ ପହଞ୍ଚିଛି।

### ଦଶନ୍ଧିର ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର




ଏଠାରେ ଗୁଲ୍‌ବୀର ୨ ସ୍ୱର୍ଣ୍ଣ ପଦକ ହାସଲ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୨୮:୩୮.୬୩ ସେକେଣ୍ଡ ଟାଇମିଂରେ ସେ ୧୦,୦୦୦ ମିଟର ପ୍ରତିଯୋଗିତା ଜିତିଛନ୍ତି। ଶୁକ୍ରବାରର ପ୍ରଦର୍ଶନ ଦ୍ୱାରା ଗୁଲ୍‌ବୀର କଣ୍ଟିନେଣ୍ଟାଲ ମିଟ୍‌ର ପୁରୁଷ ୫,୦୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିବା ଭାରତୀୟ ଆଥଲେଟଙ୍କ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ୩ ଆଥ୍‌ଲେଟ ହେଲେ ଗୋପଳ ସଇନି (୧୯୮୧), ବାହାଦୁର ପ୍ରସାଦ (୧୯୯୩) ଓ ଜି. ଲକ୍ଷ୍ମଣନ (୨୦୧୭)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ